# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, November 14/2023 | Page 16 | ₹ 7.00

୪୯ଶ ଭାଗ ୩୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 348 | ମୂଲ୍ୟ ₹୭/-



DSPL-362

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର

## ୭୦ତମ
## ସର୍ବଭାରତୀୟ ସମବାୟ ସପ୍ତାହ ୨୦୨୩

# ରାଜ୍ୟସ୍ତରୀୟ ମହୋତ୍ସବ

୧୪-୧୫ ନଭେମ୍ବର
ଉତ୍କଳ ମଣ୍ଡପ, ଭୁବନେଶ୍ୱର





ଗ୍ରାମୀଣ ଅର୍ଥନୀତି ବିକାଶରେ ସମବାୟ ଅନୁଷ୍ଠାନର ସକ୍ରିୟ ଅଂଶଗ୍ରହଣର ପ୍ରଚାର ଏବଂ ପ୍ରସାର ।

ସମବାୟ ମାଧ୍ୟମରେ ରାଜ୍ୟରେ ୨ କୋଟି ଚାଷୀ, ବୁଣାକାର, ଦୁଗ୍ଧ ଉତ୍ପାଦନ କାରୀ, ମତ୍ସ୍ୟଜୀବୀ, ମହିଳା ଏବଂ ଜନଜାତି ସମୂହଙ୍କ ନିରନ୍ତର ଆୟ ବୃଦ୍ଧିର ପ୍ରୟାସ ।

ପ୍ରଯୁକ୍ତି ବିଦ୍ୟା ଏବଂ ପ୍ରାସଙ୍ଗିକ ବ୍ୟବସାୟିକ ମଡେଲର ଉପଯୋଗରେ ସମବାୟ ଅନୁଷ୍ଠାନର ଦକ୍ଷତା ବୃଦ୍ଧି ।

## ଆମ ସଫଳତା

- ସମୁଦାୟ ସ୍ୱଳ୍ପକାଳୀନ କୃଷିଋଣର ୫୨ ପ୍ରତିଶତ ସମବାୟ ମାଧ୍ୟମରେ ।
- ୨୦୨୨-୨୩ ରେ ୩୪.୫୬ ଲକ୍ଷ ଚାଷୀଙ୍କୁ ୧୬୬୮୩.୫୭ କୋଟି ଟଙ୍କାର ଋଣ ଲଗାଣ । ଏଥି ମଧ୍ୟରୁ ୮୫ ପ୍ରତିଶତ ଋଣ ସୁଧମୁକ୍ତ ।
- ୨୨.୫୦ ଲକ୍ଷ ଚାଷୀଙ୍କୁ ମାଗଣା ଫସଲ ବୀମା ସୁରକ୍ଷା ପ୍ରଦାନ ।
- ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ସମବାୟ ସମିତି ଦ୍ୱାରା ୯୦ ପ୍ରତିଶତ ଧାନ କ୍ରୟ ।
- ବ୍ୟବହୃତ ରାସାୟନିକ /ଜୈବିକ ସାର ଓ ପ୍ରାମାଣିକ ବିହନର ୫୦ ପ୍ରତିଶତ ସମବାୟ ଦ୍ୱାରା ବଣ୍ଟନ ।
- ତୃଣମୂଳ ସ୍ତରରେ ସମବାୟ ସେବା ବ୍ୟାପକ କରିବା ପାଇଁ କାର୍ଯ୍ୟରତ ୨୭୧୧ କୃଷି ସମବାୟ ସମିତି ସହିତ ୧୫୨୧ ଗୋଟି ନୂତନ ସମିତି ଗଠନ ।
- କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟରେ ବିକ୍ରିବଟା ପାଇଁ ସମସ୍ତ ନିୟନ୍ତ୍ରିତ ବଜାର କମିଟିରେ ଇ-ମାର୍କେଟିଙ୍ଗ ର ବ୍ୟବସ୍ଥା ।

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39004/13/0006/2324

## ସ୍ତ୍ରୀ ନୱାଜଙ୍କଠାରୁ ଅଲଗା ହେଲେ ଗୌତମ ସିଙ୍ଘାଣିଆ



ଅରବପତି ଗୌତମ ସିଙ୍ଘାଣିଆ ସୋମବାର ତାଙ୍କ ସ୍ତ୍ରୀ ନୱାଜଙ୍କ ସହ ବିବାହ ବିଚ୍ଛେଦ କରିଥିବା ଘୋଷଣା କରିଛନ୍ତି। ଦୁହେଁ ଅଲଗା ଅଲଗା ବାଟରେ ଯିବା ପାଇଁ ନିଷ୍ପତ୍ତି ନେଇଥିବା ୫୮ ବର୍ଷୀୟ ସିଙ୍ଘାଣିଆ କହିଛନ୍ତି। ଟେକ୍ସଟାଇଲରୁ ରିଅଲ ଇଷ୍ଟେଟ୍ ଶିଳ୍ପପୁଞ୍ଜ ରେମଣ୍ଡ ଲିଃର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସିଙ୍ଘାଣିଆ ୧୯୯୯ରେ ସଲିସିଟର ନାଦର ମୋଦିଙ୍କ ଝିଅ ନୱାଜ ମୋଦିଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ସେମାନେ ୮ ବର୍ଷ ରିଲେଶନରେ ରହିଥିଲେ।



କର୍ନାଟକର ଉଡୁପି ଜିଲା ଅନ୍ତର୍ଗତ ଗଙ୍ଗୋଲି ବନ୍ଦରରେ ସୋମବାର କେତେକ ବୋଟ୍‌ରେ ନିଆଁ ଲାଗିଯାଇଥିବାବେଳେ ଅଗ୍ନିଶମ କର୍ମଚାରୀମାନେ ଲିଭାଉଛନ୍ତି।

# ସୁଏଲାଙ୍କୁ ବହିଷ୍କାର କଲେ ସୁନକ୍

**ଲଣ୍ଡନ,୧୩।୧୧**

### କ୍ୟାବିନେଟ୍‌କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଡାଭିଡ୍‌ଙ୍କ ପ୍ରତ୍ୟାବର୍ତ୍ତନ

ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ସୋମବାର ତାଙ୍କ କ୍ୟାବିନେଟ୍‌ରୁ ଗୃହମନ୍ତ୍ରୀ ସୁଏଲା ବ୍ରେଭରମ୍ୟାନ୍‌ଙ୍କୁ ବହିଷ୍କାର କରିଛନ୍ତି। ତାଙ୍କ ସ୍ଥାନରେ ଜେମ୍ସ କ୍ଲେଭର୍ଲିଙ୍କୁ ଗୃହମନ୍ତ୍ରୀ ଭାବେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷରେ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଡାଭିଡ୍ କାମେରନ୍ ବ୍ରିଟିଶ କ୍ୟାବିନେଟ୍‌କୁ ଫେରିଛନ୍ତି। ତାଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଅବସ୍ଥାପିତ କରାଯାଇଛି। ଆସନ୍ତାବର୍ଷ ବ୍ରିଟେନ୍‌ରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ତାହା ପୂର୍ବରୁ ପ୍ରଧାନମନ୍ତ୍ରୀ ସୁନକ ଶ୍ରେଷ୍ଠ ଟିମ୍ ବାଛିଥିବା କୁହାଯାଉଛି। ବ୍ରେକ୍‌ଜିଟ୍ ଉପରେ ଗଣଭୋଟରେ ହାରିଯିବା ପରେ ୫୭ ବର୍ଷୀୟ ଡାଭିଡ୍ ୨୦୧୬ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେହିବର୍ଷ ସେ ଏମ୍‌ପି ପଦରୁ ମଧ୍ୟ ଓହରିଯାଇଥିଲେ। ୨୦୨୧ରେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଯୋଗୁ ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଥିଲା। ଡାଭିଡ୍ ହାଉସ୍ ଅଫ୍ ଲର୍ଡସ୍‌ର ଜୀବନବ୍ୟାପୀ ସଦସ୍ୟ ରହିବେ ବୋଲି ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ଘୋଷଣା କରାଯାଇଛି। ତେଣୁ ହାଉସ୍ ଅଫ୍ ଲର୍ଡସ୍‌ର ସଦସ୍ୟ ଭାବେ ସେ ସରକାରରେ ରହିପାରିବେ।

ସୁଏଲା ଗତ କିଛିଦିନ ହେଲା ଦେଶରେ ପାଲେଷ୍ଟାଇନ୍ ସପକ୍ଷ ବିକ୍ଷୋଭକୁ ନେଇ




ସୁଏଲା ବ୍ରେଭରମ୍ୟାନ୍ ଡାଭିଡ୍ କାମେରନ୍

ବିବାଦୀୟ ମନ୍ତବ୍ୟ ଦେଇ ବିବାଦଘେରକୁ ଆସିଥିଲେ। ତାଙ୍କ ପାଇଁ ସୁନକ୍‌ଙ୍କ ଉପରେ ଚାପ ପଡୁଥିଲା। ଫଳରେ କ୍ୟାବିନେଟ୍‌ରେ ଅଦଳବଦଳ କରିବାକୁ ଯାଇ ସୁନକ୍ ସୁଏଲାଙ୍କୁ ବିଦା କରିଛନ୍ତି। ଗତବର୍ଷ ସେପ୍ଟେମ୍ବରରୁ ବହିର୍ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଜେମ୍ସ କ୍ଲେଭର୍ଲିଙ୍କୁ ନୂଆ ଗୃହମନ୍ତ୍ରୀ କରାଯାଇଛି। ଭାରତୀୟ ବଂଶୋଦ୍ଭବ ସୁଏଲା ଇମିଗ୍ରେଶନକୁ ବିରୋଧ କରି ସବୁବେଳେ ବିବାଦଘେରରେ ରହିଆସିଥିଲେ। ବିବାଦୀୟ ମନ୍ତବ୍ୟ ପାଇଁ ଗତବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ କ୍ୟାବିନେଟ୍‌ରୁ ମଧ୍ୟ ସୁଏଲାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିଲା।

**ସଂକ୍ଷେପରେ**

## ହାଇଦ୍ରାବାଦ ବିଲ୍ଡିଂରେ ନିଆଁ: ୯ ମୃତ

**ହାଇଦ୍ରାବାଦ,୧୩।୧୧:** ହାଇଦ୍ରାବାଦର ଏକ ବିଲ୍ଡିଂରେ ସୋମବାର ବ୍ୟାପକ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ବହୁ ମହଲାବିଶିଷ୍ଟ ଉକ୍ତ ଆପାର୍ଟମେଣ୍ଟ କମ୍ପ୍ଲେକ୍ସର ତଳ ମହଲାରେ ଥିବା ତେଲ ଡ୍ରମ୍‌ରେ ନିଆଁ ଲାଗି ପରେ ଅନ୍ୟ ମହଲାକୁ ବ୍ୟାପିଥିଲା। ବିଲ୍ଡିଂରୁ ୨୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମ ଓ ଦ୍ୱିତୀୟ ମହଲାରେ ଭଡ଼ାରେ ରହିଥିଲେ। ତୃତୀୟ ଓ ଚତୁର୍ଥ ମହଲାରେ ଥିବା କେତେଜଣ ସାମାନ୍ୟ ଆହତ ହୋଇଛନ୍ତି। ଆପାର୍ଟମେଣ୍ଟର ମାଲିକ ରମେଶ ଜୟସ୍ୱାଲ ଫେରାର ହୋଇଯାଇଛନ୍ତି। ସେ ତଳ ମହଲାକୁ ଏକ ଗୋଦାମ ଭାବେ ବ୍ୟବହାର କରିବା ସହ ସେଠାରେ ତେଲ ଡ୍ରମ୍ ଗଚ୍ଛିତ କରି ରଖିଥିଲେ।

## ଆଗ୍ରାରେ ମହିଳା କର୍ମଚାରୀଙ୍କୁ ଗଣବଳାତ୍କାର: ୫ ଗିରଫ

**ନୂଆଦିଲ୍ଲୀ,୧୩।୧୧:** ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ଏକ ଷ୍ଟେ ହୋମ୍‌ରେ ରହୁଥିବା ଜଣେ ମହିଳା କର୍ମଚାରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ୍ ବଳାତ୍କାର ମାମଲା ରୁଜୁ କରି ୫ ଜଣଙ୍କୁ ଗିରଫ କରିଛି। ଅନ୍ୟ ୩ ଜଣ ସନ୍ଦିଗ୍ଧ ଫେରାର ହୋଇଯାଇଥିବା ପୋଲିସ୍ କହିଛି। ବାରମ୍ବାର ମୁଣ୍ଡ ବାଡ଼େଇ କାନ୍ଦୁଥିବା ପୀଡ଼ିତାଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତାଙ୍କର ୪ ଜଣ ଛୋଟ ଝିଅ ଥିବାରୁ ତାଙ୍କୁ ବଞ୍ଚାଇ ଦେବାକୁ ସେ ଆକୁଳ ନିବେଦନ କରୁଛନ୍ତି। ରିତୁ, ରିୟା, ଲଳିତା, ସୋନୁ ଏବଂ ବିକ୍ରମଙ୍କ ନାଁ ସେ କହୁଛନ୍ତି, ଯେଉଁମାନେ ବଳାତ୍କାର ସହ ସମ୍ପୃକ୍ତ ଥିଲେ। ସେମାନଙ୍କୁ ଜେଲ ପଠାଇବାକୁ ସେ ଦାବି କରିଛନ୍ତି। ମହିଳା ଜଣକ ଏକ ଗେଷ୍ଟ ହାଉସ୍‌ରେ ୧୮ ମାସ ହେଲା କାମ କରୁଥିଲେ। ଅଭିଯୁକ୍ତମାନେ ତାଙ୍କୁ ଗେଷ୍ଟରୁମ୍‌କୁ ଡାକିନେଇ ବ୍ଲାକ୍‌ମେଲିଂ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

# ଧନୀ-ଗରିବ ଆୟ ବ୍ୟବଧାନ ବଢୁଛି

### ୧୦% ଅତି ଧନୀଙ୍କ ସମ୍ପତ୍ତି ବଢ଼ିଛି
### ଅନ୍ୟମାନେ ଆର୍ଥିକ ମାନ୍ଦାବସ୍ଥାର ସମ୍ମୁଖୀନ

**ନୂଆଦିଲ୍ଲୀ,୧୩।୧୧**



କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଗତ ଅକ୍ଟୋବରର ଆର୍ଥିକ ରିପୋର୍ଟ ଅନୁଯାୟୀ ପ୍ରଥମତଃ ଘରୋଇ ଚାହିଦା ଓ ଉପଭୋଗ ବଢ଼ିଥିବାରୁ ଭାରତର ଅଭିବୃଦ୍ଧି ସମ୍ଭାବନା ମଜଭୁତ ହୋଇଛି। ଚଳିତ ଆର୍ଥିକ ବର୍ଷ ପାଇଁ ସରକାରୀ ଭାବେ ସକଳ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ଅଧିକାଂଶ ସ୍ୱାଧୀନ ସଂସ୍ଥା ସମାନ ପୂର୍ବାନୁମାନ କରିଛନ୍ତି। ଭାରତ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତି ବୋଲି ଏହି ରିପୋର୍ଟଗୁଡ଼ିକରେ କୁହାଯାଇଛି। ଚାହିଦା ବଢୁଥିବାର ଏକ ବିଶ୍ୱସନୀୟ ତଥ୍ୟ ଦେଖାଯାଇଛି। ଅକ୍ଟୋବରରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ଦ୍ୱିତୀୟ ସର୍ବାଧିକ। ଗତ କିଛି ମାସ ହେଲା କାର୍ ବିକ୍ରି ଯଥେଷ୍ଟ ବଢ଼ିଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତ୍ତିଭୂମି ନିର୍ମାଣ ବାବଦ ଖର୍ଚ୍ଚ ମଧ୍ୟ ସର୍ବାଧିକ ରହିଛି। ଘରୋଇ ସେକ୍ଟରର ପୁଞ୍ଜି ସୃଷ୍ଟି ମଧ୍ୟ ଶୀର୍ଷରେ ରହିଛି।

ତେବେ ବାସ୍ତବ ସ୍ଥିତି ଅନୁଧ୍ୟାନ କଲେ ଦେଖାଯାଉଛି ଯେ, ଚାହିଦାକୁ ନେଇ ଯାହା କୁହାଯାଉଛି, ସେଥିରେ କେତେକ ଦୁର୍ବଳତା ରହିଛି। କାରଣ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଉଚ୍ଚମଧ୍ୟବିତ୍ତ ଆୟକର ଓ ତଦୂର୍ଦ୍ଧ୍ୱ ବର୍ଗଙ୍କ ଉପରେ ଆଧାରିତ। ସମଗ୍ର ଦେଶର ସ୍ଥିତି ସମାନ ନୁହେଁ। କାରଣ ଗ୍ରାମୀଣ ଭାରତ ଏବେ ମାନ୍ଦାବସ୍ଥାରେ ବୁଡ଼ିରହିଛି। ଏପରିକି ସହରାଞ୍ଚଳର କେତେକ ବେତନଭୋଗୀ ଗୋଷ୍ଠୀ ମଧ୍ୟ ମାନ୍ଦାବସ୍ଥାରୁ ବାଦ୍ ପଡ଼ିନାହାନ୍ତି। କୋଭିଡ୍-୧୯ ମହାମାରୀ ପରଠାରୁ ସୁଧାର ଇଂଲିଶ 'କେ' ଆକୃତିର ହୋଇଛି। ଧନୀ ଅଧିକ ଧନୀ ହେଉଥିବାବେଳେ ଗରିବ ଅଧିକରୁ ଅଧିକ ଦାରିଦ୍ର୍ୟ ମଧ୍ୟକୁ ଠେଲିହୋଇଯାଉଛନ୍ତି। ଆକଳନ ଅନୁଯାୟୀ ୨୦୨୬ ବେଳକୁ ଭାରତରେ ଅତି ଧନୀ (ନିୟୁତପତି)ଙ୍କ ସଂଖ୍ୟା ଦୁଇଗୁଣ ହେବା ଆଶା କରାଯାଉଥିବାବେଳେ ବିଳାସ ସାମଗ୍ରୀ ବଜାର ୨୦୩୦ ବେଳକୁ ୩ ଗୁଣା ହେବ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଖାଉଟି ବ୍ୟବହାର ଓ ମଜୁରି ସ୍ଥିର ରହିଛି। ଏପରିକି ଦରଦାମ୍ ବୃଦ୍ଧି (ମୁଦ୍ରାସ୍ଫୀତି) ସହ ତାଳଦେଇ ସହରାଞ୍ଚଳ ଆୟ ମଧ୍ୟ ବଢ଼ିପାରି ନାହିଁ।

ଭାରତର ଜିଡିପି ଅଭିବୃଦ୍ଧି ଭଲ ରହିଛି, ତେବେ ଏହା କେବଳ ଶୀର୍ଷ ଧନୀମାନଙ୍କୁ ଯାଉଛି। ଏଥିରେ ସୁଧାର ଆଣିବାକୁ ହେବ। ବିଶ୍ୱ ଅସମାନତା ରିପୋର୍ଟ, ୨୦୨୨ ଅନୁଯାୟୀ ଭାରତରେ ଆୟ ଏବଂ ସମ୍ପତ୍ତିରେ ଅସମାନତା ଅତ୍ୟଧିକ ବଢ଼ିଛି। ପୂର୍ବତନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା କୌଶିକ ବସୁ 'ଏକ୍ସ'ରେ ଏହା ଲେଖିଛନ୍ତି। ରିପୋର୍ଟରେ ଭାରତକୁ ସବୁଠୁ ଅସମାନ ଦେଶ ଭାବେ ଉଲ୍ଲେଖ କରାଯାଇଛି। ମହାମାରୀ ପରବର୍ତ୍ତୀ ସ୍ଥିତିକୁ ଦେଖିଲେ ଧନୀ-ଗରିବଙ୍କ ମଧ୍ୟରେ ଆୟ ବ୍ୟବଧାନ ଯଥେଷ୍ଟ ବଢ଼ିଛି। ରିପୋର୍ଟ ଅନୁଯାୟୀ ୧୦ ପ୍ରତିଶତ ଅତି ଧନୀଙ୍କ ଆୟ ସବାତଳେ ଥିବା ୫୦ ପ୍ରତିଶତଙ୍କ ଆୟର ୨୦ ଗୁଣରୁ ଅଧିକ। ଦେଶର ଶୀର୍ଷ ୧ ପ୍ରତିଶତଙ୍କ ପାଖରେ ୨୨ ପ୍ରତିଶତ ସମ୍ପତ୍ତି ଥିବାବେଳେ ତଳ ଭାଗରେ ଥିବା ୫୦ ପ୍ରତିଶତଙ୍କ ପାଖରେ କେବଳ ଅବଶିଷ୍ଟ ସମ୍ପତ୍ତିର ୧୩ ପ୍ରତିଶତ ରହିଛି। ଦେଶର ଶୀର୍ଷ ୧୦ ପ୍ରତିଶତ ମୋଟ ଆୟର ୫୭%ରୁ ଅଧିକ କରୁଥିବାବେଳେ ସେମାନେ ହିଁ ଚାହିଦା ଓ ବ୍ୟବହାରକୁ ବଢ଼ାଉଛନ୍ତି।

ଦୁଇଟି କ୍ଷେତ୍ରକୁ ଦେଖିଲେ ଚାହିଦା ତାରତମ୍ୟର ପ୍ରମାଣ ମିଳିଯିବ। ତାହା ହେଲା ଗାଡ଼ି ଏବଂ ରିଅଲ ଇଷ୍ଟେଟ୍ ସେକ୍ଟର। ଚଳିତ ଆର୍ଥିକ ବର୍ଷରେ କାର୍ ବିକ୍ରି ଯଥେଷ୍ଟ ବଢ଼ିଛି। ଏହା ୪୦ ଲକ୍ଷ ୟୁନିଟ୍ ଅତିକ୍ରମ କରିବା ଆଶା ରହିଛି। ବିଶେଷ କରି ୧୦ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର ବିଳାସପୂର୍ଣ୍ଣ କାର୍ ବିକ୍ରି ଅଧିକ ବଢ଼ିଛି, ଯାହା ଧନୀମାନେ ହିଁ କିଣିଥାନ୍ତି। ଅନ୍ୟପକ୍ଷରେ ଦୁଇଚକିଆ ଯାନ ବିକ୍ରି ମହାମାରୀ ପରେ କମିଛି। ୨୦୧୯ ଆର୍ଥିକ ବର୍ଷରେ ୨.୧୨ କୋଟି ବାଇକ୍ ବିକ୍ରି ହୋଇଥିବାବେଳେ ୨୦୨୩ ଆର୍ଥିକ ବର୍ଷରେ ତାହା ୫୩ ଲକ୍ଷ ହ୍ରାସ ପାଇଁ ୧.୫୯ କୋଟି ରହିଥିବା ଆଇସିଆର୍‌ଏ ତଥ୍ୟରୁ ଜଣାପଡ଼ିଛି। ସାଧାରଣ ବର୍ଗର ଲୋକେ ଦୁଇଚକିଆ ଯାନ କିଣିଥାନ୍ତି। ସେହିପରି ରିଅଲ ଇଷ୍ଟେଟ୍ ସେକ୍ଟର, ଯାହା ଦ୍ୱିତୀୟ ସର୍ବାଧିକ ନିଯୁକ୍ତି ସୃଷ୍ଟି କରିଥାଏ, ତାହା ୨୦୩୦ ବେଳକୁ ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ତେବେ ଲକ୍ସୁରି ଘର ଚାହିଦା ବଢୁଥିବାବେଳେ ଶସ୍ତା ଘର ପାଇଁ ଚାହିଦା ହ୍ରାସ ପାଇଚାଲିଛି। ପ୍ରପର୍ଟି କନ୍‌ସଲ୍ଟାଣ୍ଟ ଆନାରକ୍‌ର ତଥ୍ୟ ଅନୁଯାୟୀ ୧.୫ କୋଟି ଟଙ୍କା ଓ ତଦୂର୍ଦ୍ଧ୍ୱ ମୂଲ୍ୟର ବିଳାସପୂର୍ଣ୍ଣ ଘର ବିକ୍ରି ୨୦୨୩ର ପ୍ରଥମ ୯ ମାସରେ ଗତବର୍ଷ ଏହି ସମୟ ତୁଳନାରେ ୧୧୫ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ୮୦ ଲକ୍ଷରୁ କମ୍ ମୂଲ୍ୟର ଘର ବିକ୍ରି ୫୧ ପ୍ରତିଶତକୁ ହ୍ରାସ ପାଇଛି, ଯାହା ୨୦୨୨ରେ ୬୮ ପ୍ରତିଶତ ଥିଲା। ସେହିପରି ୫୦ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ଘର ବିକ୍ରି ଚଳିତ ବର୍ଷର ପ୍ରଥମ ୯ ମାସରେ ଦଶନ୍ଧିର ସବୁଠୁ କମ୍ ହୋଇଥିବା କନ୍‌ସଲ୍ଟାନ୍ସି ସଂସ୍ଥା ନାଇଟ୍ ଫ୍ରାଙ୍କ ଇଣ୍ଡିଆ ତଥ୍ୟରୁ ଜଣାପଡ଼ିଛି।

## ଟିଏମ୍‌ସି ନେତାଙ୍କୁ ଗୁଳିକରି ହତ୍ୟା

### ଆକ୍ରମଣକାରୀଙ୍କୁ ଲୋକେ ପିଟି ମାରିଦେଲେ

**କୋଲକାତା,୧୩।୧୧**

ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲା ଅନ୍ତର୍ଗତ ଜୟନଗରରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ ସ୍ଥାନୀୟ ନେତାଙ୍କୁ ସୋମବାର ସକାଳେ ଗୁଳିକରି ହତ୍ୟା କରାଯାଇଛି। ଉତ୍ତ୍ୟକ୍ତ ଲୋକେ ଉକ୍ତ ଆକ୍ରମଣକାରୀଙ୍କୁ ପିଟି ମାରିଦେଇଛନ୍ତି। ଜୟନଗରର ବାମୁଗାଚିର ଟିଏମ୍‌ସି ସଭାପତି ଥିବା ସୈଫୁଦ୍ଦିନ ଲସ୍କରଙ୍କୁ ତାଙ୍କ ବାସଭବନ ନିକଟରେ ଅଜଣା ବ୍ୟକ୍ତି ଗୁଳି ଚଳାଇବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସୈଫୁଦ୍ଦିନ୍‌ଙ୍କ ସମର୍ଥକମାନେ ଗୋଡ଼ାଇ ଜଣେ ଆକ୍ରମଣକାରୀଙ୍କୁ ଧରିବା ପରେ ତାଙ୍କୁ ନିର୍ଘାତ ପିଟିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖିଛି। ସିପିଆଇ(ଏମ୍)ର ସମର୍ଥକମାନେ ସୈଫୁଦ୍ଦିନ୍‌ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସୈଫୁଦ୍ଦିନଙ୍କ ସମର୍ଥକମାନେ ଆକ୍ରମଣକାରୀଙ୍କ ଘର ଭାଙ୍ଗିବା ସହ ନିଆଁ ଲଗାଇଦେଇଥିବା ସିପିଆଇ (ଏମ୍) ସମର୍ଥକମାନେ କହିଛନ୍ତି।

## କରାଚୀରେ ଚାଇନା ଯୁଦ୍ଧଜାହାଜ

**ନୂଆଦିଲ୍ଲୀ,୧୩।୧୧**

ପାକିସ୍ତାନର କରାଚୀ ପୋତାଶ୍ରୟରେ ଚାଇନାର ଅନେକ ଯୁଦ୍ଧଜାହାଜ, ବୁଡ଼ାଜାହାଜ ଓ ସହାୟକ ଜାହାଜର ଉପସ୍ଥିତି ହାଇ ରିଜୋଲ୍ୟୁଶନ ସାଟେଲାଇଟ୍ ଫଟୋରୁ ଦେଖିବାକୁ ମିଳିଛି। ଚାଇନା ଏବଂ ପାକିସ୍ତାନ ସର୍ବବୃହତ୍ ନୌସେନା ସମରାଭ୍ୟାସ ଆରମ୍ଭ କରିଛନ୍ତି। ଭାରତ ମହାସାଗରରେ ବେଜିଂ ଏହାର ଉପସ୍ଥିତି ଯଥେଷ୍ଟ ବଢ଼ାଇଥିବାବେଳେ ସି' ଗାର୍ଡିଆନ୍-୩ ସମରାଭ୍ୟାସ ଆରମ୍ଭ ହୋଇଛି। ଏଥିସହିତ ଚାଇନା ଆଫ୍ରିକାର ଜିବୌଟିଠାରେ ଏକ ବଡ଼ ଘାଟି ନିର୍ମାଣ କରିବା ସହ ପାକିସ୍ତାନ ସମେତ କେତେକ ଆଞ୍ଚଳିକ ନୌସେନାକୁ ଆଧୁନିକ ପ୍ଲାଟ୍‌ଫର୍ମ ବିକ୍ରି କରୁଛି। ନିକଟରେ ପାକିସ୍ତାନ ନୌସେନାକୁ ବେଜିଂ ୪ଟି ଟାଇପ୍-୦୫୪ଏ/ପି ଜାହାଜ ଯୋଗାଇଦେଇଛି। ଚଳିତ ମାସ ଆରମ୍ଭରେ କଲମ୍ବୋରେ ଚାଇନାର



ସାମୁଦ୍ରିକ ଗବେଷଣା ଜାହାଜ ଶି ୟାନ୍ ୬ ଅଟକି ରହିଥିଲା। ପୂର୍ବରୁ ଏହି ଜାହାଜ କେବେ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ପ୍ରବେଶ କରି ନ ଥିଲା। ଏଥିରୁ ଜଣାପଡୁଛି ଚାଇନା ଆଗକୁ ବଡ଼ ବୁଡ଼ାଜାହାଜ ଚଳାଚଳ ପାଇଁ ବଙ୍ଗୋପସାଗର ସମେତ ଭାରତ ମହାସାଗରର ଜଳରାଶିକୁ ସକ୍ରିୟ ଭାବେ ଅନୁଧ୍ୟାନ କରୁଛି।

## ମଣିପୁରର ୯ ମେଇତି ଉଗ୍ରପନ୍ଥୀ ସଂଗଠନ ବେଆଇନ ଘୋଷିତ

**ନୂଆଦିଲ୍ଲୀ,୧୩।୧୧**

ମଣିପୁରର ୯ଟି ମେଇତି ଉଗ୍ରପନ୍ଥୀ ସଂଗଠନକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ବେଆଇନ ଘୋଷଣା କରିଛି। ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଅନୁଯାୟୀ ଉକ୍ତ ସଂଗଠନ ଓ ଏହାର ଶାଖା ଓ ଛାମୁଆ ଗ୍ରୁପ୍‌ଗୁଡ଼ିକୁ ୫ ବର୍ଷ ପାଇଁ ବେଆଇନ ଘୋଷଣା କରାଯାଇଛି। ବେଆଇନ ଘୋଷିତ ଉଗ୍ରପନ୍ଥୀ ସଂଗଠନଗୁଡ଼ିକ ହେଲେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଓ ଏହାର ରାଜନୈତିକ ଶାକା ରିଭଲ୍ୟୁଶନାରି ପିପୁଲ୍ସ ଫ୍ରଣ୍ଟ (ଆର୍‌ପିଏଫ୍), ୟୁନାଇଟେଡ୍ ନ୍ୟାଶନାଲ ଲିବରେଶନ ଫ୍ରଣ୍ଟ (ୟୁଏନ୍‌ଏଲ୍‌ଏଫ୍) ଏବଂ ଏହାର ସଶସ୍ତ୍ର ଶାଖା ମଣିପୁର ପିପୁଲ୍‌ସ ଆର୍ମି (ଏମ୍‌ପିଏ), ପିପୁଲ୍ସ ରିଭଲ୍ୟୁଶନାରି ପାର୍ଟି ଅଫ୍ କାଙ୍ଗଲେଇପାକ୍ ଓ ଏହାର ସଶସ୍ତ୍ର ଶାଖା ରେଡ୍ ଆର୍ମି। ୟୁଏପିଏ ଆଇନର ଧାରା ୩ର ଉପଧାରା(୧)ରେ ପ୍ରଦତ୍ତ କ୍ଷମତା ବଳରେ କେନ୍ଦ୍ର ସରକାର ଉପରୋକ୍ତ ସଂଗଠନଗୁଡ଼ିକୁ ବେଆଇନ ଘୋଷଣା କରିଛନ୍ତି। ସେହିପରି କଙ୍ଗଲେଇ ୟାଓଲ କନ୍‌ବା ଲୁପ୍, କୋର୍ଡିନେଶନ କମିଟି, ଆଲିଆନ୍ସ ଫର୍ ସୋସିଆଲିଷ୍ଟ ୟୁନିଟି କଙ୍ଗଲେଇପାକ୍‌କୁ ବେଆଇନ କରାଯାଇଛି।

## ସଲ୍‌ମାନଙ୍କ ଫିଲ୍ମ ଚାଲିଥିବାବେଳେ ହଲ୍‌ରେ ବାଣ ଫୁଟାଇଲେ ଦର୍ଶକ

**ମାଲେଗାଁଓ,୧୩।୧୧**

ବଲିଉଡ୍ ଷ୍ଟାର ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ 'ଟାଇଗର ୩' ଚଳଚ୍ଚିତ୍ର ହଲ୍‌ରେ ମୁକ୍ତିଲାଭ କରିବାର ପ୍ରଥମ ଦିନରେ ଏହାକୁ ଦେଖିବା ପାଇଁ ବହୁସଂଖ୍ୟାରେ ଦର୍ଶକ ଭିଡ଼ ଲଗାଇଥିଲେ। ଭାଇଜାନ୍‌ଙ୍କ ପ୍ରଥମ ଦୃଶ୍ୟ ବେଳେ ହଲ୍ ଭିତରେ ତାଙ୍କର କେତେଜଣ ପ୍ରଶଂସକ ବାଣ ଫୁଟାଇଥିଲେ। ମହାରାଷ୍ଟ୍ରର ମାଲେଗାଁଓ ଜିଲାରେ ଥିବା ମୋହନ ସିନେମା ପ୍ରେକ୍ଷାଳୟରେ ଏହି ଘଟଣା ଘଟିଛି। ସୋସିଆଲ ମିଡିଆରେ ଏହି ଦୃଶ୍ୟ ପ୍ରସାରିତ ହେବା ପରେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଣରୁ ବର୍ତ୍ତିବା ପାଇଁ ଦର୍ଶକମାନେ ନିରାପଦ ସ୍ଥାନକୁ ଧାଉଁଥିବା ଦେଖାଯାଇଥିଲା। ପ୍ରଶଂସକମାନଙ୍କ ଏଭଳି ବିଶୃଙ୍ଖଳିତ କାର୍ଯ୍ୟକୁ ଜନସାଧାରଣ ତୀବ୍ର ନିନ୍ଦା କରିଛନ୍ତି। ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ଦାଏର ହେବା ଆବଶ୍ୟକ ବୋଲି ଜଣେ ୟୁଜର ଲେଖିଛନ୍ତି।

## କାଟାଲାନ୍ ବିଦ୍ରୋହୀଙ୍କୁ କ୍ଷମାଦାନ ପ୍ରତିବାଦରେ ସ୍ପେନ୍‌ରେ ବିଶାଳ ବିକ୍ଷୋଭ

**ମାଡ୍ରିଡ୍,୧୩।୧୧**

୨୦୧୭ରେ ଗଣଭୋଟ ଜରିଆରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାଧୀନ ରାଷ୍ଟ୍ର ଗଠନ ଉଦ୍ୟମ କରି ବିଫଳ ହୋଇଥିବା କାଟାଲାନ୍ ବିଚ୍ଛିନ୍ନତାବାଦୀମାନଙ୍କୁ କ୍ଷମାଦାନ ପାଇଁ ସ୍ପେନ୍‌ର ସୋସିଆଲିଷ୍ଟ ସରକାର ନିଷ୍ପତ୍ତି ନେଇଥିବାରୁ ଏହାକୁ ବିରୋଧ କରି ଦକ୍ଷିଣପନ୍ଥୀ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ରବିବାର ଦେଶବ୍ୟାପୀ ବିଶାଳ ରାଲିର ଆୟୋଜନ କରାଯାଇଥିଲା। ଏଥିରେ ଲକ୍ଷ ଲକ୍ଷ ସ୍ପେନ୍ ବାସିନ୍ଦା ଯୋଗଦେଇଥିଲେ। ଦେଶରେ ରାଜନୈତିକ ମତଭେଦ ଜୋର୍ ଧରିଥିବାବେଳେ ନୂଆ ସରକାର ଗଠନ ପାଇଁ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍ ସମର୍ଥନ ଯୋଗାଡ଼ କରିବା ସକାଶେ ବିଚ୍ଛିନ୍ନତାବାଦୀମାନଙ୍କୁ କ୍ଷମାଦାନ ପାଇଁ ପ୍ରସ୍ତାବ ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତିକୁ ନେଇ ଦକ୍ଷିଣପନ୍ଥୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ସ୍ୱାଧୀନ ରାଷ୍ଟ୍ର ଗଠନ ପାଇଁ ଉଦ୍ୟମ ଚଳାଇଥିବା ବିଦ୍ରୋହୀଙ୍କୁ କ୍ଷମା ଦେବାକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି। ଏହା ଆଇନର ଶାସନ ପ୍ରତି ଆକ୍ରମଣ ବୋଲି ସେମାନେ



କହିଥିବାବେଳେ ଦେଶରେ ରାଜନୈତିକ ସଙ୍କଟ ଦେଖାଦେଇଛି। ଦେଶର ୫୨ଟି ବୃହତ୍ ସହରରେ ବିକ୍ଷୋଭକାରୀମାନେ ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ ଜଣାଇଛନ୍ତି। ରକ୍ଷଣଶୀଳ ମୁଖ୍ୟ ବିରୋଧୀ ଦଳ ପପୁଲାର ପାର୍ଟି ଓ ଏହାର ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ବିକ୍ଷୋଭ ଡାକରା ଦିଆଯାଇଥିଲା। ନୂଆ ନିର୍ବାଚନ ନ ହେବା ପର୍ଯ୍ୟନ୍ତ ଆମେ ଚୁପ୍ ବସିବୁ ନାହିଁ ବୋଲି ପପୁଲାର ପାର୍ଟି ନେତା ଆଲବେର୍ଟୋ ନୁନେଜ୍ ଫେଇଜୁ ମାଡ୍ରିଡ୍‌ଠାରେ ଉଦ୍‌ବୋଧନ ଦେଇ କହିଛନ୍ତି। ଗତ ଜୁଲାଇରେ ହୋଇଥିବା ନିର୍ବାଚନରେ ଫେଇଜୁଙ୍କ ଦଳ ପ୍ରଥମ ସ୍ଥାନରେ ରହିଥିଲେ ମଧ୍ୟ ପାର୍ଲାମେଣ୍ଟରେ ଆବଶ୍ୟକ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିଲା। ଫଳରେ ସାନ୍‌ଚେଜ୍ ସରକାର ଗଢ଼ିବା ପାଇଁ କ୍ଷମାଦାନକୁ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଚାହୁଁଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ | Bhubaneswar, Tuesday, November 14/2023


## ଉତ୍ତରକାଶୀରେ ସୁଡ଼ଙ୍ଗ ଭୁଶୁଡ଼ିଲା

**୫ ଓଡ଼ିଆଙ୍କ ସମେତ ୪୦ ଫସିଛନ୍ତି**



- ଉଦ୍ଧାର କାର୍ଯ୍ୟ ଜାରି
- ଖାଦ୍ୟ, ଅକ୍ସିଜେନ୍ ପଠାଗଲା

ଡେରାଡୁନ୍, ୧୩।୧୧

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଅନ୍ତର୍ଗତ ଯମୁନେତ୍ରୀ-ଉତ୍ତରାଖଣ୍ଡ ଜାତୀୟ ରାଜପଥ କାମ ଚାଲିଥିବାବେଳେ ରବିବାର ଭୋର ସମୟରେ ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବାରୁ ୫ ଓଡ଼ିଆଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଶ୍ରମିକ ଫସି ରହିଛନ୍ତି। ଉତ୍ତରକାଶୀର ସିଲ୍‌କ୍ୟାରା ସହ ଡଣ୍ଡାଲଗାଁଓ‌କୁ ଏହି ସୁଡ଼ଙ୍ଗ ଯୋଡୁଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାରକାରୀମାନେ ସୁଡ଼ଙ୍ଗ ଖୋଳି ସେଥିରେ ଫସିରହିଥିବା ଲୋକମାନଙ୍କୁ ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ସେଥିପାଇଁ ଓଜନଦାର ଏକ୍ସାଭେଟର ମେଶିନ୍‌ଗୁଡ଼ିକୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଫସିଥିବା ଶ୍ରମିକମାନଙ୍କ ସହ ଯୋଗାଯୋଗ ହୋଇପାରିଛି ଓ ସେମାନେ ☞ ପୃଷ୍ଠା-୯

### ମୟୂରଭଞ୍ଜର ୩, ନବରଙ୍ଗପୁରର ୨ ଶ୍ରମିକ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲ), ୧୩।୧୧

ଉତ୍ତରାଖଣ୍ଡରେ ଭୁଶୁଡ଼ିଥିବା ସୁଡ଼ଙ୍ଗ ତଳେ ଫସିରହିଥିବା ଶ୍ରମିକଙ୍କ ମଧ୍ୟରେ ୫ଜଣ ଓଡ଼ିଆ ଅଛନ୍ତି। ସେମାନଙ୍କ ମଧ୍ୟରେ ୩ଜଣ ମୟୂରଭଞ୍ଜ ଜିଲାର ଏବଂ ୨ଜଣ ନବରଙ୍ଗପୁର ଜିଲାର ବୋଲି ଜଣାପଡ଼ିଛି। ମୟୂରଭଞ୍ଜ ଜିଲାର ୩ଜଣ ହେଲେ ବାଙ୍ଗିରିପୋଷି ବ୍ଲକ ଚନ୍ଦନପୁର ପଞ୍ଚାୟତ ଅନ୍ତର୍ଗତ ବେଡ଼ାକୁନ୍ଦର ଗ୍ରାମର ଧୀରେନ ନାଏକ, ଯୋଗୀବନ୍ଧ ଗ୍ରାମର ବିଶ୍ୱେଶ୍ୱର ନାଏକ ଏବଂ ତିରିଂ ବ୍ଲକ କୁଳଦିଆ ବଡ଼କେଡମ ଗ୍ରାମର ☞ ପୃଷ୍ଠା-୯

# ଅସମ୍ଭାଳ ବାୟୁ ପ୍ରଦୂଷଣ

## ଭୁବନେଶ୍ୱର, କଟକ ସ୍ଥିତି ଅତି ବିପଜ୍ଜନକ

**ଦିଲ୍ଲୀର ଭୟାବହ ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ନିକଟରେ ସବୁ ରାଜ୍ୟରେ ରାସାୟନିକ ବାଣଫୁଟା ଉପରେ ରୋକ ଲଗାଇଥିଲେ। ବିଶେଷକରି ପ୍ରଦୂଷଣ ସୃଷ୍ଟିକାରୀ ବାଣ ଯେଭଳି ଫୁଟା ନ ଯିବ ସେଥିଲାଗି ରାଜ୍ୟ ସରକାରମାନେ ପଦକ୍ଷେପ ନେବେ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଓଡ଼ିଶାରେ ତାହା ପାଳନ ହୋଇ ନ ଥିବା ରବିବାର ଦୀପାବଳି ଅବସରରେ ହୋଇଥିବା ବାଣଫୁଟାରୁ ସ୍ପଷ୍ଟ ହୋଇଛି। ଏତେ ସଂଖ୍ୟାରେ ବାଣଫୁଟା ଯାଇଥିଲା ଯେ, ଭୁବନେଶ୍ୱର ଏବଂ କଟକ ଟୁଇନ୍ ସିଟିର ସହରର ବାୟୁ ପ୍ରଦୂଷଣ ରେକର୍ଡ ଭାଙ୍ଗିଛି। ଫଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ଅତି ବିପଜ୍ଜନକ ସ୍ଥିତିକୁ ଚାଲିଯାଇଛି।**



ଭୁବନେଶ୍ୱର, ୧୩।୧୧ (ଅନିଲ ଦାସ)

ଗତ କିଛିଦିନ ହେବ ଦେଶର ରାଜଧାନୀ ନୂଆଦିଲ୍ଲୀବାସୀ ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଉଛନ୍ତି। ପ୍ରଦୂଷଣକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ଅଦାଲତ ଅଧିକ ପ୍ରଦୂଷଣ କରୁଥିବା ବିପଜ୍ଜନକ ବାଣକୁ ସମଗ୍ର ଦେଶରେ ନିଷେଧ କରିଥିଲେ। ହେଲେ ଏହାର ପ୍ରଭାବ ତିଳେ ମାତ୍ର ପଡ଼ିବା ଭଳି ମନେ ହେଲା ନାହିଁ। ଅଧରାତି ଯାଏ ସ୍ୱାଭାବିକ ଭାବେ ବାଣଫୁଟା ଚାଲିଲା। ଚାରିଆଡ଼ ଧୂଆଁମୟ ହୋଇଗଲା। ବଢ଼ିଚାଲିଲା ବାୟୁ ପ୍ରଦୂଷଣର ପାରାମିଟର। ବେଳକୁ ବେଳ ବାୟୁ ପ୍ରଦୂଷଣ ଘାତକ ହେବାରେ ଲାଗିଛି। କଳକାରଖାନା ଓ ଯାନବାହନ ପ୍ରଦୂଷଣରେ ଜୀବନ ଘାଣ୍ଟି ହେଉଛି। ସ୍ୱଚ୍ଛ ବାୟୁଟିକେ ପାଇବା ଏକପ୍ରକାର ଅସମ୍ଭବ ହୋଇପଡ଼ିଲାଣି। ପରିବେଶ ବିଗୁଡୁଥିଲେ ମଧ୍ୟ ଲୋକଙ୍କ ମଧ୍ୟରେ ସଚେତନତା ଆସୁନାହିଁ। ଦୀପାବଳିରେ ଏହି ପ୍ରଦୂଷଣ ହାର ଅନେକ ମାତ୍ରାରେ ବଢ଼ିଯାଇଛି। ପ୍ରଦୂଷଣ ସ୍ତର ଏତେ ବଢ଼ି ଯାଇଥିଲା ଯେ ଏକ ପ୍ରକାର ଅଣନିଃଶ୍ୱାସୀ ପରିବେଶ ସୃଷ୍ଟି ହୋଇଥିଲା। କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଛି। କେବଳ ଦୀପାବଳି ନୁହେଁ, ଏହାର ପରଦିନ ସୋମବାର ମଧ୍ୟ ପ୍ରଦୂଷଣ ଜ୍ୱାଳାରୁ ମୁକ୍ତ ନ ଥିଲା।

ରାଜ୍ୟର ପ୍ରମୁଖ ସହର କଟକ, ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ପ୍ରଦୂଷଣ ସ୍ଥିତି ଭୟଙ୍କର ଅବସ୍ଥାକୁ ଚାଲିଯାଇଛି। ରବିବାର ରାତି ୧ଟାରେ ପ୍ରଦୂଷଣ ମାତ୍ରା ରେକର୍ଡ ଛୁଇଁଥିଲା। ସେହି ସମୟରେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଅଞ୍ଚଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୯୯୯ ଥିଲା ବେଳେ ପଟିଆ ଅଞ୍ଚଳରେ ୬୭୬ ରେକର୍ଡ କରାଯାଇଛି। ସେହିପରି କଟକରେ ରାତି ୧ଟାରେ ପ୍ରଦୂଷଣ ସ୍ତର ୮୮୨ ରେକର୍ଡ ହୋଇଥିଲା। ଶନିବାର ଅପେକ୍ଷା ରବିବାର ଦୀପାବଳିରେ ରାଜ୍ୟର ବିଭିନ୍ନ ସହରରେ ପ୍ରଦୂଷଣ ମାତ୍ରା ବଢ଼ିଥିଲା। ୧୧ ତାରିଖରେ ବାଲେଶ୍ୱରରେ ହାରାହାରି ପ୍ରଦୂଷଣ ୧୨୩ ଥିଲା ବେଳେ ୧୨ ତାରିଖରେ ୧୯୩.୭୯ ରହିଥିଲା। ସେହିପରି ଅନୁଗୋଳରେ ପ୍ରଦୂଷଣ ୧୧ ତାରିଖରେ ୧୩୦ ଥିବା ବେଳେ ୧୨ ତାରିଖରେ ଏହା ୩୪୮କୁ ବୃଦ୍ଧି ପାଇଥିଲା। ତାଳଚେରର ପ୍ରଦୂଷଣ ମାତ୍ରା ୧୧ ତାରିଖରେ ୧୧୭ ରହିଥିବା ବେଳେ ☞ ପୃଷ୍ଠା-୯

## ଅଭିନେତ୍ରୀ ମୌସୁମୀ ନାୟକ ଗିରଫ

**ଲେଖିକାଙ୍କୁ ଧମକ ଦେଇ ଟଙ୍କା ଆଦାୟ ମାମଲା**

ଭୁବନେଶ୍ୱର, ୧୩।୧୧ (ସତ୍ୟଜିତ୍ ରାଉତ)

ଧମକ ଦେଇ ଟଙ୍କା ଆଦାୟ କରିବା ଅଭିଯୋଗରେ ଅଭିନେତ୍ରୀ ମୌସୁମୀ ନାୟକଙ୍କୁ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ପୋଲିସ ସୋମବାର ଗିରଫ କରିଛି। ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳରେ ଅଭିଯୁକ୍ତା ମୌସୁମୀଙ୍କ ଘର। ଲେଖିକା ବନସ୍ମିତା ପତିଙ୍କ ଏତଲା ଆଧାରରେ ପୋଲିସ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ମୌସୁମୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ☞ ପୃଷ୍ଠା-୯









## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୁଆ ଧରିବାକୁ ପାଞ୍ଚଜଣ,
ଗୀତ ବୋଲିବାକୁ ଜଣେ ।**

ପାଲାରେ ଗାହାଣ ବା ଗାୟକ ଗୀତ ବୋଲୁଥିବା ବେଳେ ପାଳିଆମାନେ ତା'ର ପାଳି ଧରୁଥିବାର ଦେଖିବାକୁ ମିଳିଥାଏ। ଅନ୍ୟ ଅର୍ଥରେ ଜଣେ ନେତା ବା କାମିକା ଲୋକଙ୍କର ଅନେକ ଅନୁଚର ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢୋଲ କାନ୍ଧରେ ପଡ଼ିଲେ
ବଜାଇ ଶିଖନ୍ତି ।**

ସାଧାରଣତଃ କୌଣସି ଦାୟିତ୍ୱ ନ ଥିଲେ ସମସ୍ତେ ଫୁଲାଫାଙ୍କିଆ ହୋଇ ରହିଥା'ନ୍ତି, ନିଜ କାର୍ଯ୍ୟକଳାପ ପ୍ରତି ଆଦୌ ସଚେତନ ହୋଇ ନ ଥା'ନ୍ତି। ତେବେ ଯେତେବେଳେ କିଛି ଦାୟିତ୍ୱ ପଡ଼େ, ସେତେବେଳେ ସେମାନେ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବା ସହ ତାକୁ ସୁଚାରୁ ରୂପେ ତୁଲାଇବାକୁ ପ୍ରସ୍ତୁତ ହୋଇଯାଆନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# କାର୍ ପଛୁଆ ମାଡ଼ିଯିବାରୁ ଶିକ୍ଷୟିତ୍ରୀ ମୃତ

## ଦୀପାବଳିରେ ଲିଙ୍ଗରାଜ ମନ୍ଦିର ନିକଟରେ ଅଘଟଣ

■ ସ୍ୱାମୀ ଗୁରୁତର, ଡ୍ରାଇଭର ଗିରଫ


ମୃତା ଶିକ୍ଷୟିତ୍ରୀ ସୁଲୋଚନା ମହାନ୍ତି


ଆହତ ଜ୍ୟୋତିରାମ ଦେବର୍ତ୍ତା


ଗିରଫ ଡ୍ରାଇଭର କୃଷ୍ଣଚନ୍ଦ୍ର ବେହେରା

**ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ପୁରୁଣା ଭୁବନେଶ୍ୱର, ୧୩।୧୧ (ସୁବାସ ଚନ୍ଦ୍ର ପ୍ରଧାନ)**

ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଜୀବନ ନେଇଛି। ବ୍ୟାକ୍ ଗିୟର ପକାଇ ଦେବାରୁ କାର୍‌ଟି ପଛୁଆ ଗଡ଼ି ଜଣେ ଶିକ୍ଷୟିତ୍ରୀଙ୍କୁ ଧକ୍କା ଦେବା ପରେ କାନ୍ଥରେ ଚାପି ମାରିଦେଇଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ଦୀପାବଳି ସନ୍ଧ୍ୟାରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଉତ୍ତର ଦ୍ୱାର ନିକଟରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତା ଶିକ୍ଷୟିତ୍ରୀ ହେଲେ ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଗେଟ୍ ବଜାରରେ ରହୁଥିବା ସୁଲୋଚନା ମହାନ୍ତି(୫୩) ଓ ଆହତ ହୋଇଥିବା ତାଙ୍କ ସ୍ୱାମୀ ହେଉଛନ୍ତି ଜ୍ୟୋତିରାମ ଦେବର୍ତ୍ତା। ସେମାନେ ପୟା ଶ୍ରାଦ୍ଧ ଦେବାରୁ ଏଠାକୁ ଆସିଥିଲେ। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ପୁରୀ କଣାସ ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ବେହେରାଙ୍କୁ ଗିରଫ କରାଯିବା ସହ କାରକୁ ଜବତ କରାଯାଇଛି ବୋଲି ଜୋନ୍-୨ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ସୁଲୋଚନା ଓ ତାଙ୍କ ସ୍ୱାମୀ ଜ୍ୟୋତିରାମ ପୟା ଶ୍ରାଦ୍ଧ ଦେବାକୁ ରବିବାର ଭୁବନେଶ୍ୱର ଆସି ଲିଙ୍ଗରାଜ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ସୋମବାର ସକାଳେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତେ। ହେଲେ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିସାରିବା ପରେ ରବିବାର ରାତି ପ୍ରାୟ ୯ଟାରେ ମନ୍ଦିରର ଉତ୍ତର ଫାଟକ ପଟେ ବାହାରି ଠିଆ ହୋଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଉକ୍ତ କାର୍ (ଓଡି୦୨ସିଏନ୍୬୭୨୬)ଟି ପାର୍କିଂରେ ଥିଲା। କାର୍ ମାଲିକ ଫୋନ୍‌ରେ କଥା ହେଉଥିବା ସମୟରେ ଅଭିଯୁକ୍ତ ଡ୍ରାଇଭର କୃଷ୍ଣଚନ୍ଦ୍ର ବେପରୁଆ ଭାବେ ବ୍ୟାକ ଗିୟର ପକାଇ ଦେବାରୁ କାର୍‌ଟି ଜୋର୍‌ରେ ପଛୁଆ ଗଡ଼ି ସୁଲୋଚନା ଓ ଜ୍ୟୋତିରାମଙ୍କୁ ଧକ୍କା ଦେଇଥିଲା। ଜ୍ୟୋତିରାମ ବାହାରକୁ ଛିଟିକି ପଡିଥିବାବେଳେ ସୁଲୋଚନାଙ୍କୁ କାର୍‌ଟି ସିଧା ପଛରେ ଥିବା ଏକ କାନ୍ଥରେ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଆହତ ସ୍ୱାମୀ ଜ୍ୟୋତିରାମଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ କ୍ୟାପିଟାଲରେ ଭର୍ତ୍ତି କରିଥିଲେ। ପରେ ସେଠାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତରଣ କରାଯାଇଥିଲା। ଦୁର୍ଘଟଣା ପରେ ଚାଳକ କୃଷ୍ଣଚନ୍ଦ୍ର ଗାଡି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲାଷ୍। ଖବର ପାଇ ପୋଲିସ ଘଟଣାର ତଦନ୍ତ ପରେ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୦୯/୨୩) ରୁଜୁ କରି କୃଷ୍ଣଚନ୍ଦ୍ରଙ୍କୁ ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

# କବୟିତ୍ରୀ ନିର୍ମଳା ମହାନ୍ତିଙ୍କ ପରଲୋକ



**ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ):** କବୟିତ୍ରୀ ନିର୍ମଳା ମହାନ୍ତିଙ୍କ ସୋମବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ସେ ସ୍ନାୟୁଜନିତ ରୋଗରେ ପୀଡିତ ଥିଲେ। ୧୯୪୬ରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅନ୍ତର୍ଗତ ପୋଦରୁଆଁ ଗ୍ରାମରେ ଜନ୍ମ ନେଇଥିବା କବୟିତ୍ରୀ ମହାନ୍ତି ଦୀର୍ଘ ୬ଦଶନ୍ଧି ଧରି ସାହିତ୍ୟ ସାଧନାରେ ବ୍ରତୀ ଥିଲେ। ଜଣେ ବରିଷ୍ଠ ତଥା ପ୍ରତିଷ୍ଠିତ ସୁସାହିତ୍ୟିକା ଭାବେ ସାହିତ୍ୟର ବିଭିନ୍ନ ବିଭବ ତଥା ଗଳ୍ପ, କବିତା, ପ୍ରବନ୍ଧ, ଶିଶୁସାହିତ୍ୟ ଓ ଗୀତିକବିତା ରଚନା କରି ସେ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ଅନୁବାଦ ସାହିତ୍ୟରେ ମଧ୍ୟ ତାଙ୍କର ଖୁବ୍ ଦକ୍ଷତା ଥିଲା। ୨୦୧୩ରେ ତାଙ୍କୁ ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ରଚିତ ପ୍ରାୟ ୧୫ଖଣ୍ଡ ପୁସ୍ତକ ପାଠକୀୟ ଆଦୃତିଲାଭ କରିଛି। ସେଗୁଡିକ ମଧ୍ୟରେ କବିତା-ଅନେକ ନିଦାଘ ପରେ, ନୀରବ ନିର୍ଯାସ, ଅମୃତ ମଣୋହି, ସ୍ୱପ୍ନମୟ ଚିରକାଳ, ଜୀବନପାତ୍ର ମୋ, ଗଳ୍ପ ସଂକଳନ-ଆଳାପ, ଅନୁବାଦ କବିତା-ଛାଡ଼ପତ୍ର, ଶିଶୁସାହିତ୍ୟ-ରୁନିଚୁନି ସପନ, ନୀଲୁର ଗପଲେଖା, ଆଇସ୍କ୍ରିମ୍‌ର ପାଲା, ଆଠ କାହାଣୀ ଏବଂ ଗୀତିକବିତା-ତୁମେ ଅମୃତମୟ ଆଦି ରହିଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଦୀପକ କୁମାର ମହାନ୍ତି, ଜ୍ୱାଇଁ ଇଂ. ପ୍ରଭାତ କୁମାର ବେହୁରିଆ, ଝିଅ ସମିତା, ସରିତା ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ୟାରେଜଛକ ନିକଟସ୍ଥ ବାସଭବନକୁ ମୃତଦେହ ଅଣାଯିବା ପରେ ସେଠାରେ ସ୍ୱାମୀ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ କୁମାର ମହାନ୍ତି ଓ ଭାଇ, ଭଉଣୀଙ୍କ ସହିତ ଲେଖିକା ବନଜ ଦେବୀ, ସଂଯୁକ୍ତା ମହାନ୍ତି, ତନୟାଦାସ ଗୋସ୍ୱାମୀଙ୍କ ପରିବାର ସମେତ ଆତ୍ମୀୟସ୍ୱଜନ ତଥା ବନ୍ଧୁ ପରିଜନ ଶେଷଦର୍ଶନ କରିଥିଲେ। ପରେ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ଦୀପକ ମୁଖାଗ୍ନି ଦେଇଥିଲେ।

# ସଙ୍ଗୀତା ରଥ ପାଇବେ 'ଝୁମୁକା ପୁରସ୍କାର'

**ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)**

## ରଘୁନନ୍ଦନ ଓ ଶ୍ରୁତକୀର୍ତ୍ତିଙ୍କୁ ସାରସ୍ୱତ ସମ୍ମାନ

ଓଡ଼ିଶାର ମନସ୍ତତ୍ତ୍ୱବିତ୍ ଓ ସାହିତ୍ୟିକା ପ୍ରଫେସର ସଙ୍ଗୀତା ରଥଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ମର୍ଯ୍ୟାଦାଜନକ ଶିଶୁ ସାହିତ୍ୟ ସମ୍ମାନ 'ଝୁମୁକା ପୁରସ୍କାର' ପ୍ରଦାନ କରାଯିବ। ସେହିପରି ପତ୍ରିକା ପୃଷ୍ଠାର ସଫଳ ଲେଖକ ରଘୁନନ୍ଦନ ମହାପାତ୍ର ଓ ପିଲାଙ୍କ ସାହିତ୍ୟ ଲେଖିକା ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କୁ ଚଳିତ ବର୍ଷର 'ଝୁମୁକା ସାରସ୍ୱତ ସମ୍ମାନ' ମିଳିବ। ଆସନ୍ତା ୧୮ ତାରିଖରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ 'ଝୁମୁକା' ପତ୍ରିକାର ୩୭ତମ ସାରସ୍ୱତ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସମ୍ପାଦକ ମାନସ ରଞ୍ଜନ ସାମଲ ସୂଚନା ଦେଇଛନ୍ତି। ଏହି ଅବସରରେ 'ପିଲାଙ୍କ ସାହିତ୍ୟ: ସେଦିନ ଓ ଆଜି' ଶୀର୍ଷକ ଏକ ରାଜ୍ୟସ୍ତରୀୟ ସମ୍ମାନ ଅନୁଷ୍ଠିତ ହେବ। ଏହି ସାଂସ୍କୃତିକ ସମାରୋହକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀର ସଭାପତି ମାଧବ କୌଶିକ ଉଦ୍‌ଘାଟନ କରିବେ। ସେହିପରି ଡ. ଗୌରହରି ଦାସ, ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ତ୍ରିପାଠୀ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଶରୀର ଦାନ ପାଇଁ ପଦ୍ମଶ୍ରୀ ବାବା ବଳିଆଙ୍କ ଘୋଷଣା

**ତିର୍ତ୍ତୋଲ, ୧୩।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)**


ଖବରଦାତା ସମ୍ମିଳନୀରେ ପ୍ରଦ୍ମଶ୍ରୀ ବାବା ବଳିଆ।

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିକଟ ବୀଣାପାଣି ମଣ୍ଡପ ପରିସରରେ ପଦ୍ମଶ୍ରୀ ବାବା ବଳିଆ ସୋମବାର ଏକ ଖବରଦାତା ସମ୍ମିଳନୀ ଡାକି ଶରୀର ଦାନ କରିବା ପାଇଁ ଘୋଷଣା କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଜୀବନରେ ପାରିବାରିକ ପ୍ରୀତି ନ ରହିଲେ ସମାଜରେ ସୁଧାର ଆସିବା ଅସମ୍ଭବ। ତେଣୁ ମା'ବାପା ନିଜ ପରିବାରରୁ ପିଲାମାନଙ୍କୁ ସଂସ୍କାରୀ ଭାବେ ଗଢ଼ିବା ଉଚିତ। ଏଥିସହ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭଳି ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଏହାର ବିଲୋପ ଲାଗି ସେ ଆହ୍ୱାନ ଦେଇଥିଲେ। ସ୍ୱାମୀହରା ମା'ମାନଙ୍କୁ ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟରେ ସାମିଲ କରିବା ଅମଙ୍ଗଳ ନୁହେଁ ବୋଲି ବାବା ବଳିଆ କହିଥିଲେ। ସେ ଆହୁରି କହିଥିଲେ, ନିଶା ଓ ମାଦକ ଦ୍ରବ୍ୟ ସେବନ ଯୁବପିଢ଼ିଙ୍କୁ ପଥ ଭ୍ରଷ୍ଟ କରୁଛି। ଏଣୁ ସାରା ଦେଶରେ ନିଶା ଓ ମାଦକ ଦ୍ରବ୍ୟ ବିକ୍ରି ବନ୍ଦ ଦିଗରେ ସରକାର ଦୃଷ୍ଟି ଦିଅନ୍ତୁ । ସେ ସମାଜର ମଙ୍ଗଳ ପାଇଁ ସବୁବେଳେ ନିଜକୁ ନିୟୋଜିତ କରିଛନ୍ତି। ସମାଜର ହିତ ସାଧନ ଲାଗି ତାଙ୍କ ଆତ୍ମା ଶରୀର ଛାଡ଼ିବା ପରେ ଶରୀରକୁ ଦାନ କରାଯିବ ବୋଲି ବାବା ବଳିଆ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଶିଶୁ ଅନନ୍ତ ଆଶ୍ରମର ସଚିବ ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଏବଂ ଆଶ୍ରମର ଅନ୍ତେବାସୀ ଓ ବହୁ ଅନୁଗାମୀ ଉପସ୍ଥିତ ଥିଲେ।

# ଆନ୍ଧ୍ରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଟିକିରି, ୧୩।୧୧ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା ଖଣି ଅଞ୍ଚଳ ଭାବେ ପରିଚିତ କାଶୀପୁର ବ୍ଲକ୍ ବାଙ୍କମ୍ଭ ଗାଁରେ ଦାଦନ ଦୁଃଖ ଦେଖିବାକୁ ମିଳିଛି। ବାଙ୍କମ୍ଭ ଗାଁର ଜକ୍କୁ ମାଝୀ(୨୪) ଆନ୍ଧ୍ରପ୍ରଦେଶରେ ଏକ କ୍ରଶରରେ କାମ କରୁଥିବାବେଳେ ଶନିବାର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ଜକ୍କୁଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

ସାମ ମାଝୀଙ୍କ ପୁଅ ଜକ୍କୁ ଆନ୍ଧ୍ରପ୍ରଦେଶର ଓରେଙ୍ଗଲ କ୍ରିଷ୍ଣା ଜିଲାରେ ଏକ ପଥର କ୍ରସରରେ ହିଟାଚି ମେଶିନ ଡ୍ରାଇଭର ଭାବେ କାମ କରୁଥିଲେ। କୌଣସିକାରଣ ବଶତଃ ହିଟାଚି ମେଶିନ୍ ପାହାଡ଼ର ୩ ଶହ ଫୁଟ ତଳକୁ ଖସି ପଡ଼ିଥିଲା। ଫଳରେ ମେଶିନ ତଳେ ଚାପି ହୋଇ ଜକ୍କୁଙ୍କ ମୃତ୍ୟୁ ଘଟିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ଆନ୍ଧ୍ରପ୍ରଦେଶରେ କାମ କରୁଥିବାବେଳେ ବାଙ୍କାମ୍ଭ ଗ୍ରାମର ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି। କାଶୀପୁର ବ୍ଲକ୍ ଖଣିଖାଦାନ ପୂର୍ଣ୍ଣ ଅଞ୍ଚଳ ହୋଇଥିବାବେଳେ ଜିଲାରେ ବଡ଼ ବଡ଼ କମ୍ପାନୀ ରହିଛି। ଏହାସତ୍ତ୍ୱେ ସ୍ଥାନୀୟ ଲୋକେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ବାଙ୍କାମ୍ଭ ପଞ୍ଚାୟତର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଆନ୍ଧ୍ରପ୍ରଦେଶ ଚିଙ୍ଗୁଡି ଫ୍ୟାକ୍ଟ୍ରି ଏବଂ ବିଜୟୱାଡା ଅଞ୍ଚଳରେ କାମ କରୁଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଲୋକଙ୍କ କାମ ଯୋଗାଇ ଦିଆଯିବା ସହ ଦାଦନ ଶ୍ରମିକ ରୋକାଯିବା ନେଇ ସାଧାରଣରେ ଦାବି ହୋଇଛି।

# ମଦ ପିଇବାକୁ ଟଙ୍କା ନ ଦେବାରୁ ଦାଦାଙ୍କୁ ହତ୍ୟାକଲା ପୁତୁରା

**ଜୟପୁର, ୧୩।୧୧ (ପବନ ପାଣିଗ୍ରାହୀ)**

ମଦ ପିଇବାକୁ ଟଙ୍କା ନ ଦେବାରୁ କାଠଫାଳିଆରେ ପିଟି ଜଣେ ଯୁବକ ତାଙ୍କ ଦାଦାଙ୍କୁ ହତ୍ୟା କରିଛନ୍ତି। ଜୟପୁର ସଦର ଥାନା ଅନ୍ତର୍ଗତ ଡୁଙ୍ଗୁରିଗୁଡା ଗ୍ରାମରେ ଘଟିଥିବା ଏହି ହତ୍ୟାକାଣ୍ଡ ସାଧାରଣରେ ଆଲୋଡ଼ନ ଖେଳାଇ ଦେଇଛି। ଅଭିଯୁକ୍ତ ପୁତୁରାଙ୍କୁ ପୋଲିସ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି।

ଖବରରୁ ଜଣାପଡିଛି, ଡୁଙ୍ଗୁରିଗୁଡା ଗ୍ରାମର ମଧୁ ନାୟକ (୨୫) ମିସ୍ତ୍ରି ରୂପେ କାର୍ଯ୍ୟ କରୁଥିବା ତାଙ୍କ ଦାଦା ରାମଚନ୍ଦ୍ର ନାୟକ ପେପର ମିଲ ଛକ ଆଡୁ ଚାଲି ଚାଲି ଆସୁଥିବା ବେଳେ ତାଙ୍କୁ ମଦ ପିଇବା ପାଇଁ ଶହେ ଟଙ୍କା ମାଗିଥିଲେ। ସେ ମନା କରିବାରୁ ମଧୁ ଏକ କାଠଫାଳିଆରେ ରାମଚନ୍ଦ୍ରଙ୍କ ମୁଣ୍ଡକୁ ଖୁବ୍ ଜୋରରେ ପିଟି ଦେଇଥିଲେ। ଏଥିରେ ରାମଚନ୍ଦ୍ର ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ରାମଚନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ରାମଚନ୍ଦ୍ରଙ୍କ ବାପା ଚୈତନ୍ୟ ସଦର ଥାନାରେ ଅଭିଯୋଗ କରିବାରୁ ପୋଲିସ ହତ୍ୟା ମାମଲା ରୁଜୁ କରି ମଧୁଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ କାଠଫାଳିଆ ଜବତ ହୋଇଛି।

# ଫୁଟ୍‌ବଲରେ ନିଆଁ ଲଗାଇ ଖେଳିଲେ

**ରେଢ଼ାଖୋଲ, ୧୩।୧୧ (ଅଚ୍ୟୁତାନନ୍ଦ ପୁରୋହିତ)**

## ଦୀପାବଳି ପାଳନର ନିଆରା ପରମ୍ପରା


କମିଟି ସଦସ୍ୟମାନେ ଫୁଟ୍‌ବଲରେ ନିଆଁ ଲଗାଇ ଖେଳୁଛନ୍ତି।

ସମ୍ବଲପୁର ଜିଲା ରେଢ଼ାଖୋଲ ସହରରେ ଦୀପାବଳି ପାଳନର ଏକ ସ୍ୱତନ୍ତ୍ରତା ରହିଛି। ଦୀପାବଳି ଅବସରରେ ରେଢ଼ାଖୋଲ ଯଦୁମଣି ପାଟଣା ଲକ୍ଷ୍ମୀପୂଜା କମିଟି ସଭ୍ୟମାନେ ରବିବାର ସନ୍ଧ୍ୟାରେ ଫୁଟ୍‌ବଲରେ ନିଆଁ ଲଗାଇ ଖେଳିଥିଲେ। ସ୍ଥାନୀୟ ମିନି ଷ୍ଟାଡିୟମରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ଅଖାରେ ପ୍ରସ୍ତୁତ ଏହି ଫୁଟ୍‌ବଲକୁ ସ୍ୱତନ୍ତ୍ର ଭାବେ ୩ ଦିନ ପୂର୍ବରୁ ପ୍ରସ୍ତୁତ କରାଯାଇ କିରୋସିନରେ ଭିଜାଇ ରଖାଯାଏ। ଦୀପାବଳି ସନ୍ଧ୍ୟାରେ ପ୍ରଥମେ ପୂଜାର୍ଚ୍ଚନା ପରେ ବଲରେ ନିଆଁ ଲଗାଯାଏ ଓ କମିଟି ସଭ୍ୟମାନେ ଏଥିରେ ଅଧଘଣ୍ଟା ଧରି ଖେଳିଥାନ୍ତି। ଖେଳ ପାଇଁ ୨ଟି ବଲ୍ ପ୍ରସ୍ତୁତ କରାଯାଇଥାଏ। ତେବେ ନିଆଁ ଜଳୁଥିବା ବଲ୍ ଖେଳିବାକୁ ଛୋଟ ଛୁଆମାନଙ୍କୁ ବାରଣ କରାଯାଇଛି। ସମସ୍ତେ ହାପ୍ ପ୍ୟାଣ୍ଟ ଓ ଜୋତା ପିନ୍ଧି ପଡ଼ିଆକୁ ଓହ୍ଲାଇଥାନ୍ତି। ନିଆଁ ଲାଗିଥିବା ବଲ୍ ଯେପରି ଆଣ୍ଠୁ ଉପରକୁ ନ ଉଠେ ସେଥିପାଇଁ ସତର୍କ ରହିବାକୁ ସମସ୍ତଙ୍କୁ କୁହାଯାଇଥାଏ। ଖେଳିବା ସମୟରେ ସୁରକ୍ଷା ଦୃଷ୍ଟିରୁ ପାଣିଟ୍ୟାଙ୍କର ଓ ବାଲିବସ୍ତା ପ୍ରସ୍ତୁତକରି ରଖାଯାଏ। ତେବେ ଖେଳ ସରିବାପରେ ସମସ୍ତ ସଭ୍ୟ ଅଗ୍ନିଦେବତାଙ୍କୁ କ୍ଷମା ପ୍ରାର୍ଥନା ମାଗିଥାନ୍ତି। ୪୦ବର୍ଷ ହେବ ଏଭଳି ଏକ ନିଆରା ପରମ୍ପରା ଏଠାରେ ଅନୁଷ୍ଠିତ ହୋଇଆସୁଛି। ଆଇନଜୀବୀ ସ୍ୱର୍ଗତ ପ୍ରଦୀପ ସାମନ୍ତ ପ୍ରଥମେ ଏଭଳି ଏକ ନିଆରା ଖେଳ ଖେଳିବା ଆରମ୍ଭ କରିଥିଲେ। ପରେ ଏହାକୁ ଅନୁକରଣକରି ଯଦୁମଣି ପାଟଣା ଲକ୍ଷ୍ମୀପୂଜା କମିଟି ସଭ୍ୟମାନେ ପ୍ରତିବର୍ଷ ଦୀପାବଳି ଦିନ ଏହି ଖେଳ ଖେଳିଆସୁଛନ୍ତି। କମିଟି ସଭାପତି ସୁଶାନ୍ତ ସାମନ୍ତ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ପ୍ରଶାନ୍ତ ରାଉତ, ମନୋଜ ରାଏଙ୍କ ସମେତ ଅନ୍ୟ ସଭ୍ୟମାନେ ଏହି ନିଆରା ପରମ୍ପରାରେ ସାମିଲ ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଏକାଦଶସ୍ଥ ଶନିଙ୍କ ଯୋଗୁ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବେ। ଆଜିର ଯାତ୍ରା, ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମାଦିରେ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧି ଆଶଙ୍କା ରହିଛି। ଭୁଲ୍ ବୁଝାମଣା କାରଣରୁ କୌଣସି ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** ମାନସିକ ସ୍ଥିତି ବଳବତ୍ତର ରହିବା ହେତୁ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ବଳହୀନ ରବିଙ୍କ ଯୋଗୁ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ସହାନୁଭୂତି ଲାଭ କରିବା ଫଳରେ ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନ ଘଟିବ।

**ମିଥୁନ** ଚନ୍ଦ୍ରଙ୍କ ସହ ବୁଧଙ୍କ ସଂଯୋଗରୁ ଅର୍ଥ ପ୍ରାପ୍ତି ଲାଳସାରେ ବନ୍ଧୁମାନେ ମନଲୋଭା କଥା କହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହୋଇପାରେ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବା ସମ୍ଭାବନା ରହିଛି। ମାନସିକ ସ୍ଥିତି ପୂର୍ବବତ୍ ରହିବା ହେତୁ ପ୍ରତ୍ୟେକ ପରିସ୍ଥିତିକୁ ସମ୍ଭାଳିନେବେ।

**କର୍କଟ** ଚତୁର୍ଥସ୍ଥ ଏକାଧିକ ଗ୍ରହଜନିତ ଆତ୍ମୀୟସ୍ୱଜନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିବ। ଭଲ ସମ୍ପର୍କ ରହିଥିବା ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହ ଯୋଗର ହାତ ବଢ଼ାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ** ଆଜି ଶୁକ୍ରଙ୍କ ପ୍ରଭାବରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଭାବରେ ଆଶ୍ୱସ୍ତି ଲାଭକରିବେ।

**କନ୍ୟା** ଅନ୍ୟମାନଙ୍କ ପାଇଁ ତ୍ୟାଗ ସ୍ୱୀକାରକଲେ ମଧ୍ୟ ସେମାନେ ତାହାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଧନସ୍ଥାନସ୍ଥ ପାପଗ୍ରହ ପ୍ରଭାବରେ ଅସାବଧାନତା କାରଣରୁ ଧନହାନି ସମ୍ଭାବନା ରହିଛି। ସାମାଜିକ ସ୍ତରରେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା,ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷକରିପାରିବେନି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବା ଅନୁଭବ କରିବେ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା କାରଣରୁ ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ,ଯାହାକି କାମକୁ ଆସିବ। ଜମିଜମା କାରଣକୁ ନେଇ କୌଣସି ନିକଟ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** ପାପଯୁକ୍ତ ବୃହସ୍ପତିଜନିତ ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ହଇରାଣରେ ପଡ଼ିପାରନ୍ତି। ହାତକୁ ନେଇଥିବା ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** ସ୍ୱଗୃହୀ ଶନି ଯୋଗୁ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଚନ୍ଦ୍ରମଙ୍ଗଳ ଯୋଗ ହେତୁ ଅଟକି ରହିଥିବା କାମଗୁଡ଼ିକ ତ୍ୱରାନ୍ୱିତ ହେବ। ଘରେ ବନ୍ଧୁମିଳନ ଜନିତ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ମନ ବୁଝିଲା ଭଳି କଥା କହି ପଡ଼ୋଶୀ କାର୍ଯ୍ୟ ହାସଲ କରିନେବେ।

**କୁମ୍ଭ** ଆଜିର ଯାତ୍ରା ପ୍ରୀତିପ୍ରଦ ସାଙ୍ଗକୁ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ତୃତୀୟ ସ୍ଥାନ ପାପଯୁକ୍ତ କାରଣରୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ,ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ** ଧନସ୍ଥାନକୁ ଧନାଧିପଙ୍କ ଦୃଷ୍ଟି ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ହେତୁ କେତେକାଂଶରେ ମନୋବଳ ବଢ଼ିଯିବ। ପାରିବାରିକ ଜୀବନରେ ଛୋଟ ବଡ଼ ଘଟଣାକୁ ବାଦ୍ ଦେଲେ ପ୍ରାୟତଃ ବିଶେଷ ଅସୁବିଧା ରହିବ ନାହିଁ। ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।

ଆଜି ନଭେମ୍ବର ୧୪ ତାରିଖ, ଶିଶୁ ଦିବସ, ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ, ବିଶ୍ୱ ମଧୁମେହ ଦିବସ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହ, କାର୍ତ୍ତିକ ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୫୮ ଗତେ, ଘ. ୦୬।୪୨ ମଧ୍ୟେ, ଘ.୦୮।୪୪ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୪୦ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ | Bhubaneswar, Tuesday, November 14/2023 | ପୃଷ୍ଠା-୧




ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

**ଆଜିର ସମ୍ପାଦକୀୟ**

ଆଉ ଫେରିବେନି

**ଆଜିର ମନ୍ତବ୍ୟ**

"୪ବର୍ଷ ମଧ୍ୟରେ ବାବର ଆଜମ ପାକିସ୍ତାନ କ୍ରିକେଟ୍ ଟିମ୍‌ର କ୍ୟାପ୍‌ଟେନ୍ ତଥା ନେତୃତ୍ୱ ନେବାର ଦକ୍ଷତା ଅର୍ଜନ କରିପାରିଲେ ନାହିଁ।

– ସାହିଦ ଆଫ୍ରିଦି, ପାକିସ୍ତାନର ପୂର୍ବତନ କ୍ରିକେଟର୍

# ୨୪ ଘଣ୍ଟାରେ ଲଘୁଚାପ

## ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୩।୧୧
(ଅନିଲ ଦାସ)

ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ୧୫ ତାରିଖରେ ଏହା ପଶ୍ଚିମ- ଉତ୍ତର ପଶ୍ଚିମଦିଗକୁ ଗତି କରିବ। ୧୬ ତାରିଖରେ ଏହା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଡିପ୍ରେସନ (ଅବପାତ)ରେ ପରିଣତ ହେବ।

ଲଘୁଚାପ ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ମୁହାଁ ହେବାର ସମ୍ଭାବନା ରହିଛି। ଉପକୂଳ ଅତିକ୍ରମ କରିବା ବେଳେ ଏହା ବାତ୍ୟାରେ ପରିଣତ ହେବ ବୋଲି ଅନୁମାନ କରାଯାଉଛି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଏ ନେଇ ଚିତ୍ର ସ୍ପଷ୍ଟ ହେବ। ଲଘୁଚାପ ଓଡ଼ିଶା ଉପକୂଳ ଦେଇ ଗଲାବେଳେ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବ। ଏହାର ପ୍ରଭାବରେ ଆସନ୍ତା ୧୫ ତାରିଖ ରାତ୍ରିରୁ ବର୍ଷା ଆରମ୍ଭ ହେବ। ୧୬ ରୁ ୧୮ ତାରିଖରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଯାଜପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ, ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ☞ପୃଷ୍ଠା-୯








DSPL-365




OIPR-46005/13/0012/2324

କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। **–ଶ୍ରୀଅରବିନ୍ଦ**

# ଆଉ ଫେରିବେନି

ଭାରତରୁ ଛାତ୍ରମାନେ ବିଦେଶ ଯାଇ ପଢ଼ିବାର ଧାରା ପୂର୍ବ ଶତାବ୍ଦୀଗୁଡ଼ିକରୁ ଲାଗିରହିଛି। ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ବି.ଆର୍.ଆମ୍ବେଡ୍କର, ଜବାହରଲାଲ ନେହେରୁ ଏବଂ ଅମର୍ତ୍ତ୍ୟ ସେନ୍‌ଙ୍କ ପର୍ଯ୍ୟନ୍ତ ବହୁ ଭାରତୀୟ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଇଥିଲେ । ଏପରି କି ଓଡ଼ିଶାରୁ ସାରଙ୍ଗଧର ଦାସ ୧୯୦୭ରେ ଜାପାନ ଯାଇ ଟୋକିଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିରେ ପଢ଼ିଥିଲେ। ସେତେବେଳେ ଏହି ସଂଖ୍ୟା ସୀମିତ ରହୁଥିବାବେଳେ ବର୍ତ୍ତମାନ ଏହା ଅନେକ ଗୁଣ ବୃଦ୍ଧି ପାଇଛି। ବିଶେଷକରି ଆମେରିକା ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ସେଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦୁଇଗୁଣ ବଢ଼ିଛି। ଅନ୍ୟପଟେ ସେଠାରେ ଚାଇନାର ଛାତ୍ରୀଛାତ୍ର ସଂଖ୍ୟା ଅଧିକ ଥିଲା ବୋଲି ଯାହା କୁହାଯାଇଆସୁଥିଲା ତାହା ଏବେ ହ୍ରାସ ହୋଇଥିବା ଜଣାପଡ଼ିଛି। ନିକଟରେ ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ହୋମ୍‌ଲାଣ୍ଡ ସିକ୍ୟୁରିଟି ତଥ୍ୟ ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ଆମେରିକାରେ ୩,୨୦,୦୦୦ରୁ ଅଧିକ ଭିଜାଧାରୀ ଭାରତୀୟ ଛାତ୍ରୀଛାତ୍ର ଥିବାବେଳେ ଚାଇନାର ଏହି ସଂଖ୍ୟା ୨,୫୪,୦୦୦ । ଗତ ଦଶନ୍ଧିରେ ମୋଟ ୧୮ ଲକ୍ଷ ଭାରତୀୟ ବିଭିନ୍ନ ଆମେରିକୀୟ ବିଶ୍ୱବିଦ୍ୟାଳୟରେ ଯୋଗଦେଇଛନ୍ତି। ଗତବର୍ଷ ୬୪,୩୦୦ ଭାରତୀୟ ଛାତ୍ରୀଛାତ୍ର ଆମେରିକା ଯାଇଥିବାବେଳେ ଚାଇନାରୁ ଯାଇଛନ୍ତି ୨୪,୭୯୬ ବୋଲି ରିପୋର୍ଟ ସ୍ପଷ୍ଟ କରିଛି। ଆମେରିକା ବ୍ୟତୀତ ବ୍ରିଟେନ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, କାନାଡ଼ା ଏବଂ ଆୟର୍ଲାଣ୍ଡକୁ ଭାରତୀୟ ଛାତ୍ରୀଛାତ୍ରମାନେ ଅଧିକ ସଂଖ୍ୟାରେ ପଢ଼ିବାକୁ ଯାଉଛନ୍ତି। ମହାମାରୀ ପୂର୍ବରୁ ପାଖାପାଖି ୮ ଲକ୍ଷ ଛାତ୍ରୀଛାତ୍ର ବିଦେଶରେ ପଢୁଥିଲେ ଓ ସେମାନେ ବିଦେଶ ଅର୍ଥ ବ୍ୟବସ୍ଥାରେ ୨୪ ବିଲିୟନ ଡଲାର ବ୍ୟୟ କରିଥିଲେ, ଯାହା ଭାରତ ଜିଡିପିର ୧% ଏବଂ ଏହି ପ୍ରତିଶତ ଏବେ ବୃଦ୍ଧି ପାଇବା ସ୍ୱାଭାବିକ। ଭାରତରେ ଚାହିଦା ମୁତାବକ ଗୁଣବତ୍ତା ଶିକ୍ଷାର ଅଭାବ ସହିତ ବିଦେଶରେ ନାମ ଲେଖାରେ ସହଜ ପ୍ରକ୍ରିୟା, ଗବେଷଣା ପାଇଁ ବିଭିନ୍ନ ବିକଳ୍ପ, ମେଧାବୃତ୍ତି ଉପଲବ୍ଧତା ଏବଂ ଉଚ୍ଚ ବେତନର ଚାକିରି ସମ୍ଭାବନା ବିଦେଶରେ ଉଚ୍ଚଶିକ୍ଷା ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରେରିତ କରୁଥାଇପାରେ।

**କେବଳ ବୟସରେ ଯୁବକ ହେଲେ ହେବନାହିଁ, ସେଥିପାଇଁ ଶିକ୍ଷାର ମାନ ଏବଂ ଶିକ୍ଷା ପାଇବାର ସୁବିଧା ଯୁବପିଢ଼ିଙ୍କୁ ମିଳିବା ଦରକାର। ତାହାର ଘୋର ଅଭାବ ଭାରତରେ ଦେଖାଯାଉଛି। ମନେହେଉଛି, ଯେପରି ଏଠାରେ ଉଚ୍ଚ ଶିକ୍ଷିତ ଯୁବପିଢ଼ି ପାଇଁ ଜାଗା ଛାଡ଼ିବାକୁ ବ୍ୟବସ୍ଥା ଅନିଚ୍ଛୁକ।**

ଚିନ୍ତାଜନକ ବିଷୟ ହେଉଛି, ଭାରତରେ ଅତୀତରୁ ଏଯାବତ୍ ଯେଉଁସବୁ ଶିକ୍ଷାନୀତି ଗ୍ରହଣ କରାଯାଇଆସୁଛି ତାହା ସଫଳ ହେବା ଦେଖାଯାଇନାହିଁ। ଅନ୍ୟପକ୍ଷରେ ଶିକ୍ଷାର ଘରୋଇକରଣ ବ୍ୟାପକ ହୋଇଥିଲେ ମଧ୍ୟ ବିଦେଶ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ଶିକ୍ଷା ଓ ଗବେଷଣାରେ ସମକକ୍ଷ ହୋଇପାରିନାହାନ୍ତି। ୨୫ ବର୍ଷରୁ କମ୍ ବୟସ୍କଙ୍କ ସଂଖ୍ୟା ଭାରତ ଜନସଂଖ୍ୟାର ଅଧାରୁ ଅଧିକ ବୋଲି କୁହାଯାଉଛି। କିନ୍ତୁ ଶିକ୍ଷାର ମାନକୁ ଦେଖିଲେ ବିଶ୍ୱସ୍ତରୀୟ ଶୀର୍ଷ ୧୦୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର ଗୋଟିଏ ମଧ୍ୟ ନାହିଁ। ଆମର ବାହାବା ନିଆଯାଉଛି ଯେ, ପୃଥିବୀର ଏକ ଯୁବଦେଶ ଭାବେ ଭାରତ ଅନ୍ୟତମ। କେବଳ ବୟସରେ ଯୁବକ ହେଲେ ହେବନାହିଁ, ସେଥିପାଇଁ ଶିକ୍ଷାର ମାନ ଏବଂ ଶିକ୍ଷା ପାଇବାର ସୁବିଧା ଯୁବପିଢ଼ିଙ୍କୁ ମିଳିବା ଦରକାର। ତାହାର ଘୋର ଅଭାବ ଭାରତରେ ଦେଖାଯାଉଛି। ମନେହେଉଛି, ଯେପରି ଏଠାରେ ଉଚ୍ଚ ଶିକ୍ଷିତ ଯୁବପିଢ଼ି ପାଇଁ ଜାଗା ଛାଡ଼ିବାକୁ ବ୍ୟବସ୍ଥା ଅନିଚ୍ଛୁକ। ଏହାଫଳରେ ପଛେ ଗୁଣ୍ଡାଶ୍ରେଣୀର କିମ୍ବା ଅକାମୀ ଯୁବପିଢ଼ି ଏହି ଦେଶରେ ରହିଯିବେ ଏବଂ ଯେଉଁମାନେ କୌଣସି କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣ କରିପାରିବେ, ସେମାନେ ଦେଶଛାଡ଼ି ଯିବେ। ଏହି ସମସ୍ୟାର ପ୍ରଭାବ ତତ୍‌କ୍ଷଣାତ୍ ପଡ଼ିବ ନାହିଁ, କିନ୍ତୁ ଆସନ୍ତା କେତୋଟି ଦଶନ୍ଧିରେ ଏହାର କୁପ୍ରଭାବ ସମସ୍ତଙ୍କୁ ଜଣାପଡ଼ିବ। କିନ୍ତୁ ଏହାଠାରୁ ଅଧିକ ଗୁରୁତ୍ୱ ଧାରଣ କରୁଛି ଭାରତୀୟ ଅଭିଭାବକମାନଙ୍କର ଏବକାର ମାନସିକ ଚିନ୍ତା। ଏହି ଦେଶରେ ଉଚ୍ଚଶିକ୍ଷିତ ଏବଂ ଉଚ୍ଚ ଅର୍ଥନୈତିକ ଶ୍ରେଣୀର ନାଗରିକ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ସବୁ ମାସରେ ଖବର ପଢ଼ିବାକୁ ମିଳୁଛି, ଯେଉଁଥିରେ ଉଲ୍ଲେଖ ରହିଛି ପୂର୍ବ ମାସରେ କେତେ ହଜାର ଧନୀ କୋଟିପତି ଭାରତୀୟ ବିଦେଶରେ ବସବାସ କରିବା ପାଇଁ ଦେଶ ଛାଡ଼ୁଛନ୍ତି। ଭାରତରେ ବ୍ୟବସାୟ କରିବା ଅଧିକରୁ ଅଧିକ କଷ୍ଟକର ହୋଇପଡୁଛି। ଏହା ବ୍ୟତୀତ ଭାରତୀୟ ଟିକସ ଆଇନ ମଧ୍ୟ ଅତ୍ୟନ୍ତ ଜଟିଳ ହୋଇପଡ଼ିବାରୁ ମଧ୍ୟଶ୍ରେଣୀର ବ୍ୟବସାୟୀ ଏବଂ ଶିଳ୍ପୋଦ୍ୟୋଗୀ ଦେଶ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଏହି ପ୍ରଚ୍ଛଦପଟରେ ଦେଖିଲେ ଭାରତରୁ ପାଠପଢ଼ା ଆଳରେ ଯେଉଁ ଛାତ୍ରୀଛାତ୍ର ବିଦେଶ ଯାଉଛନ୍ତି ସେମାନେ ନିଜ ଦେଶକୁ ଫେରିବାର କୌଣସି ଉଦ୍ଦେଶ୍ୟ ରଖୁନାହାନ୍ତି। ଏଥିରୁ ବୁଝିବାକୁ ହେବ ଯେଉଁ ପରିବାର ନିଜ ପିଲାଙ୍କୁ ବିଦେଶରେ ପଢ଼ାଇବାକୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ, ସେମାନେ ସମସ୍ତେ ପିଲାଙ୍କର ଭବିଷ୍ୟତକୁ ଦେଖି ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଗୋଷ୍ଠୀ ହୁଏତ ରାଜନୈତିକ ଆଲୋଚନାରେ ମତଦେବା ପାଇଁ ଆଗେଇ ଆସନ୍ତି ନାହିଁ। କିନ୍ତୁ ସମସ୍ତେ ଭାରତର ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତିକୁ ଭଲ ଭାବେ ବୁଝିପାରୁଛନ୍ତି। ଅଶାନ୍ତ ଦେଶରେ ରହି ତାଙ୍କର ପିଲାମାନେ ସୁଖରେ ଜୀବନ ବିତେଇପାରିବେ ବୋଲି ବିଶ୍ୱାସ ହରାଇ ବସିଲେଣି ଏହି ମାତାପିତା।

# ମଣିଷ, ପରିବେଶ ଓ ଭଗବାନ୍



ସହଦେବ ସାହୁ

ଯଦି ଗଡ୍ ହାଜ୍ କ୍ରିଏଟେଡ୍ ମାନ୍ ଇନ୍ ହିଜ୍ ଓନ୍ ଇମେଜ୍ (ଭଗବାନ୍ ମଣିଷକୁ ତାଙ୍କ ପ୍ରତିଛବି ରୂପେ ଗଢ଼ିଛନ୍ତି) ତେବେ କାହିଁକି ମଣିଷ ଗଛଲତା ନ ଥିବା ସ୍ଥାନରେ, ଉପଯୋଗୀ ପାଣି ପବନ ନ ଥିବା ଜାଗାରେ ଚଳିପାରୁ ନାହିଁ? ଅନୁକୂଳ ପରିବେଶ ନ ପାଇଲେ କାହିଁକି ନିଶ୍ଚିହ୍ନ ହୋଇଯାଉଛି? ଗଛଲତା ହେଉ କି ଅଣୁଜୀବ, ଅଣ୍ଡଜ ହେଉ କି ସ୍ତନ୍ୟପାୟୀ, କୌଣସି ଜୀବନ୍ତ ବସ୍ତୁ ଖାଦ୍ୟ ବିନା ବଞ୍ଚିପାରିବ ନାହିଁ। ଖାଦ୍ୟ ଯୋଗାଡ଼ କରିବା ଦୃଷ୍ଟିରୁ ଜୀବଜଗତ ୨ଶ୍ରେଣୀର – ଗୋଟିଏ ଆତ୍ମଜୀବୀ (ଅଟୋଟ୍ରଫିକ୍), ଅନ୍ୟଟି ପରଜୀବୀ (ହେଟେରୋଟ୍ରଫିକ୍)। ଅଟୋଟ୍ରଫିକ୍ ଜୀବଟି ନିଜେ ଅଖାଦ୍ୟ ନିର୍ଜୀବ ବସ୍ତୁରୁ ଖାଦ୍ୟ ତିଆରିକରେ । ମଣିଷ ହେଟେରୋଟ୍ରଫିକ୍ ଅର୍ଥାତ୍ ଅନ୍ୟ ଜୀବନ୍ତ ଜିନିଷମାନେ ନିଜ ଅଭିବୃଦ୍ଧି ପାଇଁ ଯେଉଁ ଖାଦ୍ୟ ତିଆରି କରିଥାନ୍ତି ତାକୁ ଖାଏ, ନିଜେ କୌଣସି ନିର୍ଜୀବ ବସ୍ତୁକୁ ଖାଇପାରେନାହିଁ କି ତାକୁ ଖାଇବା ଉପଯୋଗୀ କରିପାରେନାହିଁ। ଅଟୋଟ୍ରଫିକ୍ ଜୀବନ୍ତ ବସ୍ତୁ, ଯଥା ଉଦ୍ଭିଦ, ବାହାରୁ ଶକ୍ତି ଗ୍ରହଣକରି ଅଙ୍ଗାରକାମ୍ଳ ଓ ଜଳ ଭଳି ନିର୍ଜୀବ ସାମଗ୍ରୀରୁ ଖାଦ୍ୟ ତିଆରିକରେ, ତାକୁ ଖାଏ ଓ ଅନ୍ୟକୁ ଯୋଗାଏ। ସୂର୍ଯ୍ୟରୁ ମିଳୁଥିବା ଉର୍ଜାକୁ ଜାଳେଣି ଭାବେ ବ୍ୟବହାରକରି ପାଣି, ଖଣିଜଦ୍ରବ୍ୟ ଓ ଅଙ୍ଗାରକାମ୍ଳ ଭଳି ଅଜୈବ ସାମଗ୍ରୀକୁ ମିଶାଇ ଉଦ୍ଭିଦ ତା'ର ପୋଷକ ବା ପୁଷ୍ଟି (ଷ୍ଟାର୍ଚ) ତିଆରିକରେ । ଏହି ଭାଶ୍ଳେଷଣ ପ୍ରକ୍ରିୟାରେ ଲିପିଡ୍ ଓ ପ୍ରୋଟିନ୍ ଭଳି ବଡ଼ ବଡ଼ ଜଟିଳ ଅଣୁ ବି ତିଆରି ହୁଏ। ସବୁ ପ୍ରାଣୀ ହେଟେରୋଟ୍ରଫିକ୍ – ଗଛଲତାକୁ ଖାଆନ୍ତି କିମ୍ବା ଗଛଲତାକୁ ଖାଇ ବଞ୍ଚିଥିବା ପ୍ରାଣୀକୁ ବି ଖାଆନ୍ତି। ଭଗବାନ୍ ତ ସବୁଠି ଅଛନ୍ତି ବୋଲି ଆମେ ଭାବୁ, ତେବେ ମଣିଷ କାହିଁକି ସବୁଠି ତିଷ୍ଠିପାରୁନାହିଁ, ସେ କାହିଁକି ପରଜୀବୀ?

ଅଟୋଟ୍ରୋଫ୍‌ମାନେ ଯେକୌଣସି ପରିବେଶରେ ବଢ଼ିପାରନ୍ତି, ଯଥା ଆମ ପାଉଁରୁଟିରେ ଥିବା ଇଷ୍ଟ ଯାହା ଦେହରେ ସବୁ ପ୍ରକାର ଏନ୍‌ଜାଇମ୍ ବା ପାଚକ ଅଛି (ଶର୍କରା ଓ ବାୟୋଟିନ୍ ନାମକ କେବଳ ଦୁଇଟି ପାଚକକୁ ଛାଡ଼ି)। ଜୀବ ଯେତେ ଜଟିଳତର ହୋଇଛି ବା ହେଉଛି ସେତେ ପରିମାଣରେ ଏନ୍‌ଜାଇମ୍ ହରାଉଛି। ମଣିଷ ସବୁଠାରୁ ବେଶି ଏନ୍‌ଜାଇମ୍ ହରାଇଛି। ଇତରରୁ ଉଚ୍ଚତର ଶ୍ରେଣୀର ଜୀବକୁ ଦେଖିଲେ ଆମେ ଜାଣିବା ପ୍ରତ୍ୟେକ ପ୍ରଜାତି ଅଧିକରୁ ଅଧିକ ଏନ୍‌ଜାଇମ୍ ହରାଇଛି। ତାହା ବିବର୍ତ୍ତନର ଅର୍ଥାତ୍ ପରିବେଶ ସହ ମିଳିମିଶି ରହିବାର ଫଳ; ଭଗବାନ୍‌ଙ୍କ ସୃଷ୍ଟି ନୁହେଁ; କାରିଗର ଯେପରି ମୂର୍ତ୍ତି ତିଆରିକରେ ଭଗବାନ୍ ସେମିତି ପ୍ରତି ମଣିଷକୁ (ଅନ୍ୟ ଜୀବକୁ ବି) ତିଆରି କରୁନାହାନ୍ତି। ମଣିଷର ବିଭିନ୍ନ ପ୍ରକାର ଆବଶ୍ୟକତା ମଧ୍ୟରେ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରଧାନ, ସେଗୁଡ଼ିକ ମଣିଷକୁ ରେଡିମେଡ୍ (ଅନ୍ୟ ଦ୍ୱାରା ପ୍ରସ୍ତୁତ ହୋଇ) ମିଳିବା ଦରକାର । ଗଛଲତା ହିଁ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରସ୍ତୁତ କରିଥାଏ।



ପ୍ରାଣୀ ଯେତେ ଉଚ୍ଚତର, ପ୍ରକୃତିଠାରୁ ସେତେ ଦୂର; ଖାଦ୍ୟ ଦୃଷ୍ଟିରୁ ସେତେ ପରମୁଖାପେକ୍ଷୀ। ଜଟିଳତର ପ୍ରାଣୀ ହେବା ମାନେ ପରିବେଶ ଉପରେ ନିର୍ଭରକରିବା – ପରିବେଶ ସନ୍ତୁଳିତ ନ ରହିଲେ ପ୍ରାଣୀମାନଙ୍କର ବିନାଶ, ଧର୍ମାଳୁମାନଙ୍କ ଭାଷାରେ ପ୍ରଳୟ ଘଟିବ । ଶରୀର ଗଠନ ଲାଗି ପରିବେଶରୁ ସବୁ ଜିନିଷ ଆଣିପାରୁଥିବାରୁ ସେସବୁ ଜିନିଷ ତିଆରି କରିବାର ଯନ୍ତ୍ରପାତି ବା ଏନ୍‌ଜାଇମ୍ ମଣିଷ ଦେହର କୋଷଗୁଡ଼ିକ ବୋହୁନାହାନ୍ତି । ବରଂ ନିଜର ବୋଝ ହାଲୁକା କରି ବିଶେଷ ଉଦ୍ଦେଶ୍ୟରେ ଓ ସୂକ୍ଷ୍ମତର କାମ ପାଇଁ କୋଷଗୁଡ଼ିକ ଶକ୍ତି ଓ ସ୍ଥାନ, ତେଣୁ ମସ୍ତିଷ୍କକୁ ଖୋରାକ ଯୋଗାଉଛନ୍ତି; ଫଳରେ ଯେଉଁ ବିଶ୍ରାମ ମିଳୁଛି ତାକୁ ବ୍ୟାବହାରିକ କୌଶଳ ବା କାରିଗରି ବିଦ୍ୟାର ବିକାଶରେ ଲଗାଉଛନ୍ତି। ମଣିଷ ଦର୍ଶନ ବା ବିଜ୍ଞାନରେ ମଜ୍ଜି ଯିବାକୁ ସମୟ ପାଉଛି। ପରିବେଶକୁ ପୂରାପୂରି ବ୍ୟବହାର କରିପାରିଲେ ମଣିଷ ଖାଇବା ଲାଗି ଡିନରଟେବୁଲରେ ସମୟ ବିତାନ୍ତା ନାହିଁ, ତା' ଶରୀରର କୋଷଗୁଡ଼ିକ ଆପେ ଆପେ ଖାଦ୍ୟ ସଂଗ୍ରହ କରିନିଅନ୍ତେ ଏବଂ ମଣିଷ ଏକ 'ଜ୍ଞାନ ଅସ୍ତିତ୍ୱ', ସେନ୍‌ସିଏଣ୍ଟ ବିଇଂ ହୋଇଯାଆନ୍ତା, ଆମର ଉପସ୍ଥିତ ଭାଷାରେ ଦେବତା ହୋଇଯାନ୍ତା । ଅବଶ୍ୟ ବିବର୍ତ୍ତନର ନିୟମ ତିଆରି କରିଥିବା ଶକ୍ତିକୁ ଆମେ ଭଗବାନ୍ କହିବା ତ ପ୍ରତି ନିୟମ ମାନିବାକୁ ଧର୍ମ କହିବା। ଭଗବାନ୍ ମୋତେ ରକ୍ଷାକର ପ୍ରାର୍ଥନା କରିବା ବେଳେ ଆମେ କହୁନାହୁଁ କି ଏଣିକି ମୁଁ ପାପ କରିବି ନାହିଁ (ଅର୍ଥାତ୍ ବିବର୍ତ୍ତନର ନିୟମ ଭାଙ୍ଗିବି ନାହିଁ)।

ଧର୍ମ ମାନେ ଅହିଂସ ହେବା କାହିଁକି ଦରକାର? କେବଳ ଖାଦ୍ୟ ଆହରଣରେ ପ୍ରତିଦ୍ୱନ୍ଦ୍ୱୀକୁ ଦୂରେଇଦେବା ଲାଗି ନୁହେଁ, ପ୍ରକୃତିର ଫାଷ୍ଟ ଫୁଡ୍ ପାଇବା ପାଇଁ: ଭୋଜୀର ଅନ୍ତ୍ରରେ ପହଞ୍ଚିଲା କ୍ଷଣି ଭୋଜ୍ୟ ଜୀବର ଟୁକୁରା ଟୁକୁରା ମାଂସ ଓ ରକ୍ତ ଆଦିରୁ ଅଣୁଗୁଡ଼ିକ ଏନ୍‌ଜାଇମ୍-କ୍ରିୟା ଦ୍ୱାରା ଚୂର୍ମାର ହୋଇ ଉଚ୍ଚତର ପ୍ରାଣୀର ଦେହରେ ମିଶେ: ଏଭଳି ପ୍ରସେସିଂ ବା ପ୍ରକ୍ରିୟାକରଣ (ହଜମ କ୍ରିୟା) ଆମ ଦେହରେ ଥିବା ଅଣୁଜୀବମାନେ କରନ୍ତି। ଯଦି ସମସ୍ତେ ମାଂସାଶୀ ହୋଇଥାନ୍ତେ ପୃଥିବୀ ପ୍ରାଣୀଶୂନ୍ୟ ହୋଇସାରନ୍ତାଣି: ଏ ପ୍ରବନ୍ଧଟି ଲେଖିବାକୁ ମୁଁ କି ପଢ଼ିବାକୁ ଆପଣ ନ ଥାନ୍ତେ । ବିବର୍ତ୍ତନର ଏ ନିୟମ ବୁଝିଥିବା ଲୋକ ଧର୍ମର ଦ୍ୱାହିଦେଇ ନିରାମିଷାଶୀ ହୁଅନ୍ତି ।

ଆଉ ଗୋଟିଏ ଦିଗରୁ ଦେଖନ୍ତୁ। ଆମେ ଯାହା ଖାଉ ସବୁଯାକ ଆମ ଦେହରେ ଲାଗେ ନାହିଁ। ଭୋଜ୍ୟ ଉଦ୍ଭିଦ/ପ୍ରାଣୀର ବିଭିନ୍ନ ତନ୍ତୁରେ ଥିବା ଶକ୍ତିର ୧୦% ମାତ୍ର ଭୋଜୀ/ଖାଦକର ଦେହକୁ ଆସେ, ବାକି ୯୦% ମଳମୂତ୍ର ବା ବର୍ଜ୍ୟବସ୍ତୁ ଆକାରରେ ବାହାରିଯାଏ। ହୁଣ୍ଡା ହିସାବରେ ଗୋଟିଏ ବୟସ୍କ ମାଂସାଶୀ ପ୍ରାଣୀ ବଞ୍ଚିବା ଲାଗି ବର୍ଷକୁ ୧୦ଟି ପ୍ରାଣୀ ମାରିବାକୁ ବାଧ୍ୟ; ଏହି କାରଣରୁ ବେଶି ସଂଖ୍ୟକ ପ୍ରାଣୀ ତୃଣଭୋଜୀ। ମଣିଷ, ଭାଲୁ, ଘୁଷୁରି ଭଳି କେତେକ ପ୍ରାଣୀ ଉଭୟ ତୃଣଭୋଜୀ ଓ ମାଂସାଶୀ। ଓଜନ ହିସାବରେ ବୁଝିବା ସହଜ । ସବୁ ତୃଣଭୋଜୀ ପ୍ରାଣୀଙ୍କୁ ଓଜନ କଲେ ମାଂସାଶୀ ପ୍ରାଣୀମାନଙ୍କ ମୋଟ ଓଜନର କୋଟି କୋଟି ଗୁଣ ହେବ । ତୃଣଭୋଜୀମାନେ ବି ଗଛପତ୍ର ଖାଇବାରେ ବହୁ କିଛି ନଷ୍ଟ କରନ୍ତି, କେବଳ ଦଳାଦଳିରେ ନୁହେଁ, ଦେହ ଭିତରେ ହଜମ ପ୍ରକ୍ରିୟା ଭିତରେ ବି। ୧୦୦ କିଲୋ ଘାସ ଖାଇଲେ ଗାଈକୁ ମାତ୍ର ୨ କିଲୋ ପ୍ରୋଟିନ ମିଳେ। ଶୁଖିଲା ନଡ଼ା ଖାଉଥିବା ଗାଈ ନଡ଼ାରୁ ଯାହା ଶକ୍ତ ପାଏ ତାହା ଚୋବାଇବାରେ ହିଁ ଖର୍ଚ୍ଚ କରିଦିଏ, ଦେହ ବୃଦ୍ଧି ପାଇଁ ନାମମାତ୍ର ପାଏ। ସୁଖର କଥା ଯେ ଗଛଲତାମାନେ ଯେତେ ପରିମାଣରେ ଖାଦ୍ୟ ତିଆରି କରନ୍ତି ପ୍ରାଣୀମାନେ ସେତେ ପରିମାଣରେ ଡକାୟତି କରିପାରନ୍ତି ନାହିଁ। ତେଣୁ ଉଦ୍ଭିଦ ଜଗତର ଗୁରୁତ୍ୱ ଏତେ ବେଶି। ଗଛଲତାଶୂନ୍ୟ ହୋଇଗଲେ ପୃଥିବୀରେ ଜୀବସତ୍ତା ରହିବ ନାହିଁ।

ମଣିଷ ଗୋଟିଏ ଅସମ୍ପୂର୍ଣ୍ଣ ଜୀବ। ଯଦି ଭଗବାନ୍ ମଣିଷକୁ ତାଙ୍କ ରୂପରେ ଗଢ଼ିଛନ୍ତି, ଅର୍ଥାତ୍ ମଣିଷ ରୂପ ଭଗବାନ୍‌ଙ୍କ ପରି, ତେବେ ତାହା ଦେହର ଗଠନ କାହିଁକି ସ୍ୱୟଂସମ୍ପୂର୍ଣ୍ଣ ନୁହେଁ? ମଣିଷର ବଂଶାଣୁ ବା ଡିଏନ୍‌ଏ ଅନୁଧ୍ୟାନ ପ୍ରକଳ୍ପ – ଜିନୋମ୍ – ୨୦୦୩ରେ ସରିଯାଇଛି। ଗଣଗଣିଆ ମାଛିର ୧୪,୦୦୦ ଜିନ୍, ନେମାଟୋଡ୍ ପୋକର ୨୦,୦୦୦ ଜିନ୍। ମଣିଷର ଲକ୍ଷାଧିକ ଜିନ୍ ବାହାରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ବାହାରିଛି ୨୦ ରୁ ୨୫ ହଜାର ଭିତରେ; ପୋକଠାରୁ ହୀନ। ଏତେ ବୁଦ୍ଧିଆ ପ୍ରାଣୀର ହଜିଲା ଜିନ୍ ସବୁ କେଉଁଠି ଅଛି? ସେସବୁ ଅଣୁଜୀବମାନଙ୍କଠାରେ ରହିଛି, ଆମ ଦେହ କୋଷଗୁଡ଼ିକ ଯେତିକି ପ୍ରୋଟିନ୍ ତିଆରି କରିପାରୁଛନ୍ତି ତାହାର ୩୬୦ ଗୁଣ ତିଆରି କରୁଛନ୍ତି ଆମ ଦେହ ଭିତରେ ଥିବା ଅଣୁଜୀବମାନଙ୍କ ଦେହରେ ଥିବା ୧୦ ଲକ୍ଷ କୋଟି କୋଷ । ପ୍ରତି ମଣିଷକୁ ଗୋଟିଏ ଗୋଟିଏ ସ୍ମାର୍ଟଫୋନ୍ ଭାବିଲେ ଅଣୁଜୀବମାନେ ହେବେ ଭିନ୍ନ ଭିନ୍ନ ଆପ୍ଲିକେଶନ; ଆମ ଦେହର (ବନ୍ଧୁ) ଅଣୁଜୀବମାନେ ଯଥେଷ୍ଟ ସଂଖ୍ୟାରେ ନ ରହିଲେ ବାହାରର (ଶତ୍ରୁ) ଅଣୁଜୀବମାନେ ସହଜରେ ଦେହରେ ପ୍ରବେଶକରି ଦେହ କୋଷକୁ ନଷ୍ଟ କରିବେ, ତାହା ହିଁ ତ ରୋଗ ଓ ମୃତ୍ୟୁ ଆଣେ! ତେଣୁ ଭଗବାନ୍‌ଙ୍କୁ ପୂଜା କରିବାର ଅନ୍ତର୍ନିହିତ ଅର୍ଥ ପରିବେଶକୁ ସୁସ୍ଥ ରଖିବାର ନିୟମସବୁ ମାନିବା ।

sahadevas@yahoo.com

# ଧର୍ମ ପାଇଁ ରକ୍ତପାତ ବାଞ୍ଛନୀୟ କି



ଡ. ଜୟଦେବ ସାହୁ

ଧର୍ମ ହିଁ ମଣିଷକୁ ପଶୁ ପରିହାର କରି ମାନବୀୟ ଗୁଣରେ ପରିପୂର୍ଣ୍ଣ କରିଛି। ଜୀବନର ମୂଳ ଲକ୍ଷ୍ୟ ମୋକ୍ଷପ୍ରାପ୍ତି ପାଇଁ ବାଟ ଦେଖେଇଛି। ଧର୍ମ ମଣିଷକୁ ଅଧର୍ମ କାର୍ଯ୍ୟରୁ ନିବୃତ୍ତ କରିବାର ଏକ ମାଧ୍ୟମ। ସେଥିପାଇଁ କହନ୍ତି ଧାରୟତି ଇତି ଧର୍ମ। ଅନ୍ୟ ଏକ ସଂସ୍କୃତ ଶ୍ଳୋକ ଧର୍ମର ସଂଜ୍ଞା ପ୍ରଦାନ କରି କହେ :'ଅଥାହିଂସା କ୍ଷମା ସତ୍ୟମ୍ ହିଶ୍ରଦ୍ଧେନ୍ଦ୍ରୀୟ ସଂଯମ /ଦାନମିଜ୍ୟା ତପୋଧ୍ୟାନମ୍ ଦଶକମ୍ ଧର୍ମ ସାଧନମ୍।'

ଅହିଂସା, କ୍ଷମା, ସତ୍ୟ, ଲଜ୍ଜା, ଶ୍ରଦ୍ଧା, ଇନ୍ଦ୍ରିୟ ସଂଯମ, ଦାନ, ଯଜ୍ଞ, ତପ ଏବଂ ଧ୍ୟାନ ଧର୍ମର ଦଶଟି ଗୁଣ। ଏହା କେବଳ ହିନ୍ଦୁଧର୍ମର ସଂଜ୍ଞା ନୁହେଁ ବରଂ ବିଶ୍ୱର ସବୁ ଧର୍ମର ଏହା ଆଚରଣ। କୌଣସି ଧର୍ମ ହିଂସା କିମ୍ବା ଅସତ୍ୟରେ ବିଶ୍ୱାସ କରେନାହିଁ। ମଣିଷକୁ ସତ୍ କର୍ମ, ଅନ୍ୟକୁ ସମ୍ମାନ ଦେବା, ବିପଦରେ ସାହାଯ୍ୟ କରିବା, ନାରୀମାନଙ୍କ ଇଜ୍ଜତ ରକ୍ଷା କରିବାକୁ ଧର୍ମ ଉପଦେଶ ଦିଏ। କିନ୍ତୁ କାଳକ୍ରମେ ଧର୍ମ ନାମରେ ହିଂସା କରିବା, ଅନ୍ୟ ଧର୍ମାବଲମ୍ବୀଙ୍କୁ କାଫିର କହି ବିଦ୍ୱେଷ କରିବା ଏବଂ ଜୋରଜବରଦସ୍ତ ଧର୍ମାନ୍ତର କରିବା ମଣିଷ ପାଇଁ ସ୍ୱାଭାବିକ୍ ହୋଇପଡ଼ିଛି। ପ୍ରେମ ବଦଳରେ ଘୃଣା ଏବଂ ଅହିଂସା ବଦଳରେ ହିଂସା ପ୍ରାୟ ସବୁ ଧର୍ମର ଆଚାର ହେବା ଲକ୍ଷ୍ୟ କରାଯାଏ। ଖ୍ରୀଷ୍ଟ ଧର୍ମ ଦୟା ଓ ପ୍ରେମର ନିଦର୍ଶନ। କିନ୍ତୁ ଆମେରିକାର ମୂଳ ବାସିନ୍ଦାମାନଙ୍କୁ ୟୁରୋପରୁ ଖ୍ରୀଷ୍ଟିୟାନ୍‌ମାନେ ଆସି ଜୋରଜବରଦସ୍ତ ଧର୍ମାନ୍ତର କଲେ ଏବଂ ଯେଉଁମାନେ ଅମଙ୍ଗ ହେଲେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର କଲେ। ଇସ୍‌ଲାମ ଧର୍ମ ଶାନ୍ତି ଓ ନ୍ୟାୟରେ ବିଶ୍ୱାସ କରେ। କିନ୍ତୁ ଜିହାଦ ନାମରେ ଏବଂ ଇସ୍‌ଲାମିକ୍ ଦେଶ ସ୍ଥାପନ ପାଇଁ ଆଇଏସ୍‌ଆଇଏସ୍ ଏବଂ ହମାସ୍ ଭଳି ଉଗ୍ରପନ୍ଥୀ ଗୋଷ୍ଠୀ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ହତ୍ୟା, ଅତ୍ୟାଚାର ଓ ବଳାତ୍କାର କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ବୌଦ୍ଧଧର୍ମ ଅହିଂସା ପାଇଁ ବିଶ୍ୱବିଦିତ। କିନ୍ତୁ ଆଶ୍ଚର୍ଯ୍ୟର କଥା ମ୍ୟାନ୍‌ମାରରେ କିଛି ବୌଦ୍ଧ ଧର୍ମାବଲମ୍ବୀ ରୋହିଙ୍ଗ୍ୟାମାନଙ୍କ ପ୍ରତି ହିଂସା ଆଚରଣ କରୁଛନ୍ତି। ହିନ୍ଦୁ ଧର୍ମ ଶାଶ୍ୱତ ପ୍ରେମ, ଦୟା, କ୍ଷମା ଓ ଅହିଂସାରେ ବିଶ୍ୱାସ ରଖେ। ଭାରତରେ ଏବେ କିଛି ରକ୍ଷଣଶୀଳ ହିନ୍ଦୁ ଅନ୍ୟ ଧର୍ମାବଲମ୍ବୀମାନଙ୍କ ସହିତ ବିଦ୍ୱେଷ ଓ ହିଂସା ଆଚରଣ କରୁଥିବା ଦେଖାଯାଏ। ଏମିତି ପ୍ରାୟ ସବୁ ଧର୍ମ ନିଜ ନୀତି ନିୟମରୁ ବିଚ୍ୟୁତ ହୋଇଥିବା ଉପଲବ୍ଧି ହୁଏ।

ଧର୍ମ ଧର୍ମ ଭିତରେ ତିକ୍ତତା ନୂଆ ନୁହେଁ। ଇତିହାସରୁ ଜଣାଯାଏ, ମାନବ ସଭ୍ୟତା ଯେତିକି ପୁରୁଣା ଓ ଯେଉଁ ଦିନରୁ ବିଭିନ୍ନ ଧର୍ମର ଅଭ୍ୟୁଦୟ ଘଟିଛି, ସେହିଦିନଠାରୁ ଧର୍ମମାନେ ନିଜର ପତିଆରା ଜାହିର କରିବାର ପ୍ରୟାସ କରିଛନ୍ତି। ଏଥିପାଇଁ ଧର୍ମଯୁଦ୍ଧ ସଂଗଠିତ ହୋଇଛି ଓ ଅନେକ ଧନ ଜୀବନ ନଷ୍ଟ ହୋଇଛି। ୧୦୯୫ରୁ ୧୨୯୧ ମସିହା ପର୍ଯ୍ୟନ୍ତ ଖ୍ରୀଷ୍ଟିୟାନ୍ ଓ ମୁସଲମାନ୍‌ମାନଙ୍କ ମଧ୍ୟରେ ଅନେକ ଯୁଦ୍ଧ ହୋଇଥିଲା। ଏହାକୁ ଇଂଲିଶ୍‌ରେ 'କ୍ରୁସେଡ୍' ବୋଲି କୁହାଗଲା। ଇସ୍‌ଲାମ ଧର୍ମର ବ୍ୟାପ୍ତିକୁ ରୋକିବା ଓ ଖ୍ରୀଷ୍ଟ ଧର୍ମର ପବିତ୍ର ସ୍ଥାନକୁ ନିଜ ଅକ୍ତିଆରକୁ ଆଣିବା ଥିଲା ଏହି ଯୁଦ୍ଧର ଲକ୍ଷ୍ୟ। ଜେରୁଜେଲମ୍‌କୁ ପାଇବା ପାଇଁ ଖ୍ରୀଷ୍ଟିୟାନ୍‌ମାନଙ୍କ ଏହି ଯୁଦ୍ଧରେ ଉଭୟ ପକ୍ଷର ପ୍ରଭୂତ କ୍ଷତି ହୋଇଥିଲା। ପ୍ରତି ୨୦ ଖ୍ରୀଷ୍ଟିୟାନ୍‌ଙ୍କ ମଧ୍ୟରୁ ମାତ୍ର ଜଣେ ଜେରୁଜେଲମ୍‌କୁ ପହଞ୍ଚି ଥିବାର ହିସାବ ଅଛି। ଏହି ଯୁଦ୍ଧସମୂହରେ ପ୍ରାୟ ୧୭ ଲକ୍ଷ ଲୋକ ହତାହତ ହୋଇଥିଲେ। ସ୍ପେନ୍‌ରେ ପଞ୍ଚଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ଭିତରେ କ୍ୟାଥୋଲିକ୍‌ମାନେ ନିଜ ଧର୍ମର ବଡ଼ିମା ରକ୍ଷା ପାଇଁ ଅନେକ ଇହୁଦୀ ଏବଂ ମୁସଲମାନ୍‌ମାନଙ୍କୁ ଅତ୍ୟାଚାର କରିଥିବା ଇତିହାସରୁ ଜଣାଯାଏ। ଯେଉଁମାନେ କ୍ୟାଥୋଲିକ୍‌ମାନଙ୍କ ଧର୍ମକୁ ମହାନ୍ ବୋଲି ମାନୁ ନ ଥିଲେ ସେମାନଙ୍କୁ ଭୋକରେ ରଖାଯାଉଥିଲା, ବହୁତ ପାଣି ପିଇବାକୁ ଦିଆଯାଉଥିଲା ଏବଂ ଜଳନ୍ତା ଅଙ୍ଗାର ଦେହର ବିଭିନ୍ନ ଅଙ୍ଗରେ ରଖି ଦିଆଯାଉଥିଲା। ଏହି ପ୍ରକ୍ରିୟାରେ ପ୍ରାୟ ୩୨ ହଜାର ଇହୁଦୀ ଓ ମୁସଲମାନ୍‌ମାନଙ୍କୁ ହତ୍ୟା କରାଯାଇଥିଲା। ଆଉ ଏକ ଧର୍ମଯୁଦ୍ଧ ୧୬୧୮ରୁ ୧୬୪୮ ମଧ୍ୟରେ ୟୁରୋପରେ ସଂଗଠିତ ହୋଇଥିଲା। ଏହାକୁ ୩୦ ବର୍ଷର ଯୁଦ୍ଧ ବୋଲି କୁହାଯାଏ। ଏହା କ୍ୟାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ୍‌ସମାନଙ୍କ ଭିତରେ ହୋଇଥିଲା, ଯାହା ଜର୍ମାନୀ, ଫ୍ରାନ୍ସ, ସ୍ପେନ୍, ସ୍ୱିଡେନ ପ୍ରଭୃତି ରାଷ୍ଟ୍ରରେ ବ୍ୟାପିଥିଲା। ପ୍ରାୟ ୮୦ ଲକ୍ଷ ଲୋକଙ୍କୁ ହତ୍ୟା କରାଯାଇଥିଲା। ବର୍ତ୍ତମାନ ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଧର୍ମ ଏବଂ ଜେରୁଜେଲମ୍‌କୁ ନେଇ ଭୟଙ୍କର ଯୁଦ୍ଧ ଚାଲିଛି, ଯେଉଁଥିରେ ହଜାର ହଜାର ଇହୁଦୀ ଓ ମୁସଲମାନ ମୃତ୍ୟୁବରଣ କରୁଛନ୍ତି। ହମାସ୍ ଭଳି ଆତଙ୍କି ଗୋଷ୍ଠୀ ଧର୍ମ ନାମରେ ଆକ୍ରମଣ କରୁଥିବାରୁ ମଣିଷମାନେ ମରୁଛନ୍ତି।



ଭାରତକୁ ମୁସଲମାନ ଶାସକମାନେ ଅନେକବାର ଆକ୍ରମଣ କରି ମନ୍ଦିର ଧ୍ୱଂସ କରିଛନ୍ତି ଏବଂ ଇସ୍‌ଲାମ ଧର୍ମ ଗ୍ରହଣ ପାଇଁ ବାଧ୍ୟ କରିଛନ୍ତି। ବର୍ତ୍ତମାନ ଭାରତ ବର୍ଷ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଲେ ମଧ୍ୟ ଧର୍ମ ନାମରେ ସ୍ୱାର୍ଥସର୍ବସ୍ୱ ମଣିଷମାନେ ଦଙ୍ଗା ସୃଷ୍ଟି କରୁଛନ୍ତି। ୧୮୫୭ର ଭରୁଚ ଦଙ୍ଗା, ୧୯୨୭ର ନାଗପୁର ଦଙ୍ଗା, ୧୯୬୪ର କଲିକତା ଦଙ୍ଗା ପ୍ରଭୃତି ଘଟଣାମାନ ଅନେକ ଧନଜୀବନ ନଷ୍ଟ କରିଛନ୍ତି। କେବଳ ୧୯୪୭ର ଦଙ୍ଗାରେ ୨୦ ଲକ୍ଷ ଲୋକ ଜୀବନ ହରାଇଥିବା ଅନୁମାନ କରାଯାଏ।

ଏତେ ରକ୍ତପାତରୁ ଧର୍ମକୁ ମିଳୁଛି କ'ଣ? ଧର୍ମ ନାମରେ ମଣିଷ ପଶୁ ପାଲଟି ଯାଉଛି। ମନେରଖିବା ଉଚିତ ଯେ, କୌଣସି ଧର୍ମ ସାନ ନୁହେଁ କି ବଡ଼ ନୁହେଁ। ଯେ କୌଣସି ଧର୍ମ ବିନାଶ କିମ୍ବା ଅତ୍ୟାଚାରକୁ ପ୍ରୋତ୍ସାହନ ଦିଏନାହିଁ। ମଣିଷ ଏତେ ଶିକ୍ଷିତ ହୋଇ ମଧ୍ୟ ନିଜ ଧ୍ୱଂସକୁ ଡାକିଆଣୁଛି ଧର୍ମ ପାଇଁ। ଯେଉଁ ଧର୍ମ ଅନ୍ୟ ଧର୍ମକୁ ନ୍ୟୂନ ମନେକରେ ତାହା ଧର୍ମ ପଦବାଚ୍ୟ ନୁହେଁ। ଯେଉଁମାନେ ଧର୍ମାନ୍ଧ ସେମାନେ ପ୍ରକୃତରେ ଶିକ୍ଷିତ ନୁହନ୍ତି। ସେମାନଙ୍କୁ ସାହିତ୍ୟ ହିଁ ଠିକ୍ ରାସ୍ତାକୁ ଆଣିପାରିବ। କାରଣ ସାହିତ୍ୟ ମାନବବାଦ୍‌ରେ ବିଶ୍ୱାସ କରେ।

**କଳାହାଣ୍ଡି ବିଶ୍ୱବିଦ୍ୟାଳୟ,**
**ଭବାନୀପାଟଣା, ମୋ– ୭୯୭୮୯୯୦୦୧୬**

## ଏଇ ଭାରତରେ

ଦୀପାବଳି ପାଳନ ହେଲା ସାରା ଦେଶରେ। କେଉଁଠି ପରିବେଶ ପ୍ରଦୂଷଣ ଭୟ ଯୋଗୁ ବାଣଫୁଟା ଉପରେ କଟକଣା ଲଗାଯାଇଥିବାବେଳେ କେଉଁଠି ପରିବେଶ ଉପଯୋଗୀ ଅନ୍ୟ ବ୍ୟବସ୍ଥା ସବୁ ଗ୍ରହଣ କରାଯିବା ଦେଖିବାକୁ ମିଳିଲା। ସେହି କ୍ରମରେ ଗୋବରରେ ତିଆରି ଦୀପର ବ୍ୟବହାର ନଜରକୁ ଆସିଲା ଉତ୍ତରପ୍ରଦେଶରେ। ଗ୍ରାମୀଣ ଉତ୍ତରପ୍ରଦେଶରେ ମହିଳାମାନେ ଗୋବରରେ ଦୀପ ତିଆରି କରି ବେଶ୍ ଭଲ ରୋଜଗାର କରିଛନ୍ତି। ଏଭଳି ଦୀପ ତିଆରି କରିବାର ବିନ୍ଧାଣୀ ହେଉଛନ୍ତି ଆଇଏଏସ୍ ଅଧିକାରୀ ଦୁର୍ଗା ଶକ୍ତି ନାଗପାଲ। ସେ ବନ୍ଦାର ଜିଲାପାଳ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ବନ୍ଦାର ଦୁର୍ଗମ ଗାଁଗୁଡ଼ିକରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇ ଏହି ଦୀପ ତିଆରି କରିପାରିଛନ୍ତି। ଏହା ଦୀପାବଳି ବ୍ୟତୀତ ଅନ୍ୟ କାର୍ଯ୍ୟରେ ବି ବ୍ୟବହାର କରାଯାଇପାରିବ ବୋଲି କହନ୍ତି ନାଗପାଲ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ନଭେମ୍ବର ୧୯୯୮

- ସମ୍ବଲପୁରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପ୍ରଭାବତୀ ଦେବୀଙ୍କ ୮୯ ବର୍ଷ ବୟସରେ ପରଲୋକ।
- ୯୫୦ କୋଟି ଟଙ୍କାର ଗୋଖାଦ୍ୟ ଦୁର୍ନୀତି ଷଡ଼ଯନ୍ତ୍ର ମାମଲାରେ ନିୟମିତ ଜାମିନ ଆବେଦନ କରି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଏବଂ ଡଃ ଜଗନ୍ନାଥ ମିଶ୍ର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ।
- କାମ୍ବୋଡିଆରେ ଏକ ମିଳିତ ସରକାର ଗଠନ ପାଇଁ ଏହାର ପ୍ରଧାନମନ୍ତ୍ରୀ ତଥା ପ୍ରଭାବଶାଳୀ ନେତା ହୁନସେନ ଏବଂ ବିରୋଧୀ ନେତା ଯୁବରାଜ ନରୋଦ୍ଦମ ରଣରିଧଙ୍କ ସହ ବୁଝାମଣା।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 4 |
| | | 7 | | 1 | 6 | | | |
| | | | | | 8 | | | |
| | | | | | | 8 | | 3 |
| 9 | | | | 4 | | 1 | | |
| | | 3 | 7 | 6 | | | | 9 |
| 5 | 8 | | | | 1 | | | |
| | | | | | 2 | 3 | | |
| | 9 | | | | | | 5 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 6 | 1 | 3 | 4 | 5 | 2 | 8 |
| 5 | 4 | 3 | 7 | 2 | 8 | 6 | 1 | 9 |
| 1 | 2 | 8 | 5 | 9 | 6 | 7 | 4 | 3 |
| 2 | 3 | 7 | 9 | 8 | 1 | 4 | 6 | 5 |
| 6 | 5 | 9 | 3 | 4 | 7 | 1 | 8 | 2 |
| 8 | 1 | 4 | 6 | 5 | 2 | 3 | 9 | 7 |
| 9 | 6 | 1 | 8 | 7 | 3 | 2 | 5 | 4 |
| 4 | 7 | 5 | 2 | 1 | 9 | 8 | 3 | 6 |
| 3 | 8 | 2 | 4 | 6 | 5 | 9 | 7 | 1 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାନସିକ ରୋଗୀଙ୍କ ପ୍ରତି ଧ୍ୟାନ ଦିଆଯାଉନି

ମହାଶୟ,

ବିଶ୍ୱ ମାନସିକ ରୋଗ ଦିବସରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ଓଡ଼ିଆ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଓଡ଼ିଶାର ସମସ୍ତ ଡାକ୍ତରଖାନାରେ ମାନସିକ ଚିକିତ୍ସକ ଅଛନ୍ତି ଓ ମାନସିକ ରୋଗୀଙ୍କ ପରିବାର ଯୋଗାଯୋଗ କରନ୍ତୁ ବୋଲି କୁହାଯାଇଥିଲା। କିନ୍ତୁ ପ୍ରକୃତ ପକ୍ଷେ, କଟକ ବଡ଼ ଡାକ୍ତରଖାନା, ବ୍ରହ୍ମପୁର ଓ ସମ୍ବଲପୁର ବଡ଼ଡାକ୍ତରଖାନାରେ ମାନସିକ ରୋଗର ଚିକିତ୍ସକ ଅଛନ୍ତି, ଅନ୍ୟଠାରେ ନାହାନ୍ତି।ଏହି ଡାକ୍ତରମାନେ ଓଡ଼ିଶାର ବିଭିନ୍ନ ଘରୋଇ କ୍ଲିନିକ ଯାଇ ରବିବାର ପରାମର୍ଶ ଫିସ୍ ୪୦୦ ଟଙ୍କା ନେଇ ଦେଖନ୍ତି। ମାନସିକ ରୋଗୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ସାହାଯ୍ୟ ଯୋଜନା ଅଛି। କିନ୍ତୁ ରୋଗୀଙ୍କ ପରିବାର ପାଆନ୍ତି ନାହିଁ। ତେଣୁ ରାସ୍ତାରେ ରୋଗୀମାନେ ବୁଲୁଛନ୍ତି।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

## ଚିରନ୍ତନୀ

ଗୋପେ ଉଠୁଥିଲା ଯେ ସ୍ୱନ ଲହରୀ
ଆଜି ଶୁଭେ ସେ ଧ୍ୱନି ଭୁବନ ଭରି,
ନବ ନବ ଛନ୍ଦେ ସେ ଉଠଇ ବାଜି
ନବ ନବ ସ୍ପନ୍ଦନ ରଚଇ ଆଜି!
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂଖ୍ୟାଲଘୁଙ୍କ ପାଇଁ ୧୫୦ ସାଂସ୍କୃତିକ-ଗୋଷ୍ଠୀ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ୪୫ କୋଟି ମଞ୍ଜୁର**

**ଭୁବନେଶ୍ୱର,(ଅନିଲଦାସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୨୨ଟି ଜିଲାରେ ସଂଖ୍ୟା ଲଘୁ ସମ୍ପ୍ରଦାୟଙ୍କ ଲାଗି ୧୫୦ଟି ବହୁମୁଖୀ ସାଂସ୍କୃତିକ-ଗୋଷ୍ଠୀ କେନ୍ଦ୍ରକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଗୋଷ୍ଠୀ କେନ୍ଦ୍ର ଖ୍ରୀଷ୍ଟିୟାନ, ମୁସଲମାନ, ବୌଦ୍ଧ ଏବଂ ଶିଖ ସମୁଦାୟ ପାଇଁ ନିର୍ମାଣ କରାଯିବ। ଏଥିରେ ସଂଖ୍ୟାଲଘୁ ସମ୍ପ୍ରଦାୟଗୁଡ଼ିକ ସେମାନଙ୍କର ବିଭିନ୍ନ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ କରିପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହାଦ୍ୱାରା ଆମ ରାଜ୍ୟର ସଂଖ୍ୟା ଲଘୁ ସମ୍ପ୍ରଦାୟ ଲୋକମାନଙ୍କର ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ହୋଇ ପାରିବ।

# ରାଜ୍ୟର ପ୍ରଥମ ଟ୍ରାଭେଲ୍ ହେଲ୍ଥ କ୍ଲିନିକ୍‌ର ଶୁଭାରମ୍ଭ

■ ବିଦେଶ ଯାତ୍ରୀଙ୍କ ପାଇଁ ମିଳିବ ସମସ୍ତ ସୂଚନା

■ ସପ୍ତାହକୁ ଦୁଇଥର ଖୋଲିବ କ୍ଲିନିକ୍

ଭୁବନେଶ୍ୱର, ୧୩।୧୧
(ଅସମାପିକା ସାହୁ)




ଟ୍ରାଭେଲ୍ ହେଲଥ୍ କ୍ଲିନିକର ଶୁଭାରମ୍ଭ ଅବସରରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନେ।

ନିରାପଦ ତଥା ସୁସ୍ଥ ଭ୍ରମଣ ସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ସୁରକ୍ଷା ଦେବାରେ ଟ୍ରାଭେଲ ମେଡିସିନର ଭୂମିକା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। ତେଣୁ ବିଦେଶ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କ ପାଇଁ ଗୋଟିଏ ସ୍ଥାନରେ ପୂର୍ଣ୍ଣାଙ୍ଗ ସୂଚନା ଉପଲବ୍ଧ ହେବା ନିହାତି ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଏମ୍ସ ଭୁବନେଶ୍ୱର ପକ୍ଷରୁ ସୋମବାର ରାଜ୍ୟର ପ୍ରଥମ ଟ୍ରାଭେଲ୍ ହେଲ୍ଥ କ୍ଲିନିକ୍‌ର ଶୁଭାରମ୍ଭ କରାଯାଇଛି। ଏମ୍ସର କମ୍ୟୁନିଟି ମେଡିସିନ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଟ୍ରାଭେଲ ହେଲ୍ଥ କ୍ଲିନିକ୍ ସପ୍ତାହର ପ୍ରତି ସୋମବାର ଏବଂ ଗୁରୁବାର ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ବାହାର ଦେଶରେ ଥିବା ବିଭିନ୍ନ ସଂକ୍ରାମକ ରୋଗ ସହିତ ଅନ୍ୟାନ୍ୟ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ନିମନ୍ତେ ଏହି କ୍ଲିନିକ୍‌ର ସହଯୋଗ ନିମନ୍ତେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷକରି ଜୀବିକା ଅନ୍ୱେଷଣରେ ବାହାର ଦେଶକୁ ଯାଉଥିବା ବ୍ୟକ୍ତିଙ୍କ ପାଇଁ ଏହି କ୍ଲିନିକ୍ ଅଧିକ ସହାୟକ ହେବ ବୋଲି ଡା. ବିଶ୍ୱାସ ଆଶାବ୍ୟକ୍ତ କରିଛନ୍ତି। ଏହି ସ୍ୱତନ୍ତ୍ର କ୍ଲିନିକ ୟେଲୋ ଫିଭର ଟିକା ଭଳି କେତେକ ଦେଶ ଆବଶ୍ୟକ କରୁଥିବା ନିର୍ଦ୍ଦିଷ୍ଟ ଟିକା ସହିତ ଅତ୍ୟାବଶ୍ୟକ ଟିକାକରଣ ସେବା, ଯାତ୍ରା ସମୟରେ ସୁସ୍ଥ ଆଚରଣ, ଜରୁରିକାଳୀନ ପରିସ୍ଥିତିରେ ବ୍ୟବହାର ପାଇଁ କଷ୍ଟୋମାଇଜଡ ମେଡିକାଲ କିଟ୍ ଏବଂ ଅନ୍ୟାନ୍ୟ ପରାମର୍ଶ ଯୋଗାଇଦେବ।

ଉଦ୍‌ଘାଟନୀ ସମାରୋହରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ, ଭାରତ ସରକାରଙ୍କ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶିକା ଡା. ସୁଚିତ୍ରା ସାସ୍‌ମଲ, ରାଜ୍ୟ ଟିକାକରଣ ଅଧିକାରୀ ଡା. ତାପସ ପାତ୍ର, ଭୁବନେଶ୍ୱର ବିମାନବନ୍ଦର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ଦାଶ, କମ୍ୟୁନିଟି ଏବଂ ଫ୍ୟାମିଲି ମେଡିସିନ ବିଭାଗ ମୁଖ୍ୟ ଡା. ସୋନୁ ହାଙ୍ଗମା ସୁବା ପ୍ରମୁଖ ଉପସ୍ଥିତ ଥିଲେ।

ଅତିରିକ୍ତ ପ୍ରଫେସର ତଥା ଇମ୍ୟୁନାଇଜେଶନ୍ କ୍ଲିନିକ୍ ମୁଖ୍ୟ ଡା. ସ୍ୱୟଂପ୍ରଜ୍ଞା ପରିଡ଼ା ଏହି ଅଭିନବ ପ୍ରୟାସ ନିମନ୍ତେ କ୍ଲିନିକର ସଦସ୍ୟ ଡା. ଅରବିନ୍ଦ ସିଂ ଏବଂ ଡା. ଅଭିଷେକ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ।

# ଆଜିଠୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

■ ଯୋଗଦେବେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

■ ମୁଖ୍ୟ ଆକର୍ଷଣ ସାଜିବ 'ଆକାଂକ୍ଷୀ ପାଭିଲିୟନ୍'

ଭୁବନେଶ୍ୱର, ୧୩।୧୧
(ଅସମାପିକା ସାହୁ)




ଶିଶୁ ଦିବସ ଅବସରରେ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆରମ୍ଭ ହେବ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବ୍ଲକ୍ ଓ ଜିଲାସ୍ତରରୁ ବିଜୟୀ ହୋଇଥିବା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜିବ 'ଆକାଂକ୍ଷୀ ପାଭିଲିୟନ୍'। ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଆକାଂକ୍ଷୀ ପାଠ୍ୟକ୍ରମ ଏବଂ କ୍ଲବ୍ କାର୍ଯ୍ୟକ୍ରମଗୁଡ଼ିକ ଏହି ପାଭିଲିୟନ୍‌ରେ ପ୍ରଦର୍ଶିତ ହେବ। ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ ଅଧୀନରେ ଗ୍ରହଣ କରାଯାଇଥିବା ବିଭିନ୍ନ ଅଭିନବ ପଦକ୍ଷେପକୁ ଛାତ୍ରୀଛାତ୍ର, ଶିକ୍ଷକ ଓ ଦର୍ଶକମାନେ ଦେଖିପାରିବେ। ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ। ଏହା ବ୍ୟତୀତ ଛାତ୍ରୀଛାତ୍ରଙ୍କ ପାଇଁ ମହୋତ୍ସବରେ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉତ୍ସବର ଦ୍ୱିତୀୟ ଦିନରେ ଛାତ୍ରୀଛାତ୍ର ଖଣ୍ଡିଗିରି, ଉଦୟଗିରି, ଧଉଳିଗିରି, ନନ୍ଦନକାନନ, କଳାଭୂମି, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଅନୁସୂଚିତ ଜାତି ଓ ଜନଜାତି ସଂଗ୍ରହାଳୟ, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଓ ନାଚୁରାଲ ହିଷ୍ଟ୍ରି ଅଫ୍ ମ୍ୟୁଜିୟମ୍ ପରିଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି। ଅପରାହ୍ନରେ ମୁଖ୍ୟ ଆକର୍ଷଣ ସାଜିବ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ 'ଛାୟା ମିଳିତ ଜାତିସଂଘ'।

ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହାକୁ ଉଦ୍‌ଘାଟନ କରିବେ। ମୁଖ୍ୟ ଅତିଥି ଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେବେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଦେବାର କାର୍ଯ୍ୟକ୍ରମ ରହିଥିବା ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**kotak କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ**

ପଞ୍ଜୀକୃତ କାର୍ଯ୍ୟାଳୟ: ୨୭-ବିକେସି, ସି-୨୭, ଜି-ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ଇ), ମୁମ୍ବାଇ-୪୦୦୦୫୧
ଶାଖା କାର୍ଯ୍ୟାଳୟ: ୧ମ ମହଲା-ନରୁଲା ବିଲ୍ଡିଂ, ୟୁନିଟ୍-୩, ଖାରବେଳ ନଗର, ଶ୍ରୀୟା ଛକ ନିକଟ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧

**ପରିଶିଷ୍ଟ IV [ନିୟମ ୮(୧) ଦେଖନ୍ତୁ] ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ, ବ୍ୟାଙ୍କିଙ୍ଗ୍ ବିନିମୟ ଅଧିନିୟମ, ୧୯୪୯ର ଅର୍ଥର ପରିସର ମଧ୍ୟରେ ଆସୁଥିବା ଏକ ବ୍ୟାଙ୍କିଙ୍ଗ୍ କମ୍ପାନୀ ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ ୨୭ବିକେସି, ସି୨୭, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ଇ), ମୁମ୍ବାଇ - ୪୦୦୦୫୧ ଏବଂ ଶାଖା କାର୍ଯ୍ୟାଳୟ ସ୍ଥାନ ''କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ, ୧ମ ମହଲା-ନରୁଲା ବିଲ୍ଡିଂ, ୟୁନିଟ୍-୩, ଖାରବେଳ ନଗର, ଶ୍ରୀୟା ଛକ ନିକଟ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧ ତଥା ୪ର୍ଥ ମହଲା, ବ୍ଲକ୍-ଏ, ୨୨ କାମାକ୍ ଷ୍ଟ୍ରିଟ୍, କୋଲକାତା-୭୦୦୦୧୬ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ (''ସରଫାଏସି ଅଧିନିୟମ'') ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩ ସହିତ ପଠନପୂର୍ବକ ଧାରା ୧୩(୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି **ଋଣ ଖାତା ନଂ.- ୪୧୧୨୨୮୯୭୮୦ ଏବଂ ୦୪୯୩ସିଏଲ୍୦୧୦୦୦୦୦୦୦୧** ନିମନ୍ତେ ତା୨୫।୦୧।୨୦୨୩ରିଖ ଦିନ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା/ଗଣ / ପକ୍ଷବୃନ୍ଦ **ନୋବଲ୍ ଆଗ୍ରୋଟେକ୍ ପ୍ରା. ଲିଃ (ଋଣଗ୍ରହୀତା), ପ୍ରତାପ କୁମାର ମହାନ୍ତି (ଗ୍ୟାରେଣ୍ଟିଦାତା), ସୂର୍ଯ୍ୟ ନାରାୟଣ ରଥ (ଗ୍ୟାରେଣ୍ଟିଦାତା), ବିଦ୍ୟାଧର ମହାନ୍ତି (ଗ୍ୟାରେଣ୍ଟିଦାତା), ସବିତା ମହାନ୍ତି (ଗ୍ୟାରେଣ୍ଟିଦାତା ଓ ବନ୍ଧକଦାତା)**ଙ୍କୁ ଉକ୍ତ ନୋଟିସରେ ଦର୍ଶିତ ଅର୍ଥରାଶି ଅର୍ଥାତ୍ ଋଣ ଖାତା ନଂ. **୪୧୧୨୨୮୯୭୮୦ ଅଧୀନରେ ଟ.୪୫,୬୬,୮୩୯.୩୩/- ଏବଂ ଋଣ ଖାତା ନଂ. ୦୪୯୩ସିଏଲ୍୦୧୦୦୦୦୦୦୦୧ ଅଧୀନରେ ଟ.୭,୨୦୩୮୩.୯୭/-, ସର୍ବମୋଟ ଟ.୫୨,୮୭,୨୨୩.୩୦/- (ବାଉନ ଲକ୍ଷ ସତାଅଶୀ ହଜାର ଦୁଇଶହ ତେଇଶୀ ଟଙ୍କା ଓ ତିରିଶ ପଇସା ମାତ୍ର)**କୁ କଥିତ ଡିମାଣ୍ଡ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ ।

ଉପରୋକ୍ତ ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକଦାତା ଉକ୍ତ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ଦ୍ୱାରା ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକଦାତା ତଥା ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ କଥିତ ନିୟମାବଳୀର ନିୟମ ୮ ସହିତ ପଠନପୂର୍ବକ କଥିତ ଅଧିନିୟମର ଧାରା ୧୩(୪) ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ତା୦୮।୧୧।୨୦୨୩ରିଖ ଦିନ ନିମ୍ନବର୍ଣ୍ଣିତ ସମ୍ପତ୍ତିର ସାଙ୍କେତିକ ଦଖଲ ନେଇଛନ୍ତି ।

ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮) ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି ।

ବିଶେଷକରି, ଉପରଦର୍ଶିତ ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକଦାତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ସମ୍ପତ୍ତି ସହିତ କୌଣସି ନେଣଦେଣ ନ କରିବା ପାଇଁ ସତର୍କ କରିଦିଆଯାଉଛି ଏବଂ ସମ୍ପତ୍ତି ସହିତ କୌଣସି ନେଣଦେଣ କରାଗଲେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍ ଦ୍ୱାରା ତା୨୬।୦୧।୨୦୨୩ରିଖରୁ ମୋଟ **ଟ.୫୨,୮୭,୨୨୩.୩୦/- (ବାଉନ ଲକ୍ଷ ସତାଅଶୀ ହଜାର ଦୁଇଶହ ତେଇଶୀ ଟଙ୍କା ଓ ତିରିଶ ପଇସା ମାତ୍ର)**ର ଚାର୍ଜ ସହିତ ଚୁକ୍ତିମୂଳକ ଦର ଓ ବିକଳ୍ପ ସୁଧ ହାରରେ ଭବିଷ୍ୟତ ସୁଧ, ଆନୁସଙ୍ଗିକ ବ୍ୟୟ, ଖର୍ଚ୍ଚ ଓ ଶୁଳ୍କ ଇତ୍ୟାଦି ଲାଗୁ କରାଯିବ ।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ହାଲ୍ ମ୍ୟୁଟେସନ ଖାତା ନଂ.୬୪/୫୧, ପ୍ଲଟ୍ ନଂ.୭୭/୫୬୦, ରକବା ଏ.୦.୦୨୫ ଡେସିମିଲ, ସ୍ଥିତି- ସ୍ଥିତିବାନ, କିସମ- ଘରବାରି (ହୋମ୍‌ଷ୍ଟିଡ୍)ରେ ସମ୍ବଳିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ ସମେତ ନିର୍ମିତ ଢାଞ୍ଚା ସହ, ହାଲ୍ ମ୍ୟୁଟେସନ ଖାତା ନଂ. ୬୪/୩୬, ମୌଜା- ମହାଭୋଇଶାସନ, ତହସିଲ: ଭୁବନେଶ୍ୱର, ଥାନା- ଲିଙ୍ଗରାଜ, ଥାନା ନଂ. ୭୩, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ଅନୁରୂପ ।

**ତାରିଖ: ୦୮।୧୧।୨୦୨୩ ସ୍ଥାନ: ଭୁବନେଶ୍ୱର (ପ୍ରାଧିକୃତ ଅଧିକାରୀ), କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ**

# ହଷ୍ଟେଲରେ ୩ୟ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ

କେନ୍ଦୁଝର, ୧୩।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ବିଭାଗୀୟ ତଦନ୍ତ ଆରମ୍ଭ, ରୋଷେୟା ଫେରାର**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଗୋନାସିକା ପଞ୍ଚାୟତ ଯନ୍ତାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ରୋଷେୟା ଅସଦାଚରଣ କରିଛନ୍ତି। ଛାତ୍ରୀ ବିରୋଧ କରିବାରୁ ରୋଷେୟା ମାଡ଼ ମାରିଥିବା ଜଣାପଡ଼ିଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଅଭିଯୋଗ ଆଧାରରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟ ପରିସରରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ହଷ୍ଟେଲ ରହିଛି। ୧୪ ଆଦିବାସୀ ବାଳିକା ଓ ୨୬ ବାଳକ ରହି ପାଠ ପଢୁଛନ୍ତି। ହଷ୍ଟେଲ ରୋଷେୟା ଭଗବାନ ବେହେରା ରବିବାର ରାତିରେ ଜଣେ ୩ୟ ଶ୍ରେଣୀ ଛାତ୍ରୀଙ୍କୁ ଡାକି ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ମାରି ଗେଟ୍ ବାହାରକୁ ବାହାର କରିଦେଇଥିଲେ। ଅନ୍ୟ ଛାତ୍ରୀଛାତ୍ର ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ଛାତ୍ରୀ ଜଣକ ଭୟରେ ହଷ୍ଟେଲ ଗାଧୁଆଘରେ ଲୁଚିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ପହଞ୍ଚିବାରୁ ରୋଷେୟା ଫେରାର ହୋଇଯାଇଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ତୃପ୍ତିମୟୀ ପାତ୍ର କହିଛନ୍ତି, ଏବିଇଓଙ୍କୁ ପଠାଇ ତଦନ୍ତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଘଟଣାର ସତ୍ୟତା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ମଙ୍ଗଳ ବିଭାଗକୁ ରିପୋର୍ଟ କରାଯାଇଛି। ଘଟଣା ପରେ ଛାତ୍ରୀଛାତ୍ର ଭୟରେ ବିଦ୍ୟାଳୟ ଛାଡ଼ିବାକୁ କହୁଛନ୍ତି।

# କ୍ୱାକ୍‌ଙ୍କ ଭୁଲ୍ ଇଞ୍ଜେକ୍ସନରେ ମହିଳା ମୃତ

କୋଡ଼ିଙ୍ଗା, ୧୩।୧୧
(ସମରେନ୍ଦ୍ର ପଟ୍ଟନାୟକ)

**ଥାନାରେ ଅଭିଯୋଗ କଲେ ପରିବାର ଲୋକେ**

କ୍ୱାକ୍‌ଙ୍କ ଭୁଲ୍ ଚିକିତ୍ସାରେ ମହିଳା ମୃତ। ସାମାନ୍ୟ ମୁଣ୍ଡବ୍ୟଥାର ଚିକିତ୍ସା ପାଇଁ ଯାଇଥିବା ଜଣେ ମହିଳାଙ୍କୁ କ୍ୱାକ୍ ଭୁଲ୍ ଇଞ୍ଜେକ୍ସନ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରି ଘଟଣା ସୋମବାର ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ମୃତକ ହେଲେ କୋଷାଗୁମୁଡ଼ା ବ୍ଲକ ଚିର୍ମା ଗ୍ରାମର ବକ୍ସି ବିଷୋୟୀଙ୍କ ସ୍ତ୍ରୀ ଦୟାମଣୀ (୫୦)। ଘଟଣା ପରଠାରୁ କ୍ୱାକ୍ ସମାରୁ ହରିଜନ ଫେରାର ଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଦୟାମଣୀଙ୍କ ସୋମବାର ସକାଳେ ମୁଣ୍ଡବ୍ୟଥା ଆରମ୍ଭ ହୋଇଥିଲା। ଦିନ ୧୦ଟାରେ ପରିବାର ଲୋକେ ତାଙ୍କୁ କର୍ଚ୍ଚାମାଳ ଗ୍ରାମର କ୍ୱାକ୍ ସମାରୁ ହରିଜନଙ୍କ ଘରକୁ ନେଇ ଦେଖାଇଥିଲେ। ସମାରୁ କୌଣସି ପରୀକ୍ଷା ନ କରି ଦୟାମଣୀଙ୍କୁ କିଛି ଔଷଧ ଓ ଏକ ଇଞ୍ଜେକ୍ସନ ଦେଇଥିଲ। ଇଞ୍ଜେକ୍ସନ ଦେବାର ୫ମିନିଟ୍ ମଧ୍ୟରେ ଘଟଣାସ୍ଥଳରେ ହିଁ ଦୟାମଣୀଙ୍କର ମୃତ୍ୟୁ ହୋଇଥିଲା। ଏନେଇ ବକ୍ସିଙ୍କ ସାନ ଭାଇ ଗୁଣନିଧି କୋଡ଼ିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ କୋଡିଙ୍ଗା ପୋଲିସ ୨୧୯/୨୩ରେ ଏକ ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି। କୋଷାଗୁମୁଡ଼ା ବ୍ଲକ୍‌ରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି।

# ଶୋଇଥିବା ଅବସ୍ଥାରେ ଜଳିଗଲେ ବୃଦ୍ଧ

ଝରିଗାଁ, ୧୩।୧୧
(କିଶୋର ଚନ୍ଦ୍ର ମଣ୍ଡଳ)

ଶୀତଦାଉରୁ ରକ୍ଷାପାଇବା ପାଇଁ ଜାଳିଥିବା ନିଆଁରେ ଜଳିଗଲେ ଜଣେ ବ୍ୟକ୍ତି। ଏପରି ଘଟଣା ନବରଙ୍ଗପୁର ଜିଲା ଝରିଗାଁ ଅଞ୍ଚଳରେ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ବେଲଗାଁ ପଞ୍ଚାୟତ ବୁଟିସର୍ଗି ଗ୍ରାମର ଭିକାରୀ ମାଳୀ (୫୯)। ସୂଚନାନୁଯାୟୀ, ରବିବାର ରାତ୍ରିଭୋଜନ ପରେ ଘରର ସମସ୍ତେ ଚାଷ ଜମିରେ ଶୋଇବାକୁ ଯାଇଥିଲେ। ଭିକାରୀ କିନ୍ତୁ ଘରେ ଶୋଇଥିଲେ। ଅତ୍ୟଧିକ ଶୀତ ହେଉଥିବାରୁ ନିଜ ଶୋଇବା ବିଛଣା ପାଖରେ ସେ ନିଆଁ ଲଗାଇଥିଲେ। ସେ ଘୋଡ଼େଇ ହୋଇଥିବା କମ୍ବଳ ନିଆଁ ସଂସ୍ପର୍ଶରେ ଆସିବାରୁ ବୃଦ୍ଧ ଜଣକ ଜଳିଯାଇଥିଲେ। ସୋମବାର ସକାଳୁ ପୁଅ ଭୁବନ ଓ ବୋହୂ ଘରକୁ ଫେରି ଭିକାରୀଙ୍କୁ ନିଆଁରେ ପୋଡ଼ି ଯାଇଥିବା ଦେଖି ଝରିଗାଁ ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ୨୦ ଓ ୨୬ରେ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୩।୧୧ (ସୁନିତ୍ ମିଶ୍ର)

ଚଳିତ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଟି ପର୍ଯ୍ୟାୟରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତା ୨୦ ତାରିଖରେ ରାଷ୍ଟ୍ରପତି ୩ ଦିନିଆ ଗସ୍ତରେ ଆସି କୋଲକାତାର କୋଲାଇକୁଣ୍ଡାଠାରେ ପହଞ୍ଚି ସେଠାରୁ ହେଲିକପ୍ଟର ଯୋଗେ ବାରିପଦା ଆସିବେ। ବାରିପଦାଠାରେ ପହଞ୍ଚିବା ପରେ ଶାନ୍ତାଳୀ ଲେଖକମାନଙ୍କ ଲିଟେରାରି ମହୋତ୍ସବରେ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମ ସାରି ରାଇରଙ୍ଗପୁର ସ୍ଥିତ ତାଙ୍କ ଗାଁରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ୨୧ ତାରିଖରେ ଏଲ୍ ଆଣ୍ଡ ଟିର ସ୍କିଲ୍ ଅପ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ବାରିପଦାଠାରେ ୩ଟି ଟ୍ରେନ୍‌ର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ବୁର୍ଲାର ଭିସୁଟ୍ ସମାବର୍ତ୍ତନ ଉତ୍ସବ କାର୍ଯ୍ୟକ୍ରମରେ ସାମିଲ ହେବେ। ବୁର୍ଲାରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ୨୨ ତାରିଖରେ ବ୍ରହ୍ମାକୁମାରୀମାନଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଝାରସୁଗୁଡାରୁ ଦିଲ୍ଲୀ ଫେରିଯିବେ ବୋଲି ସେ କହିଛନ୍ତି। ସେହିପରି ୨୬ ତାରିଖରୁ ରାଷ୍ଟ୍ରପତି ପୁଣିଥରେ ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶା ଆସୁଛନ୍ତି। ୨୬ରେ ରାଷ୍ଟ୍ରପତି ଓଡ଼ିଶାରେ ପହଞ୍ଚିବା ପରେ ରାଜଭବନରେ ରାତ୍ରିଯାପନ କରିବେ। ୨୭ରେ ରାଜଭବନଠାରୁ ସିଧାସଳଖ ପାରଦୀପ ଗସ୍ତ କରିବେ। ସେଠାରେ ବୋଇତବନ୍ଦାଣ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଫେରିଯିବେ। ଭୁବନେଶ୍ୱରରୁ ପୁଣି ସେହିଦିନ ହିଁ ଦିଲ୍ଲୀ ଫେରିବେ ବୋଲି ଜଣାପଡ଼ିଛି।

# ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଭେଟିଲେ ୩୦ ସଂଘର କର୍ମକର୍ତ୍ତା



୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ସୋମବାର ନବୀନ ନିବାସଠାରେ ବିଜେଡି ମହିଳା ନେତ୍ରୀମାନେ ସାକ୍ଷାତ କରିଛନ୍ତି।

ଭୁବନେଶ୍ୱର, ୧୩।୧୧ (ଅନିଲଦାସ)

୩୦ରୁ ଊର୍ଦ୍ଧ୍ୱ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ ସୋମବାର ନବୀନ ନିବାସଠାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ସାକ୍ଷାତ କରି ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭିଜନକୁ ସଫଳ କରିବା ସକାଶେ ନବୀନ ଓଡ଼ିଶା ଅଧ୍ୟକ୍ଷ ରାଜ୍ୟର ରୂପାନ୍ତୀକରଣ ପ୍ରକ୍ରିୟାକୁ ଆଗକୁ ନେଇଛନ୍ତି ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ଏଥିପାଇଁ ପାଣ୍ଡିଆନ ବିଭିନ୍ନ ସଂଘର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସମସ୍ତେ ମିଳିତ ହୋଇ ଏକାଠି କାମ କରିବାକୁ ପାଣ୍ଡିଆନ ସମସ୍ତ ସଂଘକୁ ଆହ୍ୱାନ ଦେଇଛନ୍ତି। ୫-ଟି ଅଧ୍ୟକ୍ଷଙ୍କୁ ଭୁବନେଶ୍ୱର ମହାନଗର ନିଗମର ମେୟର, ଡେପୁଟି ମେୟର ଏବଂ ସମସ୍ତ କର୍ପୋରେଟର, ଓଡ଼ିଶା ଏକଲବ୍ୟ ମଡେଲ ଆବାସିକ ସ୍କୁଲ କର୍ମଚାରୀ ସଂଘ, କଟକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ, ଭୁବନେଶ୍ୱରର ଚର୍ଚ୍ଚ ଅଫ ଖ୍ରୀଷ୍ଟ, ଓଡ଼ିଶା ଡ୍ରଗ୍ସ କଣ୍ଟ୍ରୋଲ ଅଫିସର ଆସୋସିଏଶନ, ଓଡ଼ିଶା ପବ୍ଲିଶର ଆଣ୍ଡ ବୁକ୍ ସେଲର ଆସୋସିଏଶନ, ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ଓଡ଼ିଶା ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ, ଓଡ଼ିଶା ପାଇପ ଜଳ ଯୋଗାଣ କର୍ମଚାରୀ ସଂଘ, ଓଏସ୍‌ଆର୍‌ଟିସି କର୍ମଚାରୀ ସଂଘ, କଟକ ମହାନଗର ନିଗମ ମେୟର, ଡେପୁଟି ମେୟର ଓ କର୍ପୋରେଟରଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଂଘ ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।

# ବନବାସୀ କଲ୍ୟାଣ ଆଶ୍ରମକୁ ହନୁମାନ ବାଟିକା ଦାନକଲେ ଦମ୍ପତି

**ଭୁବନେଶ୍ୱର, ୧୩।୧୧ (ଅନୁରାଧା ମହାରଣା):** କଳାହାଣ୍ଡି ଜିଲା ମଦନପୁର ରାମପୁର ତହସିଲ ଅନ୍ତର୍ଗତ କୁସୁମନଗର ପଡା ଗ୍ରାମ ନିବାସୀ ବିପ୍ର ଚରଣ ବେହେରା ଓ ତାଙ୍କ ସ୍ତ୍ରୀ କବିତା ବେହେରା ବନବାସୀ କଲ୍ୟାଣ ଆଶ୍ରମକୁ ଶୁକ୍ରବାର ୩ ଡିସିମିଲ୍ ଭୂମି ଦାନ କରିଛନ୍ତି। ଉକ୍ତ ଜମିରେ ହନୁମାନ ବାଟିକା ରହିଛି। ଏହି ଭୂମି ଦାନ କାର୍ଯ୍ୟକ୍ରମରେ ଆଶ୍ରମର ପ୍ରାନ୍ତ ସଂଗଠନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ଭାଟି, ଜିଲା ସଭାପତି ମେଦିନୀଧର ଜାନି, ଶ୍ରୀକାନ୍ତ ହୋତା, ଦୁସୁଲା ସରପଞ୍ଚ ମନୋଜ ସେଠୀ, ନଗର ସମ୍ପାଦକ ଜିତ୍ ମହାନ୍ତି, କଳାହାଣ୍ଡି ଜିଲା ସଂଗଠନ ମନ୍ତ୍ରୀ ରମାଦେବୀ ଜାନି, ଭୁବନେଶ୍ୱର ମାଝୀ, ଜିଲା ସଂଯୋଜକ ମନୋରଞ୍ଜନ ସାହୁ, ନର୍ଲା ବ୍ଲକ୍ ସଂଯୋଜକ ରାଜୀବ ଲୋଚନ ପୋଡଙ୍କ ସହ ଆଶ୍ରମର ସଦସ୍ୟ ଓ ଭକ୍ତମାନେ ଉପସ୍ଥିତ ଥିଲେ।



## ଆଜି କ'ଣ କେଉଁଠି

**ଧର୍ମଶାଳା**

- କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଶିଶୁ ମହୋତ୍ସବ ୨୦୨୩, ସ୍ଥାନ- ଜାରକାସ୍ଥିତ କଳ୍ପତରୁ ଦାସ ଶିଶୁ ଉଦ୍ୟାନ, ସମୟ ଅପରାହ୍ନ ୪ ଘଟିକା।

## ଟ୍ରାକ୍ଟରକୁ ଧକ୍କା ଦେଲା ବାଇକ୍ , ବ୍ୟବସାୟୀ ମୃତ

**ଜେନାପୁର, ୧୩।୧୧ (ଅଶୋକ ଦାସ)**

ଜେନାପୁର ଥାନା ଅଧୀନ ତଳଗଡ଼ ବଳରାମପୁର ହାଇସ୍କୁଲ ନିକଟରେ ସୋମବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ କଲାଣ୍ଡ ଗ୍ରାମର ନିମାଇଁ ଚରଣ ଗୁରୁ (୪୭ ) । ସୋମବାର ନିମାଇଁ ବ୍ୟବସାୟ ସାରି ଗାଁକୁ ଫେରୁଥିବା ସମୟରେ ଏକ ଟ୍ରାକ୍ଟର ସହିତ ତାଙ୍କ ବାଇକ୍‌ର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ପୋଲିସ ଉଭୟ ଗାଡ଼ିକୁ ଜବତ କରିଛି ।

## ଖରସ୍ରୋତା ପୁସ୍ତକ ମେଳା ପାଇଁ ପ୍ରସ୍ତୁତି ବୈଠକ

**ସିଂହପୁର, ୧୩।୧୧ (ଅନଙ୍ଗ ଉଦୟ ବେଉରିଆ)**

ଖରସ୍ରୋତା ସଚେତନ ନାଗରିକ ମଞ୍ଚ, ବିଞ୍ଝାରପୁର ଆନୁକୂଲ୍ୟରେ ଖରସ୍ରୋତା ପୁସ୍ତକ ମେଳାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଫତେପୁର ପଞ୍ଚାୟତ ଅନ୍ତର୍ଗତ ସୋନି ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟାର ପରଦିନଠାରୁ ୩ ଦିନ ଧରି ସ୍ଥାନୀୟ ମଲିଆ ଯଜ୍ଞ ପଡ଼ିଆରେ ପ୍ରଥମବର୍ଷ ପୁସ୍ତକ ମେଳା ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି। ବିଞ୍ଝାରପୁର, ବରୀ, ଆଳି ଓ ରାଜକନିକା ଅଞ୍ଚଳର ଶତାଧିକ ଶିକ୍ଷାବିତ୍, ସାହିତ୍ୟିକ, ବୁଦ୍ଧିଜୀବୀ ପ୍ରମୁଖ ବୈଠକରେ ଉପସ୍ଥିତ ରହି ପୁସ୍ତକ ମେଳାର ଆବଶ୍ୟକତା ଓ ଉପାଦେୟତା ଉପରେ ସକାରାତ୍ମକ ମତାମତ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଗ୍ରନ୍ଥାଗାର ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ତଥା ଯାଜପୁର ପୁସ୍ତକ ମେଳାର ପ୍ରତିଷ୍ଠାତା ସନ୍ତୋଷ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମଧୁ ଓଡ଼ିଆ ସେନା, ରାଜ୍ୟ ସଭାପତି ପଦ୍ମାକର ଗୁରୁଙ୍କୁ ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରା ଯାଇଥିଲା । ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, କାର୍ଯ୍ୟେନ୍ଦ୍ର କୁମାର ବେହେରାଙ୍କୁ ସାଧାରଣ ସମ୍ପାଦକ ଓ ନାରାୟଣ ଚନ୍ଦ୍ର ଦାସ ସାଙ୍ଗଠନିକ ସମ୍ପାଦକ, ଶିକ୍ଷକ ରତ୍ନାକର ସାହୁଙ୍କୁ କୋଷାଧ୍ୟକ୍ଷ ସହିତ ୭ ଜଣଙ୍କୁ ଉପସଭାପତି ଓ ସହସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ଘୋଷଣା କରାଯାଇଛି। ୩୭ ଜଣଙ୍କୁ କାର୍ଯ୍ୟକାରୀ ସଭ୍ୟ, ୫୧ ଜଣଙ୍କୁ ଉପଦେଷ୍ଟା ଓ ସାଂସ୍କୃତିକ, ଅଭ୍ୟର୍ଥନା ଓ ଅର୍ଥନୈତିକ କମିଟିର ଅଧ୍ୟକ୍ଷ, ଉପାଧ୍ୟକ୍ଷ ସହ ବିଭିନ୍ନ ଉପକମିଟିମାନ ସର୍ବସମ୍ମତି କ୍ରମେ ଗଠନ କରାଯାଇଥିଲା।

# ୱାଗନ୍ ବ୍ଲାଷ୍ଟିଂରେ ଲୋକେ ଥରହର

## ଅନାବାଦି ଜଙ୍ଗଲ ଜମିରୁ କଳାପଥର ଲୁଟ୍

**ଯାଜପୁର, ୧୩।୧୧ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ କିଛି ଦିନର ନୀରବତା ପରେ ପୁଣି କଳାପଥର ଲୁଟ୍ ଜୋର ଧରିଛି। ଖଣି ଓ ରାଜସ୍ୱ ବିଭାଗ ମିଳିତ ଭାବେ ଏହି ଲୁଟ୍‌କୁ ରୋକିବାକୁ ସରକାର ନିଷ୍ପତ୍ତି ନେଇଥିବାବେଳେ ଓଲଟା ତାହା ବଢ଼ିବାରେ ଲାଗିଛି। ଜରିମାନା ଭୟରେ ଲିଜ୍‌ଧାରୀମାନେ ସରକାରୀ ସ୍ୱୀକୃତି ଅଞ୍ଚଳକୁ ବାଦ୍ ଦେଇ ପାଖ ଖାଦାନଗୁଡ଼ିକରୁ ଏକାଧିକ ମେଶିନ ଲଗାଇ ଦୈନିକ ବହୁ ଲକ୍ଷ ଟଙ୍କାର କଳାପଥର ଲୁଟ୍ କରୁଥିବା ଅଭିଯୋଗ ହେଉଛି। ସେଥିମଧ୍ୟରୁ ଢେଙ୍କାନାଳ ଜିଲା ସୀମାନ୍ତ ବାରମାଣ ଓ ବରଡ଼ା ମୌଜାର ପ୍ରାୟ ୧୦୦ ଏକର ଅନାବାଦି ଜଙ୍ଗଲ ଜମିରୁ ୱାଗନ ବ୍ଲାଷ୍ଟିଂ କରି କଳାପଥର ଉତ୍ତୋଳନ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏଥିରେ ଜଣେ ନିର୍ବାଚିତ ପ୍ରତିନିଧିଙ୍କ ସ୍ୱାମୀ ୧୦ ଜଣଙ୍କୁ ନିୟୋଜିତ କରି ଦୈନିକ ପ୍ରାୟ ୨୦ ଲକ୍ଷ ଟଙ୍କାର କଳାପଥର ଉତ୍ତୋଳନ କରୁଛନ୍ତି। ବିନା ଟ୍ରାନଜିଟ୍ ପାସ୍ (ଟିପି)ରେ ଉତ୍ତୋଳିତ କଳାପଥର ଆଖପାଖ ଅଞ୍ଚଳରେ ଥିବା କ୍ରଶରଗୁଡ଼ିକରେ ଜମା ହୋଇଥିବା ତାହାର ପ୍ରମାଣ ବୋଲି ଅଞ୍ଚଳବାସୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


ଧର୍ମଶାଳା ତହସିଲ ଅଧୀନ ବାରମାଣ ମୌଜାରେ ୱାଗନ ବ୍ଲାଷ୍ଟିଂ କରାଯାଇଥିବା ପାହାଡ଼ ।

ଅନ୍ୟପକ୍ଷେ ଉଚ୍ଚ କ୍ଷମତା ସମ୍ପନ୍ନ ୱାଗନ ବ୍ଲାଷ୍ଟିଂ ଯୋଗୁ ଖାଦାନଠାରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ଅଞ୍ଚଳବାସୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି ବୋଲି ମତପ୍ରକାଶ ପାଇଛି।

ବେଆଇନ କଳାପଥର କାରବାର ଉପରେ ୨୦୨୨-୨୩ ବର୍ଷ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୨୨ ଜଣ ଲିଜ୍‌ଧାରୀଙ୍କଠାରୁ ୩୨୦ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି। ତେବେ କେତେକ ଜରିମାନା ବିରୋଧରେ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ତାହା ଆଦାୟ ହୋଇ ପାରିନାହିଁ। ତହସିଲ ପ୍ରଶାସନ ପକ୍ଷରୁ ଜରିମାନା ଦେଇ ପାରି ନଥିବା ବ୍ୟକ୍ତିମାନଙ୍କୁ ଆଉ କୌଣସି ଖାଦାନ ଲିଜ୍ ସୂତ୍ରରେ ଦିଆଯାଇ ନାହିଁ। ତେବେ ସେମାନେ ପୂର୍ବ ଅଭ୍ୟାସ ଛାଡ଼ି ପାରି ନ ଥିବାରୁ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗରେ ବେଆଇନ ଭାବେ କଳାପଥର ଲୁଟ୍ ଜାରି ରଖିଛନ୍ତି। ଜଣେ ନିର୍ବାଚିତ ପ୍ରତିନିଧିଙ୍କ ସ୍ୱାମୀଙ୍କ ନେତୃତ୍ୱରେ ଧର୍ମଶାଳା ତହସିଲ ଅନ୍ତର୍ଗତ ବାରମାଣ ଓ ବରଡ଼ା ମୌଜାରେ ଆଲୋକ, କୈଳାସ, ମଧୁ, ବାଦଲ, ଶିବୁନା, ଭୀମ, କଳାକାର, ଋଷି, ତପନ, ରମାକାନ୍ତ ପ୍ରମୁଖଙ୍କୁ ନିୟୋଜିତ ହୋଇ ସରକାରଙ୍କ ଅନେକ କୋଟି ଟଙ୍କାର ରାଜସ୍ୱ ହାନି କରୁଥିବା ଅଭିଯୋଗ ହେଉଛି। ଏଥିରେ ଜଙ୍ଗଲ ଓ ପରିବେଶ, ମାଇନିଂ ପ୍ଲାନ, ୱାଗନ ଡ୍ରିଲିଂ ପ୍ରଭୃତି ଅନୁମତି ନ ଥାଇ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ବେଆଇନ ଖନନ ଜାରି ରହିଛି। ୱାଗନ ବ୍ଲାଷ୍ଟିଂ ବନ୍ଦ ନ ହେଲେ ଏଠାରେ ଜୀବନଜୀବିକା ସମ୍ଭବ ନୁହେଁ ବୋଲି ମତପ୍ରକାଶ ପାଇଛି। ୱାଗନ ବ୍ଲାଷ୍ଟିଂ ଯୋଗୁ ବଡ଼ ବଡ଼ ପୋଖରୀ ସୃଷ୍ଟି ହୋଇଛି। ଏହାସହ ୧୫୦ରୁ ୨୫୦ ଫୁଟ ଗଭୀର ପର୍ଯ୍ୟନ୍ତ ଭୂତଳ ଜଳସ୍ତରରେ ବିଭିନ୍ନ ରାସାୟନିକ ପଦାର୍ଥ ମିଶୁଥିବାରୁ ପାନୀୟ ଜଳ ବିଷାକ୍ତ ହେଉଛି। ଏହାକୁ ବ୍ୟବହାର କରି ଗ୍ରାମବାସୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବେ ବୋଲି ଆଶଙ୍କା ପ୍ରକଟ କରିଛନ୍ତି। ଜନବସତିଠାରୁ ୫୦୦ ମିଟର ଦୂର ମଧ୍ୟରେ ୱାଗନ ଡ୍ରିଲିଂ ନ କରିବାକୁ ସରକାରୀ ଭାବେ କଟକଣା କରାଯାଇଛି। କିନ୍ତୁ ଏହାକୁ ଭ୍ରୂକ୍ଷେପ ନ କରି ପଥର ବ୍ୟବସାୟୀମାନେ ୱାଗନ ଡ୍ରିଲିଂ କରିଚାଲିଛନ୍ତି। ଫଳରେ ଅଞ୍ଚଳରେ ମୃଦୁ ଭୂମିକମ୍ପ ଭଳି ସ୍ଥିତି ସୃଷ୍ଟି ହେଉଛି। ବାରମାଣ ଓ ବରଡ଼ା ମୌଜା ଅଞ୍ଚଳରେ ପ୍ରାୟ ୧୦ଟି ପଥର ଖାଦାନରେ ନିୟମିତ ଭାବରେ ୱାଗନ ଡ୍ରିଲିଂ କରାଯାଇ ପଥର ଉତ୍ତୋଳନ କରାଯାଉଛି। ୨୦୦ରୁ ୩୦୦ ଫୁଟ ପର୍ଯ୍ୟନ୍ତ ଗାତ କରାଯାଇ ସେଥିରେ ଆମୋନିଆ, ପଟାସ, ଗନ ପାଉଡର ପ୍ରଭୃତି ରାସାୟନିକ ଦ୍ରବ୍ୟ ଭର୍ତ୍ତି କରି ମେଶିନ ସାହାଯ୍ୟରେ ୱାଗନ ଡ୍ରିଲିଂ ହେଉଛି ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ବେଆଇନ କଳାପଥର ନିୟନ୍ତ୍ରଣ କରିବାକୁ କ୍ଲଷ୍ଟରରେ ଏକ ସ୍କ୍ୱାଡ୍ ଗଠନ କରାଯାଇଛି। ଭଦ୍ରକ କ୍ଲଷ୍ଟର ଅଧୀନରେ ଯାଜପୁର ଜିଲା ଯାଉଛି। ଏଥିରେ ଖଣି ବିଭାଗର ମାଇନିଂ ଅଫିସର ନେତୃତ୍ୱ ନେଉଛନ୍ତି। ତେଣୁ ଏହି ବେଆଇନ କଳାପଥର ଉତ୍ତୋଳନ ଅଭିଯୋଗ ଉପରେ ସେମାନଙ୍କ ସହଯୋଗ ନିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

**ବରୀ, ୧୩।୧୧ (ମହେନ୍ଦ୍ର ସ୍ୱାଇଁ)**

ବରୀ ବିଧାୟିକା ସୁନନ୍ଦା ଦାସ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ବେଳେ ସ୍ଥାନୀୟ ଲୋକମାନେ ସ୍ଥାୟୀ ରାସ୍ତା ନିର୍ମାଣ ନିମନ୍ତେ ଦାବି କରି ଆସୁଥିଲେ। ଲୋକମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ବିଧାୟିକା ଦାସ ସରକାରଙ୍କୁ ପତ୍ର ଲେଖିଥିଲେ। ସୋମବାର ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୩ଟି ରାସ୍ତା ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। ବିଶେଷକରି ରତ୍ନଗିରି ପଞ୍ଚାୟତ ରାଉତସାହିଠାରୁ ଅମଠପୁର ପଞ୍ଚାୟତ ପାଲଟପୁର ଓ ଅଲିଆବାଦ ଛକଠାରୁ ପଟଣା ହନୁମାନ ଛକ ଏବଂ ମଧୁସୂଦନପୁର ପଞ୍ଚାୟତ ସାମଲସାହିଠାରୁ ଢିହବାରିମୂଳ ଶାସନ ପର୍ଯ୍ୟନ୍ତ ଅର୍ଥ ମଞ୍ଜୁର ହୋଇଛି। ନିର୍ମାଣ ହେବାକୁ ଥିବା ରାସ୍ତାର ଦୂରତ୍ୱ ୫ କିମି. ଲେଖା ହୋଇଥିବା ବେଳେ ପ୍ରତି ରାସ୍ତା ପାଇଁ ୫ କୋଟି ୬ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁର ହୋଇଥିବାରୁ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ, ଯୁବ ସଭାପତି ରଞ୍ଜନ ପଣ୍ଡା, ମହିଳା ସଭାନେତ୍ରୀ ବୈଜୟନ୍ତୀ ମିଶ୍ର, ଜ୍ୟୋତ୍ସ୍ନାରାଣୀ ନାଥଶର୍ମା, ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ, ସରପଞ୍ଚ ହେମଲତା ମଲିକ, ପ୍ରଜ୍ଞାପରମିତା ପରିଡ଼ା, ସରପଞ୍ଚ ଚପଳା ମଲ, ସରଳା ମଲିକ, ଜଗଦୀଶ ଜେନା, ରଶ୍ମିତା ପରିଡ଼ା, ସସ୍ମିତା କୁଣ୍ଡୁ, ପ୍ରାକ୍ତନ ସରପଞ୍ଚ ଗୌରାଙ୍ଗ ପରିଡ଼ା, ସମବାୟ ସଭାପତି ତପନ ସାମଲ, ସମିତିସଭ୍ୟା ଜ୍ୟୋତ୍ସ୍ନାରାଣୀ ସେଠୀ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ବରୀ ବିଧାୟିକାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ବଡ଼ଚଣା, ୧୩।୧୧ (ଦିଲୀପ କୁମାର ମହାନ୍ତି)**

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଦୁଇ ଦିନିଆ ଉଚ୍ଚ ଶିକ୍ଷାରେ ଚିନ୍ତା ଆହ୍ୱାନ ଏବଂ ନବଉନ୍ମେଷ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ମନୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ମୁଖ୍ୟବକ୍ତା ଭାବେ ପଶ୍ଚିମବଙ୍ଗ କାଜି ନଜାରୁଲ୍ ବିଶ୍ୱ ବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରଧାପକ ଡ. ସନ୍ତୋଷ କୁମାର ବେହେରା, ସମ୍ମାନୀୟ ବକ୍ତା ଭାବେ ନଳିନୀଦେବୀ ମହିଳା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପ୍ରାଧାପକ ଡ. ବିମଳ ଚରଣ ସ୍ୱାଇଁ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଧାପକ ଡ. କ୍ଷେତ୍ର ମୋହନ ମିଶ୍ର, ରାଜଧାନୀ କଲେଜର ପ୍ରାଧାପକ ଡ. ସରୋଜକାନ୍ତ ଚୌଧୁରୀ, ଏସ୍‌ଭିଏମ୍ କଲେଜ ଜଗତସିଂହପୁରର ପୂର୍ବତନ ପ୍ରାଧାପକ ଡ. ସଞ୍ଜୀୟ କେତନ ସ୍ୱାଇଁ, ସାଲେପୁରକଲେଜର ପ୍ରାଧାପକ ଡ. ପ୍ରସନ୍ନ କୁମାର ମହାପାତ୍ର, ଶୈଳବାଳା ମହିଳା ମହାବିଦ୍ୟାଳୟର ସହକାରୀ ପ୍ରାଧାପକ ଡ. ସସ୍ମିତା ଗାହାଣ ଏବଂ ଚଣ୍ଡିଖୋଲ କଲେଜର ପୂର୍ବତନ ପ୍ରାଧାପକ ଡ. ରାମଚନ୍ଦ୍ର ମହାନ୍ତି, ସମ୍ମାନୀୟ ଅତିଥି ଭାବେ ଚଣ୍ଡିଖୋଲ କଲେଜ ପରିଚାଳନା ସମିତିର ସଭାପତି ବିନାୟକ ପଣ୍ଡା ଏବଂ ସର୍ବଭାରତୀୟ ଶିକ୍ଷା ସମାଜର ସଭାପତି ଡ. ଯୁଧିଷ୍ଠିର ଖଟୁଆ ପ୍ରମୁଖ ଯୋଗଦେଇ ଉଚ୍ଚ ଶିକ୍ଷା ସମ୍ବନ୍ଧରେ ନିଜ ନିଜର ମତ ରଖିଥିଲେ । ପରେ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ଗରୁଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଏକ ଅମୃତ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା । କଲେଜର ବିଭାଗୀୟ ମୁଖ୍ୟ ସତ୍ୟବ୍ରତ ପୃଷ୍ଟି ଓ ପୂର୍ବତନ ମୁଖ୍ୟ ମଥୁରୀ ବେହେରା ସଭାକାର୍ଯ୍ୟକୁ ସଂଯୋଜନା କରିଥିଲା ବେଳେ ଡ.ଦିଲୀପ କୁମାର ନାୟକ ଆୟୋଜନ ସଚିବ ଭାବେ ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ । ପରିଚାଳନା ସଭ୍ୟ ଭାବେ ଶିକ୍ଷା ବିଭାଗର ଅଧାପକ ମନୋଜ କୁମାର ସ୍ୱାଇଁ, ଅଧାପିକା ମଧୁସ୍ମିତା ଭୋ, ସରିତା ସ୍ୱାଇଁ, ମାନସୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଏହି ଆଲୋଚନା ଚକ୍ରରେ ଜାତୀୟ ଏବଂ ପ୍ରାନ୍ତୀୟସ୍ତରରୁ ୨ ଶହରୁ ଉର୍ଦ୍ଧ୍ୱ ପ୍ରାଧାପକ, ଅଧାପକ, ଅନୁସନ୍ଧାନ ବିଦ୍ୱାନୀ, ସ୍ନାତକୋତର ଛାତ୍ରୀଛାତ୍ର ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଜ୍ଞାନ ବିଜ୍ଞାନ ମେଳା

**ରଗଡ଼ି, ୧୩।୧୧ (ଯତିଶ କୁମାର ମଲିକ)**

କୋରେଇ ବ୍ଲକ ପାଟରଙ୍ଗା ପଞ୍ଚାୟତ ମାଳାରିଆଠାରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲରେ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ୟାସନଗର ସ୍ୱଂୟ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି ଓ କୋରେଇ ବିଇଓ ସୁଦର୍ଶନ ମଲିକ ଅତିଥି ଭାବେ ଯୋଗ ଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମୋଇନି ମୋହନ ସାହୁ ଓ ମନୋଜ କୁମାର ନାୟକ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଦୋଳିପୁର ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ସୁଶାନ୍ତ କୁମାର ନାୟକ ବିଚାରକ ଭାବେ ଯୋଗ ଦେଇ ପ୍ରତିଯୋଗୀମାନଙ୍କ ମାନଦଣ୍ଡ ନିରୂପଣ କରିଥିଲେ । ଅଭିଭାବିକାମାନଙ୍କ ମଧ୍ୟରେ ଝୋଟି ରଙ୍ଗୋଲି ଓ ଅନ୍ୟାନ୍ୟ ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ଥିଲା। ବିଦ୍ୟାଳୟର ଅଧ୍ୟକ୍ଷ କେଡି ସିଂ, ସରୋଜ କୁମାର ଦାଶ, ମଧୁସ୍ମିତା ରାଉତ, ସ୍ୱାଗତିକା ସ୍ୱାଇଁ, ସ୍ନେହଲତା ଜେନା, ବଳରାମ ଜେନା, ମୋନିକା ଦାଶ, ଶୁଶ୍ରୁତା ନାୟକ, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରଯାଇଥିଲା ।

## ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

**ଚଣ୍ଡିଖୋଲ, ୧୩।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି)**

- ନିଜ ଘରେ ନିଆଁ ଲଗାଇଦେଲେ
- ୪ ବଖରା ପୋଡ଼ିଗଲା



ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ଚଣ୍ଡିତଳ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ୨ ପରିବାରର ୪ ବଖରା ଘର ଜଳି ଯାଇଛି । ଉକ୍ତ ଗ୍ରାମର ଅଜୟ ଦଳେଇ ପ୍ରତିଦିନ ପରି ରବିବାର ମଦ ପିଇ ଘରକୁ ଫେରିଥିଲେ। ଏହାପରେ ନିଜ ପରିବାର ଲୋକଙ୍କ ସହିତ ଝଗଡ଼ା କରିଥିଲେ । ଏତିକିରେ କଥା ସରି ନ ଥିଲା । ସେ ମା'ବାପା ଓ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ସ୍ତ୍ରୀ ମାଡ଼ ସହି ନ ପାରି ନିଜ ବାପ ଘରକୁ ଚାଲିଯାଇଥିଲେ । ଏହି ଘଟଣା ପରେ ଅଜୟ ପୁଣିଥରେ ମଦ ପିଇ ଘରକୁ ଫେରିଥିଲେ। ଶେଷରେ ସେ ନିଜ ଘରେ ନିଆଁ ଲଗାଇ ଦେଇଥିଲେ । ଅପରାହ୍ନ ସମୟରେ କେହି ଘରେ ନ ଥିବାରୁ ନିଆଁ ହୁତୁ ହୁତୁ ହୋଇ ଜଳିଥିଲା । ଶେଷରେ ସେହି ନିଆଁରେ ନିଜର ୨ ବଖରା ପୋଡ଼ିଯିବା ସହିତ ପଡ଼ୋଶୀ ଶତ୍ରୁଘନ ଦଳେଇଙ୍କ ୨ ବଖରା ଜଳିଯାଇଥିଲା । ନିଆଁରେ ଶତ୍ରୁଘନଙ୍କ ସମସ୍ତ ଜିନିଷପତ୍ର ପୋଡ଼ିଯିବା ସହିତ ସେ ଘରେ ରଖିଥିବା କିଛି ଟଙ୍କା ମଧ୍ୟ ପୋଡ଼ି ଯାଇଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ଥିଲେ ମଧ୍ୟ ସେତେବେଳକୁ ସବୁ ଛାରଖାର ହୋଇଯାଇଥିଲା। ଏହି ଘଟଣା ପରେ ଅଜୟ ଏକ ମୋଟର ସାଇକେଲରେ ଫେରାର ହୋଇଯାଇଥିଲେ । ଏନେଇ ଶତ୍ରୁଘନ ବଡ଼ଚଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଜୟଙ୍କୁ ଅଟକ ରଖିଛି। ଚଣ୍ଡିତଳ ସରପଞ୍ଚ ସାଗରିକା ବିହାରୀ ବିପନ୍ନଙ୍କ ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ, ବସ୍ତ୍ର ଓ ପଲିଥିନ ଯୋଗାଇ ଦେଇଛନ୍ତି ।



## ସିଂହପୁରରେ କାଳୀପୂଜା

**ସିଂହପୁର, ୧୩।୧୧ (ଅନଙ୍ଗ ଉଦୟ ବେଉରିଆ)**

ବିଂଝାରପୁର ବ୍ଲକର ସିଂହପୁର ବ୍ୟବସାୟୀ ସଂଘ ପକ୍ଷରୁ କାଳୀପୂଜା ୬୭ ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି । ଚଳିତ ବର୍ଷ ପୂଜା ପାଇଁ ସିଂହପୁର ଉତ୍ସବ ମୁଖର ହୋଇଛି । ୧୦ଦିନ ଏହି ପୂଜା ମହୋତ୍ସବ ଚାଲିବ । ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ସୋମବାର ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ରବିବାର ମା'ଙ୍କ ପୂଜା ରୀତିନୀତିରେ ହୋଇଥିଲା । ବ୍ୟବସାୟୀମାନେ ଉପସ୍ଥିତ ଥିଲେ । ମା'ଙ୍କ ମୂର୍ତ୍ତି ଓ ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ।

## ପ୍ରଦୂଷଣମୁକ୍ତ ଦୀପାବଳି ପାଳିତ

**ବଡ଼ଚଣା, ୧୩।୧୧ (ଦିଲୀପ କୁମାର ମହାନ୍ତି)**

ବଡ଼ଚଣା ମଣ୍ଡଳ ଶିକ୍ଷା ପରିବାର ତରଫରୁ ଧରଣୀ ମା'କୁ ପ୍ରଦୂଷଣଠାରୁ ଦୁରେଇ ରଖି ଏକ ସୁସ୍ଥ, ନିରାପଦ, ସୁରକ୍ଷିତ ଦୀପାବଳି ପାଳନ କରାଯାଇଥିଲା । ଏଥିରେ ଶବ୍ଦ ପ୍ରଦୂଷଣ କି ବାରୁଦର କଳା ଧୂଆଁ ନ ଥିଲା । ଏପରି ଅଭିନବ ଦୀପାବଳିର ଆୟୋଜନର ମୁଖ୍ୟ ପୁରୋଧା ଥିଲେ ବଡ଼ଚଣା ଶିକ୍ଷାମଣ୍ଡଳ ଅଧିକାରୀ ସବିତା ସାହୁ । ପାରମ୍ପରିକ ଦୀପ, ମହମବତୀ ଓ ବିଭିନ୍ନ ପ୍ରକାର ମୁରୁଜରେ ଝୋଟି ଅଙ୍କନ କରାଯାଇ ଦୀପାବଳି ପାଳନ କରାଯାଇଥିଲା । ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି ଦୀପାବଳି ଉତ୍ସବରେ ସହ ଶିକ୍ଷା ଅଧିକାରୀ ରତିକାନ୍ତ ସାମଲ, ଦେବାଶିଷ ମଲିକ, ପ୍ରଧାନ ଶିକ୍ଷକ ସ୍ମୃତି ରଞ୍ଜନ ଆଚାର୍ଯ୍ୟ ଓ ମଣ୍ଡଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସିଆର୍‌ସିସି, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରଦୂଷଣ ମୁକ୍ତ ପାଳନ କରିବା ପାଇଁ ଶପଥ ନେଇଥିଲେ ।



ବଡ଼ଚଣା ମଣ୍ଡଳ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ ନିଆରା ଦୀପାବଳି ଉତ୍ସବରେ ଯୋଗଦେଇଥିବା ଶିକ୍ଷାମଣ୍ଡଳ ଅଧିକାରୀ ଓ ଅନ୍ୟମାନେ ।

## ମହାନ୍ତ ସମ୍ପ୍ରଦାୟର ଗୋଠ ପୂଜା, ଧିଙ୍ଗୁଆନ

### ଦୀପାବଳିରେ ନିଆରା ପରମ୍ପରା

**କାଳିଆପାଣି, ୧୩।୧୧ (ଅସିତ ମହାନ୍ତ)**

ବିଭିନ୍ନ ସମ୍ପ୍ରଦାୟର ଭିନ୍ନ ପୂଜାନୀତି ପ୍ରଚଳିତ ଥିବା ବେଳେ କୁଡୁମି ମହାନ୍ତ ସମ୍ପ୍ରଦାୟର ଦୀପାବଳିରେ ଗୋଠ ପୂଜା ଓ ଧିଙ୍ଗୁଆନ ପାଳନ ଏକ ନିଆରା ପରମ୍ପରା । ପ୍ରକୃତି ପୂଜକ କୁଡୁମି ସମ୍ପ୍ରଦାୟ ଲୋକମାନେ ଦୈନ୍ୟଦିନ ଜୀବନ ଜୀବିକାରେ ସାମିଲ ହେଉଥିବା ପଶୁପକ୍ଷୀଙ୍କ ଦୀର୍ଘ ଜୀବନ କାମନା କରି ଏହି ପୂଜାରେ ଭଗବାନଙ୍କୁ ସ୍ମରଣ କରିଥାନ୍ତି। କୁଡୁମୀ ସମାଜ ମହାନ୍ତ ସମ୍ପ୍ରଦାୟ ଲୋକମାନେ ପୁରାତନ କାଳରୁ ପ୍ରତିଗ୍ରାମରେ ଜଣଙ୍କୁ ଗ୍ରାମ ପ୍ରଧାନ ଭାବେ ଚୟନ କରନ୍ତି । ଚୟନ ହୋଇଥିବା ଲୋକ ଗ୍ରାମ ପ୍ରଧାନ ବା ଗ୍ରାମଦେବୀଙ୍କ ପୂଜକ ଭାବେ ନାମିତ ହୋଇଥାନ୍ତି । ସିଏ ସମ୍ପୃକ୍ତ ସମାଜର ପୂଜା ପାଠ କରିଥାନ୍ତି।

ଗୋଠପୂଜା ଦିନ ସବୁ ଆଡ଼େ ଆଲୋକର ପର୍ବ ଦୀପାବଳି ପାଳନ ହେଉଥିବା ବେଳେ କୁଡୁମୀ ସମାଜ ଗୋମାତାଙ୍କ ଉଦ୍ଦେଶ୍ୟରେ ଗାଈଗୋଠରେ ପୂଜା କରି ଅଣ୍ଡା ମଡ଼ାଇ ଥାଆନ୍ତି । ଗୋଠପୂଜା ଏକ ନିଆରା ଢଙ୍ଗରେ କରାଯାଏ। ଗ୍ରାମବାସୀ ମିଳିତ ହୋଇ ଦୀପାବଳି ପୂର୍ବ ଦିନ ଅପରାହ୍ନରେ ଗାଈଗୋଠକୁ ସଫେଇ କରି ଏକ ପୂଜାସ୍ଥଳ ପ୍ରସ୍ତୁତ କରନ୍ତି । ସେଠାରେ ଗୋଠ ପୂଜା କରାଯାଏ । ଏଥିସହ ପାରମ୍ପରିକ ବନ୍ଦନା ଗୀତ ଗାଇ ଗୋଠ ଜାଗନ (ଜଗାଇବା )କାମ କରିଥାନ୍ତି । ଦୀପାବଳି ଦିନ ଗ୍ରାମ ପ୍ରଧାନ (ପୂଜକ) ବିନା ଜଳ ଓ ଖାଦ୍ୟ ଗ୍ରହଣ କରି ଉପବାସରେ ରହି ସନ୍ଧ୍ୟାରେ ଗୋଠ ପୂଜା କରନ୍ତି । ପୂଜକ ପରିବାର ପକ୍ଷରୁ ଜଣେ ମହିଳା ଉପବାସ ରହି ପୂଜା ସ୍ଥଳ କୋଠି କରିବାକୁ ଚାଉଳ ଗୁଣ୍ଡ ପ୍ରସ୍ତୁତ କରନ୍ତି । ସେଦିନ ଅପରାହ୍ନରେ ଗଉଡ଼ ଘରକୁ ଗାଈ ଗୋରୁ ଆଣିବା ପରେ ନିଜ ଗୋରୁଙ୍କୁ ନେଇ ଗୋଠକୁ ସମସ୍ତେ ଯାଇଥାନ୍ତି । ସେଠାରେ ଗ୍ରାମ ପ୍ରଧାନ ଗ୍ରାମଦେବୀଙ୍କ ଠାରୁ ଆରମ୍ଭ କରି ବଡ଼ ପାହାଡ, ଛୋଟ ପାହାଡ, ବାଘୁ ( ବନର ରାଜା ବାଘ) ବୃକ୍ଷ ସହ ଅନ୍ୟାନ୍ୟ ଦେବାଦେବୀଙ୍କୁ ଆହ୍ୱାନ କରନ୍ତି । ପୂର୍ବରୁ ବଳି ପ୍ରଥା ଚାଲିଥିଲା। ସମୟ କ୍ରମେ ସେହି ପ୍ରଥା ବନ୍ଦ ହେବା ସହ ନଡ଼ିଆ ଭୋଗ କରାଯାଉଛି। ଏବେବି କେତେଜଣ ଲୋକ କୁକୁଡ଼ା ବଳି ଦେଉଛନ୍ତି । ଯେଉଁ ସ୍ଥାନରେ କୁକୁଡ଼ା ବଳି ଦିଆଯାଇଥାଏ ସେଠାରେ ସେହି ମାଂସ ସହିତ ଚାଉଳ ଗୁଣ୍ଡ ମିଶାଇ ନେଟ ଭୋଗ ପ୍ରସ୍ତୁତ କରାଯାଏ । ସମସ୍ତେ ସେହି ଭୋଗ ଖାଇଥାଆନ୍ତି । ପରେ ପୂଜା କରିଥିବା ପୂଜକ ମାଦଳର ତାଳେ ତାଳେ ଗୀତ ଗାଇ ଓ ନାଚ କରି ଘରେ ପହଞ୍ଚିଥାଆନ୍ତି । ଗୋଠରେ ପୂଜା ହୋଇଥିବା ଅଣ୍ଡାକୁ ଯେଉଁ ଗାଈ ମଡା ପକାଇଥିବ ସେହି ଗାଈର ମାଲିକଙ୍କ ଘରେ ଗାଁର ସମସ୍ତ ଲୋକେ ଭୋଜନ କରିଥାନ୍ତି। ପରେ ଗ୍ରାମର ସମସ୍ତ ପରିବାରରୁ ଜଣେ ସଦସ୍ୟ ଧିଙ୍ଗୁଆନରେ ସାମିଲ ହୁଅନ୍ତି । ଗାଁ ମୁଣ୍ଡରୁ ଗ୍ରାମ ଦେବୀଙ୍କୁ ପ୍ରଣାମ କରି ପ୍ରତି ପରିବାରକୁ ଯାଇ ଲୋକ ଗୀତ ଗାଇ ମନୋରଞ୍ଜନ କରନ୍ତି। ଏଥିସହ ପରିବାର ମଧ୍ୟରେ ମତାନ୍ତରକୁ ଦୂର କରିଥାନ୍ତି। ଗ୍ରାମର ସମସ୍ତ ପରିବାର ପହଞ୍ଚିବା ପରେ ଧିଙ୍ଗୁଆନ ଶେଷ କରିଥାନ୍ତି ।


ଗୋଠପୂଜା ପାଇଁ ଗାଈମାନଙ୍କୁ ପୂଜାସ୍ଥଳକୁ ନିଆଯାଉଛି ।

## ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

ରାହାମା,(ଶ୍ରୀକାନ୍ତ ଦାସ ): କୁଜଙ୍ଗ ତହସିଲ ଅଧୀନ ଗଡ଼ରେଇ ପଞ୍ଚାୟତ ଅନ୍ତର୍ଗତ ଶିରୋଲ ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଏଥିରେ ଗ୍ରାମର ନିରଞ୍ଜନ ବାହାଲିଆ ଏବଂ ଶ୍ରୀଧର ବାହାଲିଆ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର ଜଳିଯାଇଛି। ଖବରପାଇ ତିର୍ତ୍ତୋଲ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୋମବାର କୋଠମୂଳ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରି ତହସିଲଦାରଙ୍କୁ ଜଣାଇଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବି କରାଯାଇଛି।

# ଭୋଟର ତାଲିକାରେ ଗାଁ ନାମ ବଦଳିଛି

ବିରିଡି, ୧୩।୧୧(ପ୍ରଶାନ୍ତ କୁମାର ରାଉତ)



ଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୫୬ଟି ଅଭିଯୋଗ ହୋଇଥିଲା । ସେଥିରୁ ୧୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଶିବିରରେ ଜିଲାପାଳ ପାରୁଲ ପଟ୍ଟୱାରି, ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଜଗତ୍‌ସିଂହପୁର ରବିରାନାରାୟଣ ଜେଠୀ, ଏସ୍‌ପି ରାହୁଲ ପିଆର, ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ବିଡିଓ ବେବିତା ମଞ୍ଜରୀ ନାୟକ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ତହସିଲଦାର ସଞ୍ଜୟ ବହେରା ପ୍ରମୁଖ ଯୋଗଦେଇ ଅଭିଯୋଗଗୁଡିକର ଶୁଣାଣି କରିଥିଲେ । ବିଶେଷକରି ଏହି ବ୍ଲକର ସରସୁଦା ଗ୍ରାମ ବଦଳରେ ଭୋଟର ତାଲିକାରେ ସରସୁଧା ହୋଇଯାଇଛି ଫଳରେ ଲୋକମାନେ କୌଣସି ସହାୟତା ପାଇବା ବେଳକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ନାମ ସରସୁଧା ପରିବର୍ତ୍ତେ ସରସୁଦା କରିବାକୁ ଗ୍ରାମର ଅଭିମନ୍ୟୁ ଜେନା, ପୂର୍ବତନ ଜିଲାପରିଷଦ ସଭ୍ୟ ବିଧାନ ଚନ୍ଦ୍ର ଜେନା, ପ୍ରକାଶ ଭୂୟାଁ ପ୍ରମୁଖ ଦାବି କରିଥିଲେ। ଏହାଛଡ଼ା ନୂଆଡ଼ଣା ବିରିଡି ହାଟ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାଟି କୁଳକଇଜଙ୍ଗା ଗ୍ରାମରେ

**ଜିଲାସ୍ତରୀୟ ମିଳିତ ଜନଶୁଣାଣି**
- ସହାୟତା ବେଳେ ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ
- ୫୬ ଅଭିଯୋଗରୁ ୧୯ ତତ୍କାଳ ସମାଧାନ
- ରାସ୍ତାରୁ ଜବରଦଖଲ ହଟାଇବାକୁ ଦାବି

ଆସୁଛି । କିଛି ଲୋକ ଉକ୍ତ ରାସ୍ତାକୁ ମାଡ଼ିବସି ନିର୍ମାଣ କାର୍ଯ୍ୟ କରିଛନ୍ତି। ଫଳରେ ରାସ୍ତାର ଓସାର କମ୍ ହୋଇଯାଇଛି। ଏଣୁ ଗ୍ରାମ ଭିତର ରାସ୍ତାଟି ତହସିଲଦାରଙ୍କ ତତ୍ତ୍ୱାବଧାନରେ ମପାଯାଇ ଜବରଦଖଲ ହଟାଗଲେ ରାସ୍ତାଟି ଠିକ୍‌ଭାବେ ହୋଇପାରିବ ବୋଲି କୁଳକଇଜଙ୍ଗା ସରପଞ୍ଚ ପ୍ରଭାସିନୀ ବେହେରା, ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ମାଣିଆ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଗୋବିନ୍ଦ ରାଓ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି। ବାର୍ଦ୍ଧକ୍ୟଭତ୍ତା ପାଉଥିବା ବୃଦ୍ଧା, ବୃଦ୍ଧମାନେ ଦୂରବ୍ୟାଙ୍କକୁ ଆସି ଭତ୍ତା ନେଲାବେଳେ କଷ୍ଟ ପାଉଛନ୍ତି। ଅନେକ ସମୟରେ ୫ଶହ ଟଙ୍କା ପାଇଁ ୩ଶହ ଟଙ୍କା ଅଟୋ ଭଡ଼ାଦେବାକୁ ପଡୁଛି। ଏଣୁ ଭତ୍ତାଗୁଡିକୁ ପଞ୍ଚାୟତ ଅଫିସ ଜରିଆରେ ଘରେ ଦେବାକୁ ଶଙ୍ଖପୁର ଗ୍ରାମର ତ୍ରିଲୋଚନ ଜେନା ଅଭିଯୋଗରେ ଉଲ୍ଲେଖ କରିଥିଲେ । ସେହିପରି ସଡେଇ ଶାସନ ସରପଞ୍ଚ ତପତି ତପସ୍ୱିନୀ ଭୂୟାଁ ଦଣ୍ଡିଲୋ ଅଙ୍ଗୱାଡି କେନ୍ଦ୍ର ପାଖରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ସେଠୁ ହଟାଇବା ପାଇଁ ଜିଲାପାଳଙ୍କୁ ଦାବି କରିଥିଲେ । ଭାରତମାଳା ଯୋଜନାରେ ହେଉଥିବା ରାସ୍ତାରେ ଏହି ବ୍ଲକର ଅଲାଣ୍ଡୋ, ମାଣତିର, ଅରଙ୍ଗା ବାଦ, ତେନ୍ତୁଳିଆ, ହଳଦିଆପଡା, ସାହାବାଦ୍ ଓ ବରାହପୁର ମୌଜାର ଅନେକ ଚାଷଜମି ଚାଲିଯାଇଛି। ଏହାର ସୁବିଚାର ପାଇଁ ପ୍ରକାଶ ଚନ୍ଦ୍ର ବେହେରା, ଖଗେନ୍ଦ୍ର ଖଟେଇ, କୁଞ୍ଜଲତା ପରିଜା, ଚନ୍ଦନ ପରିଜା, ମନୋରମା ଖଟେଇ, ପରମାନନ୍ଦ ସାହୁ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଗୁଡିକର ବିଚାର ପାଇଁ ଜିଲାପାଳ ପଟ୍ଟୱାରି ନିର୍ଦ୍ଦିଷ୍ଟ ବିଭାଗକୁ ପଠାଇ ଦେଇଛନ୍ତି । ସେହିପରି ଚାଷିଖଣ୍ଡ ଗ୍ରାମର ଏସଏଚ୍‌ଜି ସମସ୍ୟାମାନେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ଗ୍ରୁପ୍‌ର ଜଣେ ପୂର୍ବତନ ସଭ୍ୟା ଗ୍ରୁପ ଋଣକରି ପରିଶୋଧ ନ କରିବାରୁ ଆମ୍ଭେ ବାଧ୍ୟହୋଇ ବ୍ୟାଙ୍କରେ ତାଙ୍କ ଋଣ ପରିଶୋଧ କଲୁ । ତାଙ୍କୁ ଗ୍ରୁପ୍‌ରୁ ଆମେ ବାହାରକରି ଦେଇଥିବା ନେଇ ବିଡିଓ ଜଣାଇଛୁ। ଏହାସତ୍ତ୍ୱେ ସମ୍ପୃକ୍ତା ମହିଳା ଗ୍ରୁପ୍ ଖାତା ପତ୍ର ଛଡ଼ାଇ ନେଇଛନ୍ତ ବୋଲି ସଦସ୍ୟାମାନେ ଅଭିଯୋଗ କରିଛନ୍ତି। ଏନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଶିବିରରେ ଦାବି କରାଯାଇଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ପଟ୍ଟୱାରି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ବିରିଡିରେ ଶ୍ୟାମାକାଳୀ ପୂଜା



ବିରିଡି,୧୩।୧୧(ପ୍ରଶାନ୍ତ କୁମାର ରାଉତ)

ବିରିଡି ବ୍ଲକ ୨୨ ମୌଜା କମଳପୁର, ପୁରଣ, ମଗୁଲି ମଧୁବାବୁଙ୍କ ମଠ ଓ କୁଳ କଇଜଙ୍ଗାର ନୂଆପାରୀ ପୀଠରେ ମା' ଶ୍ୟାମାକାଳୀଙ୍କର ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୀଠରେ ପ୍ରାତଃ ସମୟରେ ମା'ଙ୍କ ଅବକାଶ ନୀତି, ମଙ୍ଗଳ ଆରତି, ମହାସ୍ନାନ, ଖେଚୁଡ଼ି ଭୋଗ, ବଡ଼ସିଂହାର ବେଶ, ବାଲ୍ୟଭୋଗ, ଆଳତି ଓ ଶଙ୍ଖୁଡ଼ି ଭୋଗ ପରେ ବିଶ୍ରାମ ହୋଇଥିଲା । ସନ୍ଧରେ ସନ୍ଧ୍ୟା ଆଳତୀ, ଭଜନ କୀର୍ତ୍ତନ, ଚଣ୍ଡୀପାଠ, ହୋମ ଯଜ୍ଞ ଓ ଶେଷରେ ପଣା ଭୋଗ କରାଯାଇଥିଲା।

### ବେଆଇନ ବାଣ ନିର୍ମାଣ ଅଭିଯୋଗ: ୨ଗିରଫ

କୁଜଙ୍ଗ,୧୩।୧୧ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁର ଗ୍ରାମରେ ବେଆଇନଭାବେ ବିସ୍ଫୋରକ ବାଣ ତିଆରି କରିବା ଅଭିଯୋଗରେ ପୋଲିସ ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ଗ୍ରାମର ବିଜୟ ପାଣି ଓ ନିତ୍ୟାନନ୍ଦ ପ୍ରଧାନ। ସେମାନଙ୍କ ଘରୁ ବହୁ ପରିମାଣର ବାଣ, ବିସ୍ଫୋରକ ଓ ବାଣ ତିଆରିରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଉଭୟ ଅଭିଯୁକ୍ତ ବାଣ ତିଆରି କରୁଥିବା ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏନେଇ ଥାନାରେ ମାମଲା (ନଂ. ୪୯୧/୨୩) ରୁଜୁ କରାଯାଇଛି।

### ନିଆଁ ଲାଗି ବାଣ ଦୋକାନ ଜଳିଗଲା ଅସ୍ଥାୟୀ ଲାଇସେନ୍ସ ମିଳିଥିଲା

ପାରାଦୀପ,୧୩।୧୧(ଶରତ ରାଉତ)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମ ପୋଲ ପାଖରେ ରବିବାର ସକାଳେ ଗୋଟିଏ ବାଣ ଦୋକାନ ଜଳି ଯାଇଛି। ଏଥିରେ ଯଦିଓ କାହାର କୌଣସି କ୍ଷତି ହୋଇନାହିଁ, କିନ୍ତୁ ଏକ ହଜାରରୁ ଅଧିକ ଟଙ୍କାର ବାଣ ପୋଡ଼ିଯାଇଥିବା ସୂଚନା ମିଳିଛି। ବାଣରେ ନିଆଁ ଲାଗି ଜୋର୍‌ରେ ଶବ୍ଦ ହେବା ଫଳରେ କିଛି ସମୟ ପାଇଁ ଗ୍ରାମବାସୀ ଡରି ଯାଇଥିଲେ। ଖବରପାଇ କୁଜଙ୍ଗ ଦମକଳ ଗାଡି ଘଟଣା ସ୍ଥଳରେ ପହଞ୍ଚି ଥିଲା। ମାତ୍ର ସେତେବେଳକୁ ଦୋକାନଟି ଜଳି ଯାଇଥିଲା। ପରେ ଲକ୍‌ଥାନା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିଲା। ଘଟଣା ସମ୍ପର୍କରେ ଥାନାଧିକାରୀ କୁଳମଣି ସେଠୀ କୁହନ୍ତି, ପୋଲ ପାଖରେ କୁନା ନାୟକ ଅସ୍ଥାୟୀ ବାଣ ଦୋକାନ ଖୋଲିଥିଲେ। ବାଣ ବିକ୍ରି ପାଇଁ ତାଙ୍କୁ ସାମୟିକ ଲାଇସେନ୍ସ ମିଳିଥିଲା। ସାମୟିକ ଲାଇସେନ୍ସ ଥିବା ବେପାରୀମାନଙ୍କୁ ଶନି ମନ୍ଦିର ପାଖ ଖୋଲା ଜାଗାରେ କେବଳ ସବୁଜ ବାଣ ବିକ୍ରି କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ କୁନା ନିୟମ ଉଲ୍ଲଂଘନ କରି ଗାଁ ମୁଣ୍ଡରେ ବାଣ ଦୋକାନ ଖୋଲିଥିଲେ। ଏହି ଦୋକାନରେ ନିଆଁ ଲାଗିବା ପରେ ଅନ୍ୟ ଦୋକାନୀମାନଙ୍କୁ ତାଗିଦ କରାଯାଇଥିଲା।

### ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଓଡ଼ିଶା ଦଳର ସଫଳତା

କୃତି ଖୋ-ଖୋ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ଜଗତ୍‌ସିଂହପୁର, ୧୨।୧୧ (ପ୍ରମାଦ କୁମାର ନାୟକ)

ନଭେମ୍ବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ଗୋଆଠାରେ ୩୭ତମ ଜାତୀୟ କ୍ରୀଡା ପ୍ରତିଯୋଗିତା (ଖୋ-ଖୋ) ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ପୁରୁଷ ଓ ମହିଳା ଦଳକୁ ସଫଳତା ମିଳିଛି। ଉଭୟ ଦଳ ରନର୍ସ ଅପ୍ ହୋଇ ରୌପ୍ୟ ପଦକ ପାଇଛନ୍ତି। ଉଭୟ ଦଳରେ ଜଗତ୍‌ସିଂହପୁର ଜିଲାର ୫ ଜଣ ଖେଳାଳୀ ଭଲ ପ୍ରଦର୍ଶନ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ପୁରୁଷ ଦଳରେ ଦେବେନ୍ଦ୍ର ନାଥ, ନିରଞ୍ଜନ ସାମଲ ଏବଂ ମହିଳା ଦଳରେ ସସ୍ମିତା ନାଥଶର୍ମା, ମଧୁସ୍ମିତା ଓଝା ଓ ସ୍ୱର୍ଣ୍ଣିକା ସାହୁ । ଏହି ଅବସରରେ ଜିଲାପାଳ ତଥା ଜିଲା କ୍ରୀଡା ସଂସଦ ସଭାପତି ପାରୁଲ ପଟ୍ଟୱାରି ୫ ଜଣ କୃତି ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉନ୍ନତି କାମନା କରିଛନ୍ତି। ଏହି ସମ୍ବର୍ଦ୍ଧନା ସମୟରେ କୋଚ ଭୁବନାନନ୍ଦ ଦାସ ଓ ଜିଲା କ୍ରୀଡା ସଂସଦ ସମ୍ପାଦକ ଦୋଳଗୋବିନ୍ଦ ଦାସ ଉପସ୍ଥିତ ଥିଲେ।


ନାଉଗାଁ ଡେରିକିସ୍ଥିତ ମା' ଶ୍ୟାମାକାଳୀଙ୍କ ମଣ୍ଡପ।


ଜଗତ୍‌ସିଂହପୁର ସହରର ଆଠମଲା ମଣ୍ଡପରେ କାଳୀପୂଜା।

# ଚାଟରାଚକଡ଼ା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ଡେରାବିଶ, ୧୩।୧୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର ଓ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଉପସ୍ଥିତ ରହିଥିଲେ। ଏଥିରେ ବିଡିଓ ଦାଶରଥି ଜେନା, ଅତିରିକ୍ତ ତହସିଲଦାର ନାରାୟଣ ଦୀକ୍ଷିତ, ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରେ ଆଧାର ପଞ୍ଜୀକରଣ, ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକ ପଞ୍ଜୀକରଣ, ମାଗଣା ମୃତ୍ତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ବୀମା, ଋଣ ଯୋଜନା ପ୍ରସୁତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରୀଛାତ୍ରମାନଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ, ନିର୍ମାଣ ଶ୍ରମିକ ପଞ୍ଜୀକରଣ ଓ ନବୀକରଣ, ବଳରାମ ଯୋଜନାରେ ଆବେଦନ, ମାଛଚାଷ ନିମନ୍ତେ ପାଣି ପରୀକ୍ଷା ଓ ପରାମର୍ଶ ସହ ସରକାରଙ୍କର ମୋ ଘର ଯୋଜନାରେ ସାମିଲ ହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ଼ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ମଠ ଓ ମନ୍ଦିରର ଉନ୍ନତୀକରଣ ପାଇଁ ଦରଖାସ୍ତମାନ ଆସିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ କେତେ ଗୋଟିର ଦ୍ରୁତ ସମାଧାନ କରାଯିବା ସହ ଅନ୍ୟଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ଜେନା ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୁଦତ୍ତ ଦାସ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ପ୍ରମୋଦ କୁମାର ଦାସ, ଉଦ୍ୟାନ କୃଷି ବିଭାଗ ଅଧିକାରୀ କେଦାର ବାରିକ, ବ୍ଲକ ପ୍ରକଳ୍ପ ସଂଯୋଜକ ହିମାଂଶୁ ଭଦ୍ର, ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜର ସୁଷମା ବେହେରା, ଡେରାବିଶ ବ୍ଲକ ଅଙ୍ଗନୱାଡି ସଂଘ ସଭାପତି ଲଲି ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥଲେ। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସତ୍ୟଜିତ ପରିଡ଼ା, ଜିଆର୍‌ଏସ୍ ଜଗନ୍ନାଥ ବେହେରା, ହେମନ୍ତ ନାୟକ, ପୂର୍ଣ୍ଣାନନ୍ଦ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ମହିଳା ସ୍ୱାବଲମ୍ବୀ ହେଲେ ଆର୍ଥିକ ଉନ୍ନତି ସମ୍ଭବ

## କୋଅପରେଟିଭ ସୋସାଇଟିର ୨୮ତମ ସ୍ୱନକ୍ଷତ୍ର ଉତ୍ସବ



ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ରଘୁନାଥପୁର,୧୩।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁରସ୍ଥିତ ଜୟ କିଷାନ ମଲ୍ଟିପରପର୍ସ କୋଅପରେଟିଭ ସୋସାଇଟିର ୨୮ତମ ସ୍ୱନକ୍ଷତ୍ର ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଂସ୍ଥାର ସଭାପତି ବେଷ୍ଟ କୋଅପରେଟିଭ ଆୱାର୍ଡପ୍ରାପ୍ତ ଚଣ୍ଡୀ ପ୍ରସାଦ ସିଂହ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଜିଲାର ଅବସରପ୍ରାପ୍ତ କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ ଯୋଗଦେଇ ନାରୀମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରତ୍ୟେକ ମହିଳା ପ୍ରଥମେ ପ୍ରକଳ୍ପ ଚୟନ କରି ଋଣ ନେଇ ଏଥିରେ ବିନିଯୋଗ କରିବା ସହ ନିଜେ ସ୍ୱାବଲମ୍ବୀ ହେବା ଉଚିତ। କାରଣ ମହିଳାମାନେ ସ୍ୱାବଲମ୍ବୀ ହେଲେ ସେମାନଙ୍କ ଆର୍ଥିକ ଉନ୍ନତି ସମ୍ଭବ ବୋଲି କୃଷି ଅଧିକାରୀ ଦାଶ ମତବ୍ୟକ୍ତ କରିଥିଲେ। ସେହିପରି ମୁଖ୍ୟ ବକ୍ତାଭାବେ ଅନୁଷ୍ଠାନର ଭାଷା ଓ ଭାବନାର ସମ୍ପାଦକ ସୁକାନ୍ତ କୁମାର ପ୍ରଧାନ ସମସ୍ତଙ୍କୁ ଭଲ ପାଇବା ଓ ସହଯୋଗ ମନୋବୃତ୍ତି ରହିଲେ ବ୍ୟକ୍ତି ନିଶ୍ଚିତ ଭାବେ ଶୀର୍ଷରେ ପହଞ୍ଚିପାରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଏଆର୍‌ସିଏସ୍ ନିରୀକ୍ଷକ ଜଗତ୍‌ସିଂହପୁର ରାଖାଲ ଚନ୍ଦ୍ର ସାମଲ, ଉପନିବନ୍ଧକ ଗୁଣୁପୁର ଏଆର୍‌ସିଏସ ଲଳିତ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଉପନିବନ୍ଧକ ଶଶିଭୂଷଣ ରଥ ଯୋଗଦେଇ କୋଅପରେଟିଭର ୭ଟି ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସୋସାଇଟିକୁ ଏକ ଉତ୍ତମ ସୋସାଇଟିରେ ପରିଗଣିତ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସୋସାଇଟିର ଉପସଭାପତି ଶକୁନ୍ତଳା ପରିଜା ସଭା ସଞ୍ଚାଳନ ଓ ସମ୍ପାଦକ ନିମାଇଁ ଚରଣ ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ଅବସରରେ କିଛି ସଭ୍ୟାସଭ୍ୟଙ୍କୁ ସମ୍ମାନିତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା। ସିନିଅର ମ୍ୟାନେଜର ନାରାୟଣ ଚନ୍ଦ୍ର ଗିରି ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ନିଶା ନିବାରଣ ଅଭିଯାନ

ବାଲିକୁଦା,୧୩।୧୧(ତାପସ ସ୍ୱାଇଁ)

ନିଶା ଛାଡ଼ ଦେଶ ଗଢ଼ ନାରାରେ ସୋମବାର ବାଲିକୁଦା ବ୍ଲକର ବାହାରଣାଠାରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଦ ମୁକ୍ତ ପଞ୍ଚାୟତ ମଦ ମୁକ୍ତ ଓଡ଼ିଶା, ନିଶା ହଟାଅ ଦେଶ ବଞ୍ଚାଅ ବୋଲି 'ମୋନା'ର ଜିଲା ଶାଖା ପକ୍ଷରୁ ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ର ଆହ୍ୱାନ ଦେଇଥିଲେ। ଅଞ୍ଜନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବାହାରଣା ଗାଁର ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଙ୍ଗଠନର ବରିଷ୍ଠ କର୍ମୀ ପବିତ୍ର ମିଶ୍ର ଏଥିରେ ସଭାପତିତ୍ୱରେ କରିଥିଲେ। ବୈଠକରେ ସ୍ଥାନୀୟ ସରପଞ୍ଚ ମାନସ ପରିଡ଼ାଙ୍କ ସମେତ ସଂଗଠନର ରାଜ୍ୟ ଉପ ସଭାପତି ବିଜୟ ସ୍ୱାଇଁ, ସମ୍ପାଦକ ରମାକାନ୍ତ ମଣ୍ଡଳ, ଗୋବିନ୍ଦ ଓଝା, ରଶ୍ମିରଞ୍ଜନ ସ୍ୱାଇଁ, ସୁରେନ ରାଉତ, ହେମନ୍ତ ସାହୁ, ରଞ୍ଜନ ବିଶ୍ୱାଳ, ପ୍ରସନ୍ନ ଦାସ, ରବୀନ୍ଦ୍ର ସିଂ, ରାଜକିଶୋର ସ୍ୱାଇଁ, ବ୍ରଜକିଶୋର ମଲ୍ଲିକ ପ୍ରମୁଖ ଯୋଗଦେଇ ସଙ୍ଗଠନର କାର୍ଯ୍ୟଧାରା ସମ୍ପର୍କରେ ନିଜର ରଖିଥିଲେ। ସମାଜ ବିକାଶ ମିଶନ ସମ୍ପାଦକ ସରିତ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଯୁବ ଆଇନଜୀବୀ ଜ୍ୟୋତିରଞ୍ଜନ ମହାନ୍ତି, ଅଭିନାରାୟଣ ମହନ୍ତି, ଗୌରାଙ୍ଗ ପରିଡ଼ା ଏହାକୁ ପରିଚାଳନାରେ ସହଯୋଗ କରିଥିଲେ ।

# ଅସହାୟଙ୍କୁ ଭୋଜନ ଖୁଆଇ ବସ୍ତ୍ର ବାଣ୍ଟିଲେ ଯୁବକ



ବିବେକାନନ୍ଦ ଯୁଥ କ୍ଲବର ସଦସ୍ୟମାନେ ଅସହାୟମାନଙ୍କୁ ବସ୍ତ୍ର ପ୍ରଦାନ କରୁଛନ୍ତି।

ପାରାଦୀପ,୧୩।୧୧(ଶରତ ରାଉତ)

## ନିଆରା ଦୀପାବଳି

ପାରାଦୀପ ଉପକଣ୍ଠ ବିଜୟଚାନ୍ଦପୁର ବସ୍ତିରେ ଥିବା ବିବେକାନନ୍ଦ ଯୁଥ କ୍ଲବର ସଦସ୍ୟମାନେ ରବିବାର ନିରାଡ଼ମ୍ବର ଦୀପାବଳି ପାଳନ କରିଥିଲେ। ସେମାନେ କୌଣସି ବାଣ କିମ୍ବା ଉପହାର ବାଣ୍ଟି ନ ଥିଲେ। ପାଖ ବସ୍ତି ଲକ୍‌ପଡାରେ ଥିବା ସାଇରାମ ଜରାଶ୍ରମର ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ଓ ଭୋଜନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, କ୍ଲବ ସଭାପତି ଜଗନ୍ନାଥ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି, ଅପହରଣ ଘଟଣା:୨ ଗିରଫ

କୁଜଙ୍ଗ ୧୩।୧୧ (ମନୋଜ ପ୍ରଧାନ)

- ଅପହୃତାଙ୍କୁ ଛାଡ଼ିବା ବଦଳରେ ଟଙ୍କା ଦାବି କରିଥିଲେ
- କାର, ମୋବାଇଲ,ଟଙ୍କା ଜବତ

କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ଅଞ୍ଚଳରେ ଦୁର୍ବୃତ୍ତମାନେ ଶନିବାର ରାତିରେ ବଡ଼ଗବପୁର ଗ୍ରାମର ଅନିଲ ମଲ୍ଲିକଙ୍କୁ ଅପହରଣ କରିବା ସହ ସେ ବ୍ୟବହାର କରୁଥିବା (ଓଡି ୦୨ଆର-୬୪୧୮)କାର, ମୋବାଇଲ ଓ ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହ ଅନିଲଙ୍କୁ ଛାଡିବା ବଦଳରେ ମୋଟା ଅଙ୍କର ଅର୍ଥ ମଧ୍ୟ ଦାବି କରିଥିଲେ। ଏ ନେଇ ଅନିଲଙ୍କ ଶ୍ୱଶୁର ଏହି ଥାନା ଅନ୍ତର୍ଗତ କଣ୍ଟେଇନାଳି ଗ୍ରାମର ଅରକ୍ଷିତ ଜେନା କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମାମଲା (ନଂ. ୪୯୨/୨୩) ରୁଜୁ କରି ତଦନ୍ତ ଜୋରଦାର କରିଥିଲା । ଏହି ଅଭିଯୋଗରେ ରବିବାର ପୋଲିସ ଡକାୟତି ଗ୍ୟାଙ୍ଗର ୨ ସଦସ୍ୟ ଏରସମା ଅଞ୍ଚଳରୁ ଗିରଫ କରିବା ସହ ଅନିଲଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତମାନେ ହେଲେ ବଡବୁଦା ଗ୍ରାମର ହରେକୃଷ୍ଣ ବେହେରା ଓରଫ ହରି ଓ ସନ୍ତୋଷ ସେଠୀ। ଉଭୟଙ୍କୁ ଜେରାକରିବା ପରେ ସେମାନେ ଘଟଣା ସମ୍ପର୍କରେ ମାନିବା ସହ ଏହି ଘଟଣାରେ ସେମାନେ ଗଢ଼ିଥିବା ଡକାୟତି ଗ୍ୟାଙ୍ଗର ଆଉ ୪ ଜଣ ସଦସ୍ୟ ସମ୍ପୃକ୍ତ ଅଛନ୍ତି ବୋଲି



କହିଥିଲେ। ଏହି ଗ୍ୟାଙ୍ଗ ବାଲିତୁଠ ଅଞ୍ଚଳର ବିଭିନ୍ନ ଆପରାଧିକ କାର୍ଯ୍ୟ କଳାପରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ଏହାପରେ ଅଭିଯୁକ୍ତମାନେ ଲୁଚାଇଥିବା ସ୍ଥାନରୁ କାର ଓ ମୋବାଇଲକୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ସନ୍ତୋଷ ଗତମାସରେ ଅନ୍ୟ ଏକ ଆପରାଧିକ ମାମଲାରେ ଜେଲରୁ ମୁକୁଳିଥିଲେ।

## ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା: ଚାମ୍ପିୟନ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଗତ୍‌ସିଂହପୁର, ୧୨।୧୧ (ପ୍ରମାଦ କୁମାର ନାୟକ)

ଜଗତ୍‌ସିଂହପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୯ମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ତନ୍ମୟୀ ସିଂହ ରାଜ୍ୟସ୍ତରୀୟ ମହିଳା ବିଭାଗର ୩ଟି ପ୍ରତିଯୋଗିତାରେ ଗୋଲ୍ଡ ମେଡାଲ ପାଇବା ସହ ଚାମ୍ପିୟନ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ବିଶେଷକରି ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଅନେକ ଧାବିକାଙ୍କୁ ପଛରେ ପକାଇ ମାତ୍ର ୧୩ ସେକେଣ୍ଡରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ନୂତନ ରେକର୍ଡ ସୃଷ୍ଟି କରିଛନ୍ତି । ଏଥିସହିତ ଟ୍ରିପଲ ଜମ୍ପ ଓ ଲଙ୍ଗ ଜମ୍ପରେ ପ୍ରଥମ ସ୍ଥାନ ହାସଲ କରି ଚାମ୍ପିୟନ ହୋଇଛନ୍ତି । ସିଂହଙ୍କ ଏହି ସଫଳତା ପାଇଁ ତାଙ୍କୁ ମୋ ସ୍କୁଲ ପୁରାତନ ଛାତ୍ର ସଂସଦ ସଭାନେତ୍ରୀ ସୁଷମା ପ୍ରଧାନଙ୍କ ସମେତ ଅନେକ ପ୍ରଶଂସା କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପାଲ, ପରିଚାଳନା କମିଟି ସଭାପତି ସରୋଜ କୁମାର ଭୋଇ, ସଭ୍ୟ ପ୍ରଶାନ୍ତ କୁମାର ସ୍ୱାଇଁ, କ୍ରୀଡା ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ପାଲଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ରହି ସିଂହଙ୍କୁ ଉତ୍ସାହିତ କରିବାସହ ସମ୍ବର୍ଦ୍ଧିତ କରିଥିଲେ। ଆଗକୁ ।

# ସମଗ୍ର ବିଶ୍ୱ ହେଉଛି ସାହିତ୍ୟର ପରିବାର



ସାହିତ୍ୟ ଆସରରେ ଯୋଗଦେଇଥିବା ଅତିଥିମାନେ।

କୁଜଙ୍ଗ, ୧୩।୧୧ (ମନୋଜ ପ୍ରଧାନ)

ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମଗ୍ର ବିଶ୍ୱ ହେଉଛି ସାହିତ୍ୟର ପରିବାର। ଏହି ପରିବାରକୁ ଶାନ୍ତି, ମୈତ୍ରୀ ଓ ପ୍ରୀତିରେ ବାନ୍ଧି ରଖିବାରେ ସାହିତ୍ୟିକମାନଙ୍କ ଭୂମିକା ଅତୁଳନୀୟ । ସହନଶୀଳତା, ମହତ୍ତ୍ୱବୋଧ, ସମ୍ବେଦନ ଓ ମାନସିକ ମୂଲ୍ୟବୋଧକୁ କେବଳ ସାହିତ୍ୟ ହିଁ ବହନ କରି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ଦୀପାବଳି ଅବସରରେ ଅନୁଷ୍ଠିତ ସାରସ୍ୱତ ଆସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କୁଜଙ୍ଗ କରତୁଠାସ୍ଥିତ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ ସେବା ସଙ୍ଗଠନ ମେଘ ମହ୍ଲାର ସଭାପତି ଡ. କେଶବ ଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠାନର ପ୍ରଥମବର୍ଷ

**ମେଘ ମହ୍ଲାରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ**

ପ୍ରତିଷ୍ଠା ଉତ୍ସବକୁ ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ ଉଦ୍‌ଘାଟନ କରି ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧିରଖିବା ପାଇଁ ସାହିତ୍ୟ ହେଉଛି ଏକମାତ୍ର ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ । ମୁଖ୍ୟ ବକ୍ତାଭାବେ ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗଦେଇ ସାହିତ୍ୟ ହୃଦୟକୁ ହୃଦୟ ସହ ଯୋଡି ଏକ ପରିପୂର୍ଣ୍ଣ ବିଶ୍ୱର ବାସ୍ତବ ଚିତ୍ର ଉପସ୍ଥାପନ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କବି ଡ. ଅମିୟ ମହାପାତ୍ର, କବି ଅଧ୍ୟାପକ ପ୍ରଶନ୍ନ କୁମାର ସ୍ୱାଇଁ, ସାହିତ୍ୟିକ ତଥା ଅଧ୍ୟାପକ ପ୍ରତାପ ମହାପାତ୍ର, ଗାଳ୍ପିକ ଦୀପ୍ତି ଖଣ୍ଡୁଆଳ, ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ମେଘ ମହ୍ଲାର ସମ୍ପାଦିକା ପ୍ରଭାତୀ ମାଝି ଅନୁଷ୍ଠାନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ପରେ ଶିକ୍ଷାକେନ୍ଦ୍ରର ଦଶମ ଶ୍ରେଣୀ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ କବି ସୁରେସ ପ୍ରଧାନଙ୍କ ସଭାପତିତ୍ୱରେ ଓ ପ୍ରଭାସିନୀ ମାଝିଙ୍କ ସଂଯୋଜନା କରିଥିଲେ। କବି ନବିନ ପ୍ରଧାନ, ଶାନ୍ତିଲତା ଦଳାଇ, ଜୟନ୍ତୀ ଦାସ, ପ୍ରକାସ ଦାସ, ଗୀତା ଦାସ, ଶୁଭସ୍ମିତା ସାହାଣୀ, ଅଞ୍ଜନା ନାୟକ, ଅର୍ପିତା ବାରିକ, ସସ୍ମିତା ନାୟକ, ଶୁଭେନ୍ଦୁ ଚୌଧୁରୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଜୀବନାନନ୍ଦ ଅଧିକାରୀ ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ସାମାଜିକ କର୍ମୀ ବିଜୟ ଖଟାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ପୋଲ ତଳକୁ ଅଟୋ ଖସି ଚାଳକ ମୃତ

ଫିରିଙ୍ଗିଆ, ୧୩।୧୧ (ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ରତଙ୍ଗ ପଞ୍ଚାୟତ ତେଲିମୁଣ୍ଡା ପୋଲ ତଳକୁ ସୋମବାର ଏକ ଅଟୋ ଖସି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଲରିପଡା ଗାଁର କାର୍ତ୍ତିକ ମାଝୀଙ୍କ ପୁଅ ସିଦ୍ଧାନ୍ତ (୨୨)। ସିଦ୍ଧାନ୍ତ ରବିବାର ସନ୍ଧ୍ୟାରେ ନୂଆପଦର ଭଡ଼ାରେ ଯାଇଥିଲେ। ରାତିରେ ଫେରିବା ସମୟରେ ଅଟୋଟି ତେଲିମୁଣ୍ଡା ପୋଲ ତଳକୁ ଖସିପଡ଼ିଥିଲା। ତଳେ ପାଣି ଅଧିକ ଥିବାରୁ ଅଟୋଟି ସମ୍ପୂର୍ଣ୍ଣ ବୁଡ଼ି ଯାଇଥିଲା। ସୋମବାର ସକାଳେ ସେହି ରାସ୍ତା ଦେଇ ଯାଉଥିବା ଜଣେ ବ୍ୟକ୍ତି ବୁଡ଼ିଯାଇ ଥିବା ଅଟୋକୁ ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ପାଣିରୁ ଅଟୋକୁ ଉଦ୍ଧାର କରିଥିଲେ। ପାଣି ଭିତରେ ବହୁ ଖୋଜାଖୋଜି କଲା ପରେ ସିଦ୍ଧାନ୍ତଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୨୦୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। କିଛି ଦିନ ପୂର୍ବରୁ ଏହି ପୋଲଠାରେ ମହାପ୍ରୟାଣ ଗାଡ଼ି ନାଳ ଭିତରକୁ ଖସି ପଡ଼ିଥିବା ନଜରକୁ ଆସିଥିଲା। ଏମିତି ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହି ପୋଲରେ ସୁରକ୍ଷା ପ୍ରାଚୀର ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

### ଆଇନଜୀବୀଙ୍କ ପରଲୋକ

ଛତ୍ରପୁର, ୧୩।୧୧ (ଦିଲୀପ ସାମଲ):

ଛତ୍ରପୁର ସହରର ବରିଷ୍ଠ ଆଇନଜୀବୀ ରଘୁନାଥ ମହାନ୍ତି(୭୮)ଙ୍କ ରବିବାର ପରଲୋକ ହୋଇଛି। ସେ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ୧୯୯୧-୧୯୯୩ ପର୍ଯ୍ୟନ୍ତ ଛତ୍ରପୁର ଓକିଲ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ମୃତ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ବୋହୂ ଓ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଧୁବାନ୍ଧବ, ସହରର ବହୁ ଆଇନଜୀବୀ ମାର୍କେଟ ରୋଡସ୍ଥିତ ରଘୁନାଥଙ୍କ ନିଜସ୍ୱ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### ଦେଶୀ ବେହେରାଙ୍କ ଅକାଳ ବିୟୋଗ

ଚିକିଟି, ୧୩।୧୧ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ାଗ୍ରାମସ୍ଥିତ ମା' ଅନ୍ନପୂର୍ଣ୍ଣା ଠାକୁରାଣୀଙ୍କ ଦେଶୀ ବେହେରା ଏନ. ବାସୁଆ ରାଜୁ (୭୦)ଙ୍କ ସୋମବାର ସକାଳେ ନିଜ ବାସଭବନରେ ବିୟୋଗ ଘଟିଛି। ଦୀର୍ଘଦିନ ଧରି ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଆସୁଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ତାଙ୍କର ଅନ୍ତିମ ଦର୍ଶନ ପାଇଁ ନୂଆପଡା ଗ୍ରାମର ବହୁ ବଦାନ୍ୟ ବ୍ୟକ୍ତି ପହଞ୍ଚି ଦର୍ଶନ କରିଥିଲେ। ତାଙ୍କର କରକମଳରେ ମା' ଅନ୍ନପୂର୍ଣ୍ଣା ଠାକୁରାଣୀ ଯାତ୍ରା ସୁଚାରୁରୂପେ ପରିଚାଳନା କରିଥିଲେ।

### ପୋଡ଼ିଯାଇଥିବା ମହିଳାଙ୍କ ମୃତ୍ୟୁ

ଫିରିଙ୍ଗିଆ, ୧୩।୧୧ (ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ଡାଲେରିପଡ଼ା ଗାଁରେ ଗତମାସ ୨୭ ତାରିଖରେ ସୁଧୀର ମାଝିଙ୍କ ସ୍ତ୍ରୀ କମଳିନୀ (୪୦) ଜଳିଯାଇଥିଲେ। ତାଙ୍କୁ କଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। କମଳିନୀ ରୋଷେଇ କରୁଥିବା ସମୟରେ ପିନ୍ଧିଥିବା ଲୁଗାରେ ନିଆଁ ଲାଗିଯାଇଥିଲା। ନିଆଁକୁ ଲିଭେଇବାକୁ ଯାଇ ସାନପୁଅ ମାୟାଧର ମାଝୀ(୧୮)ମଧ୍ୟ ଜଳିଯାଇଥିଲେ। ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାୟାଧର ସୁସ୍ଥ ଥିବାବେଳେ କିନ୍ତୁ କମଳିନୀଙ୍କ ମୃତ୍ୟୁ ଘଟିଥିଲା।

# ପାନୀୟ ଜଳ ସମସ୍ୟା ନେଇ ମହିଳାଙ୍କ ରାସ୍ତା ଅବରୋଧ

ଆର୍.ଉଦୟଗିରି, ୧୩।୧୧ (ମନୋଜ କୁମାର ପାତ୍ରୀ)


ଗରା, ମାଠିଆ ରଖି ରାସ୍ତା ଅବରୋଧ କରିଛନ୍ତି ମହିଳା ।

ଆର୍.ଉଦୟଗିରି ଗ୍ରାମରେ ୧୦ ଦିନ ହେଲା ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଇ ନ ଥିଲା। ଏହାର ପ୍ରତିବାଦରେ ଗ୍ରାମର ସରଳାସାହି ଏବଂ ଖ୍ରୀଷ୍ଟିଆନ ସାହିର ମହିଳାମାନେ ସୋମବାର ଗ୍ରାମର ମୁଖ୍ୟରାସ୍ତାରେ ଗରା, ମାଠିଆ ରଖି ମୋହନା-ପାରଳାଖେମଣ୍ଡି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାରେ ୨ଘଣ୍ଟା ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଆର୍.ଉଦୟଗିରି ଗ୍ରାମର ସରଳାସାହି ଓ ଖ୍ରୀଷ୍ଟିଆନ ସାହିକୁ ୧୦ ଦିନ ହେବ ପାଣି ନ ଆସିବାରୁ ଉକ୍ତ ଦୁଇ ସାହିର ମହିଳା ଏକତ୍ରିତ ହୋଇ ଥାନା ଓ ତହସିଲ ଅଫିସ ନିକଟର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ତହସିଲଦାର ଜ୍ୟୋତିର୍ମୟୀ ଦାସ, ଥାନା ଅଧିକାରୀ ପ୍ରଶାନ୍ତ ମିଳିକ ଓ ଜିପିଇଓ ଶଶାଙ୍କ ଶେଖର ସୁବୁଦ୍ଧି ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ସହ ବ୍ଲକ କାର୍ଯ୍ୟାଳୟରେ ଅଧିକାରୀ ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ସହ ବୈଠକ କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ମହିଳାମାନେ ରାସ୍ତାରୁ ଗରା ଓ ମାଠିଆ ବାହାର କରି ରାସ୍ତା ଅବରୋଧରୁ ହଟିଥିଲେ। ଆନ୍ଦୋଳନ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ହଟହଟା ହୋଇଥିଲେ।

# ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ଗାଁର ବର୍ଷାରାଣୀଙ୍କ ବ୍ରୋଞ୍ଜ ପଦକ

ଓଡ଼ଗାଁ, ୧୩।୧୧ (ଆଦର୍ଶ କୁମାର ପଟ୍ଟନାୟକ)


ବର୍ଷାରାଣୀ ସାହୁ

ଓଡ଼ଗାଁ ପାଇଁ ସୁନାମ ଆଣିଲେ ଝିଅ ବର୍ଷାରାଣୀ ସାହୁ। ଗୋଆଠାରେ ଚାଲିଥିବା ୩୭ତମ ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ ଓଡ଼ିଶା ତଥା ନୟାଗଡ଼ ଜିଲା ଲାଗି ଓଡ଼ଗାଁର ଝିଅ ବର୍ଷାରାଣୀ ଗୌରବ ଆଣିଛନ୍ତି। ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ଗୁପ୍ତମଠ ସାହିର ବର୍ଷାରାଣୀ ସମରକଳା ପ୍ରତିଯୋଗିତାରେ ଭାଗ ନେଇ ୬୨କେଜି ବିଭାଗରେ ଉନ୍ନତମାନର ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏ ନେଇ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନଖଡ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗୋଆର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ତଥା କ୍ରୀଡ଼ାମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷାରାଣୀ ଓଡ଼ଗାଁ ଏନଏସି ଅନ୍ତର୍ଗତ ଗୁପ୍ତମଠ ସାହି ପଞ୍ଚୁ ସାହୁଙ୍କର ଝିଅ ହୋଇଥିବା ବେଳେ ସେ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ କରି ସ୍ଥାନୀୟ ଏକ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସ୍ନାତକ ଓଡ଼ିଆ ସମ୍ମାନ ବିଭାଗରେ କଲେଜ ଟପ୍ପର ମଧ ହୋଇଥିଲେ। ପରେ ନୟାଗଡ଼ ଜିଲା ସିଧାମୂଳା ବିଦ୍ୟାଳୟର କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆ ଓ କଟକର ଏସ.କେ.ସାଲୁଉଦ୍ଦିନଙ୍କଠାରୁ ସମରକଳା ପ୍ରଶିକ୍ଷଣ ଲାଭ କରି ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବର୍ଷାରାଣୀଙ୍କ ଏହି ସଫଳତା ପାଇଁ ନୟାଗଡ ବିଧାୟକ ଡ.ଅରୁଣ କୁମାର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ରଘୁନାଥ ଅଥଲେଟିକ ଆସୋସିଏଶନ ସମ୍ପାଦକ ଦିବାକର ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଦାଦନ ଖଟିବାକୁ ଯାଇଥିବା ଯୁବକ ଟ୍ରେନରୁ ଖସି ମୃତ

ରଣପୁର, ୧୩।୧୧ (ସୁକାନ୍ତ କିଶୋର ଡ଼ାକୁଆ)

**ଗାଁରେ ପହଞ୍ଚିଲା ମୃତଦେହ**


ପ୍ରକାଶ ଚନ୍ଦ୍ର ପ୍ରଧାନ

ନୟାଗଡ଼ ଜିଲା ରଣପୁର ବ୍ଲକ ଅଞ୍ଚଳରୁ କାମ ଧନ୍ଦା ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ବିଭିନ୍ନ ସମୟରେ ବହୁ ବେକାର ଯୁବକମାନେ ଯାଇଥାନ୍ତି। ହେଲେ ସେଠାରେ ବହୁ ଅସୁବିଧାର ସମ୍ମୁଖିନ ହଇଥାନ୍ତି ଏହାର ଏକ ଉଦାହରଣ ହେଉଛି ଗତ ଶୁକ୍ରବାର ଗ୍ରାମକୁ ଫେରୁଥିଲା ବେଳେ ଟ୍ରେନରୁ ଖସି ମୃତ୍ୟୁ ଘଟିଛି। ଜଣେ ଯୁବକ ସେ ହେଉଛନ୍ତି ବ୍ରଜକୋଟ ଗ୍ରାମର ପ୍ରକାଶ ଚନ୍ଦ୍ର ପ୍ରଧାନ(୨୫)। ସୂଚନାଯୋଗ୍ୟ, ପରିବାରର ଅଭାବ ଅନଟନ ପ୍ରକାଶ ନିଜ ଭିଟାମାଟି ଛାଡି ବାହାର ରାଜ୍ୟ ଗୁଜରାଟକୁ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ତେଣୁ ଯୁବକ ଜଣକ ନିଜ ପରିବାରର ଭରଣ ପୋଷଣ ପାଇଁ ଯାଇ ଶ୍ରମିକ ଭାବେ କାମ କରୁଥିଲେ। ଦୀପାବଳି ଅବସରରେ ନିଜ ପରିବାର, ସାଙ୍ଗସାଥିଙ୍କ ସହ ମିଶି ଦୀପାବଳ ପାଳନ କରି କିଛି ଖୁସି ମୁହୂର୍ତ୍ତ ବିତାଇବା ପାଇଁ ଟ୍ରେନ ଯୋଗେ ଗାଁକୁ ଫେରୁଥିଲେ। ଗାଁକୁ ଫେରିବା ବାଟରେ ଭରଚୂନ ଷ୍ଟେଶନ ନିକଟରେ ଟ୍ରେନରୁ ଖସି ମୃତ୍ୟୁ ହୋଇଛି। ୨ ଦିନ ପରେ ସୋମବାର ପ୍ରକାଶଙ୍କ ମୃତଦେହ ଗାଁରେ ପହଞ୍ଚିଲା ପରେ ମଶାଣିରେ ସତ୍କାର କରାଯାଇଛି । ମୃତ ପ୍ରକାଶ ତାଙ୍କ ପିତା ରତ୍ନାକର ଓ ମାତା ଜୟନ୍ତୀଙ୍କ ସାନ ପୁଅ ଥିଲେ। ରତ୍ନାକର ଚାଷ କାମ କରି ନିଜ ପରିବାରର ଗୁଜୁରାଣ ଖୁବ କଷ୍ଟରେ ତୁଲାଉ ଥିବା ବେଳେ ରୋଜଗାରିଆ ପୁଅକୁ ହରାଇ ମାତାପିତାଙ୍କ ସମେତ ପରିବାର ବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା

### ପିତୃମାତୃହୀନ ଶିଶୁଙ୍କ ସହିତ ଜିଲାପାଳ ପାଳିଲେ ଦୀପାବଳି

ପାରଳାଖେମୁଣ୍ଡି (ଗିରିଧାରୀ ପରିଛା), ୧୩।୧୧

ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଦୀପାବଳି ଉତ୍ସବକୁ ଶିଶୁ ଯତ୍ନ ଅନୁଷ୍ଠାନର ପିତୃମାତୃହୀନ ଶିଶୁମାନଙ୍କ ସହ ପାଳନ କରିଛନ୍ତି। ଜିଲା ପ୍ରଶାସନ ଦ୍ୱାରା ପରିଚାଳିତ ଉତ୍କଳ ବାଳାଶ୍ରମ ଏବଂ ପ୍ରାଉଡ୍ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନର ୬୭ ଜଣ ମାତୃପିତୃହୀନ ଶିଶୁମାନଙ୍କ ସହ ଅନୁଷ୍ଠାନ ପ୍ରାଙ୍ଗଣରେ ଦୀପାବଳି ପର୍ବ ପାଳନ କରାଯାଇଥିଲା। ଶିଶୁମାନଙ୍କୁ ଏହି ଅବସରରେ ଜିଲାପାଳ ସବୁଜ ବାଣ ଏବଂ ମିଠା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ଡମ୍ବରୁଧର ବଳବନ୍ତ ଏବଂ ଉତ୍କଳ ବାଳାଶ୍ରମ ଓ ପ୍ରାଉଡ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ବାଳଶ୍ରମର ଅନ୍ତେବାସୀଙ୍କ ସହ ଦୀପାବଳି ପାଳିଛନ୍ତି ଜିଲାପାଳ।

### ମନ ମୋହିଲା ଗୁମୁରି କାନ୍ଦୁଛି ଗୁମୁଡୁମାହା

ବାଲିଗୁଡା, ୧୩।୧୧

(ସଞ୍ଜୟ କୁମାର ପାଣିଗ୍ରାହୀ)

ଖୋର୍ଦ୍ଧା ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଚେତନା ପକ୍ଷରୁ ଖୋର୍ଦ୍ଧାଠାରେ ଆୟୋଜିତ ୨୩ତମ ଲୋକନାଟ୍ୟ ମେଳାର ତୃତୀୟ ରଜନୀରେ ବାଲିଗୁଡାର କଳା ବିକାଶ କେନ୍ଦ୍ର ପକ୍ଷରୁ ନାଟକ 'ଗୁମୁରି କାନ୍ଦୁଛି ଗୁମୁଡୁମାହା' ଉପସ୍ଥିତ ଦର୍ଶକଙ୍କ ମନ ବିମୋହିତ କରି ଶୀର୍ଷରେ ପହଞ୍ଚିପାରିଥିଲା। ନାଟକକୁ ଅଞ୍ଚଳର ବରିଷ୍ଠ ଯୁବ ନାଟ୍ୟକାର ପ୍ରମୋଦ କୁମାର ଦଣ୍ଡସେନା ରଚନା ଓ ନିର୍ଦ୍ଦେଶନା ଦେବା ସହ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱରେ ଚରଣ ବିନ୍ଧାଣୀ ଥିବାବେଳେ ବିଜୟ, ପ୍ରଶାନ୍ତ, ଗୋପବନ୍ଧୁ, ବୁନା, ଜଗନ୍ନାଥ, ଶ୍ରୀକୃଷ୍ଣ, ବ୍ରହ୍ମାନନ୍ଦ, ଶ୍ରୀକାନ୍ତ, କୁସୁମ, ବିନିଙ୍କ ଦକ୍ଷ ନିଖୁଣ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରି ପାରିଥିଲା। ଏହି ନାଟକଟି କନ୍ଧମାଳର ଆଦିବାସୀଙ୍କ ଜୀବନ ଜୀବିକା କଳା ସଂସ୍କୃତି ପରମ୍ପରା ସାମାଜିକ ଚଳଣି ଉପରେ ଆଧାରିତ। ୨୦୧୬ରେ କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଏକ ନିପଟ ମଫସଲ ଗାଁ ଗୁମୁଡୁମାହାରେ ଦୁଇ ବର୍ଷର ଶିଶପୁତ୍ର ସମେତ କିପରି ଏକାଧିକ ଜୀବନ ଯାଇଥିଲା। ଗଣହତ୍ୟା ପରେ ଗାଁର ଚିତ୍ର କେମିତି ବଦଳି ଥିଲା ତାହା ଏହି ନାଟକରେ ଚିତ୍ରଣ ହୋଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଟ୍ୟକାର ତଥା ନାଟ୍ୟ ଚେତନାର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଖଣ୍ଡପଡ଼ା ବ୍ଲକରେ ନିଯୁକ୍ତିମେଳା, ୧୦୮ ଜଣଙ୍କୁ ମନୋନୀତ



ନିଯୁକ୍ତିମେଳାରେ ଯୋଗଦେଇଥିବା ଅତିଥିମାନେ ।

ଖଣ୍ଡପଡା, ୧୩।୧୧ (ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ପରିସରରେ ସୋମବାର ଜିଲା ନିୟୋଜନ ଅଧିକାରୀ ଦୁର୍ଗାଚରଣ ଦାଶଙ୍କ ପୌରୋହିତ୍ୟରେ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ ଯୋଗଦେଇ ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଏବିଡିଓ ସୁବାସ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ଖଣ୍ଡପଡ଼ା ବ୍ଲକ ଜୀବିକା ମିଶନ ସଂଯୋଜିକା ରିତାରାଣୀ ପଟ୍ଟନାୟକ, ବିଏଲ୍‌ସି ଅନିତା ସ୍ୱାଇଁ ପ୍ରମୁଖ ମେଳା ଆୟୋଜନର ଲକ୍ଷ୍ୟ ଓ ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନିଯୁକ୍ତି ମେଳାରେ ସିପେଟ୍, ସ୍କିଲ୍ ଇଣ୍ଡିଆ, ଆଇଟିଆଇ ପରି ବିଭିନ୍ନ ନାମିଦାମୀ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କ ମାର୍ଗ ଦର୍ଶନ କରିବା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। ତେବେ ବିଭିନ୍ନ କମ୍ପାନୀରେ ଉପଯୁକ୍ତ ପ୍ରଶିକ୍ଷଣ ସହ ନିଯୁକ୍ତି ନିମନ୍ତେ ୧୪୫ଜଣ ଯୁବତୀଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ତାଲିମ୍ ନିମନ୍ତେ ୧୦୮ଜଣଙ୍କୁ ମନୋନୀତ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ବ୍ଲକ ପ୍ରଶାସନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୩ ମନ୍ଦିର, କଂସାରୀଗଣ୍ଡ ବନ୍ଧ ପାଇଁ ଅର୍ଥ ମଞ୍ଜୁର

ଛତ୍ରପୁର, ୧୩।୧୧ (ସନ୍ତୋଷ ପାତ୍ରୀ)

ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ ମନ୍ଦିରର ଉନ୍ନତୀକରଣ ଓ ଋଷିକୁଲ୍ୟା ନଦୀର କଂସାରୀଗଣ୍ଡରେ ବ୍ୟାରେଜ୍ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ତତ୍କାଳୀନ ୫-ଟି ସଚିବ ଭି.କେ ପାଣ୍ଡିଆନ୍‌ଙ୍କ ଛତ୍ରପୁର ଗସ୍ତ ପରେ ଏହା ମଞ୍ଜୁର କରାଯାଇଛି । ଏଥିପାଇଁ ବିଭିନ୍ନ ମନ୍ଦିର କମିଟି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

ମିଳିଥିବା ସୂଚନା ଅନୁସାରେ ଛତ୍ରପୁର ବ୍ଲକର ସୁନ୍ଦରେଶ୍ୱର ମନ୍ଦିର ଉନ୍ନତୀକରଣ ଲାଗି ୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ରାମଚଣ୍ଡୀ ମନ୍ଦିର ପାଇଁ ୨ କୋଟି ୨୦ ଲକ୍ଷ ଟଙ୍କା, ଗଞ୍ଜାମ ବ୍ଲକର ବଟେଶ୍ୱର ମନ୍ଦିରର ଉନ୍ନତୀକରଣ ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ଏବଂ ଋଷିକୁଲ୍ୟା କଂସାରୀଗଣ୍ଡରେ ବନ୍ଧ ନିର୍ମାଣ ପାଇଁ ୧୫୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଛି । ସୁନ୍ଦରେଶ୍ୱର ମନ୍ଦିର ଉନ୍ନତୀକରଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥବାରୁ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ୧୦୮ ଦୀପ ଜଳାଯାଇଛି । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ସରପଞ୍ଚ ଗଗନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ, ବାପି ଦାସ, ଯୁଧିଷ୍ଠିର ଗୌଡ ପ୍ରମୁଖ ଯୋଗଦେଇଥିଲେ ।

# ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଆଲୋଚନାଚକ୍ର

ଛତ୍ରପୁର, ୧୩।୧୧ (ଦିଲୀପ ସାମଲ):




ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ନୂତନ ଶିକ୍ଷାନୀତିର ଅଙ୍କଜ୍ଞାନ ଓ ଭାଷାଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ପ୍ରଫେସର ବାବୁରାମ ପାଣି ଯୋଗଦେଇ ଭାଷାଜ୍ଞାନ ଓ ଅଙ୍କଜ୍ଞାନ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଉପେନ୍ଦ୍ର ମହାନ୍ତି ଓ ସଂପାଦକ ପଦ୍ମଚରଣ ସାହୁ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ସଂକୁଳ ପ୍ରମୁଖ ଡ କୁର୍ମା ରାଓ, ପ୍ରାନ୍ତର ଶିଶୁବାଟିକାର ଶୈକ୍ଷିକ ସଂଯୋଜକ ପ୍ରଦୀପ କୁମାର ମଲ୍ଲିକ, ଡିଏଭି ସ୍କୁଲ ପ୍ରିନ୍ସିପାଲ ଦୁର୍ଗା ପ୍ରସାଦ ସାହୁ, ଅଙ୍ଗନୱାଡି ସୁପରଭାଇଜର ସୁମତି ଦାଶ ଏବଂ କର୍ମୀ ଯୋଗଦେଇଥିଲେ। ଆଚାର୍ଯ୍ୟା ବି ସୁଶୀଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପାର ବ୍ଲକ ଘେରାଉ ପ୍ରସ୍ତୁତି ବୈଠକ

ପୋଲସରା, ୧୩।୧୧ (ସୁବ୍ରତ ବେହେରା):

ପୋଲସରା ଦାଶରଥି ନଗର ଘୁମୁସର ଭାଜପା ଜିଲା କାର୍ଯ୍ୟାଳୟଠାରେ ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଘୁମୁସର ଜିଲା ଉପ ସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ଅନିତା ପ୍ରିୟ ଶୁଭ ଦର୍ଶନୀ ପଟ୍ଟନାୟକ, ଯୁବମୋର୍ଚ୍ଚା ପ୍ରଭାରୀ ସୌମ୍ୟ ରଞ୍ଜନ ବେବର୍ତ୍ତା ଉପସ୍ଥିତ ଥିଲେ। ଘୁମୁସର ଜିଲାର ପ୍ରତ୍ୟେକ ବ୍ଲକରେ କେନ୍ଦ୍ର ସରକାର ଦେଉଥିବା ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, ଆଦର୍ଶ ଗୁହାଳ ପାଇବାରେ ବଞ୍ଚିତ ହେଉଥିବା ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ବ୍ଲକ ଘେରାଉ କରିବା ପାଇଁ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ସେହିପରି ଗତ ୧୮ ତାରିଖରେ ଶନିବାର ପୋଲସରା ବ୍ଲକ ଘେରାଉ କରିବା ଭାଜପା ନିଷ୍ପତ୍ତି ନେଇଛି। ଉକ୍ତ ବୈଠକକୁ ଜିଲା ଉପ ସଭାପତି ପ୍ରଭାକର ପଣ୍ଡା ସଂଯୋଜନା କରିଥିବା ବେଳେ ପୋଲସରା ବ୍ଲକର ସମସ୍ତ ମଣ୍ଡଳ ସଭାପତି ଓ ଘୁମୁସର ଜିଲାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ମାଓବାଦୀଙ୍କ ନାଁରେ ବ୍ୟାନର, ନକଲି ସନ୍ଦେହ

**ବ୍ୟାନର ହଟାଇଲା ପୋଲିସ**

ଭଞ୍ଜନଗର, ୧୩।୧୧ (ବାବୁଲା ପ୍ରଧାନ)


ଦୁର୍ଗାପ୍ରସାଦ ଗ୍ରାମ ରାସ୍ତାରେ ମରାଯାଇଥିବା ବ୍ୟାନର ।

ଭଞ୍ଜନଗର ଥାନା ଦଦରାଲୁଣ୍ଡା ପଞ୍ଚାୟତରେ ଶନିବାର ରାତିରେ ମାଓବାଦୀଙ୍କ ନାଁରେ ଏକ ବ୍ୟାନର ମରାଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନର କିଛିମାସ ପୂର୍ବରୁ ଦଦରାଲୁଣ୍ଡାରେ ଏଭଳି ବ୍ୟାନର ମରାଯାଇଥିଲା। ଏବେ ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ପୁଣି ବ୍ୟାନର ମରାଯାଇଥିବାରୁ ଏହା କେତେକ ଖଳ ପ୍ରକୃତିର ଲୋକଙ୍କ କାର୍ଯ୍ୟ ହୋଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ କରିବା ସହ ରବିବାର ସକାଳେ ଉକ୍ତ ବ୍ୟାନରକୁ ବାହାର କରିଦେଇଛି । ତେବେ ବ୍ୟାନରକୁ ନେଇ ଲୋକେ କିଛି କହୁନାହାନ୍ତି ।

ସୂଚନାଯୋଗ୍ୟ, ୨୦୦୮ ଫେବୃୟାରୀ ୧୫ ତାରିଖରେ ମାଓବାଦୀମାନେ ନୟାଗଡ଼ ପୋଲିସ ଅସ୍ତ୍ରାଗାର ଲୁଟିବା ପରେ ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା ଗସମା ଜଙ୍ଗଲ ଅଭିମୁଖେ ପଳାଇଥିଲେ। ଯିବା ପୂର୍ବରୁ ସେମାନେ ଗାଲେରି ଫାଣ୍ଡିକୁ ବୋମା ଫିଙ୍ଗି ଉଡ଼ାଇ ଦେଇଥିଲେ। ୧୬ ତାରିଖ ସକାଳେ ପୋଲିସ ୩ ମାଓବାଦୀଙ୍କୁ ଗିରଫ କରିଥିଲା। ଗସମା ଜଙ୍ଗଲରେ ପୋଲିସ ଓ ମାଓବାଦୀ ଗୁଳି ବିନିମୟ ହୋଇଥିଲା। ଏଥିରେ ୩ ଯବାନ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଅନେକ ଥର ପୋଲିସ ମାଓବାଦୀ ମୁହାଁମୁହିଁ ହୋଇଥିଲେ। କିନ୍ତୁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଗିରଫ ସହ ଓଡ଼ିଶା ପୋଲିସର ମାଓବାଦୀ ଦମନ ନୀତି ଯୋଗୁ ଘୁମୁସର ଡ଼ିଭିଜନରେ ମାଓବାଦୀ ଗତିବିଧି ପ୍ରାୟ ନାହିଁ । ଏଭଳି ସ୍ଥିତିରେ ମାଓବାଦୀ ନାମରେ ବ୍ୟାନରକୁ ନେଇ ନାନା ଆଲୋଚନା ହେଉଛି ।

# କୁଇ ଭାଷା, ସାହିତ୍ୟ ଓ ପରମ୍ପରାର ସୁରକ୍ଷା ସଚେତନତା ସଭା

ବାଲିଗୁଡା, ୧୩।୧୧ (ସଞ୍ଜୟ କୁମାର ପାଣିଗ୍ରାହୀ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ନିଖିଳ ଉତ୍କଳ କୁଇ ସମାଜ ୟୁନିୟନ ଜି.ଉଦୟଗିରି ଆନୁକୂଲ୍ୟରେ ହଦଗଡ଼ ଶାଖା ଟିକାବାଲିର ଆବାହକତ୍ୱରେ କୁଇ ସମାଜ ଟିକାବାଲି କାର୍ଯ୍ୟାଳୟଠାରେ କୁଇ ଭାଷା, ସାହିତ୍ୟ, ଲିପି, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସମ୍ବନ୍ଧରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜି.ଉଦୟଗିରି ସ୍ଥିତ ନିଖିଳ ଉତ୍କଳ କୁଇ ସମାଜ ୟୁନିୟନର ସଭାପତି ପୁଷାରା କହଁର ଅଧ୍ୟକ୍ଷତା କରି ସ୍ୱର୍ଗତ ଦୟାନିଧି ମଲିକଙ୍କ 'କୁଇ ଲିପି'କୁ ଡିଜିଟାଲି କୁଇ ପ୍ୟାଡ୍ ମାଧ୍ୟମରେ ଓ 'କୁଇ ଲିପି ଗ୍ରା'ମ୍ମା ପୁତି ' ଡିଜିଟାଲ ପୁସ୍ତକକୁ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଭାବେ କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରଦନ ମଲିକ ଯୋଗଦେଇ ସ୍ୱର୍ଗତ ଦୟାନିଧି ମଲିକଙ୍କ କୁଇ ଲିପିକୁ ସାର୍ବଜନୀନ କୁଇ ଲିପି ରୂପେ ଘୋଷଣା କରି ମଣିଷର ଅଙ୍ଗପ୍ରତ୍ୟଙ୍ଗ ଆକୃତି ଗୁଡ଼ିକରୁ ମଲିକ ୧୯୮୨ରେ 'କୁଇ ଲିପି' ଆବିଷ୍କାର କରିଥିଲେ। ୧୯୯୯ରେ ୧୯୯୮ ବର୍ଷ ପାଇଁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀରୁ ଭାଷା ସମ୍ମାନ ପ୍ରାପ୍ତ କରିଥିଲେ। ବର୍ତ୍ତମାନ କୁଇ ଲିପିକୁ କୁଇ ପ୍ୟାଡ୍ ମାଧ୍ୟମରେ କମ୍ପ୍ୟୁଟରରେ ଯେଉଁ ଲେଖିବା ସମ୍ଭବ ହୋଇଛି ତାହା କୁଇ ଲିପି ବିକାଶର ପରିଚାୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଓଡ଼ିଶା ପ୍ରଶାସନିକ ଅଧିକାରୀ ମିହିର ଚାନ୍ଦ୍ ମଲିକ, ମୁଖ୍ୟବକ୍ତା ଭାବେ ଟିକାବାଲି ପଞ୍ଚାୟତ ସମିତିର ଅଧ୍ୟକ୍ଷ ଦିଲ୍ଲିପ କହଁର, ସରପଞ୍ଚ କୁନ୍ଦୁରୁ ମଲିକ, କୁଇ ସମାଜ ହଦଗଡ଼ ଶାଖାର ସଭାପତି ତପନ କହଁର, ସମ୍ପାଦକ ଜନକ ପ୍ରଧାନ, ସହ ସମ୍ପାଦକ ବିଷ୍ଣୁ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାଳୀପୂଜା ପାଇଁ ବରୀ ଉତ୍ସବମୁଖର



ବରୀ,୧୩।୧୧(ମହେନ୍ଦ୍ର ସ୍ୱାଇଁ)-ବରୀ ଅଞ୍ଚଳରେ ବିଭିନ୍ନ ମଣ୍ଡପରେ କାଳୀପୂଜା ମହାସମାରୋହରେ ପାଳିତ ହୋଇଛି। ପୂଜା କମିଟି ତରଫରୁ ପାରମ୍ପରିକ ରୀତିନୀତି ଅନୁସାରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି । ପୂଜା ମଣ୍ଡପ ନିକଟରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଛି । ବରୀ ବ୍ଲକ ଅଧୀନ ଅଙ୍ଗାଲୋ, ଚନ୍ଦନପୁର, ଅରଙ୍ଗାବାଦ ,ଉପର କାଇପଡା ଓ ଅରୁଆଳଠାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଛି। ଚନ୍ଦନପୁର କାଳୀପୂଜା କମିଟି ୭୬ ବର୍ଷରେ ପଦାର୍ପଣ କରିଥିବା ବେଳେ ଅଙ୍ଗାଲୋ କାଳୀପୂଜା କମିଟି ୭୩ ବର୍ଷରେ ପଦାର୍ପଣ କରିଛି। ସାମାଜିକ କର୍ମୀ ଅଶୋକ ବେହେରା ,ଆଶିଷ ସାମଲ, ପ୍ରେମାନନ୍ଦ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ପ୍ରମୋଦ ସାମଲ, ନିବାର ବିଶ୍ୱାଳ ଓ ରଘୁନାଥ ସାମଲ ପ୍ରମୁଖ ଦେବୀଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି।

# ବର୍ତ୍ତିଯିବାକୁ ଗହମ ଖୋଜା ଚାଲିଛି

## ୫୪୦ କୁଇଣ୍ଟାଲ ଗହମ ହଡ଼ପ ଅଭିଯୋଗ ମାମଲା

ଯାଜପୁର,୧୩।୧୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ଆବାସ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ହୋଇଆସୁଛି। ୧୪ ମାସ ତଳେ ଏହି ବ୍ଲକରେ ଗରିବ ହିତାଧିକାରୀଙ୍କ ପାଇଁ ଆସିଥିବା ୫୪୦ କୁଇଣ୍ଟାଲ ଗହମ ହଡ଼ପ ଅଭିଯୋଗ ହୋଇଥିଲା। ସ୍ଥାନୀୟ ହିତାଧିକାରୀମାନେ ଗହମ ହଡ଼ପ ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ମାମଲାଟି ନୂଆ ମୋଡ଼ ନେଇଛି। ଖୁବ୍‌ଶୀଘ୍ର ଏହି ଅଭିଯୋଗ ଉପରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ତଦନ୍ତ କରିବେ ବୋଲି ଜଣାପଡ଼ିଛି। ହେଲେ ତଦନ୍ତ ପୂର୍ବରୁ ଲୋକେ କିପରି ଗହମ ପାଇବେ ସେଥିନେଇ ଏବେ ଉକ୍ତ ବ୍ଲକର ଯୋଗାଣ ନିରୀକ୍ଷକଙ୍କ ନିଦ ହଜି ଯାଇଛି। ଏହାସହ ଉକ୍ତ ଗହମ ବାହାର ଜିଲାରୁ କେମିତି କିଣା ହୋଇ ଆସିବ ସେ ନେଇ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିବା ଜଣାପଡ଼ିଛି। ତେବେ ତୁରନ୍ତ ଏହା ସମ୍ଭବ ହେଉ ନ ଥିବାରୁ କଳେବଳେ କୌଶଳେ ଏହି ଘଟଣାକୁ ଚାପିଦେବା ପାଇଁ ଜଣେ ନେତାଙ୍କ ସହାୟତା ନିଆଯାଇଥିବା ଚର୍ଚ୍ଚା ହେଉଛି।

ଅଭିଯୋଗ ଅନୁସାରେ ,୨୦୨୨ ଜୁଲାଇ ଓ ଅଗଷ୍ଟରେ ବିଞ୍ଝାରପୁର ବ୍ଲକର କଣ୍ଟ୍ରୋଲ ସାମଗ୍ରୀ ପରିବହନ ଦାୟିତ୍ୱରେ ଥିବା ଠିକାଦାର ୧୭୫୬.୨୮ କୁଇଣ୍ଟାଲ ଗହମ ଉଠାଇଥିଲେ। ସେଥିରୁ ୧୨୧୬.୨୮ କୁଇଣ୍ଟାଲ ଗହମ ବିଭିନ୍ନ ଡିଲରଙ୍କୁ ଦିଆଯାଇଥିବାବେଳେ ଅବଶିଷ୍ଟ ୫୪୦ କୁଇଣ୍ଟାଲ ବାହାରେ ବିକ୍ରି କରାଯାଇଥିଲା। ଫଳରେ ଗହମ ପାଇ ନ ଥିବା ହିତାଧିକାରୀମାନେ ମାସ ମାସ ଧରି ଡିଲରଙ୍କ ଦ୍ୱାରସ୍ଥ ହୋଇ ନିରାଶ ହୋଇ ଫେରିଥିଲେ। ଏପରିକି ହିତାଧିକାରୀଙ୍କୁ ଗହମ ଦେଇପାରି ନଥିବା ଡିଲରମାନେ ଏନେଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିନ୍ତୁ ଯୋଗାଣ ନିରୀକ୍ଷକଙ୍କ ଭୟରେ ସମ୍ପୃକ୍ତ ଡିଲରମାନେ ମୁହଁ ଖୋଲିବାକୁ ସାହସ କରୁ ନ ଥିଲେ। ଫଳରେ ଏହି ଘଟଣାକୁ ୧୪ ମାସ ଧରି ଚାପି ଦିଆଯାଇଥିଲା। ଏବେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ବିଞ୍ଝାରପୁର ବ୍ଲକ ଯୋଗାଣ ନିରୀକ୍ଷକଙ୍କ ଜଣେ ପାଖ ଲୋକ ଏବେ ଗହମ ଯୋଗାଡ଼ କରିବାରେ ଲାଗି ପଡ଼ିଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ହଡ଼ପ ହୋଇଥିବା ୫୪୦ କୁଇଣ୍ଟାଲ ଗହମର ମୂଲ୍ୟ ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହୋଇଥିବାରୁ ଏକାବେଳକେ ଏତେ ପରିମାଣର ଗହମ ଜିଲା ବାହାରୁ କିଣିବା ସମ୍ଭବ ହୋଇପାରୁ ନାହିଁ। ସରକାରୀ ନିୟମ ଅନୁଯାୟୀ ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ଥିବା ଡିଲରମାନେ ନିଜର ଗହମ କିମ୍ବା ଚାଉଳ କୋଟା ପାଇବା ପରେ ହିତାଧିକାରୀଙ୍କୁ ଯୋଗାଇ ଦେଇଥାନ୍ତି। ଏହି କଣ୍ଟ୍ରୋଲ ସାମଗ୍ରୀ ଯୋଗାଇବା ପୂର୍ବରୁ ସମ୍ପୃକ୍ତ ଡିଲରମାନେ ହିତାଧିକାରୀଙ୍କ ଟିପ ଚିହ୍ନ କିମ୍ବା ଆଖି ସ୍କାନ କରିଥାନ୍ତି। ଫଳରେ କେଉଁ ଡିଲର କେତେ ପରିମାଣର କଣ୍ଟ୍ରୋଲ ସାମଗ୍ରୀ ହିତାଧିକାରୀଙ୍କୁ ଯୋଗାଇଦେଲେ ସେ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ସମସ୍ତେ ଜାଣିପାରନ୍ତି। ଯୋଗାଣ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ବୈଷୟିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏସବୁ ସତ୍ତ୍ୱେ ବିଞ୍ଝାରପୁର ବ୍ଲକରେ ୫୪୦ କୁଇଣ୍ଟାଲ ଗହମ ହଡ଼ପ ଅଭିଯୋଗ ଉପରେ ଉଚ୍ଚ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁଙ୍କୁ ପଚାରିବାରେ ସେ କହିଛନ୍ତି, ବିଞ୍ଝାରପୁର ବ୍ଲକରେ ୫୪୦ କୁଇଣ୍ଟାଲ ଗହମ ସମ୍ପର୍କରେ ସ୍ଥାନୀୟ ଲୋକ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଜଣେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ତଦନ୍ତ କରିବାକୁ ଯିବେ।

# ପୁସ୍ତକ ପଠନ ପ୍ରତି ଆଗ୍ରହ ହ୍ରାସ ପାଉଛି



ଅତିଥିମାନେ ପୁସ୍ତକକୁ ଲୋକାର୍ପଣ କରୁଛନ୍ତି ।

## ୨ ପୁସ୍ତକ ଲୋକାର୍ପଣ, ସମ୍ବର୍ଦ୍ଧନା

ଯାଜପୁର,୧୩।୧୧(ହର୍ଷବର୍ଦ୍ଧନ ବେହେରା)

ଚଳିତ ଦଶନ୍ଧିରେ ପୁସ୍ତକ ପଠନ ପ୍ରତି ପାଠକମାନଙ୍କର ଆଗ୍ରହ ହ୍ରାସ ପାଉଛି, ଯାହା ଚିନ୍ତାଜନକ ବୋଲି ବିଶିଷ୍ଟ ସାରସ୍ୱତ ସାଧକମାନେ ମତବ୍ୟକ୍ତ କରିଛନ୍ତି। ଦୀପାବଳିରେ ବିରଜା ମନ୍ଦିର ନିକଟ ଖଣ୍ଡରା ଛକ ବନବିହାରୀ ମଠରେ ପୁସ୍ତକ ଲୋକାର୍ପଣ ଉପଲକ୍ଷେ ଏକ ସାରସ୍ୱତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅଜୟ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କବି ଜଗନ୍ନାଥ ଧଳଙ୍କ କବିତା ସଂକଳନ କବିତା ଇନ୍ଦ୍ରଧନୁ, କବି ତ୍ରିଲୋଚନ ପତିଙ୍କ କବିତା ସଂକଳନ ସଙ୍ଗୀତଜ୍ଞ ଚନ୍ଦ୍ରକଳା ପଣ୍ଡିତ ମହେଶ୍ୱର ନନ୍ଦ ଓ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ହସ୍ତରେ ଉନ୍ମୋଚିତ ହୋଇଛି। ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ପଠନ ପ୍ରତି ଆଗ୍ରହ ଦ୍ରୁତଗତିରେ ହ୍ରାସ ପାଉଥିବାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଦାମୋଦର ବେହେରା, ନବକିଶୋର ଦାଶ, ସଂଗଠକ ରବୀନ୍ଦ୍ର କୁମାର ପରିଡ଼ା ଯୋଗଦେଇ ପାଠକୀୟ ଆଦୃତ ପାଇଁ ଯାଜପୁର ଜିଲାରୁ ପାଠକ ଆନ୍ଦୋଳନ ଓ ଏହାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଲେଖକ ଜଗନ୍ନାଥ ଧଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବରିଷ୍ଠ ଗାୟକ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ ଓ ଗାୟକ ନକୂଳନାଥ ଶର୍ମ୍ମା ପୁସ୍ତକ ଦୁଇଟିର ସମୀକ୍ଷା କରିଥିଲେ। କବି ଜଗନ୍ନାଥ ଧଳ, ତ୍ରିଲୋଚନ ପତି, ବିଷ୍ଣୁ ଚରଣ ସାମଲ, ନେତ୍ରାନନ୍ଦ ଦାଶ, ନିରଞ୍ଜନ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୀନକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରାମକୃଷ୍ଣ ବେଉରିଆ, ଗୋବର୍ଦ୍ଧନ ପ୍ରଧାନ, ଚିନ୍ମୟ ମହାନ୍ତି, ସଞ୍ଜୟ କୁମାର ସାମଲ, ସରୋଜ କୁମାର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ବୋଲେରୋକୁ ଧକ୍କା ଦେଲା ବସ୍, ୩ ଆହତ

ଧର୍ମଶାଳା,୧୩।୧୧(ବଟକୃଷ୍ଣ ପରିଡ଼ା ) : ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ନେଉଳପୁର ନିକଟରେ ବସ୍ ଧକ୍କାରେ ୩ ବୋଲରୋ ଯାତ୍ରୀ ଆହତ ହୋଇଛନ୍ତି । କଲିକତାରୁ କଟକ ଯାଉଥିବା ଓଡି-୨୨-୫୬୩୭ନଂ ଏକ ବସ୍ ନେଉଳପୁର ପାଖରେ ଛିଡା ହୋଇଥିବା ଏକ ବେଲେରୋ (ନଂ.ଓଡି-୦୪-୨୨୦୧)କୁ ଧକ୍କା ଦେଇଥିଲା । ଫଳରେ ବୋଲେରୋରେ ଥିବା ୩ ଜଣ ଆହତ ହୋଇଥିଲେ । ଧକ୍କା ଦେଇଥିବା ବସ୍‌ରେ କୌଣସି ଯାତ୍ରୀ ନ ଥିଲେ। ପାସେଞ୍ଜର ସିଟ ନ ଥିବା ବସଟି କେଉଁ ଉଦ୍ଦେଶ୍ୟରେ କେଉଁ ଆଡେ ଯାଉଥିଲା ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଅନ୍ୟପଟେ ଏନେଇ ବସ କିମ୍ବା ବୋଲେରୋ ମାଲିକଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଧର୍ମଶାଳା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ପୋଲିସ ନିଜ ଆଡୁ ଏକ ମାମଲା (ନଂ. ୭୨୭/୨୩) ରୁଜୁ କରି କରିଛି।

# ୮୦ ଅଭିଯୋଗରୁ ୪୬ର ତତ୍କାଳ ସମାଧାନ



ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ ।

## ରସୁଲପୁର ବ୍ଲକରେ ଜନ ଅଭିଯୋଗ ଶୁଣାଣି ଶିବିର

ରସୁଲପୁର,୧୩।୧୧(ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକରେ ଯାଜପୁର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ରସୁଲପୁର ବିଡିଓ ଅବନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋର ଯୋଗଦେଇ ଲୋକମାନଙ୍କ ସମସ୍ୟା ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ଶିବିରକୁ ମୋଟ ୮୦ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୪୬ଟି ଅଭିଯୋଗ ତତ୍କାଳ ସମାଧାନ ହୋଇଥିଲା । ବଳକା ଅଭିଯୋଗଗୁଡିକୁ ସମ୍ପୃକ୍ତ ବିଭାଗକୁ ପ୍ରଦାନ କରାଯାଇଛି । ସେ ଅଭିଯୋଗକୁ ତର୍ଜମା କରାଯିବା ସହ ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି । ଶିବିର ସ୍ଥଳରେ ସମାଧାନ ହୋଇଥିବା ଅଭିଯୋଗ ମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ଜଣଙ୍କୁ ଓ ରେଡ଼କ୍ରସରୁ ୨୨ଜଣଙ୍କୁ ଗୁରୁତର ରୋଗର ଚିକିତ୍ସା ପାଇଁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ପାଇଁ ୭ଜଣ ଆବେଦନ କରିଥିଲେ । ସେଥିମଧ୍ୟରୁ ୩ଜଣଙ୍କ ସମସ୍ୟାକୁ ଜିଲାପାଳ ଶିବିର ଜରିଆରେ ସମାଧାନ କରିଦେଇଥିଲେ। ବାକି ଆବେଦନ ଫର୍ମକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ୍ ୨୫ଜଣ ହିତାଧିକାରୀ ଭତ୍ତା ପାଇଁ ଆବେଦନ କରିଛନ୍ତି । ସେ ସବୁକୁ ବ୍ଲକ ସମାଜିକ ସୁରକ୍ଷାଧିକାରୀଙ୍କ ନିକଟକୁ ପଠାଯାଇଛି। ତାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି । ଏହାଛଡା ସମୂହ ସ୍ୱାର୍ଥକୁ ନେଇ ୫ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ସମସ୍ୟାକୁ ନେଇ ୨୧ଟି ଅଭିଯୋଗ ପଞ୍ଜିକୃତ ହୋଇଛି । ଉକ୍ତ ଶିବିରରେ ଜିଲାପାଳ ରାଠୋରଙ୍କ ସହ ଜିଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ଅଶୋକ କୁମାର ବେଉରିଆ, ଅତିରିକ୍ତ ଜିଲାପାଳ(ସାଧାରଣ ପ୍ରଶାସନ) ନବକିଶୋର ଜେନା, ରସୁଲପର ତହସିଲଦାର ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ।

# କାଳିଆପାଣିରେ ମୋ ସେବା କେନ୍ଦ୍ର,ମୋ ବ୍ୟାଙ୍କ ଉଦ୍‌ଘାଟିତ

ଧର୍ମଶାଳା,୧୩।୧୧(ବଟକୃଷ୍ଣ ପରିଡ଼ା) :

ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତରେ କଲ୍ୟାଣ ମଣ୍ଡପ ପରିସର ଉନ୍ନତିକରଣ କାର୍ଯ୍ୟ ସହ 'ମୋ ସେବା କେନ୍ଦ୍ର'ଓ 'ମୋ ବ୍ୟାଙ୍କ' କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦଘାଟକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଉପାଧ୍ୟକ୍ଷ ବିଶ୍ୱ ବିଜୟିନୀ ମିଶ୍ର, ଜିଲା ପରିଷଦ ସଭ୍ୟା ଜଳଧର ମହାନ୍ତି, ସରପଞ୍ଚ କୁମୁଦିନୀ ମହାନ୍ତି ଓ ସମିତି ସଭ୍ୟ ସୌମ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ନିରଞ୍ଜନ ରାଉତ, ଶରତ ଚନ୍ଦ୍ର ନାୟକ, ଅକ୍ଷୟ କୁମାର ନାୟକ, କ୍ଷିତିଶ ନାୟକ, ଜଗଦାନନ୍ଦ ରାଉତ, ମହିଳାନେତ୍ରୀ ବିଶ୍ୱବନ୍ଦନା ଜେନା ପ୍ରମୁଖ ଉପସ୍ଥିତ ଥିଲେ। କଲ୍ୟାଣ ମଣ୍ଡପ ପରିସରରେ ଖୋଲା ଯାଇଥିବା 'ମୋ ସେବା କେନ୍ଦ୍ର'ରେ ଜନସାଧାରଣ ଅନ୍‌ଲାଇନ ଜରିଆରେ ବିଭିନ୍ନ ସରକାରୀ ଯୋଜନାରେ ଚାଲିଥିବା ନାମ ପଞ୍ଜିକରଣ, ଭତ୍ତା ସମ୍ବନ୍ଧୀୟ ଆବେଦନ ସୁବିଧାରେ ସ୍ୱଳ୍ପ ମୂଲ୍ୟରେ କରିପାରିବେ। ସେହିପରି ମୋ ବ୍ୟାଙ୍କରେ ଗ୍ରାହକମାନେ ଟଙ୍କା ଉଠାଣ ଓ ପୈଠ ଆଦି କରିପାରିବେ। ଏହି ୨ ସେବା କେନ୍ଦ୍ର ଦ୍ୱାରା ସ୍ଥାନୀୟ ଲୋକମାନେ ଉପକୃତ ହେବେ ।



ମୋ ସେବା କେନ୍ଦ୍ର ଓ ମୋ ବ୍ୟାଙ୍କକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି ।

# ଧର୍ମଶାଳା ପବ୍ଲିକ ସ୍କୁଲରେ ଝୋଟି ପ୍ରତିଯୋଗିତା

ଧର୍ମଶାଳା,୧୩।୧୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଶଙ୍ଖାରିଢ଼ିହସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହିପ୍ରତିଯୋଗିତାକୁ ସ୍କୁଲର ସମ୍ପାଦକ ଅଧ୍ୟାପକ ଭିକାରୀ ଚରଣ ସାମଲ ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମରୁ ଦ୍ୱାଦଶଶ୍ରେଣୀର ୧୧ଟି ଗ୍ରୁପର ଛାତ୍ରୀମାନେ ଅଂଶ ଗ୍ରହଣ କରି ଭିନ୍ନ ଭିନ୍ନ ରଙ୍ଗର ମୁରୁଜରେ ଝୋଟି ଆଙ୍କି ନିଜର ପାରଦର୍ଶିତା ଦେଖାଇଥିଲେ। ଶିକ୍ଷୟିତ୍ରୀ ରୀତାଞ୍ଜଳି ପୁହାଣ, ମମତା ସାହୁ, ସରିତା ପାଣି, ମଧୁସ୍ମିତା ପତି, ଶିକ୍ଷକ ଶିବପ୍ରସାଦ ବାରିକ , ରାମଚନ୍ଦ୍ର ନାୟକ, ସୋମନାଥ ମିଶ୍ର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଅଂଶ ଗ୍ରହଣ କରିଥିବା ଅଷ୍ଟମଶ୍ରେଣୀ ଛାତ୍ରୀଙ୍କୁ ପ୍ରଥମ, ସପ୍ତମ ଏବଂ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଦ୍ୱିତୀୟ, ଚତୁର୍ଥ ଓ ଷଷ୍ଠଶ୍ରେଣୀ ଛାତ୍ରୀଙ୍କୁ ତୃତୀୟ ସ୍ଥାନ ଅଧିକାର କରିଥିବା ଘୋଷଣା କରାଯାଇଥିଲା । କୃତୀ ଛାତ୍ରୀଙ୍କୁ ସ୍କୁଲର ଅଧ୍ୟକ୍ଷ ସବିତ୍ରୁ ତ୍ରିପାଠୀ ପୁରସ୍କୃତ କରିଥିଲେ।



ବିଚାରକ ମଣ୍ଡଳୀଙ୍କ ଗହଣରେ ଝୋଟି ପ୍ରତିଯୋଗୀ ।

# ସୌରୀକ ଯୁବ ମହୋତ୍ସବ-୨୦୨୪ ପାଇଁ ପ୍ରସ୍ତୁତି

କାଳିଆପାଣି,୧୩।୧୧(ଅସିତ ମହାନ୍ତ )

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ ହେଉଥିବା ସୌରୀକ ଯୁବ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କ ଅଧ୍ୟକ୍ଷତାରେ ଖଣି ନିଗମ ଅତିଥିଶାଳାରେ ଅନୁଷ୍ଠିତ ଏହି ବୈଠକରେ ଖଣି ନିଗମ, ଟାଟାଷ୍ଟିଲ, ଇମ୍ଫା, ଜିନ୍ଦଲ, ଡେକୋ ,ଓଡ଼ିଶା ମୋଟର, କେଟିଏଲ, ନାରାୟଣୀ, ମାହେଶ୍ୱରୀ ଆଦି କମ୍ପାନୀ ସହ କ୍ରୋମାଇଟ ପରିବହନ କରୁଥିବା ଠିକାଦାର ପ୍ରତିନିଧି ଯୋଗ ଦେଇଥିଲେ। ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ନବମ ବାର୍ଷିକ ଯୁବ ମହୋତ୍ସବ ଜାନୁୟାରୀ ୮ରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ସବୁ ବର୍ଗର ଲୋକଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ବୈଠକରେ ଜିଲା ପରିଷଦ ସଭ୍ୟା ଜେମା ଚାଖି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ବିଦ୍ୟାଧର ପାତ୍ର ,ଖଣି ନିଗମ ପରିଚାଳକ ସତ୍ୟଶି ଦାସ,ଟାଟା ଷ୍ଟିଲର ଅନଙ୍ଗ ମାହନା ,ଇମ୍ଫାର ମିଳନ ରଞ୍ଜନ କର, ଡେକୋର ମନୋରଞ୍ଜନ ନାଥ, ଚନ୍ଦନ ମହାପାତ୍ରଙ୍କ ସହ ସ୍ଥାନୀୟ ସରପଞ୍ଚ ଓ ବହୁ ଜନପ୍ରତିନିଧି ଆଲୋଚନାରେ ଭାଗ ନେଇଥିଲେ ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ।

# ଅଷ୍ଟଧାତୁ ମୂର୍ତ୍ତି ଚୋରିକୁ ବର୍ଷେ ବିତିଲା

- କୋଟ୍ରାକ୍ଷୀଙ୍କ ମୂର୍ତ୍ତି ଉଦ୍ଧାର ହେଲା
- ସିଦ୍ଧ ବଳଦେବଜୀଉଙ୍କ ସିଂହାସନରେ ଥିବା ମୂର୍ତ୍ତିକୁ ନେଇ ଚିନ୍ତା

କାଏମା,୧୩।୧୧(ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ପାଟପୁର ପଞ୍ଚାୟତରେ ଥିବା ବହୁ ପୁରାତନ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାକୁ ଇତିମଧ୍ୟରେ ୧ ବର୍ଷ ବିତିଛି। ହେଲେ ଆଜି ପର୍ଯ୍ୟନ୍ତ ଯାଜପୁର ପୋଲିସ ମୂର୍ତ୍ତି ଚୋରି ସମ୍ପର୍କରେ କୌଣସି ସୁରାକ ପାଇନାହିଁ। ଗତ କିଛିଦିନ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ପ୍ରାୟ ୨ ବର୍ଷ ୧୦ ମାସ ପରେ ଚୋରି ହୋଇଥିବା ଦର୍ପଣଗଡ଼ ଅଞ୍ଚଳର ଆରାଧ୍ୟ ଦେବୀ ମା'କୋଟ୍ରାକ୍ଷୀଦେବୀଙ୍କ ମୂର୍ତ୍ତି ଉଦ୍ଧାର ହୋଇଛି । ଏହି ଘଟଣା ପରେ ବଳଦେବଜୀଉଙ୍କ ଚୋରି ହୋଇଥିବା ମୂର୍ତ୍ତି ଉଦ୍ଧାର ନିମନ୍ତେ ଦାବି ଜୋର ଧରିଛି। ତଦନ୍ତ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କ ବଦଳି ପରେ ଏହି ଫାଇଲ୍ ଆଉ ଖୋଲିନାହିଁ । ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି ।



ସିଂହାସନରେ ଅଧିଷ୍ଠିତ ସିଦ୍ଧ ବଳଦେବଜୀଉ ।

ସୂଚନା ଅନୁଯାୟୀ, ଗତବର୍ଷ ନଭେମ୍ବର ୧୧ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଏହି ବିରଳ ଅଷ୍ଟଧାତୁ ମୂର୍ତ୍ତିକୁ ମନ୍ଦିର କବାଟ ଭାଙ୍ଗି ଚୋରି କରି ନେଇଥିଲେ । ଏସମ୍ପର୍କରେ ଟ୍ରଷ୍ଟି ବିନୋଦ କୁମାର ଦାଶ ସେହି ମାସ ୧୨ ତାରିଖରେ ଧର୍ମଶାଳା ଥାନାରେ ଏତଲା ଦେଇଥିଲେ । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଘଟଣା ଦିନ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର. ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା । ଅଗଷ୍ଟରେ ମନ୍ଦିରର ଟ୍ରଷ୍ଟି ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନଙ୍କୁ ତାଙ୍କର ଧର୍ମଶାଳା ଗସ୍ତ ସମୟରେ ମୂର୍ତ୍ତି ଚୋରି ତଦନ୍ତକୁ ତ୍ୱରାନ୍ୱିତ କରିବା ତଥା ବଳଦେବଜୀଉ ମନ୍ଦିରର ଉନ୍ନତିକରଣ ନିମନ୍ତେ ୨ଟି ଚିଠି ଲେଖି ସହାୟତା ଲୋଡିଥିଲେ। ମନ୍ଦିରର ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଟ୍ରଷ୍ଟି ବିନୋଦ କୁମାର ଦାଶ ଘଟଣା ସମ୍ପର୍କରେ ଦେବୋତ୍ତର କମିଶନରଙ୍କୁ ବାରମ୍ବାର ଭେଟି ଏବଂ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିବା ସହ ତାଙ୍କର ସହାୟତା ଲୋଡିଥିଲେ । ଦେବୋତ୍ତର କମିଶନର ଇତିମଧ୍ୟରେ ଯାଜପୁର ଜିଲା ଏସ୍‌ପି ଏବଂ ଆସିଷ୍ଟାଣ୍ଟ କମିଶନରଙ୍କୁ ଚିଠି ଲେଖି ଘଟଣାର ତଦନ୍ତ ପ୍ରକିୟାକୁ ଆହୁରି ସକ୍ରିୟ କରିବା ସହ ଚୋରି ହୋଇଥିବା ବିରଳ ମୂର୍ତ୍ତି ଉଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ସେପ୍ଟେମ୍ବର ୨୭ରେ ଟ୍ରଷ୍ଟିଙ୍କ କ୍ରମାଗତ ଅନୁରୋଧ କ୍ରମେ ଦେବୋତ୍ତର କମିଶନର ସେଣ୍ଟ୍ରାଲ ଡିଆଇଜିଙ୍କୁ ଏକ ଚିଠି ଲେଖି ଯାଜପୁର ଏସ୍‌ପିଙ୍କୁ ତଦନ୍ତ ପ୍ରକ୍ରିୟାରେ ଧ୍ୟାନକେନ୍ଦ୍ରିତ କରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଇତିମଧ୍ୟରେ ଗତ ମାର୍ଚ୍ଚ ୩ ରେ ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ୪ ଜଣ ଅପରାଧୀଙ୍କୁ ଗିରଫ କରିବା ସହ ୩୧ଟି ବହୁମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଉଦ୍ଧାର କରିବାରେ ସଫଳ ହୋଇଥିଲେ । ହେଲେ ସିଦ୍ଧ ବଳଦେବଜୀଉଙ୍କ ଅଷ୍ଟଧାତୁ ମୂର୍ତ୍ତି ଉଦ୍ଧାର କରାଯାଇପାରିନାହିଁ । ମନ୍ଦିରର ଟ୍ରଷ୍ଟି ଇତିମଧ୍ୟରେ ପ୍ରତ୍ନତତ୍ତ୍ୱ ବିଭାଗର ଡିଜି ଏବଂ ଆଇଜି ,ସିବିଆଇ ଡିଜି ଏବଂ ଆଇଜି ,ତାମିଲନାଡୁ ଆଇଡ଼ଲ ଉଇଙ୍ଗ ସିଆଇଡିର ଡିଜି, ଆଇଜି, କ୍ରାଇମବ୍ରାଞ୍ଚର ଡିଜି ଏବଂ ଆଇଜି ଏବଂ ସର୍ବଭାରତୀୟସ୍ତରର ସମସ୍ତ କଷ୍ଟମ୍‌ଜୋନର ଡିଜି ଏବଂ ଆଇଜି ପ୍ରମୁଖଙ୍କୁ ଇମେଲ ଏବଂ ଫାକ୍ସ ଜରିଆରେ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି ।

**ବ୍ଲକ ଘେରାଉ ପାଇଁ ଭାଜପାର ପ୍ରସ୍ତୁତି ବୈଠକ**

ରାଜନଗର, (ଭାସ୍କର ରାଉତରାୟ): ନବୀନ ସରକାରଙ୍କ ଭ୍ରଷ୍ଟାଚାର, ଦୁର୍ନୀତି, ପ୍ରିୟାପ୍ରୀତି ପୋଷଣ ଓ ପିସି ବିରୋଧରେ ରାଜ୍ୟ ଭାଜପାର ନିର୍ଦ୍ଦେଶକ୍ରମେ ଆସନ୍ତା ୧୫ ତାରିଖରେ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ରାଜନଗର ବ୍ଲକ ଭାଜପା ପକ୍ଷରୁ ପ୍ରସ୍ତୁତି ବୈଠକ ତ୍ରିନାଥବଜାରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦିଲୀପ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ବିରୋଧରେ କହିଥିଲେ। ଏହି ବୈଠକରେ ବୈକୁଣ୍ଠ ପାଲ, ଶୂନ୍ୟବାସୀ ରଣା, କୈଳାସ ଚନ୍ଦ୍ର ପରିଡା, ଦିଲୀପ କୁମାର ପାତ୍ର, ପ୍ରଦୀପ କୁମାର ମିଶ୍ର, ଜୟାରାମ ରାଉତ, ଲୋକନାଥ ବିଶ୍ୱାଳ, ଚିତ ରଂଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ପଟ୍ଟାମୁଣ୍ଡାଇ, ୧୩।୧୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଥାନା ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ଗୋଗୁଆ-ଚଉଦକୁଲାଟ ରାସ୍ତାର ଏକ ଗଛରେ ସୋମବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଝୁଲନ୍ତା ଅବସ୍ଥାରେ ଜବତ କରିଛି। ଗଛ ତଳେ ଏକ ବାଇକ୍ ସହ ହେଲ୍‌ମେଟ୍ ଓ ପ୍ଲାଷ୍ଟିକ ବୋତଲ ମଧ୍ୟ ପଡ଼ି ରହିଛି। ସୋମବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ସେଠାରେ ଥିବା ବାଇକ୍ ନମ୍ବରରୁ ରାଉରକେଲାର ସେକ୍ଟର ୧୮ର ରାଜକିଶୋର ରାଉତ (୫୦) ବୋଲି ଜାଣିବାକୁ ପାଇଥିଲା। ସେହିପରି ତାଙ୍କ ଡ୍ରାଇଭିଂ ଲାଇସେନ୍ସରୁ ଦକ୍ଷିଣ ଧାମରା ଭଦ୍ରକର ପ୍ରେଜେଣ୍ଟ ଆଡ୍ରେସ୍ ଉଲ୍ଲେଖ ଅଛି। ଭଉଣୀଙ୍କ ଦୁଃଖ ସହିପାରୁନି, ମୋ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ଗାଡ଼ି ଡିକିରୁ ପୋଲିସ ଜବତ କରିଥିବା ମୋବାଇଲର ୱାଲ ପେପରରେ ଲେଖାହୋଇଥିବା ପୋଲିସ ଦେଖିବାକୁ ପାଇଛି। ଏ ନେଇ ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ରାଉରକେଲା, ଭଦ୍ରକ ଓ ସୁନ୍ଦରଗଡ଼ ପୋଲିସକୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲା। ପରେ ତାଙ୍କ ଘର ଯାଜପୁର ଜିଲା ଦଶରଥପୁର ଥାନା ରାମବାଗ ଗାଁରେ ବୋଲି ଜଣାପଡିଥିଲା। ପରିବାର ଲୋକେ ପଟ୍ଟାମୁଣ୍ଡାଇରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### କେନ୍ଦ୍ରାପଡ଼ା କଲେଜରେ ସ୍ୱତନ୍ତ୍ର ଅଡିଟ ପାଇଁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୧୩।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ରହିଛି। ଏପରି ଅଭିଯୋଗ ପରେ ଉଚ୍ଚଶିକ୍ଷା ପକ୍ଷରୁ ଗତ ୧ ତାରିଖରେ ସ୍ୱତନ୍ତ୍ର ଅଡିଟ ପାଇଁ ନିର୍ଦ୍ଦେଶ (ଚିଠି ନଂ. ୪୭୨୭୬) ଦିଆଯାଇଛି। ଏ ସମ୍ପର୍କରେ ଅଭିଯୋଗକାରୀ ପୁରାତନ ଛାତ୍ର ପ୍ରତାପ କୁମାର ମହାନ୍ତି କହିଛନ୍ତି, ମହାବିଦ୍ୟାଳୟକୁ ମିଳିଥିବା ଆରୟୁଏସ୍ଏ, ୟୁଜିସି, ଇଗ୍ନୋ ଆଦିର ଅର୍ଥର ଅନିୟମିତା ଅଛି। ଏ ନେଇ ସେ ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ସଂଗ୍ରହ କରିଛନ୍ତି। ରାସ୍ତା ନିର୍ମାଣ, କଲେଜ ଉନ୍ନୟନ ଯୋଜନା କାର୍ଯ୍ୟ, ବିଭିନ୍ନ ଉପକରଣ କ୍ରୟ, ସିସିଟିଭି ମରାମତି ଆଦି ତଥ୍ୟରେ ବହୁ ଅର୍ଥ ହଡପ ହୋଇଥିବା ସୂଚନା ମିଳିଛି। ଏନେଇ ସେ ଉଚ୍ଚଶିକ୍ଷା ବିଭାଗକୁ ଅଭିଯୋଗ ପରେ ସ୍ୱତନ୍ତ୍ର ଶାସନ ସଚିବ ମନୋରଞ୍ଜନ ନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରାଜନଗର, ୧୩।୧୧ (ଭାସ୍କର ରାଉତରାୟ)



ଅବସରପ୍ରାପ୍ତ ଶିକ୍ଷକ ତଥା ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଆଶ୍ରିତ ବ୍ରଜ ସୁନ୍ଦର ଦାସଙ୍କର ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ରାଜନଗର ବ୍ଲକ ସାନଓର ଗାଁରେ ଦାସଙ୍କ ଘର। ସେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ବିଦ୍ୟାପୀଠରେ ଦିର୍ଘଦିନ ଧରି ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ। ସେ ଏକାଧାରାରେ ଜଣେ ଛାତ୍ର ବତ୍ସଳ ଶିକ୍ଷକ, ସାମାଜିକ କର୍ମୀ ଏବଂ ଆଧାତ୍ମିକ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ଅବସର ପରେ ସେ ରାଜନଗରସ୍ଥିତ ଶ୍ରୀମଦ୍ ବାୟାବାବାଙ୍କ ଆଶ୍ରମର ସଭାପତି ଭାବେ ଦୀର୍ଘଦିନ ଧରି କାର୍ଯ୍ୟକରି ବାୟାପ୍ରେମୀଙ୍କ ନିକଟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସନ୍ଧ୍ୟାରେ ତାଙ୍କ ମରଶରୀରକୁ ରାଜନଗର ବଜାର, ମହିଁଷାସୁର ସ୍ଥିତ ବାୟାବାବାଙ୍କ ଆଶ୍ରମ ଏବଂ ତାଙ୍କ କର୍ମଭୂମି ବିଦ୍ୟାପୀଠକୁ ଅଣାଯାଇ ସେଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ତାଙ୍କ ମୃତଦେହକୁ ସ୍ୱର୍ଗଦ୍ୱାରରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ଲୋକନାଥ, ବ୍ରହ୍ମାନନ୍ଦ, ଶଶୀଭୂଷଣ, ସ୍ୱାଇଁ ଦାମୋଦର ସ୍ୱାଇଁ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଜିଲାପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ବିକ୍ରମାଦିତ୍ୟ ଦାସ, ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ନାରାୟଣ ଚନ୍ଦ୍ର ମାହୁନ୍ତ, ବାବା ଅଭୟ ଦାସ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ମହିଳାଙ୍କୁ ଅସଦାଚରଣ, ଖବରଦାତାଙ୍କ ନାଁରେ ଏତଲା

ରାଜନଗର, ୧୩।୧୧ (ଭାସ୍କର ରାଉତରାୟ)

ରାଜନଗର ଥାନା ଅଞ୍ଚଳରେ ଜଣେ ଖବରଦାତା ଜନୈକା ମହିଳାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଛକର ଅସଦାଚରଣ କରିବା ନେଇ ସୋମବାର ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଦଫା ୨୯୪, ୩୨୩, ୩୫୪, ୩୫୪ (ବି), ୫୦୬ ଆଇପିସିରେ ନଂ. ୬୩୩/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ଅଭିଯୋଗ ମୁତାବକ, ରାଜନଗର ଗ୍ରାମର ସୁକାନ୍ତ ବେହେରା ଓରଫ ଜାପାନୀ ୨୦୨୨ରେ ରାଜନଗର ବ୍ଲକ ସାମ୍ବାଦିକ ସଂଘ ଗଠନ କରିବା ପରେ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଗାଁର ଜଣେ ମହିଳାଙ୍କ ଥିବା ଘରକୁ ଭଡା ସୂତ୍ରରେ ନେଇଥିଲେ। ମାସିକ ୨ ହଜାର ଟଙ୍କା ଦେବା ସହ ମହିଳାଙ୍କ ଝିଅକୁ ଖବରଦାତା କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ତାଙ୍କ ଝିଅକୁ ସ୍ୱଳ୍ପ ସମୟ ପାଇଁ କୌଣସି ଏକ ଖବରକାଗଜର ପ୍ରତିନିଧି କରାଇଥିଲେ। ଝିଅକୁ ନାମକୁମାତ୍ର ଖବରଦାତା କରାଇ ପରବର୍ତ୍ତୀ ସମୟରେ ସେଥିରୁ ବାହାର କରି ଦେଇଥିଲେ। ଯୋରଜବରଦସ୍ତ ଘରଭଡ଼ା ନ ଦେଇ ଘରକୁ ବେଆଇନ ଭାବେ ଦଖଲ କରି ରଖିବା ସହ ବିଭିନ୍ନ ସମୟରେ ନାଲି ଆଖି ଦେଖାଉଥିଲେ। ଅପରାହ୍ନ ୪ଟାରେ ମହିଳା ଜଣକ ବକେୟା ଘରଭଡ଼ା ଟଙ୍କା ମାଗିବାକୁ ଯାଇଥିଲେ। ଟଙ୍କା ଦେବା ବଦଳରେ ଜାପାନୀ ଉତ୍ତ୍ୟକ୍ତ ହୋଇ ମୋତେ ମାଡ଼ ମାରିବା ସହ ପିନ୍ଧିଥିବା ଲୁଗାକୁ ଚିରି ଉଲଗ୍ନ କରି ଖରାପ କାର୍ଯ୍ୟ କରିବାକୁ ଚେଷ୍ଟା କରିଥିଲା। ଇଜ୍ଜତ ବଞ୍ଚାଇବା ପାଇଁ ଯେନତେନ ପ୍ରକାରେ ଜାପାନୀ କବଳରୁ ଖସି ଆସିବା ସମୟରେ ତୋତେ କିଏ ରକ୍ଷା କରିବ, ବିଟ୍ ବଜାରରେ ଗୋଡେଇ ଗୋଡେଇ ବଳାତ୍କାର କରିବି, ମୁଁ ରାଜନଗର ବ୍ଲକ ସାମ୍ବାଦିକ ସଂଘର ସଭାପତି, ମୋର କେହି କିଛି ଓପାଡ଼ି ପାରିବେ ନାହିଁ ବୋଲି ଧମକ ଦେଇଥିଲେ ବୋଲି ଏତଲାରେ ଘର ମାଲିକ ମହିଳା ଜଣକ ଉଲ୍ଲେଖ କରିଛନ୍ତି। ଏ ନେଇ ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କୁ ପଚାରିବାରୁ ଏହା ଏକ ସଙ୍ଗୀନ ଅଭିଯୋଗ ହୋଇଥିବାରୁ ଏତଲାକାରୀଙ୍କ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ରାଜନଗର ଅଞ୍ଚଳର କେତେଜଣ ବେକାରୀ ଓ ଯୋଗ୍ୟତା ନ ଥିବା ଯୁବକଙ୍କୁ ଏକାଠି କରି ପ୍ରିଣ୍ଟ ଓ ସୋସିଆଲ ମିଡିଆରେ ନକଲି ଖବରଦାତା ଭାବେ ପରିଚୟ ଦେଇ ନିଜକୁ ସେହି ସାମ୍ବାଦିକ ସଂଘର ସଭାପତି କହି ଜାପାନୀ କିଛି ମାସ ଧରି ବିଭିନ୍ନ ସରକାରୀ ଦପ୍ତର, ଅଙ୍ଗନୱାଡି କେନ୍ଦ୍ର, ବିଭିନ୍ନ ଶିକ୍ଷାନୁଷ୍ଠାନରେ ଖବର ପ୍ରକାଶ ନାଁରେ ଆତଙ୍କ ସୃଷ୍ଟି କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଯାହାକୁ ନେଇ ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଖବରଦାତାମାନଙ୍କ ପ୍ରତି ରହିଥିବା ସମ୍ମାନ କ୍ଷୁର୍ଣ୍ଣ ହୋଇ ଆସୁଥିଲା।



ରାଜନଗରରେ ସୁକାନ୍ତ ବେହେରା କରିଥିବା ସାମ୍ବାଦିକ ସଂଘର କାର୍ଯ୍ୟାଳୟ ଗୃହ।



କେନ୍ଦ୍ରାପଡ଼ା ସହର ଗୁଲନଗର କାଳୀ। ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ପ୍ରଭାକରପୁର ବଜାର କମିଟି ପକ୍ଷରୁ କାଳୀଙ୍କ ପୂଜାର୍ଚ୍ଚନା।

## ମହାକାଳପଡ଼ା ସିଏଚ୍‌ସି ପାଇଁ ୧୨ କୋଟି ମଞ୍ଜୁର

ଭୁବନେଶ୍ୱର, ୧୩।୧୧ (ଅସମାପିକା ସାହୁ)

ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି)ର ନୂତନ ଓପିଡି ଏବଂ ଆଇପିଡି କୋଠା ନିର୍ମାଣ ପାଇଁ ରାଜ୍ୟ ସରକାର ୧୨ କୋଟି ୮୪ଲକ୍ଷ ୬୬ ହଜାର ଟଙ୍କାର ବ୍ୟୟ ଅଟକଳର ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏ ନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଦେଶନାମା ଜାରି ହୋଇଛି। କେଉଁ କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ ହେବ ସେ ନେଇ ଚିଠି ଦିଆଯାଇଛି। ଏହାଠାରୁ ଅଧିକ ଖର୍ଚ୍ଚ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପ ସହ ଅନୁଦାନ ମଞ୍ଜୁରୀ ନିମନ୍ତେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସାବ୍ୟସାଚୀ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବେଲତଳ ଧ୍ୟାନ ମନ୍ଦିରରେ ଗୀତା ଜ୍ଞାନଯଜ୍ଞ

ପଟ୍ଟାମୁଣ୍ଡାଇ, ୧୩।୧୧ (କଳ୍ପତରୁ ନାୟକ)

ପ୍ରଜ୍ଞାନ ମିଶନ ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ବେଲତଳ ହରିହରାନନ୍ଦ ଧ୍ୟାନ ମନ୍ଦିରରେ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଗୀତା ଜ୍ଞାନଯଜ୍ଞ ହୋଇଯାଇଛି। ଏଥିରେ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ଗୀତା ଜ୍ଞାନ ଯଜ୍ଞକୁ ଉଦ୍‌ଘାଟନ କରିବା ସହ ୩ ଦିନ ଧରି ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ପ୍ରତ୍ୟହ ଭଜନ ପ୍ରବଚନ କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ, ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ଶୁଣିଥିଲେ। ଉଦ୍‌ଯାପନୀ ଦିବସରେ ଦୁଷ୍ମନ୍ତ ସାହୁ, ଭାରତୀ ସାହୁ, ପବନି ରାଉତ, ଆରତୀ ରାଉତ, ବ୍ରଜ ପଣ୍ଡା ପ୍ରମୁଖ ଗୀତାମାତାଙ୍କୁ ଯଜ୍ଞ ଆରତି କରିଥିଲେ। ପ୍ରଜ୍ଞାନ ମିଶନର ସାଧୁସନ୍ଥ, ଧ୍ୟାନ ମନ୍ଦିରର ଶିଷ୍ୟମାନେ ସହଯୋଗ କରିଥିଲେ।

# ପୂର୍ବ ଶତ୍ରୁତାରୁ ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ

ଡେରାବିଶ, ୧୩।୧୧ (ବେବର୍ତ୍ତା ଅଜୟ ଦାସ)

**୬ ଆହତ, ଥାନାରେ ପୃଥକ୍ ପୃଥକ୍ ମାମଲା**

ଡେରାବିଶ ଥାନା ଅଧୀନ କାଉପଡ଼ା ପଞ୍ଚାୟତ ବାଘିଲୋବାବାନପୁର ଗାଁରେ ପୂର୍ବ ଶତ୍ରୁତାକୁ ନେଇ ରବିବାର ବିଳମ୍ବିତ ରାତିରେ ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏହି ସଂଘର୍ଷରେ ଉଭୟ ପରିବାରର ୬ ଜଣ ଆହତ ହୋଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଥାନାରେ ଉଭୟ ପରିବାର ପକ୍ଷରୁ ହୋଇଥିବା ୩ଟି ଅଭିଯୋଗକୁ ଭିତ୍ତି କରି ପୃଥକ୍ ପୃଥକ୍ ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଗ୍ରାମର ଭରତ ଚନ୍ଦ୍ର ମହାରଣାଙ୍କ ଝିଅ ପୁଷ୍ପଲତା (୨୦) କରିଥିବା ଅଭିଯୋଗରେ ରବିବାର ରାତି ସାଢେ ୧୦ଟାରେ ସେ ଶୋଇଥିବା ବେଳେ ପଡ଼ୋଶୀ ଘରର ଗିରିଜା ଶଙ୍କର ମହାରଣା (୩୮), ଦୀଲିପ ମହାରଣା (୪୫) ଓ ତାଙ୍କ ବାପା ମୁରଲିଧର (୭୨) ତାଙ୍କ ପିନ୍ଧିଥିବା ବସ୍ତ୍ରକୁ ଟଣା ଓଟରା କରି ବଳାତ୍କାର ଉଦ୍ୟମ କରିବା ସହ ମରଣାନ୍ତ ଆକ୍ରମଣ କରିଥିଲେ। ଏହି ସମୟରେ ସେ ଚିତ୍କାର କରିବାରୁ ତାଙ୍କ ବୋଉ ଦେବକୀ ସେଠାକୁ ଆସି ତାଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତ ତିନିଜଣ ତାଙ୍କ ବୋଉଙ୍କୁ ଲହାରଡ଼ ଓ ଭୁଜାଲି ଯୋଗେ ଆକ୍ରମଣ କରିଥିବା ନେଇ ପୁଷ୍ପଲତା ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଆକ୍ରମଣରେ ତାଙ୍କ ଭାଇ ସୌମ୍ୟରଞ୍ଜନ ମଧ୍ୟ ଆହତ ହୋଇଛନ୍ତି। ସମସ୍ତ ଆହାତମାନଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇ ଚିକିତ୍ସା କରାଯାଇଥିବା ନେଇ ପୁଷ୍ପଲତା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେହିପରି ଉପରୋକ୍ତ ୩ଜଣଙ୍କ ଆକ୍ରମଣରେ ପଡ଼ୋଶୀ ପୀତାମ୍ବର ମରାହରଣା, ସ୍ତ୍ରୀ ଦମୟନ୍ତୀ ଓ ପୁଅ ଅମୂଲ୍ୟ ଆହତ ହୋଇଥିବା ନେଇ ଦମୟନ୍ତୀଙ୍କ ପକ୍ଷରୁ ଆଉ ଏକ ଅଭିଯୋଗ କରାଯାଇଛି। ଅପରପକ୍ଷରେ ଏହି ସଂଘର୍ଷରେ ଆହତ ହୋଇଥିବା ଗିରିଜା ଶଙ୍କର ମହାରଣାଙ୍କ ପରିବାର ପକ୍ଷରୁ ଥାନାରେ ଅନ୍ୟ ଏକ ଅଭିଯୋଗ କରାଯାଇଛି। ଏ ନେଇ ଥାନାରେ ନଂ ୨୭୪/୨୩ ଓ ୨୭୫/୨୩ରେ ମାମଲା ରୁଜୁ ହୋଇ ଘଟଣାର ଅଧିକ ତଦନ୍ତ ଚାଲୁ ରହିଥିବା ଆଇଆଇସି କିଶୋର ଚନ୍ଦ୍ର ତରାଇ ସୂଚନା ଦେଇଛନ୍ତି।

# ପୋଖରୀରୁ ୩ ଫୁଟ ଲମ୍ବର କୁମ୍ଭୀର ଛୁଆ ଉଦ୍ଧାର


ପୋଖରୀରୁ ଜବତ ହୋଇଥିବା କୁମ୍ଭୀରକୁ ଭିତରକନିକା ନଦୀରେ ଛଡାଯାଉଛି।

ରାଜନଗର, ୧୩।୧୧ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦରେ ଥିବା ନଳିତାପାଟିଆ ଗାଁର ଜଗନ୍ନାଥ ଦାସଙ୍କ ପୋଖରୀରୁ ସୋମବାର ୩ ଫୁଟ ଲମ୍ବର କୁମ୍ଭୀର ଛୁଆକୁ ଉଦ୍ଧାର କରାଯାଇଛି। ପୋଖରୀରେ କୁମ୍ଭୀର ଛୁଆ ଭାସୁଥିବା ଦେଖି ବନ ବିଭାଗକୁ ଖବର ଦିଆଯାଇଥିଲା। ଖବରପାଇ କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ଯଶୋବନ୍ତ ବେହେରା, ମନୋରଞ୍ଜନ ବେହେରା, ନଣ୍ଡା ସେଠୀ ପ୍ରମୁଖ ପୋଖରୀ ନିକଟରେ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିଥିଲେ। କୁମ୍ଭୀରଟିକୁ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀରେ ଛାଡି ଦିଆଯାଇଛି।

# ଦୀପାବଳିରେ ଜଳଖିଆ ଦୋକାନ ଜଳିଗଲା

ମହାକାଳପଡ଼ା, ୧୩।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ କେବୀ ଦାଣ୍ଡୁଆ ପଞ୍ଚାୟତର ସ୍ଥାନୀୟ ଏକଲପୁର ଗ୍ରାମର ଗୋପୀ ମହାରଣା ଜଳଖିଆ ଦୋକାନ କରି ବ୍ୟବସାୟ କରୁଥିଲେ। ହେଲେ ରବିବାର ସନ୍ଧ୍ୟାରେ ଦୀପାବଳି ଉତ୍ସବ ପାଳନ ବେଳେ ଦୋକାନ ଘରେ ନିଆଁ ଲାଗିଥିଲା। ତେବେ ଦୋକାନ ଖୋଲିବା ପୂର୍ବରୁ ଗ୍ୟାସ୍ ସିଲିଣ୍ଡର ଫାଟିବାରୁ ନିଆଁ ଚାରିପାଖକୁ ବ୍ୟାପିଯାଇଥିଲା। ସ୍ଥାନୀୟ ଲୋକେ ଦୋକାନ ଘରୁ ଆସବାବପତ୍ର ବାହାରକରି ପାରି ନ ଥିଲେ। ଚାହୁଁ ଚାହୁଁ ନିଆଁର ପ୍ରକୋପ ବୃଦ୍ଧି ପାଇଥିଲା। ଖବରପାଇ ମହାକାଳପଡ଼ା ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଦୋକାନ ଘରର ସମସ୍ତ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ସ୍ଥାନୀୟ ଚକଡ଼ା ଗୋଗୁଅ ରାଜସ୍ୱ ନିରୀକ୍ଷକ ପବିତ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପଲିଥିନ ଯୋଗାଇ ଦେଇଛନ୍ତି। ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଭାଜପା ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା


ଭାଜପା ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କୁ ସ୍ୱାଗତ କରାଯାଉଛି।

କେନ୍ଦ୍ରାପଡା, ୧୩।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଭାଜପା ଜିଲା ସଭାପତି ଭାବେ ପୁନର୍ବାର କିଶୋର ଚନ୍ଦ୍ର ପଣ୍ଡା ମନୋନୀତ ହୋଇଛନ୍ତି। ଏଥିପାଇଁ ସହରର ତିନିମୁହାଣୀସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଜିଲା ସଭାପତି ପଣ୍ଡାଙ୍କୁ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ସମ୍ବର୍ଦ୍ଧିତ କରିଛନ୍ତି। ଜିଲା ଉପସଭାପତି ଉପିନ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କର୍ମକର୍ତ୍ତାମାନେ ଦଳୀୟ ସଙ୍ଗଠନର ସଶକ୍ତୀକରଣ ଓ ଆସନ୍ତା ସାଧାରଣ ନିର୍ବାଚନରେ ଭାଜପା ଭଲ କରିବା ପାଇଁ ସଭାପତି ପଣ୍ଡାଙ୍କ ରଣନୀତି ଶାଣିତ ହେବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସଭାପତି ପଣ୍ଡା ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ସମ୍ବର୍ଦ୍ଧନା ସଭାରେ ଶତାଧିକ କର୍ମକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ।

# ରିଘାଗଡ ଜରାନିବାସ ପରିଦର୍ଶନ କଲେ ବିଚାରପତି ଦମ୍ପତି


ଜରାନିବାସରେ ବିଚାରପତିଙ୍କ ସହ ପରିବାର ଲୋକେ।

ରାଜନଗର, ୧୩।୧୧ (ଭାସ୍କର ରାଉତରାୟ)

ଦୀପାବଳି ଅବସରରେ ବରିଷ୍ଠ ବିଚାରପତି ଦମ୍ପତି ଏହି ଉତ୍ସବକୁ ନିଆରା ଢଙ୍ଗରେ ପାଳି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରବିବାର ଦୀପାବଳି ଅବସରରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ସିନିୟର ସିଭିଲ ଜଜ ସୁଶ୍ରୀ ସଙ୍ଗୀତା ମଲ୍ଲିକ, ସ୍ୱାମୀ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ନିର୍ମଳ ରାଉତରାୟ ଓ ପୁଅ ଶୈଳେଶ ରାଉତରାୟ ସପରିବାର ରାଜନଗର ବ୍ଲକ ରିଘାଗଡସ୍ଥିତ ଜରାନିବାସରେ ପହଞ୍ଚି ଅନ୍ତେବାସୀଙ୍କ ସହ ସମୟ ବିତାଇ ଥିଲେ। ସେମାନଙ୍କ ଭଲ ମନ୍ଦ ବୁଝିବା ସହିତ ଅନ୍ତେବାସୀମାନଙ୍କୁ ଆଲୋକର ପର୍ବ ଦୀପାବଳିର ଅଭିନନ୍ଦନ ଜଣାଇଥିଲେ। ଏଥିସହ ଅନ୍ତେବାସୀଙ୍କ ମନୋରଞ୍ଜନ ପାଇଁ ହାରମୋନିୟମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାନେଲ ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ, ସୁରେଶ କୁମାର ନରେନ୍ଦ୍ର, ସୁଶ୍ରୀକାନ୍ତ ପରିଡା, ଜରାନିବାସର ସୁପରିଣ୍ଟେଣ୍ଡେଣ୍ଟ ସସ୍ମିତା ଦାସ ପରିଚାଳନା କରିବା ସହ ବିଚାରପତି ଦମ୍ପତିଙ୍କ ମାନବୀୟ ଦୃଷ୍ଟିଭଙ୍ଗୀ ଓ ମହନୀୟତାକୁ ଭୂୟସୀ ପ୍ରଶଂସା କରିଥିଲେ। ଜରାନିବାସର ସମସ୍ତ ଅନ୍ତେବାସୀ ହାରମୋନିୟମ, ଝାଞ୍ଜ, ଢୋଲକ ବଜାଇ ବିଚାରପତି ଦମ୍ପତିଙ୍କୁ ବିଭିନ୍ନ ଭକ୍ତି ସଙ୍ଗୀତ ଶୁଣାଇ ବିମୋହିତ କରାଇଥିଲେ।

# କଟକ ୟଙ୍ଗ୍ ଉତ୍କଳ ଫୁଟ୍‌ବଲ କ୍ଲବ ଚାମ୍ପିୟନ

ରାଜକନିକା, ୧୩।୧୧ (ସଞ୍ଜୟ କୁମାର ଦାଶ)

**ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ରାଜକନିକା କପ୍ ଟୁର୍ନାମେଣ୍ଟ**



ଅତିଥିମାନେ ଚାମ୍ପିୟନ ଦଳର ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ରାଜକନିକା ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୪୨ତମ ରାଜକନିକା କପ୍ ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସ୍ଥାନୀୟ ଆର୍‌ଏନ୍ ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଶନିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟଟି ପୂର୍ବତନ ମନ୍ତ୍ରୀ ବିରୋଧୀ ଦଳ ନେତା ତଥା ଆଳିର ରାଜା ସାହେବ ସ୍ୱର୍ଗତ ଶରତ କୁମାର ଦେବଙ୍କ ନାମରେ ସମର୍ପିତ ବା ଉତ୍ସର୍ଗ କରାଯାଇଥିଲା। ଶନିବାର ଫାଇନାଲ ମ୍ୟାଚ କଟକ ୟଙ୍ଗ୍ ଉତ୍କଳ ଫୁଟ୍‌ବଲ କ୍ଲବ ବନାମ ଢେଙ୍କାନାଳ ପପୁଲାର ଫୁଟ୍‌ବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଟକ ୟଙ୍ଗ୍ ଉତ୍କଳ କ୍ଲବ ୨-୦ ଗୋଲ ବ୍ୟବଧାନରେ ବିପକ୍ଷ ଢେଙ୍କାନାଳ ପପୁଲାର କ୍ଲବକୁ ହରାଇ ଚାମ୍ପିୟନ ହୋଇଛି।

ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆସୋସିଏଶନର ସଭାପତି ତଥା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶକ୍ତି, ଶିଳ୍ପ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟବକ୍ତା ଭାବେ କନିକା ରାଜା ସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ, ଓଡ଼ିଶା ଫୁଟ୍‌ବଲ ଟିମ୍‌ର ପୂର୍ବତନ ଖେଳାଳି ଆର୍‌ଆଇ ଟିଗା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ କଟକ ୟଙ୍ଗ୍ ଉତ୍କଳ ଫୁଟ୍‌ବଲ କ୍ଲବ ଟିମ୍‌କୁ ୩୦ ହଜାର ଅର୍ଥ ରାଶି ସହ ହାରାମଣି ଟ୍ରଷ୍ଟ ବିଜେତା ଟ୍ରଫି ଓ ଉପବିଜେତା ଟିମ୍‌କୁ ୨୦ ହଜାର ଅର୍ଥରାଶି ସହ ହାରାମଣି ଟ୍ରଷ୍ଟ ଉପବିଜେତି ଟ୍ରଫି ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି କପିଳେନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବବୁଲ ରାଉତଙ୍କୁ ଯୁଧିଷ୍ଠିର ମଥାନ ସ୍ମାରକୀ ଟ୍ରଫି ସହ ଅର୍ଥ ରାଶି ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ରାକେଶ ସାହୁଙ୍କୁ ରାମଚନ୍ଦ୍ର ମହାନ୍ତି ସ୍ମାରକୀ ଓ ଜବନ କବି ଉଜିର ବେଗ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁମ୍ବାଇ ଗୁରୁ ବ୍ରଦର୍ସ ପକ୍ଷରୁ ଉପସ୍ଥିତ ଅତିଥିମାନଙ୍କୁ ଉତ୍ତରୀୟ, ରେଫରି, ଖେଳାଳି ଓ ସ୍ୱେଚ୍ଛାସେବୀମାନଙ୍କୁ ଜର୍ସି ପ୍ରଦାନ କରାଯାଇଥିଲା। ମ୍ୟାଚକୁ ଜ୍ୟୋତିରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ସୁଦୀପ ଦାସ ଓ ଶଶିକାନ୍ତ ଦାସିଆ ଲାଇନ୍ସରେ ସହଯୋଗ କରିଥିଲେ। ୪ର୍ଥ ଅଫିସିଆଲ ଭାବେ ଅରୁଣ ବାରିକ ଓ ଗୋଲକ ବିହାରୀ ମଲ୍ଲିକ ସହଯୋଗ କରିଥିଲେ। ଯୁଗ୍ମ ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଡ. ଫକୀର ଚନ୍ଦ୍ର ପ୍ରଧାନ, ଇଂ. ପ୍ରଶାନ୍ତ କୁମାର ବିଶ୍ୱାଳ, ମିଡିଆ ସେଲ୍ ସମ୍ପାଦକ ଅଜୟ କୁମାର ରାଉତ, ଫୁଟ୍‌ବଲ ସମ୍ପାଦକ ଶିବପ୍ରସାଦ ମଲ୍ଲିକ, ଭଲିବଲ ସମ୍ପାଦକ ପ୍ରବୀର କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ବିବରଣୀ ସୌମ୍ୟକାନ୍ତ ନାୟକ ପ୍ରଦାନ କରିଥିଲେ। ବରିଷ୍ଠ ସଭ୍ୟ ବେଣୁଧର ପରିଡ଼ା, ମନୋଜ ସେନାପତି, ଶରତ କୁମାର ମଲ୍ଲିକ, ପ୍ରଭାସ ସେନାପତି, ପ୍ରକାଶ ସେନାପତି, ପ୍ରହ୍ଲାଦ ଜେନା, ଶରତ କୁମାର ଜେନା, ଅଧାପକ ମିର୍ଜା ଇବ୍ରାହିମ ବେଗ, ବାସୁଦେବ ବେହେରା, ପର୍ଶୁରାମ ସାହୁ, ବିଜୟ ଭୂୟାଁ, ଅକ୍ଷୟ କୁମାର ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

ଦଶପଲ୍ଲା, ୧୩।୧୧ ( ପ୍ରକାଶ କୁମାର ପାଣି )

ଦଶପଲ୍ଲା ଥାନାର କଇମ ଗ୍ରାମରେ ପୋଖରୀରେ ବୁଡି ଜଣେ ବ୍ୟକ୍ତିଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତବ୍ୟକ୍ତିଙ୍କ ନାମ ବିଜୟ ଜାନୀ ବୋଲି ଜଣା ପଡିଛି। ସେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା ହୋଇ ପାରି ନ ଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ମୁକେଶ କୁମାର ବେହେରା ସୂଚନା ଦେଇଛନ୍ତି।

### ମହାନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଖଣ୍ଡପଡ଼ା, ୧୩।୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା କଣ୍ଟିଲୋ ଫାଣ୍ଡି ଅଧୀନ ବଡବାଣପୁର ପଞ୍ଚାୟତ ରାମଚଣ୍ଡୀ ସାହିର ଜନୈକା ବୃଦ୍ଧା ଶୁବନି ମାଣ୍ଡୋଇ (୭୫) ଶନିବାର ନିକଟସ୍ଥ ମହାନଦୀ ଘାଟକୁ ସ୍ନାନ ଶୌଚାଦି ନିମନ୍ତେ ଯାଇଥିବା ବେଳେ ଗୋଡ ଖସିଯିବାରୁ ନଦୀ ମଧ୍ୟକୁ ଚାଲି ଯାଇଥିଲେ। ନଦୀ ଘାଟରେ କେହି ନ ଥିବାରୁ କିଛି ଜାଣି ହୋଇ ନ ଥିଲା। ମାତ୍ର ତାଙ୍କ ମୃତଦେହ ନଦୀରେ ଭାସୁଥିବା ବେଳେ ଚିହ୍ନଟ କରାଯାଇଥିଲା।

# ଧାନ କାଟି ଅଯଥାରେ ବଦନାମ ନ କରିବାକୁ ତାଗିଦ

ନୟାଗଡ଼, ୧୩।୧୧ (ଲୋକନାଥ ମିଶ୍ର)


ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।


ବୈଠକରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଅନ୍ୟମାନେ।

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭା କକ୍ଷରେ ସୋମବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବହେରା, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ଧାନ କଟନୀଛଟନୀକୁ ନେଇ ସରଗରମ ଆଲୋଚନା ହୋଇଥିଲା। ଲୋକପ୍ରତିନିଧିମାନେ ଏଫଏକ୍ୟୁ ମାନର ଧାନ ସମ୍ପର୍କରେ ପଚାରି ବୁଝିଥିଲେ। କୁଇଣ୍ଟାଲ ପିଛା ୭ରୁ ୧୦ କେଜି କଟନୀ ଛଟନୀ କଲା ପରେ ଧାନର ମାନ କିପରି ଠିକ୍ ହୋଇଯାଉଛି ବୋଲି ଲୋକ ପ୍ରତିନିଧି ପ୍ରଶ୍ନ କରିଥିଲେ। ଧାନ କଟନୀ ଛଟନୀ କରି ଅଯଥାରେ ଲୋକ ପ୍ରତିନିଧି ଓ ପ୍ରଶାସନକୁ ବଦନାମ କରାଯାଉଥିବାରୁ କ୍ଷୋଭ ଓ ଅସନ୍ତୋଷ ପ୍ରକାଶ ପାଇଥିଲା। କଟନୀଛଟନୀ ନେଇ ବାରମ୍ବାର ପ୍ରଶ୍ନ ହେଉଥିଲେ ମଧ୍ୟ ଉତ୍ତର କେହି ଦେଉ ନ ଥିଲେ। ତେବେ ବିଳମ୍ବରେ କଟନୀଛଟନୀ ବନ୍ଦ କରିବାକୁ ଲୋକ ପ୍ରତିନିଧି ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୨୭ରେ ଧାନକିଣା ହେବା ପାଇଁ ସ୍ଥିର ହୋଇଛି। ଧାନ କିଣା କେନ୍ଦ୍ରରେ ଚାଷୀ ପହଞ୍ଚିଲେ ଆଖି ସ୍କାନ ହେବ। ଆଖି ସ୍କାନ ନ ହେଲେ ଚାଷୀ ଧାନ ବିକ୍ରି କରିପାରିବେନି ବୋଲି ସରକାରଙ୍କ ନୂଆ ନିର୍ଦ୍ଦେଶନାମା ଆସିଥିବା କୁହାଯାଇଛି। ତେବେ ଧାନର କଟନୀଛଟନୀ ନେଇ ସରଗରମ ଆଲୋଚନା ଚାଲିଥିବାବେଳେ ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ମହାନ୍ତି ଧନ୍ୟବାଦ ଦେଇ ତରବରିଆ ଭାବେ ବୈଠକ ବନ୍ଦ କରାଇ ଥିଲେ।

### ଏସ୍ଏଚଜି କିଣିବ ଧାନ

ଜିଲାରେ ୧୫୩ ପ୍ୟାକ୍ସ ୧୬୭ ସ୍ଥାନରେ ଧାନ କ୍ରୟ କରିବ। ଏଥିପାଇଁ ନୟାଗଡ଼ ଜିଲାର ୧୭ ମିଲର ଧାନ କିଣିବାକୁ ନିଷ୍ପତ୍ତି ହୋଇଛି। ତେବେ ଜିଲା ପରିଷଦ ସଭାପତିଙ୍କ ପ୍ରସ୍ତାବ ମୁତାବକ ପ୍ରତି ବ୍ଲକରେ ଗୋଟିଏ ଲେଖାଏ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚଜି) ଧାନ କ୍ରୟ କରିବେ। ଏଫଏକ୍ୟୁ ଧାନର ମୂଲ୍ୟ ସରକାର ୨୧୮୩ ଟଙ୍କା ରଖିଥିବାବେଳେ ଗ୍ରେଡ ଏ ଧାନର ମୂଲ୍ୟ ୨୨୦୩ ଟଙ୍କା ରଖିଛନ୍ତି।

### ୪୯୧୫ ଚାଷୀ ଧାନ କାହିଁକି ବିକିଲେନି

ଜିଲାରେ ଗତବର୍ଷ ୫୬,୪୬୨ ଚାଷୀ ନାମ ପଞ୍ଜୀକୃତ କରିଥିଲେ ହେଁ ୫୧,୫୪୭ ଚାଷୀ ଧାନ କ୍ରୟ କେନ୍ଦ୍ର(ମଣ୍ଡି)ରେ ଧାନ ବିକ୍ରି କରିଥିଲେ। ଧାନ ବିକ୍ରି ଶେଷ ପରେ ଜିଲାର ୪୯୧୫ ଚାଷୀ ଧାନ ବିକ୍ରି କରି ନ ଥିବା ଜଣାପଡିଛି। ସମ୍ପୃକ୍ତ ଚାଷୀ କାହିଁକି ଧାନ ବିକ୍ରି କଲେ ନାହିଁ। ଯେଉଁ ଚାଷୀ ଧାନ ବିକ୍ରି କରି ନାହାନ୍ତି ତାଙ୍କ ଜମି ଅଛି ନାଁ ନାହିଁ। କାହିଁକି ସମୀକ୍ଷା କରାଗଲାନି। ଏହାର ତୁରନ୍ତ ସମୀକ୍ଷା ହେବା ଦରକାର ବୋଲି ଜିଲା ପରିଷଦ ସଭାପତି ଯୁକ୍ତି ବାଢ଼ିଥିଲେ। ଅନ୍ୟପକ୍ଷେ ଚଳିତବର୍ଷ ଜିଲାରେ ୫୮,୪୨୫ ଚାଷୀ ନାଁ ପଞ୍ଜୀକୃତ କରିଛନ୍ତି। ସାର୍ଟେ ଲାଇଟ ସର୍ଭେ ପରେ ସବୁ ଚାଷୀ ଯେପରି ଧାନ ବିକ୍ରି କରିବାର ସୁବିଧା ପାଇବେ ସେନେଇ ପଦକ୍ଷେପ ନେବାକୁ ଗୃହରେ ମତ ପ୍ରକାଶ ପାଇଛି।

### ନୂଆ ୨୮ ସୋସାଇଟିର ଚାଷୀ ଧାନ ବିକ୍ରି ନେଇ ପ୍ରଶ୍ନ

ଜିଲାରେ ୨୮ଟି ନୂଆ ସୋସାଇଟ୍ ଖୋଲିଛି। ନୂଆ ସୋସାଇଟଗୁଡ଼ିକରେ ଧାନ କ୍ରୟ କେନ୍ଦ୍ର ଖୋଲିବାର ଆବଶ୍ୟକତା ରହିଛି। ତେବେ ସମ୍ପାଦକ ନିଯୁକ୍ତି ହୋଇ ନ ଥିବାରୁ ଧାନ କିଣା ନେଇ ଜିଲା ପରିଷଦ ସଭାପତି, ବିଧାୟକ ଓ ଜିଲାପାଳ ପ୍ରଶ୍ନ ଉଠାଇଥିଲେ। ପୁରୁଣା ସୋସୋଇଟର ସମ୍ପାଦକଙ୍କୁ ଏହାର ଦାୟିତ୍ୱ ନ ଦେଇ ନୂଆ ନିଯୁକ୍ତି ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ନୂଆ ସୋସାଇଟରେ ଧାନ କିଣା ନେଇ ଆରଏମ୍ସି ସମ୍ପାଦକ ଓ ଏଆରସିଏସ୍ ଠିକ୍ ତଥ୍ୟ ଉପସ୍ଥାପନ କରି ନ ପାରି ଅପଦସ୍ତ ହୋଇଥିଲେ। ନୂଆ ସୋସାଇଟର ଚାଷୀ ଯେପରି ଧାନକିଣାରେ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅବଗତ କରାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

- ଏଫଏକ୍ୟୁ ମାନର ସଂଜ୍ଞା ପଚାରିଲେ ଲୋକ ପ୍ରତିନିଧି
- କଟନୀଛଟନୀ ବନ୍ଦ କରିବାକୁ ନିର୍ଦ୍ଦେଶ
- ଡିସେମ୍ବର ୨୭ରେ ହେବ ଧାନ କିଣା
- ଆଖି ସ୍କାନ ନ ହେଲେ ଧାନ ବିକ୍ରି କରିବେନି ଚାଷୀ

### ମଣ୍ଡିରେ ସର୍ବନିମ୍ନ ସୁବିଧା ଦେଉନି ଆରଏମ୍ସି

ପ୍ରତି ମଣ୍ଡିରେ ପାନୀୟ ଜଳ, ପାଲ, ଚାଷୀଙ୍କ ପାଇଁ ଛାଇ ପରି ସର୍ବ ନିମ୍ନ ସୁବିଧା ଯୋଗାଇବାକୁ ଆରଏମ୍ସି ସରକାରଙ୍କଠାରୁ ଅର୍ଥ ପାଉଛି। ତେବେ କେତେଜଣ ଚାଷୀଙ୍କୁ ସର୍ବ ନିମ୍ନ ସୁବିଧା ନ ଯୋଗାଇ ସରକାରୀ ଅର୍ଥ ହଡପ ହେଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚାଷୀ ମଣ୍ଡିକୁ ଧାନ ଧରି ଆସୁଛ। ହେଲେ ମଣ୍ଡିରେ ଧାନ ବିକ୍ରି କରି ନ ପାରି ପୁଣି ପରବର୍ତ୍ତୀ ପାଳିକୁ ଅପେକ୍ଷା କରୁଛି। ଆରଏମ୍ସି ଚାଷୀଙ୍କ ଧାନ ଯେପରି ସୁରକ୍ଷିତ ରହିବ ସେଥିପ୍ରତି ଆବଶ୍ୟକ ସରଞ୍ଜାମ ଯୋଗାଇବା ପାଇଁ ନିୟମ ରହିଛି। ହେଲେ ମଣ୍ଡିରେ ଚାଷୀଙ୍କୁ ପିଇବାକୁ ପାଣି ମିଳୁନି ବୋଲି ଅଭିଯୋଗ ଉଠିଛି।

# ପାରମ୍ପରିକ ରୀତିରେ ବଡ଼ ବଡୁଆଙ୍କୁ ବିଦାୟ

ଖଣ୍ଡପଡ଼ା, ୧୩।୧୧ (ଅଜୟ କୁମାର ମହାରଣା)

ଦୀପାବଳି ହେଉଛି ଆଲୋକର ପର୍ବ। ଏହାକୁ ଆଜିର ଯୁବ ପିଢି ଆତସବାଜି ଫୁଟାଇବାର ଦିନ ଭାବେ ଗ୍ରହଣ କରୁଥିବା ବେଳେ ପାରମ୍ପରିକ ଭାବେ ଏହି ଦିନ ବଡ ବଡୁଆ (ପିତୃ ପୁରୁଷ)ଙ୍କୁ ଡକାଯାଇଥାଏ। ଏହି ଅବସରରେ ରବିବାର ଖଣ୍ଡପଡ଼ା, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ପାରମ୍ପରିକ ରୀତିରେ ଦୀପାବଳି ଉତ୍ସବ ପାଳନ କରାଯାଇଥିବା ବେଳେ ବଡବଡୁଆଙ୍କୁ ବିଦାୟ ଦିଆଯାଇଥିଲା। ବ୍ରହ୍ମ ପୁରାଣ ଅନୁଯାୟୀ ଆଶ୍ୱିନ ମାସର ପ୍ରଥମ ଦିବସରେ ପିତୃ ପୁରୁଷମାନେ ମର୍ତ୍ତ୍ୟଲୋକରେ ଅବତରଣ କରିଥାନ୍ତି। ତେଣୁ ଆଶ୍ୱିନ ମାସ କୃଷ୍ଣପକ୍ଷର ୧୫ଦିନକୁ ପିତୃ ପକ୍ଷ ଭାବେ ପାଳନ କରାଯାଏ। ବିଶ୍ୱାସ ରହିଛି ଯେ, କୁମାର ପୂର୍ଣ୍ଣିମାଠାରୁ ଦୀପାବଳି ଅମାବାସ୍ୟା ପର୍ଯ୍ୟନ୍ତ ପିତୃ ପୁରୁଷମାନେ ପୃଥିବୀ ପୃଷ୍ଠରେ ରହି ସେମାନଙ୍କ ବଂଶଧରଙ୍କ ଅର୍ପିତ ଜଳ ଓ ପିଣ୍ଡ ଗ୍ରହଣ କରି ତୃପ୍ତ ହୁଅନ୍ତି। ସେମାନେ ବଂଶଧରଙ୍କ ସୁଖ ସମୃଦ୍ଧି ବୃଦ୍ଧି ନିମନ୍ତେ ଆର୍ଶୀବାଦ କରିଥାନ୍ତି। ଆଶ୍ୱିନ ମାସରେ ମର୍ତ୍ତ୍ୟଲୋକରେ ପଦାର୍ପଣ କରିଥିବା ପିତୃ ପୁରୁଷଗଣ କାର୍ତ୍ତିକ ମାସ କୃଷ୍ଣ ପକ୍ଷ ଅମାବାସ୍ୟା ତିଥିରେ ପୁନଶ୍ଚ ପିତୃଲୋକକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ସେହି ବଡବଡୁଆଙ୍କ ବିଦାୟ ସମ୍ବର୍ଦ୍ଧନା ଜଣାଇ ଗୃହସ୍ଥମାନେ ନିଜ ଗୃହରେ ପୟା ଶ୍ରାଦ୍ଧର ଆୟୋଜନ କରିଥାନ୍ତି। ପିତୃପୁରୁଷଙ୍କୁ ଦୀପ ଦାନ କରି କାଉଁରିଆ କାଠି ଜଳାଇ ବଡ ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ ବୋଲି ସମ୍ବୋଧନ କରିଥାନ୍ତି। ଅପରପକ୍ଷରେ ଏହି ଉତ୍ସବ ପାଳନ ଦ୍ୱାରା ଅନେକ କୀଟ ପତଙ୍ଗ, ଜୀବାଣୁ ବିନାଶ ହେବା ସହ ଧାନ ଫସଲରେ ଲାଗିଥିବା ପୋକ ମଧ୍ୟ ମରିଥାନ୍ତି ବୋଲି ବିଶ୍ୱାସ ରହିଛି।


କାଉଁରିଆ କାଠି ଜଳାଇ ବଡ ବଡୁଆଙ୍କୁ ବିଦାୟ ଦିଆଯାଉଛି।

# ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି, ୧୧୭ ଅଭିଯୋଗ



ଜନଶୁଣାଣିରେ ଜିଲାପାଳ ଓ ଅନ୍ୟମାନେ।

ଦଶପଲ୍ଲା, ୧୩।୧୧ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ମିଶନ ଶକ୍ତି ଗୃହରେ ଜିଲାପାଳ ରବୀନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସାହୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ୧୧୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୫୪ ଟି ଅଭିଯୋଗ ଆସିଥିବା ବେଳେ ଗ୍ରାମ୍ୟ ବିବାଦକୁ ନେଇ ୧୬ଟି ଅଭିଯୋଗ ଶୁଣାଣି କରାଯାଇଥିଲା। ତତ୍କାଳ ୫୨ ଟି ଅଭିଯୋଗର ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ବନ୍ଧୀୟ ୪୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଜନଶୁଣାଣି ଶିବିରରେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଦଶପଲ୍ଲା ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ଦଶପଲ୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ଜିଲାସ୍ତରୀୟ ପଦାଧିକାରୀ, ବିଦ୍ୟୁତ ବିଭାଗର ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଏବଂ ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ।

# ଭାଜପା ପକ୍ଷରୁ କୁରାଳରେ ଗ୍ରାମମଙ୍ଗଳ ଆଳତି

ଓଡ଼ଗାଁ, ୧୩।୧୧ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ନିର୍ବାଚନ ମଣ୍ଡଳୀ ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳରେ ସୋମବାର ଭାଜପା ପକ୍ଷରୁ ଗ୍ରାମମଙ୍ଗଳ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡ.ସମ୍ବିତ ପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ନୟାଗଡ଼ ରାଣୀ ମା’ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ପୂର୍ବତନ ଜିଲାପରିଷଦ ସଦସ୍ୟା ଆରତୀ ଗୌଡ, ଜିଲା ସଂଯୋଜକ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ଶତାଧିକ କର୍ମୀ କୁରାଳ ବିଜେ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହାସହ ମନ୍ଦିରଠାରୁ ବାହାରି ଗ୍ରାମର ପ୍ରତି ଘରକୁ ଘର ବୁଲି ଲୋକଙ୍କୁ ଦିପଦାନ କରି ସମସ୍ତଙ୍କ ଶୁଭ ମନାସି ଥିଲେ। ପରେ ଚଣ୍ଡିଛକସ୍ଥିତ କଲ୍ୟାଣୀ ମଣ୍ଡପଠାରେ ସମସ୍ତ କର୍ମୀଙ୍କ ଅଭିଯୋଗ ଓ ମତାମତ ସଂଗ୍ରହ କରିଥିଲେ। ଏଥିରେ ପ୍ରତି ପଞ୍ଚାୟତରୁ ଜଣେ ଲେଖାଏ ସଂଯୋଜକଙ୍କୁ ଚିହ୍ନଟ କରିବା ସହିତ ଜିଲା ଓ ବ୍ଲକ ସଂଯୋଜକଙ୍କ ମାଧ୍ୟମରେ ସମସ୍ତ ସୂଚନା ଆଦାନ ପ୍ରଦାନ କରାଯିବ ବୋଲି ରାଷ୍ଟ୍ରୀୟ ପ୍ରବକ୍ତା ଡ.ପାତ୍ର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠକ କୃପାସିନ୍ଧୁ ଗୌଡ଼, ନୃସିଂହ ଚରଣ ମହାପାତ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ନସିର ମହମ୍ମଦ, ଦିଲୀପ ବେହେରା, ଯୁବନେତା ଜ୍ୟୋତିରଞ୍ଜନ ସାହୁ, ଜଗନ୍ନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ଜଣାପଡ଼ିଛି।


କୁରାଳ ବିଜେ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରରେ ଭାଜପା ନେତା ଓ କର୍ମୀମାନେ।

# ବିଧାୟକଙ୍କୁ ଗିରଫ ଦାବିରେ ଭାଜପା ପକ୍ଷରୁ ଦାବିପତ୍ର

ଖଣ୍ଡପଡା, ୧୩।୧୧ (ଅଜୟ କୁମାର ମହାରଣା)

ଶାସକ ଦଳର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁଶାନ୍ତ ସିଂହ ଗତ ୫ ତାରିଖରେ ଭଟଲି ନିର୍ବାଚନ ମଣ୍ଡଳୀ ଅଧୀନ ଅମ୍ବାଭୋନ ଥାନାରେ ଶତାଧିକ ସମର୍ଥକଙ୍କ ଗହଣରେ ପ୍ରବେଶ କରି ପୋଲିସ କର୍ମଚାରୀମାନଙ୍କୁ ଗାଳି ଗୁଲଜ କରିବା ସହ ମାଡ ମାରିଥିଲେ। ବିଧାୟକଙ୍କ ଏଭଳି ଗୁଣ୍ଡାରାଜ ଓ ଆଚରଣକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲେ ହେଁ ଅଦ୍ୟାବଧି ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଶାସକ ଦଳ ଭୟରେ ଘଟଣାରେ ହସ୍ତକ୍ଷେପ ନ କରି ନୀରବଦ୍ରଷ୍ଟା ସାଜିଛନ୍ତି। ଏହି ଘଟଣାର ତୀବ୍ର ନିନ୍ଦା ଭାଜପା କର୍ମକର୍ତ୍ତା ଓ ଯୁବ ମୋର୍ଚ୍ଚାର ସଦସ୍ୟ ମାନେ। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ଭାଜପାର କର୍ମକର୍ତ୍ତା ଓ ସଦସ୍ୟମାନେ ଖଣ୍ଡପଡ଼ା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କୁ ଶନିବାର ଭେଟି ଗୁଣ୍ଡାଗିରି ଚଳାଇଥିବା ବିଧାୟକଙ୍କୁ ତୁରନ୍ତ ଗିରଫ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି। ଯୁବମୋର୍ଚ୍ଚା ଜିଲା ପ୍ରଭାରୀ ଚଣ୍ଡୀ ପ୍ରସାଦ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପରମେଶ୍ୱର ମହାନ୍ତି, ଜିତେନ୍ଦ୍ର କାଟିଆ, ସମରେନ୍ଦ୍ର ବାରିକ, ରଜତ ବେହେରା, ସିତେସ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ଆଇଆଇସିଙ୍କୁ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଦାବିପତ୍ର ଦେଉଛନ୍ତି।

# ଜିଲାସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍

## ୩୦ ଖେଳାଳି ରାଜ୍ୟସ୍ତରକୁ ଉନ୍ନୀତ

ନୟାଗଡ଼, ୧୩।୧୧ (ଲୋକନାଥ ମିଶ୍ର)

ନୟାଗଡ଼ ନୂଆ ରାଜବାଟିଠାରେ ୫ମ ନୟାଗଡ଼ ଜିଲାସ୍ତରୀୟ କିରୋଗି ଓ ପୁମସାଇ ଟାଏକୋଣ୍ଡୋ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ନୟାଗଡ଼ର ୩ଟି ଆକାଡେମୀର ୧୨୦ରୁ ଊର୍ଦ୍ଧ୍ୱ ଖେଳାଳି ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ସୋମବାର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା ୩୦ ଖେଳାଳି ଆସନ୍ତା ୧୭ରୁ ୧୯ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାକୁ ନୟାଗଡ଼ ଟାଏକୋଣ୍ଡୋ ସ୍ପୋର୍ଟସ ସଂଘ ଓ ନୟାଗଡ଼ ମାର୍ଶାଲ ଆର୍ଟ ଆକାଡେମୀ ମିଳିତ ଭାବେ ଆୟୋଜନ କରିଥିଲେ। ପ୍ରତିଯୋଗିତାରେ ଗଞ୍ଜାମ ଓ ପୁରୀ ଜିଲାର ଜାତୀୟ ରେଫରିମାନେ ସୁଚାରୁରୂପେ ପରିଚାଳନା କରିଥିଲେ। ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ଟାଏକୋଣ୍ଡୋ ସଂଘର ସମ୍ପାଦକ ମାଷ୍ଟର ମନମୋହନ ଭଞ୍ଜ, ଅବସରପ୍ରାପ୍ତ କ୍ରିଡ଼ା ଅଧିକାରୀ, ଆଲୋକ କୁମାର ଦାସ, ଯୁବରାଜ ଉଦୟ ଆଦିତ୍ୟ ସିଂ ସମ୍ମାନିତ ଅତିଥି ଏବଂ ନୟାଗଡ଼ ଟାଏକୋଣ୍ଡୋ ସ୍ପୋର୍ଟସ ଆସୋସିଏଶନର ଉପସଭାପତି ରଞ୍ଜନ ରଶ୍ମୀ ଜେନା ଉଦ୍‌ଘାଟନ କରିଥିଲେ। ଗୋପୀନାଥ ସେଠୀ ମଞ୍ଚ ପରିଚାଳନା କରିଥିଲେ। ପ୍ରତିଯୋଗିତା ମେଡାଲ ସେରିମନିରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ବିଜେତାମାନଙ୍କୁ ପଦକ ପ୍ରଦାନ କରିବା ସହ, ଖେଳକୁଦର ଉପକାରିତା ବିଷୟରେ କହିଥିଲେ। ଅନୁଷ୍ଠାନର ସମ୍ପାଦକ ଭବାନୀ ଶଙ୍କର ରାୟଗୁରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ଖେଳରେ ଚାମ୍ପିୟନ ହୋଇଥିବା ଖେଳାଳିଙ୍କୁ ବିଧାୟକ ଅରୁଣ ସାହୁ ସମ୍ବର୍ଦ୍ଧିତ କରୁଛନ୍ତି।

# ୩ ଅଭିଯୁକ୍ତ କୋର୍ଟ ଚାଲଣ: ମୁଖ୍ୟ ଫେରାର

## ଫିରିଙ୍ଗିଆରୁ ନାବାଳିକାଙ୍କ ମୃତଦେହ ଜବତ ଘଟଣା

ନୂଆଗାଁ, ୧୩।୧୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ସୋରଡା ଗାଁର ଜଣେ ନାବାଳିକାଙ୍କ ମୃତଦେହ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରୁ ଜବତ ହୋଇଥିଲା। ଏହି ଘଟଣାରେ ନୂଆଗାଁ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲଣ କରିଛି। ତେବେ ନାବାଳିକା ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ନାବାଳିକାଙ୍କ ବାପା ବିପ୍ରବର ନାୟକ ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ହୋଇ କୋର୍ଟ ଚାଲଣ ହୋଇଥିବା ୩ ଅଭିଯୁକ୍ତ ହେଲେ ସୋରଡା ଗାଁର ବିକାଶ କୁମାର ନାୟକ (୩୨), ଚିନ୍ମୟ ନାୟକ (୨୬) ଓ ପତିତପାବନ ପ୍ରଧାନ (୬୮)। ଅନ୍ୟପକ୍ଷେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହକୁ ପୋତିବା ପାଇଁ ନେବାରେ ବ୍ୟବହୃତ ହୋଇଥିବା କାର ନଂ. ଓଡି୦୨ବିଏକ୍ସ ୨୯୮୬କୁ ପୋଲିସ୍ ଜବତ କରିଛି।

ସୋରଡା ଗାଁର ବିପ୍ରବର ନାୟକଙ୍କ ୧୭ ବର୍ଷିୟା ନାବାଳିକା ଝିଅ ଶୁକ୍ରବାର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ମୃତଦେହକୁ ଶ୍ମଶାନକୁ ନେଇ ସଂସ୍କାର କରିବା ପରିବର୍ତ୍ତେ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରିଥିଲେ। ସେମାନେ ମୃତଦେହକୁ ନେଇ କେଉଁ ଆଡେ ପୋତି ଦେଇଥିଲେ। କୌଣସି ସୂତ୍ରରୁ ପୋଲିସ ପାଖରେ ଏହି ଖବର ପହଞ୍ଚିବା ପରେ ତତ୍ପରତା ପ୍ରକାଶ ପାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ପ୍ରଥମେ ୨ ଜଣକୁ ଅଟକ ରଖି ପୋଲିସ ପକ୍ଷରୁ ପଚରାଉଚରା କରାଯିବାରେ ସବୁ ଜଣାପଡ଼ିଥିଲା। ପୋଲିସ ନଂ. ୧୮୬/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ଅଟକ ଥିବା ବ୍ୟକ୍ତି ସତ ଓଗାଳି ଥିଲେ। ମୃତଦେହକୁ କାର ଯୋଗେ ନେଇ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଜେକେଗାଁ କେରେଡା ଜଙ୍ଗଲରେ ପୋତିଥିବା କହିବାରେ ନୂଆଗାଁ ଓ ଦଶପଲ୍ଲା ପୋଲିସ ଫିରିଙ୍ଗିଆ ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ମୃତଦେହର ଅନେକ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ଝିଅକୁ ବାଡେଇ ମାରି ଦିଆଯାଇଥିବା ପୋଲିସ ସନ୍ଦେହ କରୁଛି। ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ବଡବାପାଙ୍କୁ ହସ୍ତାନ୍ତର କରାଯାଇଥିଲା। ଝିଅ ମୃତ୍ୟୁ ପରେ ମୃତଦେହକୁ ଗାଏବ କରିବା ଘଟଣାରେ ସହଯୋଗ କରିଥିବା ବିପ୍ରବରଙ୍କ ୨ ପୁତୁରା ବିକାଶ, ଚିନ୍ମୟ ଓ ସମ୍ପର୍କୀୟ ପତିତପାବନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି। ଝିଅ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ତାକୁ ବାଡେଇ ମାରି ଦିଆଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ ମୃତ ନାବାଳିକା ଜଣେ ବ୍ୟକ୍ତିଙ୍କୁ ଭଲ ପାଇ ଘର ଛାଡି ପଳାଇ ଯାଇଥିଲେ। ଥାନାରେ ମାମଲା ରୁଜୁ ପରେ ପୋଲିସ ଉଦ୍ଧାର କରି ନୟାଗଡ଼ ବାଲ ସୁଧାର ଗୃହରେ ରଖିଥିଲା। କିଛିଦିନ ପୂର୍ବେ ପରିବାର ଲୋକେ ଝିଅକୁ ଆଣି ମାମୁଁ ଘରେ ଛାଡିଥିଲେ। ମୃତ୍ୟୁର ଦୁଇଦିନ ପୂର୍ବରୁ ପରିବାର ଲୋକେ ଝିଅକୁ ନିଜ ଘରକୁ ଆଣିଥିଲେ।

# ଯାଜପୁରରେ କାଳୀପୂଜା



ଯାଜପୁର ରୋଡ ଚୋରଡ଼ାଛକ ଚଣ୍ଡୀ କ୍ଲବ ।



ଯାଜପୁରରୋଡ଼ ଆରିୟନ କ୍ଲବ ମେଢ଼ ।



ଯାଜପୁର ଟାଉନ୍ ଗରିଆପୁର ଶ୍ୟାମାକାଳୀ ।



ଯାଜପୁର ରୋଡ ସାର୍ବଜନୀନ କାଳୀପୂଜା କମିଟି ।



ଯାଜପୁର ରୋଡ଼ ନହକା ବାଇପାସ୍ ।



ହାବେଳି ବଜାର ଲକ୍ଷ୍ମୀନାରାୟଣ ପୂଜା କମିଟି ।



ଯାଜପୁର ରୋଡ଼ ଷ୍ଟିଲ୍ ସିଟି ଷ୍ଟେଟ୍‌ବ୍ୟାଙ୍କ ମେଢ଼ ।



ଯାଜପୁର ଟାଉନ୍ ହଲ ଛକ ମେଢ଼ ।



ଯାଜପୁର ରୋଡ଼ ଷ୍ଟିଲ୍‌ସିଟି ତୋରଣ ।



ଯାଜପୁର ରୋଡ ଚାନ୍ଦମାରେ ନିର୍ମାଣ କରାଯାଇଥିବା ତୋରଣ ।



ଚୋରଡ଼ାଛକ ତୋରଣ ।



ଆରିୟନ୍ କ୍ଲବ ପକ୍ଷରୁ କେଦାରନାଥ ମନ୍ଦିର ଆକୃତିରେ ନିର୍ମିତ ତୋରଣ ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସରୋଜ



@ ସୁନୀଲ



@ ସୂର୍ଯ୍ୟକାନ୍ତ



@ ତପନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯନ୍ତ୍ରପାତି ବଢ଼ାଉଛି କୃଷି ଉତ୍ପାଦନ


ବିଧାୟକ ଅରୁଣ କୁମାର ସାହୁ ମେଳାକୁ ଉଦ୍‌ଘାଟନ କରୁଛନ୍ତି, ପାଖରେ ଅନ୍ୟମାନେ।


ମେଳାରେ ଯୋଗଦେଇଥିବା ଲୋକମାନେ।

- ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ
- ନିଅଣ୍ଟିଆ ରାଜ୍ୟ ଖାଦ୍ୟଶସ୍ୟରେ ହୋଇଛି ବଳକା ରାଜ୍ୟ

ନୟାଗଡ, ୧୩।୧୧ (ଲୋକନାଥ ମିଶ୍ର)

ନୟାଗଡ ଷ୍ଟାଡିୟମରେ ଜିଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ନୟାଗଡ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ସାହୁ ଯୋଗ ଦେଇ କହିଥିଲେ, ଚାଷ ଜମିର ପରିମାଣ ହ୍ରାସ ପାଇ ଚାଲିଛି। ତେବେ ଯାନ୍ତ୍ରୀକରଣ ଯୋଗୁ ଉତ୍ପାଦନ ବଢ଼ିବାରେ ଲାଗିଛି। ଖାଦ୍ୟଶଷ୍ୟରେ ନିଅଣ୍ଟିଆ ରାଜ୍ୟ ଓଡ଼ିଶା ଏବେ ଚାଉଳ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରିଛି। ପୁଣି ପନିପରିବା, ମାଛ, ଛତୁ, ଦୁଗ୍ଧରେ ଉତ୍ପାଦନ ବଢ଼ି ଚାଲିଛି। ମୁଖ୍ୟମନ୍ତ୍ରୀ କୃଷି ପାଇଁ ବ୍ୟବହୃତ ଯନ୍ତ୍ରପାତିରେ ରିହାତି ବ୍ୟବସ୍ଥା ଲାଗୁ ପରେ ସୁଫଳ ମିଳିଛି। ମୁଖ୍ୟବକ୍ତା ରୂପେ କୃଷି ବିଭାଗର ମୁଖ୍ୟଯନ୍ତ୍ରୀ ମୁକ୍ତିକାନ୍ତ ମହାପାତ୍ର ଯୋଗଦେଇ କହିଥିଲେ, କୃଷି ଯନ୍ତ୍ରପାତି ବିକ୍ରୟ ପାଇଁ ନୟାଗଡ଼ ଜିଲାକୁ ୧୨ କୋଟି ଟଙ୍କା ଟାର୍ଗେଟ ଦିଆଯାଇଛି। କୃଷିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ପରି ଅନେକ ଯୋଜନା ଚାଷ ପାଇଁ ନୂଆ ଦିଶା ଦେଖାଇଛି। ବହୁ ଯୁବକ ଚାଷ ପ୍ରତି ଆଗ୍ରହ ପ୍ରକାଶ କରି ଆପଣେଇ ଚାଲିଛନ୍ତି। ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି, କୃଷି ବିଭାଗର ବିଭିନ୍ନ ଯୋଜନା କିଛି ନିର୍ଦ୍ଦିଷ୍ଟ ଚାଷୀ ଉପଭୋଗ କରୁଛନ୍ତି। ତେଲିଆ ମୁଣ୍ଡରେ ତେଲ ଠିକ ନୁହେଁ। ସରକାରଙ୍କ ଯୋଜନା ସମସ୍ତ ଚାଷୀ ଜାଣିବା ଓ ପାଇବା ଦରକାର ବୋଲି କହିଥିଲେ। ସରକାର କୃଷି ପାଇଁ ଦେଉଥିବା ସବ୍‌ସିଡ ଓ ସୁବିଧା ସୁଯୋଗ ସମ୍ପର୍କରେ ଅଧିକ ସଚେତନତାର ଆବଶ୍ୟକତା ରହିଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଥିଲେ, ସରକାର କୃଷି ଓ କୃଷକର ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର କୃଷି ବଜେଟ କରିବା ପରେ କୃଷି ଓ କୃଷକଙ୍କର ଉନ୍ନତି ହୋଇଛି। ଜିଲାପାଳ ସାହୁ କହିଥିଲେ, ଯନ୍ତ୍ରପାତିରେ ରିହାତି ଯୋଗୁ ଚାଷୀଙ୍କ ଆୟ ୨ ଗୁଣା ହୋଇଛି। କୃଷି କ୍ଷେତ୍ରରେ ରାଜ୍ୟ କୃଷି କର୍ମଣ ପୁରସ୍କାର ବହୁ ଥର ପାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିବାବେଳେ ଅପନ୍ନା ପ୍ରିୟଦର୍ଶିନୀ ସଭା ସଞ୍ଚାଳନ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସରୋଜ


@ ସୁନୀଲ


@ ସୂର୍ଯ୍ୟକାନ୍ତ


@ ତପନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚାଘର ବିପଦସଙ୍କୁଳ, ସହାୟତା ଦାବି

ଖଣ୍ଡପଡା, ୧୩।୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡା ସହର ୯ନଂ. ୱାର୍ଡର ମଣିକର୍ଣ୍ଣିକା ସାହିରେ ଥିବା ଗୁଣ୍ଡିଚା ଘରଟି ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ଦୀର୍ଘବର୍ଷ ତଳେ କାଠଖୁଣ୍ଟ ଓ ଟିଣ ଛପରରେ ନିର୍ମାଣ ହୋଇଥିଲା ଶ୍ରୀଜଗନ୍ନାଥ ଜୀଉଙ୍କ ଗୁଣ୍ଡିଚା ଘର। ପ୍ରତିବର୍ଷ ପବିତ୍ର ରଥଯାତ୍ରା ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସୁଦର୍ଶନ ୯ଦିନ ଧରି ଗୁଣ୍ଡିଚା ଘରେ ଅବସ୍ଥାନ କରିଥାନ୍ତି। ବର୍ଷତମାମ ପ୍ରଭୁ ଶ୍ରୀଗୋପୀନାଥ ଜୀଉ ଗୁଣ୍ଡିଚା ଘରେ ପୂଜା ପାଇଥାନ୍ତି। ସମୟାନୁକ୍ରମେ ରକ୍ଷଣା ବେକ୍ଷଣ ଅଭାବରୁ ଗୁଣ୍ଡିଚା ଘରର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ବେଳେ ଟିଣ ଛପରଗୁଡିକ ନଷ୍ଟ ହୋଇ ଯାଇଥିବାରୁ ବର୍ଷାଦିନେ ପାଣି ଗଳୁଥିବା ଜଣାପଡିଛି। ଗୁଣ୍ଡିଚା ଘରର ତଳ ଚଟାଣର ବିଭିନ୍ନ ସ୍ଥାନରେ ମଧ୍ୟ ଫାଟ ସୃଷ୍ଟି ହୋଇଥିବା ନଜରକୁ ଆସୁଛି। ଖଣ୍ଡପଡ଼ା ରାଜ ପରିବାର ଦ୍ୱାରା ପରିଚାଳିତ ଶ୍ରୀଜଗନ୍ନାଥ ମନ୍ଦିର ଓ ଗୁଣ୍ଡିଚା ଘରର ରକ୍ଷଣା ବକ୍ଷେଣ ଓ ଆନୁଷଙ୍ଗିକ ମରାମତି ଦିଗରେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ପ୍ରାଚୀନ ମନ୍ଦିର, ମଠ ଓ ଐତିହ୍ୟର ଉନ୍ନତିକରଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର କରୁଥିଲେ ହେଁ ଶ୍ରୀଜୀଉଙ୍କ ଗୁଣ୍ଡିଚା ଘରଟି ଏହି ଯୋଜନାରୁ ବାଦ ପଡିଥିବା ଜଣାପଡିଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁଣ୍ଡିଚା ଘରର ରୂପାନ୍ତରୀକରଣ ଦିଗରେ ନୟାଗଡ଼ ଜିଲାପାଳ, ୫-ଟି ଅଧ୍ୟକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡା ସହରବାସୀ ଦାବି କରିଛନ୍ତି।


ମଣିକର୍ଣ୍ଣିକା ସାହିରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଗୁଣ୍ଡିଚା ଘର।

# ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

## ୧୩ ଆହତ, ୭ ଗିରଫ, ୩୭ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ

ଖଣ୍ଡପଡା, ୧୩।୧୧
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ କୁମ୍ଭାରପଡ଼ା ଗ୍ରାମ ହରିଜନସାହିରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ଶନିବାର ରାତି ୧୧ଟାରେ ବିବାଦର ସୂତ୍ରପାତ ହୋଇଥିଲା। ଘଟଣାକୁ କେନ୍ଦ୍ରକରି ବୋମାମାଡ଼ରେ ସ୍ଥାନୀୟ ଅଞ୍ଚଳର ୧୩ ବ୍ୟକ୍ତି ଆହତ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ଗୁରୁତର ଆହତ ହୋଇଥିବା ରଣଜିତ୍ ନାଏକ ଓ ଜିତୁ ନାଏକଙ୍କୁ ଏବେ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଜିତୁ ନାଏକଙ୍କ ଡ଼ାହାଣ ହାତ ପାପୁଲି ଓ ଜଙ୍ଘରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ରଣଜିତଙ୍କ ଡ଼ାହାଣପଟ ଗୋଡ଼ ହାଡ଼ ଭାଙ୍ଗି କ୍ଷତ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଖଣ୍ଡପଡ଼ା ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ କହିଛନ୍ତି।

ସୂଚନା ଯୋଗ୍ୟ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରଠାରୁ ହରିଜନସାହିର ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଦୀପାବଳି ଅବସରରେ ବାହାରେ ରହୁଥିବା ଯୁବକମାନେ ଗାଁକୁ ଆସିଥିବା ବେଳେ ସନ୍ଧ୍ୟା ସମୟରେ ନିଶାଶକ୍ତ ଅବସ୍ଥାରେ କେତେଜଣ ଯୁବକ ପ୍ରତିପକ୍ଷ ଗୋଷ୍ଠୀକୁ ଆକ୍ଷେପ କରି କଟୁ ମନ୍ତବ୍ୟ ପ୍ରଦାନ କରିଥିଲେ। ଏହାକୁ କେନ୍ଦ୍ରକରି ପ୍ରଥମେ ପାଟିତୁଣ୍ଡ ଓ ପରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ଜଣାପଡ଼ିଛି। ଗାଁ ଦାଣ୍ଡରେ ଗଣ୍ଡଗୋଳ ଚାଲିଥିବା ବେଳେ କେହି ରାତ୍ରି ପ୍ରାୟ ସାଢେ ୧୦ଟାରେ କ୍ରମାଗତ ଭାବେ ୪ଟି ବୋମା ଫୋପାଡ଼ିବାରୁ ଘଟଣାସ୍ଥଳରେ ବିସ୍ଫୋରଣ ଘଟିଥିବା ଅଭିଯୋଗ ହୋଇଛି। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ରଣଜିତ୍ ନାଏକ, ଜିତେନ୍ଦ୍ର ନାଏକ, ବିଭୁତି ନାଏକ, ଶତ୍ରୁଘ୍ନ ନାଏକ, କଳରା ନାଏକ, ଗୌରାଙ୍ଗ ନାଏକ, ଆଲୋକ ନାଏକ, ଦୁଃଶାସନ ନାଏକ ଓ ଦିପୁ ନାଏକଙ୍କ ସମେତ ୧୨ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ଖବରପାଇ ଆଇଆଇସି ସ୍ୱାଇଁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ସହ ଆହତ ବ୍ୟକ୍ତିମାନଙ୍କୁ ପ୍ରଥମେ ନିକଟସ୍ଥ ଗଣିଆଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଥିଲା। ଗଣ୍ଡଗୋଳ ଘଟଣାକୁ ନେଇ ଦିଲୀପ ନାଏକଙ୍କ ସ୍ତ୍ରୀ ସୁମିତ୍ରାଙ୍କ ଲିଖିତ ଅଭିଯୋଗ କ୍ରମେ ନଂ. ୨୭୧/୨୩ରେ ମାମଲା ରୁଜୁ କରାଯିବା ସହ ୧୧ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଅପରପକ୍ଷେ ସଞ୍ଜୟ ନାଏକଙ୍କ ସ୍ତ୍ରୀ ରୋଜିଙ୍କ ଲିଖିତ ଅଭିଯୋଗ କ୍ରମେ ନଂ. ୨୭୨/୨୩ରେ ଅନ୍ୟ ଏକ ମାମଲା ରୁଜୁ ହେବା ସହ ୨୬ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଥିବା ଖଣ୍ଡପଡ଼ା ଥାନା ସୂତ୍ରରୁ ଜଣାପଡ଼ିଛି। ଉଭୟପକ୍ଷର ଅଭିଯୋଗକୁ ଆଧାର କରି ପୋଲିସ ଶତ୍ରୁଘ୍ନ ନାଏକ, ଗୌରାଙ୍ଗ ନାଏକ, ଆଲୋକ ନାଏକ, ବିଭୁତି ନାଏକ, ଅର୍ଜୁନ ନାଏକ, ଦୁଃଶାସନ ନାଏକ ଓ ଦିପୁ ନାଏକ ପ୍ରମୁଖ ୭ଜଣଙ୍କୁ ଗିରଫ କରିଛି। ଏହି ଘଟଣା ପରଠାରୁ କୁମ୍ଭାରପଡ଼ା ଗାଁରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ନୟାଗଡ଼ ଏସ୍‌ପି, ଜିଲାପାଳ ଓ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଘଟଣାରେ ହସ୍ତକ୍ଷେପ କରିବାକୁ କୁମ୍ଭାରପଡ଼ା ଗ୍ରାମବାସୀ ଦାବି କରିଛନ୍ତି।



ସଂଘର୍ଷରେ ଆହତ ହୋଇଥିବା ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି।

# କଳାକାର କୃଷ୍ଣଚନ୍ଦ୍ରଙ୍କ ପରଲୋକ

ଖଣ୍ଡପଡ଼ା, ୧୩।୧୧ (ଅଜୟ କୁମାର ମହାରଣା)

କଣ୍ଟିଲୋ ରଘୁନାଥ ଜୀଉ ନାଟ୍ୟ ସଂସଦର ଜଣେ ରାମଲୀଳା ନାଟକ ମନ୍ଥରା ଭୂମିକାରେ ଅଭିନୟ କରୁଥିବା ପୁରାତନ କଳାକାର କୃଷ୍ଣଚନ୍ଦ୍ର ମହାପାତ୍ର(୯୨)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। କଣ୍ଟିଲୋ ପଞ୍ଚାୟତ ଅଧୀନ ହାଟମୁଣ୍ଡପାଟଣା ଗ୍ରାମର କୃଷ୍ଣଚନ୍ଦ୍ର ଧାନଚେଙ୍ଗଡା ଓ ଏହାର ଆଖପାଖ ଅଞ୍ଚଳରେ ଜଣେ ନାଟ୍ୟ ଗୁରୁ ଭାବେ ବେଶ ପରିଚିତ ଥିଲେ। ସେ ଜଣେ ସରଳ, ମେଳାପୀ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ମନ୍ଥରା ଭୂମିକାରେ ସେ ନିଖୁଣ ଅଭିନୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ଆକୃଷ୍ଟ କରୁଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସ୍ଥାନୀୟ ଅଲେଖ ଟୁଙ୍ଗି ନିକଟ ଶ୍ମଶାନ ଘାଟରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଉମାକାନ୍ତ ମୁଖାଗ୍ନି ଦେଇଥିଲେ।

# ନୂଆଗାଁରେ ଶ୍ୟାମାକାଳୀ ପୂଜା

ନୂଆଗାଁ, ୧୩।୧୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସ୍ଥାନୀୟ ବଜାରରେ ରବିବାରଠାରୁ ଶ୍ୟାମାକାଳୀ ପୂଜା ଆରମ୍ଭ ହୋଇଛି। ନୂଆଗାଁ ବଜାର ବଣିକ ସଂଘ ଦ୍ୱାରା ଆୟୋଜିତ ଏହି ଶ୍ୟାମାକାଳୀ ପୂଜା ଦୀର୍ଘଦିନରୁ ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ନୂଆଗାଁଠାରେ ୩ ଦିନ ଧରି କାଳୀପୂଜା ଯାତ୍ରାରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ମଣ୍ଡପରେ ପୂଜା ପାଉଥିବା ଶ୍ୟାମାକାଳୀ।

# କାମରେ ଆସୁନି ଉଠା ଜଳସେଚନ ପ୍ରକଳ୍ପ

ନୂଆଗାଁ, ୧୩।୧୧ (ଧନେଶ୍ୱର ସାହୁ)


କାମରେ ଆସୁ ନ ଥିବା ଉଠା ଜଳସେଚନ ପ୍ରକଳ୍ପ।


ଜଳସେଚନ ପ୍ରକଳ୍ପ ନିକଟରେ ପାଣି ଅଭାବରୁ ଫସଲ ନଷ୍ଟ।

- ଜଳସେଚନ ପ୍ରକଳ୍ପ ନିକଟ ଜମି ଫାଟି ଆଁ କଲାଣି
- ପ୍ରକଳ୍ପ ନିର୍ମାଣ ପରେ ଗୋଟିଏ ଦିନ ବି ଜମିରେ ମାଡିନି ପାଣି

କୃଷକ ଦେଶର ମେରୁଦଣ୍ଡ। କୃଷକର ଉନ୍ନତିରେ ଦେଶର ପ୍ରଗତି। ତେଣୁ କୃଷକମାନଙ୍କ ଉନ୍ନତି ତଥା ଉନ୍ନତଧରଣର ଚାଷ ପ୍ରଣାଳୀ ପାଇଁ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଚାଷ ଜମିଗୁଡିକ ଜଳ ସେଚିତ ହୋଇ ପାରିଲେ ସୁବିଧାରେ ଅଧିକ ପରିମାଣର ଫସଲ ଅମଳ ହେବା ସହ ଚାଷୀଙ୍କର ଉନ୍ନତି ହୋଇପାରିବ। ତେଣୁ ଜମିଗୁଡିକୁ ଜଳସେଚନର ସୁବିଧା କରିବାକୁ କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଚେକ୍ ଡ୍ୟାମ୍ ଆଦି ପ୍ରକଳ୍ପ ନିର୍ମାଣ କରିବାକୁ ସରକାର ଲକ୍ଷାଧିକ ଟଙ୍କା ଅନୁଦାନ ଦେଉଛନ୍ତି। କିନ୍ତୁ କେତେଜଣ ବିଭାଗୀୟ କର୍ମଚାରୀଙ୍କ ଅପାରଗତା ଯୋଗୁ ସେସବୁ ଯୋଜନାର ସୁଫଳ ଚାଷୀଙ୍କୁ ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଦେଖିବାକୁ ମିଳିଛି। ମାଇଛେଳି ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର କେତେଜଣ ଚାଷୀଙ୍କ ଜମିରେ ପାଣି ମାଡିବା ପାଇଁ ଉଠା ଜଳସେଚନ ବିଭାଗ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଚାଷ ଜମିରେ ପାଣି ମାଡ଼ି ପାରୁନାହିଁ। ଫଳରେ ପ୍ରତିବର୍ଷ ଧାନ ଫସଲ ଉଜୁଡୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ମାଇଛେଳି ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଅଞ୍ଚଳର ଚାଷ ଜମିରେ ଜଳସେଚନ ପାଇଁ ଉଠାଜଳସେଚନ ବିଭାଗ ଦ୍ୱାରା କୃଷ୍ଣଚନ୍ଦ୍ରପୁର-ନଂ.୧ ଓ କୃଷ୍ଣଚନ୍ଦ୍ରପୁର ନଂ. ୨ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। କୃଷ୍ଣଚନ୍ଦ୍ରପୁର ନଂ.୧ ଉଠା ଜଳସେଚନ ପ୍ରକଳ୍ପରେ ମା' ହରଚଣ୍ଡୀ ପାଣି ପଞ୍ଚାୟତର ୩୫ ଜଣ ଚାଷୀଙ୍କ ୨୦ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ କରାଯାଇଛି। ସେହିପରି ସମାନ ସ୍ଥାନରେ କୃଷ୍ଣଚନ୍ଦ୍ରପୁର ନଂ. ୨ ଉଠା ଜଳସେଚନ ପ୍ରକଳ୍ପରେ ମା' ଗ୍ରାମଦେବତୀ ପାଣିପଞ୍ଚାୟତର ୩୫ ଜଣ ଚାଷୀଙ୍କ ୨୦ ହେକ୍ଟର ଜମିକୁ ଜଳ ସେଚନ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ୧୮ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ପ୍ରକଳ୍ପ ନିକଟରେ ଥିବା ସୂଚନା ଫଳକ ଅନୁସାରେ ଉକ୍ତ ଦୁଇଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୨ ମାର୍ଚ୍ଚ ୨୧ରେ ଆରମ୍ଭ ହୋଇ ସେପ୍ଟେମ୍ବର ୧୭ରେ ଶେଷ ହୋଇଥିଲା। ତେବେ କାର୍ଯ୍ୟ ଶେଷ ହେବାର ବର୍ଷେ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ଚାଲୁ କରାଯାଇନାହିଁ। ଚାଷୀ ଗଙ୍ଗାଧର ସାହୁ, ଚନ୍ଦ୍ରମଣୀ ବେହେରା, କାଳିଆ ବେହେରା, ବିଦ୍ୟାଧର ସାହୁଙ୍କ ସମେତ ଅନେକ ଚାଷୀ କହିଛନ୍ତି, ଜଳ ସେଚନ ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଜଳ ଉତ୍ସରେ ପାଣି ପୂରି ରହିଥିଲେ ମଧ୍ୟ ପାଣି ଅଭାବରୁ ଫସଲ ଉଜୁଡି ଯାଉଛି। ସରକାରୀ ବ୍ୟବସ୍ଥା ଥାଇ ମଧ୍ୟ ଉଠା ଜଳସେଚନ କର୍ମଚାରୀଙ୍କ ଓ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଚାଷୀମାନେ ଅନେକ କ୍ଷତି ସହୁଛନ୍ତି। ଅଭିଯୋଗ ପାଇଁ ଅଧିକାରୀ କିମ୍ବା କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଚାଷୀମାନେ କହିଛନ୍ତି। ଜଳସେଚନ ପ୍ରକଳ୍ପ ଥାଇ ମଧ୍ୟ କାର୍ଯ୍ୟକ୍ଷମ ନ ହେବା ଓ ଚାଷୀଙ୍କ ଧାନ ଫସଲ ଉଜୁଡିବା ବାବଦରେ ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଦୁଃଶାସନ ଜେନାଙ୍କୁ ପଚାରିବାରେ ନିଜେ ଯାଇ ପାଣି ଚଳେଇ କି ଆସିଛି। କେଶବ ସାହୁଙ୍କୁ ମୋଟର ଚଳାଇବା ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ କେଶବ ସାହୁଙ୍କୁ ପଚାରିବାରେ କୂଅରେ ପ୍ରଚୁର ପରିମାଣର ପାଣି ନାହିଁ। ୧୦ ମିନିଟରେ ପାଣି ଶୁଖି ଯାଉଛି। ଅନ୍ୟପକ୍ଷେ ଚାଷ କରିବା ସମୟରେ ପାଇପ୍ ଭାଙ୍ଗି ଯାଇଥିବା ସେ କହିଛନ୍ତି।

# ଡାଇବେଟିସ୍ ଓ ଜୀବନଶୈଳୀ

ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ଡାଇବେଟିସ୍ ଯଦି ଜଟିଳ ଆକାର ଧାରଣକରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟିଶକ୍ତି ଉପରେ ପଡ଼ିଥାଏ। ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ନିହାତି ଜରୁରୀ। ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏତେ ବଢ଼ିଯାଇଛି ଯେ, ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' ବୋଲି କୁହାଯାଏ। ତେଣୁ ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଜରୁରୀ। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୧୪କୁ 'ବିଶ୍ୱ ଡାଇବେଟିସ୍ ଦିବସ' ଭାବେ ପାଳନ କରାଯାଇଆସୁଛି।



## ବିଶ୍ୱ ମଧୁମେହ ଦିବସ

ସୂଚନାଯୋଗ୍ୟ, ଆନ୍ତର୍ଜାତିକ ମଧୁମେହ ସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ୧୯୯୧ରେ ପ୍ରଥମେ ଏହି ଦିବସ ପାଳନ କରାଯିବାର ପରିକଳ୍ପନା କରାଯାଇଥିଲା। ପରେ ୨୦୦୬ରେ ଜାତିସଂଘର ସାଧାରଣ ପରିଷଦରେ ଏହି ଦିବସ ପାଳନ କରାଯିବା ଲାଗି ସ୍ଥିର କରାଯାଇଥିଲା। ୧୪ ନଭେମ୍ବରରେ ଏହି ଦିବସ ପାଳନ କରାଯିବାର ଏକ ବିଶେଷତ୍ୱ ରହିଛି। ୧୯୯୨ରେ ଚାଲ୍ସ ବେଷ୍ଟଙ୍କ ସହ ମିଶି ଫେଡ୍‌ରିକ୍ ବାଣ୍ଟିଙ୍ଗ୍ ଡାଇବେଟିସ୍‌କୁ ନିୟନ୍ତ୍ରଣ କରିବା ଲାଗି ଇନ୍‌ସୁଲିନ୍ ଆବିଷ୍କାର କରିଥିଲେ। ତେଣୁ ଏହାକୁ ମନେରଖିବା ପାଇଁ ବାଣ୍ଟିଙ୍ଗ୍‌ଙ୍କ ଜନ୍ମଦିନ (୧୪ ନଭେମ୍ବର)କୁ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଉଛି।

## ଇନ୍‌ସୁଲିନ୍

ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ତା'ଛଡ଼ା ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଳାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନାହିଁ। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ। ମାତ୍ର ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମକରି ଶରୀରରେ ପୃଥୁଳତାକୁ ହ୍ରାସ କରିଦେଲେ ଡାଇବେଟିସ୍ ରୋଗୀଙ୍କ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା କମି ସ୍ୱାଭାବିକ ସ୍ତରକୁ ଆସିଯିବା ସୁଗମ ହୋଇଥାଏ।

### ଏ ବର୍ଷର ସ୍ଲୋଗାନ୍...

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ 'ବିଶ୍ୱ ମଧୁମେହ ଦିବସ' ପାଳନ କରାଯାଉଛି। ଡାଇବେଟିସ୍‌କୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। ଚଳିତ ବର୍ଷ ଏହି ଅବସରରେ ସ୍ଲୋଗାନ୍ ରହିଛି 'ଆକ୍ସେସ୍ ଟୁ ଡାଇବେଟିସ୍ କେୟାର'। ଯେଉଁମାନେ ଡାଇବେଟିସ୍‌ରେ ପୀଡ଼ିତ ସେମାନଙ୍କର ଠିକ୍ ଯତ୍ନ ନେବା ଆବଶ୍ୟକ। ନ ହେଲେ ହୁଏତ ସେମାନେ ଡାଇବେଟିସ୍ କାରଣରୁ ଅନ୍ୟ ରୋଗ ଦ୍ୱାରା ମଧ୍ୟ ଆକ୍ରାନ୍ତ ହୋଇପାରନ୍ତି। ପ୍ରାଥମିକ ସ୍ତରରୁ ଯଦି ଏହାର ପ୍ରତିକାର ବ୍ୟବସ୍ଥା ନ କରିବା, ତେବେ ଭବିଷ୍ୟତରେ ଏହା ଆମର ଅଧିକ କ୍ଷତି କରିବାର ସମ୍ଭାବନା ସୃଷ୍ଟି କରିବ। ତେଣୁ ଆମକୁ ଏ ଦିଗରେ ଯଥେଷ୍ଟ ଯତ୍ନଶୀଳ ହେବାକୁ ପଡ଼ିବ।

# ବିଜୟଙ୍କ ସହ ଦୀପାବଳି ପାଳିଲେ ତମନ୍ନା

ମୁମ୍ବାଇ



ବି-ଟାଉନରେ ଅଭିନେତ୍ରୀ ତମନ୍ନା ଭାଟିଆ ଏବଂ ବିଜୟ ବର୍ମାଙ୍କ ସମ୍ପର୍କକୁ ନେଇ ଖୁବ୍ ଆଲୋଚନା ହେଉଛି। ବିଜୟ ତାଙ୍କ ପ୍ରେମକୁ ଖୋଲାଖୋଲି ପ୍ରକାଶ କରିବା ପରେ ସେମାନେ ଏବେ ପ୍ରଶଂସକଙ୍କ ପସନ୍ଦର ଯୋଡ଼ି ପାଲଟିଛନ୍ତି। ଏବେ ଦୁହିଁଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ; ଯାହାକୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ବଲିଉଡ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ଘରେ ଏକ ଦୀପାବଳି ପାର୍ଟିରେ ତାରକାଙ୍କ ସମାବେଶ ହୋଇଥିଲା। ଏଥିରେ ବି-ଟାଉନର ଅନେକ ବଡ଼ ବଡ଼ ତାରକା ଯୋଗଦେଇଥିଲେ। ତେବେ ପାର୍ଟିରେ ବିଜୟ- ତମନ୍ନାଙ୍କ ଏଣ୍ଟ୍ରି ବେଶ୍ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ଦୁହେଁ ହାତ ଧରାଧରି ହୋଇ ପାର୍ଟିରେ ଏଣ୍ଟ୍ରି କରିଥିଲେ। ଦୀପାବଳିକୁ ଉପଭୋଗ କରିବାକୁ ଦୁହେଁ ପାରମ୍ପରିକ ଶୈଳୀର ପୋଷାକ ପିନ୍ଧିଥିଲେ। ପାର୍ଟିରେ ଅଧିକାଂଶ ସମୟ ଦୁହେଁ ପରସ୍ପରର ହାତ ଧରାଧରି ହୋଇ ବୁଲୁଥିବାର ମଧ୍ୟ ଦେଖିବାକୁ ମିଳିଥିଲା। ଏଥିସହ ଉଭୟ ଏକାଠି ଦୀପାବଳି ପାଳିଥିଲେ। ତେବେ ତମନ୍ନା ୨୦୦୫ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ରଜନୀକାନ୍ତଙ୍କ ଅଭିନୀତ 'ଜେଲର'ରେ ତମନ୍ନା ନଜରକୁ ଆସିଥିଲେ। ଏହାପରେ ସେ 'ଭୋଲା ଶଙ୍କର' ଏବଂ ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ବନ୍ଦ୍ରା'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ୨ଟି ଫିଲ୍ମ ମଧ୍ୟ ରହିଛି। ଏଥିସହ ସେ ଟେଲିଭିଜନ ଏବଂ କିଛି ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୨୯.୧୧.୨୦୨୩ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** 1) **ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, ୩) **ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | ଶ୍ରୀ ଶତ୍ରୁଘନ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୧,୭୨,୦୦୦/- / ଟ.୧,୧୭,୦୦୦/- / ଟ.୧୨,୦୦୦/- | ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୨. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** ୧) **ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) **ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ | ଶ୍ରୀ ଦୁର୍ଗା ମାଧବ ପଣ୍ଡାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ଟ.୧୦,୯୮,୦୦୦/- / ଟ.୧,୧୦,୦୦୦/- / ଟ.୧୧,୦୦୦/- | ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୩. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** ୧) **ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) **ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ(ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁନ୍ଦା, ମେନ୍ ରୋଡ୍, ସୁକୁନ୍ଦା, ବ୍ରହ୍ମପୁର, କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୧୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୦,୫୦୦/- | ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୪. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** ୧) **ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରୀଷ୍ଣ ପଣ୍ଡିତ, ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) **ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରୀଷ୍ଣ ପଣ୍ଡିତ, ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ | ସରୋଜିନୀ ପଣ୍ଡିତ(ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୮, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୪୧ ଡ଼ିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- / ଟ.୨୧,୦୦୦/- | ୦୩.୦୮.୨୦୧୯ ସୁଦ୍ଧା ଟ.୨୨,୧୬,୪୦୬/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୫. | **ବେଲଗୁଣ୍ଠା ଶାଖା, ଫୋନ୍: ୮୮୪୭୮୯୧୫୪୭ /** ୧) **ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ,ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, ୨) **କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ୩) **ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ପିନ୍-୭୬୧୧୨୦ | ପ୍ରମୋଦ କୁମାର ଆରୁଖଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୫,୦୦୦/- / ଟ.୬୬,୦୦୦/- / ଟ.୭,୦୦୦/- | ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୬. | **ବେଲଗୁଣ୍ଠା ଶାଖା, ଫୋନ୍: ୮୮୪୭୮୯୧୫୪୭ /** ୧) **କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, ୨) **ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, ୩) **ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା.:କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ | ବାସନ୍ତୀ ଶତପଥୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦,ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୪,୦୦,୦୦୦/- / ଟ.୨,୪୦,୦୦୦/- / ଟ.୨୪,୦୦୦/- | ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୭. | **ବେଲଗୁଣ୍ଠା ଶାଖା, ଫୋନ୍: ୮୮୪୭୮୯୧୫୪୭ /** ୧) **ରବିନ୍ଦ୍ରନାଥ ସେଠୀ,** ପିତା: ଖଡାଳ ସେଠୀ, ସ୍ଥାୟୀ ଠିକଣା- କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, ୨) **ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, ୩) **ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା | ରବିନ୍ଦ୍ରନାଥ ସେଠୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୬/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୪୦,୦୦୦/- / ଟ.୨,୧୪,୦୦୦/- / ଟ.୨୨,୦୦୦/- | ୨୪.୦୪.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୮. | **ବ୍ରହ୍ମପୁର ଶାଖା-୩, ଫୋନ୍: ୭୫୦୬୮୦୭୨୫୮/** ୧) **ମେସର୍ସ ଶ୍ରୀ ଜଗନ୍ନାଥ ଫୁଡ୍ ପ୍ରୋସେସିଙ୍ଗ୍ ଇଣ୍ଡଷ୍ଟ୍ରି, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସଂଯୁକ୍ତା ଦାସ,** ସ୍ୱାମୀ: ଶ୍ରୀ ପଦ୍ମ ଚରଣ ଦାସ, ପ୍ଲଟ୍ ନଂ.: ୩୦୫/୩୧୫୨, ଖାତା ନଂ.: ୬୩୦/୧୧୦୫, ରେଭିନ୍ୟୁ ମୌଜା: ହୁଗଳାପଟା, ତହସିଲ: ବ୍ରହ୍ମପୁର ୧ ଏବଂ ୨, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀମତୀ ସଂଯୁକ୍ତା ଦାସ(ସ୍ୱତ୍ତ୍ୱାଧିକାରୀ),** ସ୍ୱାମୀ: ଶ୍ରୀ ପଦ୍ମ ଚରଣ ଦାସ, ଖଲାସି ସାହି,ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) **ଶ୍ରୀ ପଦ୍ମ ଚରଣ ଦାସ,** ପିତା: ଶ୍ରୀ ରାମନାଥ ଦାସ, ଖଲାସି ସାହି, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | ଶ୍ରୀ ପଦ୍ମ ଚରଣ ଦାସ, ପିତା: ଶ୍ରୀ ରାମନାଥ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୦୫/୩୧୫୨, ଖାତା ନଂ.: ୬୩୦/୧୧୦୫, ରେଭିନ୍ୟୁ ମୌଜା: ହୁଗୁଳାପଟା, ତହସିଲ: ବ୍ରହ୍ମପୁର ୧ ଏବଂ ୨, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୩୪ ଡିସିମିଲି ୪/୧୦ ଯାହା ୧୫୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପିତାମ୍ବର ଦାଶଙ୍କ ଜମି, ପଶ୍ଚିମ:ସର୍ଭେ ନଂ.: ୩୦୫ର ଜମି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ଉତ୍ତର: ସର୍ଭେ ନଂ.: ୩୦୫ର ଜମି | ଟ.୧୮,୫୪,୦୦୦/- / ଟ.୧,୮୬,୦୦୦/- / ଟ.୧୯,୦୦୦/- | ୦୫.୦୭.୨୦୨୨ ସୁଦ୍ଧା ଟ.୨୩,୭୫,୦୦୦/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୯. | **କୁଲ୍ଲାଡ ଶାଖା, ଫୋନ୍: ୭୯୭୮୦୭୯୧୩୬ /** ୧) **ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, ୨) **ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ପିନ୍-୭୬୧୧୩୧ | ୧) **ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍‌ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘ୍ନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା<br>୨) **ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ,ଏସ୍‌ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | ୧) ଟ.୧୧,୬୬,୦୦୦/- / ଟ.୧,୨୦,୦୦୦/- / ଟ.୧୨,୦୦୦/-<br>୨) ଟ.୫,୮୫,୦୦୦/-/ ଟ.୬୦,୦୦୦/-/ ଟ.୬,୦୦୦/- | ୩୧.୦୩.୨୦୨୧ ସୁଦ୍ଧା ଟ.୮,୯୪,୧୦୫.୭୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୦. | **ଛତ୍ରପୁର ଶାଖା-୨, ଫୋନ୍: ୯୮୬୧୦୧୪୪୯୦ /** ୧) **ମେସର୍ସ ଲକ୍ଷ୍ମୀ କାସ୍ୟୁ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ବି. ମାଦେୟା ପାତ୍ର,** ସା.: ବ୍ରାହ୍ମଣିଆ ପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୨) **ବି. ମାଦେୟା ପାତ୍ର,** ପିତା: ୰ ବି. ଚନ୍ଦ୍ରୁ ପାତ୍ର, ସା.: ବ୍ରାହ୍ମଣିଆପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୩) **ବି. କାମେଶ୍ୱ ପାତ୍ର, ୪) ବି. ଲକ୍ଷ୍ମମ୍ମା,** ସ୍ୱାମୀ: ୰ ବି. ଚନ୍ଦ୍ରୁ ପାତ୍ର, ସା.: ବ୍ରାହ୍ମଣିଆପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୫) **ବି. ଚନ୍ଦ୍ରୁ ପାତ୍ର,** ସା.: ବ୍ରାହ୍ମଣିଆ ପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୬) **ବି. ତାମେୟା ପାତ୍ର,** ପିତା: ୰ ବି. ଚନ୍ଦ୍ରୁ ପାତ୍ର, ସା.: ବ୍ରାହ୍ମଣିଆ ପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୭) **ବି. ନଗମ୍ମା ପାତ୍ର,** ପିତା: ୰ ବି. ଚନ୍ଦ୍ରୁ ପାତ୍ର, ସା.: ଗୋଳାବନ୍ଧ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦ | ୧) **ବି. ମାଦେୟା ପାତ୍ର (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଏବଂ ଗୃହ ଯାହାର ସା: ବ୍ରାହ୍ମଣିଆପଲ୍ଲୀ, ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖତିୟାନ ନଂ.: ୨୯୬/୩୬୩, ପ୍ଲଟ୍ ନଂ.: ୯୬୩/୧୯୦୫, କ୍ଷେତ୍ର: ଏକର ୦.୩୮୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବି. ହାଡିଆଦା ପାତ୍ର ଏବଂ ଅନ୍ୟମାନଙ୍କ ଜମି, ପଶ୍ଚିମ: ବି. ଚନ୍ଦ୍ରୁ ପାତ୍ର ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: ସତ୍ୟମ୍ମାଙ୍କ ଜମି, ଦକ୍ଷିଣ: ରାସ୍ତା ଏବଂ ରେଲ୍‌ୱେ ଜମି<br>୨) **ବି. ଚନ୍ଦ୍ରୁ ପାତ୍ର (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ସା: ବ୍ରାହ୍ମଣିଆପଲ୍ଲୀ, ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖତିୟାନ ନଂ.: ୮୩, ପ୍ଲଟ୍ ନଂ.: ୧୨୪୬/୧୫୩୮, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବି. ରମୟା ପାତ୍ରଙ୍କ ଗୃହ, ପଶ୍ଚିମ: ବି. ମାଦେୟା ପାତ୍ର ଏବଂ ଅନ୍ୟମାନଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଡି. ସନ୍ୟାସୀ ପାତ୍ରଙ୍କ ସମ୍ପତ୍ତି | ୧) ଟ.୨୫,୧୦,୦୦୦/- / ଟ.୨,୫୧,୦୦୦/- / ଟ.୨୬,୦୦୦/-<br>୨) ଟ.୫,୦୫,୦୦୦/- / ଟ.୫୧,୦୦୦/- / ଟ.୫,୫୦୦/- | ୦୧.୦୮.୨୦୧୮ ସୁଦ୍ଧା ଟ.୩୧,୧୯,୦୫୫.୫୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୧. | **ଛତ୍ରପୁର ଶାଖା-୨, ଫୋନ୍: ୯୮୬୧୦୧୪୪୯୦ /** ଋଣଗ୍ରହୀତାମାନେ: ୧) **ମେସର୍ସ ଆଜମର୍ କାସ୍ୟୁ ପ୍ରଡ଼କ୍ଟସ୍, ସ୍ୱତ୍ତ୍ୱାଧିକାରୀ: ଆକବର ବେଗ୍,** ପିତା: ସାହାଜାହାନ ବେଗ୍, ୨) **ଆକବର ବେଗ୍,** ପିତା: ସାହାଜାହାନ ବେଗ୍, ଉଭୟଙ୍କ ଠିକଣା- ସା: ବଜରଙ୍ଗ ନଗର, ଜେଲ ରୋଡ୍, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଆକବର ବେଗ୍,** ପିତା: ସାହାଜାହାନ ବେଗ୍, ସା: ବଜରଙ୍ଗ ନଗର, ଜେଲ ରୋଡ, ଛତ୍ରପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଥିବା କାରଖାନା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩୭/୪୫୩୭, ଖାତା ନଂ.: ୪୪୧/୨୯୫୦, ରେଭିନ୍ୟୁ ମୌଜା: ଛତ୍ରପୁର, ତହସିଲ: ଛତ୍ରପୁର, ସା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୦ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଡ୍ରେନ୍, ଉତ୍ତର: ପ୍ଲଟ୍ ନଂ.: ୨୯ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୧ ଜମି | ଟ.୪୬,୩୫,୦୦୦/- / ଟ.୪,୬୩,୫୦୦/- / ଟ.୪୭,୦୦୦/- | ୨୮.୦୮.୨୦୨୨ ସୁଦ୍ଧା ଟ.୫୫,୧୮,୪୬୮.୨୩ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୨. | **ନୟାଗଡ ଶାଖା-୧, ଫୋନ୍: ୮୦୯୭୧୭୧୭୩୭ /** ୧) **ଜଗନ୍ନାଥ ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନନ୍ଦ ନନ୍ଦନ ଦାଶ,** ୨) **ଶ୍ରୀ ନନ୍ଦ ନନ୍ଦନ ଦାଶ,** ଉଭୟଙ୍କ ଠିକଣା- ସା: ହୋଲ୍ଡିଂ ନଂ.: ୧୧୧, ଓଲ୍ଡ ଏଲ୍‌ଆଇସି ବିଲ୍ଡିଂ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ନୟାଗଡ-୭୫୨୦୬୯, ୩) **ଶ୍ରୀମତୀ ନନ୍ଦିତା ମହାପାତ୍ର (ଗ୍ୟାରେଣ୍ଟିଦାତା),** ସ୍ୱାମୀ: ଶ୍ରୀ ଭୂଷଣ ମହାପାତ୍ର, ସା: ଗାନ୍ଧୀ ମାର୍ଗ, ନୟାଗଡ, ୪) **ଶ୍ରୀମତୀ କବିତା ଭାଲୋଟିଆ (ଗ୍ୟାରେଣ୍ଟିଦାତା),** ସ୍ୱାମୀ: ଶ୍ରୀ ଦୀନେଶ କୁମାର ଭାଲୋଟିଆ, ସା: ଯଦୁମଣୀ ନଗର, ନୟାଗଡ-୭୫୨୦୬୯ | ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦୩/୨୬୬୩, ଖାତା ନଂ.: ୨୪୭/୨୪୬, କ୍ଷେତ୍ର: ଏକର୦.୦୮୦ଡିସିମିଲି, ମୌଜା: ନବଘନପୁର, ତହସିଲ: ନୟାଗଡ-୫୦୭, ଜିଲ୍ଲା: ନୟାଗଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ସରକାରୀ ଜମି, ପଶ୍ଚିମ: ବିନିତା କୁମାରୀ ପାତ୍ର, ଉତ୍ତର: ପ୍ରଭାତ କୁମାର ସାହୁ, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା | ଟ.୪,୪୨,୦୦୦/- / ଟ.୪୪,୫୦୦/- / ଟ.୫,୦୦୦/- | ୧୭.୧୦.୨୦୧୯ ସୁଦ୍ଧା ଟ.୨୦,୭୬,୮୪୯/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୩. | **ନୀଳକଣ୍ଠନଗର ଶାଖା,ଫୋନ୍: ୭୮୯୪୫୨୯୨୭୨/** ୧) **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, ୨) **ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ଟ.୮,୬୫,୦୦୦/- / ଟ.୮୭,୦୦୦/- / ଟ.୯,୦୦୦/- | ୩୧.୦୩.୨୦୨୦ ସୁଦ୍ଧା ଟ.୧୮,୩୩,୦୩୫.୪୬ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୪. | **ରମ୍ଭା ଶାଖା, ଫୋନ୍: ୮୭୭୦୪୧୩୦୦୫ /** ୧) **ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, ୨) **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ୩) **ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍‌ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ: ଖଲ୍ଲିକୋଟ, ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଦକ୍ଷିଣ: ଯୋଗୀ ମହାପାତ୍ର,ଉତ୍ତର: ରାସ୍ତା | ଟ.୧୧,୮୦,୦୦୦/- / ଟ.୧,୧୮,୦୦୦/- / ଟ.୧୨,୦୦୦/- | ୩୧.୦୩.୨୦୨୧ ସୁଦ୍ଧା ଟ.୨,୫୩,୭୨୦.୦୭ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୫. | **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୦୪୦୨୬୨୪୨୧ /** ୧(କ) **ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ଋଣଗ୍ରହୀତା),** ୧(ଖ) **ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା),** ୨(କ) **ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା)** | ଶ୍ରୀ ଧୋବା ରାଉଳଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ଟ.୮,୪୮,୦୦୦/- / ଟ.୮୫,୦୦୦/- / ଟ.୮,୫୦୦/- | ୩୧.୦୩.୨୦୨୧ ସୁଦ୍ଧା ଟ.୫,୫୪,୩୯୨.୩୩ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୬. | **ଗୋସାଣୀନୂଆଗାଁ ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ମୁକ୍ତା ଦାସ,** ସ୍ୱାମୀ: ବନ ଦାସ, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୨) **ଚନ୍ଦ୍ରକଳା ରାଉତ,** ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୩) **କେଦାର ରାଉତ,** ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧ | ମୁକ୍ତା ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବିଜିପୁର, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର.୦.୦୦୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପଦ୍ମ ଦାସଙ୍କ ଗୃହ, ପଶ୍ଚିମ: କୁନ୍ତଳା ଦାସଙ୍କ ଗୃହ, ଉତ୍ତର: ଶ୍ରୀ ସୁବୁଦ୍ଧି ସେଠୀଙ୍କ ଗୃହ, ଦକ୍ଷିଣ: ରାସ୍ତା | ଟ.୬,୨୦,୦୦୦/- / ଟ.୬୨,୦୦୦/- / ଟ.୭,୦୦୦/- | ୧୩.୦୭.୨୦୨୨ ସୁଦ୍ଧା ଟ.୨,୬୦,୧୯୮.୨୭ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୭. | **ଗୋବରା ଶାଖା, ଫୋନ୍: ୭୮୯୫୩୫୮୨୯୫ /** **ଋଣଗ୍ରହୀତା: ଶ୍ରୀ ସରୋଜ କୁମାର ନାୟକ,** ପିତା: ରମେଶ ଚନ୍ଦ୍ର ନାୟକ, ସା: ବିଞ୍ଚଣା, ପୋ.: ଲୁଣିପଡା ଶାସନ, ଥାନା: ଗାଙ୍ଗପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୩, ଓଡ଼ିଶା / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ କନକ ଲତା ନାୟକ,** ସ୍ୱାମୀ: ଶ୍ରୀ ସରୋଜ କୁମାର ନାୟକ, ସା: ବିଞ୍ଚଣା, ପୋ.: ଲୁଣିପଡା ଶାସନ, ଥାନା: ଗାଙ୍ଗପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୩, ଓଡିଶା | **ଶ୍ରୀ ସରୋଜ କୁମାର ନାୟକଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୨୨, ଖାତା ନଂ.: ୪୫୪/୭୭, ମୌଜା: ବିଞ୍ଚଣା, ତହସିଲ: ବେଲଗୁଣ୍ଠା, ସା: ବିଞ୍ଚଣା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର : ଏକର୦.୦୪୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବ୍ୟାଙ୍କ୍ ୟାର୍ଡ ରୋଡ୍, ପଶ୍ଚିମ: ରାସ୍ତା, ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ସରକାରୀ ଜମି | ଟ.୧୪,୭୫,୦୦୦/- / ଟ.୧,୪୭,୫୦୦/- / ଟ.୧୫,୦୦୦/- | ୨୭.୦୨.୨୦୨୧ ସୁଦ୍ଧା ଟ.୯,୨୭,୬୬୭.୫୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୮. | **ଦିଗପହଣ୍ଡି ଶାଖା, ଫୋନ୍: ୯୫୬୦୩୫୩୫୫୫ /** **ଋଣଗ୍ରହୀତା: ମେସର୍ସ ଅଏଲ୍‌ଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଳତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨/ **ଗ୍ୟାରେଣ୍ଟିଦାତା: ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ | ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍‌ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ଟ.୧୪,୦୫,୦୦୦/- / ଟ.୧,୪୧,୦୦୦/- / ଟ.୧୫,୦୦୦/- | ୧୦.୧୦.୨୦୨୨ ସୁଦ୍ଧା ଟ.୧୧,୪୯,୧୦୬.୬୭ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ୨୮.୧୧.୨୦୨୩ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ / ଯାହାଙ୍କ ସପକ୍ଷରେ ଅମାନତ ରାଶି ପେଠ: କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକାଉଣ୍ଟ ନଂ.: ୦୦୮୫୧୧୧୦୦୦୦୦୪୩୨, IFSC Code: UBIN0800856, ଫୋନ୍ ନଂ.: ୬୨୮୯୨୪୬୪୯୨**

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୭.୧୧.୨୦୨୩ ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ**

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ:୧୩.୧୧.୨୦୨୩

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅନୁଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖସିଲା ଶେୟାର ବଜାର କାରବାର

**ଭୁବନେଶ୍ୱର,୧୩।୧୧**

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୩୨୬ (୩୨୫.୫୮) ପଏଣ୍ଟ ଖସି (କମି) ୬୪,୯୩୪ (୬୪,୯୩୩.୮୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ରେ ମଧ୍ୟ ୮୨(୮୨.୦୦) ପଏଣ୍ଟ ହ୍ରାସ ଘଟି ୧୯,୪୪୪ (୧୯,୪୪୩.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୭%

**ଭୁବନେଶ୍ୱର,୧୩।୧୧ (ଅଭୟ ଦାଶ)**



ଗତ କିଛି ମାସ ହେଲା/ହେବ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଘଟୁଛି। ଏପରିକି କ୍ରମାଗତ ୪ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଦେଖିବାକୁ ମିଳିଛି, ବିଶେଷ କରି ଘରୋଇ ବଜାରରେ ଖାଦ୍ୟ ସାମଗ୍ରୀର ଦର ହ୍ରାସ ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ସ୍ଥିରତା ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ହୋଇଛି। ଅପରପକ୍ଷରେ ଚଳିତ ବର୍ଷ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭%ରେ ରହିଛି ବୋଲି ସୋମବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ ବା ଏନ୍ଏସଓ) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭%ରେ ରହିଥିଲାବେଳେ ଚଳିତ ବର୍ଷ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୨% ଥିଲା। ସେହିଭଳି ୨୦୨୩ ଅଗଷ୍ଟରେ ୫.୦୨% ଥିଲା ୬.୮୩% ଏବଂ ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ହାର ୭.୪୪% ରହିଥିଲା। ଯାହା ଦୀର୍ଘ ୧୫ ମାସର ସର୍ବୋଚ୍ଚ ବୋଲି ଏନଏସଓ ପକ୍ଷରୁ କୁହାଯାଇଥିଲା। ସେହିପରି ଖୁଚୁରା ମୁଦ୍ରାସ୍ଫୀତି ହାର ୨୦୨୩ ଜୁଲାଇ ପରଠାରୁ କ୍ରମାଗତ ଭାବେ ହ୍ରାସ ପାଉଛି, ଏପରିକି ଲଗାତର ୪ର୍ଥ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଦେଖିବାକୁ ମିଳିଛି, ଖାଦ୍ୟ ସାମଗ୍ରୀ ମୂଲ୍ୟରେ ହ୍ରାସ ଯୋଗୁ ୨୦୨୩ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭%କୁ ଖସିଛି ବୋଲି ମନ୍ତ୍ରଣାଳୟ (କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୨୦୨୩ ଅକ୍ଟୋବରରେ ଖାଦ୍ୟ ମୁଦ୍ରାସ୍ଫୀତି ୬.୬୧% ରହିଛି, ଯାହାକି ୨୦୨୩ ସେପ୍ଟେମ୍ବରରେ ୬.୬୨% ରହିଥିଲା। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୧୨% ରହିଥିବାବେଳେ ସହରାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୭୧% ରହିଛି।

ସୂଚନାଯୋଗ୍ୟ, ୨୦୨୩ ଅକ୍ଟୋବରରେ ଡାଲି ଦର ବୃଦ୍ଧି ହୋଇଥିବାବେଳେ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଦର ପରିବର୍ତ୍ତନ ହୋଇଛି।

# ଭି-ମାର୍ଟର ସ୍ୱତନ୍ତ୍ର ଦୀପାବଳି କଲେକ୍ସନ

**ଭୁବନେଶ୍ୱର,୧୩।୧୧**




ଭି-ମାର୍ଟ ରିଟେଲ ଲିମିଟେଡ୍ (ଭି-ମାର୍ଟ)ର ବହୁ ପ୍ରତୀକ୍ଷିତ ଅଭିଯାନ (କ୍ୟାମ୍ପେନ୍) 'ଫ୍ୟାଶନ କା ପ୍ୟାର୍ ହର୍ ତ୍ୟୋହାର' ସହ ସ୍ୱତନ୍ତ୍ର ଦୀପାବଳି କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଦିୱାଲି ସେଲିବ୍ରେଶନକୁ ଦ୍ୱିଗୁଣିତ କରିବା ପାଇଁ ଭି ମାର୍ଟ ପକ୍ଷରୁ ବ୍ୟାପକ ପୋଷାକ ସମ୍ଭାର ସହ ଆକର୍ଷଣୀୟ ଅଫର ଓ ରିହାତି ମଧ୍ୟ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ଉକ୍ତ କଲେକ୍ସନରେ ଲେଡିଜ୍ ଓ ମେନ୍ସ ୱେର ସହିତ ଭଳିକି ଭଳି କିଡ୍ସ ୱେର ଏବଂ ଟ୍ରେଣ୍ଡି ଡିଜାଇନ ଉପଲବ୍ଧ। ସେହିଭଳି ଗ୍ରାହକମାନେ ୨୪୯୯ ଟଙ୍କା କିମ୍ବା ତା' ଠାରୁ ଅଧିକ ମୂଲ୍ୟରେ କିଣାକିଣି କଲେ ମାତ୍ର ୧୯୯ ଟଙ୍କା ଦେଇ ଏକ ସ୍ମାର୍ଟ ୱାଚ୍ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ୪୯୯୯ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ କ୍ରୟ ଉପରେ ଗ୍ରାହକ ୧୯୯ ଟଙ୍କା ଦେଇ ଏକ ଷ୍ଟାଇଲିଶ ଡଫଲ ବ୍ୟାଗ୍ ପାଇପାରିବେ। ବିଶେଷକରି ଭି ମାର୍ଟର ପାର୍ବଣ ସମ୍ଭାର (ଫେଷ୍ଟିଭ କଲେକ୍ସନ) ସହ ବ୍ୟାପକ ରେଞ୍ଜର ବିକଳ୍ପ ସାମଗ୍ରୀ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଭି-ମାର୍ଟ ଫ୍ୟାଶନ ମାତ୍ର ୯୯ଟଙ୍କାରୁ ଆରମ୍ଭ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility•Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦିୱାଲି ଧମାକା
ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ପ୍ରଫୁଲ୍ଲ କୁମାର ମିଶ୍ର
ଚକେଇଶିଆଣି, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୫୩
ତିରୋଧାନ: ୦୪।୧୧।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୧୭୮୩

# ଏଲ୍ଆଇସିର ଦ୍ୱିତୀୟ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୧୩।୧୧**

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡାଇରେକ୍ଟର୍ସ) ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ନିଗମର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ବେଳେ ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ (୬ମାସ)ର ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷକରି ୨୦୨୩ ସେପ୍ଟେମ୍ବର ୩୦ ସୁଦ୍ଧା ନିଗମର କାରବାର ବେଶ୍ ଉତ୍ସାହଜନକ ରହିଥିଲାବେଳେ ଟିକସ ପରବର୍ତ୍ତୀ ଲାଭ (ପିଏଟି) ମୋଟ ୧୭,୪୬୯ କୋଟି ଟଙ୍କା ରହିଛି। ଚଳିତ ବର୍ଷର ୨ୟ ତ୍ରୈମାସିକ ଶେଷ ସୁଦ୍ଧା ନିଗମର ନେଟ୍ ଟିକସ ଲାଭ ୧୩,୭୬୮ କୋଟି ଟଙ୍କା ହୋଇଛି। ଅପରପକ୍ଷରେ ୨୦୨୨ ସେପ୍ଟେମ୍ବର ୩୦ ସୁଦ୍ଧା ନିଗମର ପିଏଟି ୧୬,୬୩୫ କୋଟି ଟଙ୍କା ରହିଥିଲାବେଳେ ନେଟ୍ ଟିକସ ଲାଭ ୪୫୪୨ କୋଟି ଟଙ୍କା ଥିଲା।

ଏ ସମ୍ପର୍କରେ ଏଲ୍ଆଇସିର ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି କହିଛନ୍ତି ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ସମେତ ପ୍ରଥମ ଅର୍ଦ୍ଧବାର୍ଷିକର କାରବାର ବେଶ୍ ଉତ୍ସାହଜନକ ରହିଛି। ସେହିଭଳି ନିଗମର ଆଗାମୀ କାର୍ଯ୍ୟକଳାପ ଓ ନୂତନ ଯୋଜନା ସମ୍ପର୍କରେ ମହାନ୍ତି ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

# ଜୟ ଆଲୁକ୍କାସ୍ଙ୍କ ଆତ୍ମଜୀବନୀ 'ବ୍ୟାପ୍ତ ଆନନ୍ଦ' ଉନ୍ମୋଚିତ




**ଭୁବନେଶ୍ୱର,୧୩।୧୧**

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଜୟ ଆଲୁକ୍କାସ୍ର ଅଧ୍ୟକ୍ଷ ତଥା ଏମ୍ଡି ଜୟ ଆଲୁକ୍କାସଙ୍କର ଆତ୍ମଜୀବନୀ 'ବ୍ୟାପ୍ତ ଆନନ୍ଦ' (ସ୍ପ୍ରେଡିଂ ଜୟ) ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷକରି ଜୟ ଆଲୁକ୍କାସ୍ କିପରି ବିଶ୍ୱର ଜଣେ ଜଣାଶୁଣା ଗହଣା ବ୍ୟବସାୟୀ ହୋଇଗଲେ ସେ ବିଷୟରେ ବିସ୍ତୃତ ରୋଚକ ତଥ୍ୟ ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଛି। ଶାରଜା ପୁସ୍ତକ ମେଳାରେ ଉକ୍ତ ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶାରଜା ବୁକ୍ ଅଥରିଟିର ସିଇଓ ଅହମ୍ମଦ ବିନ୍ ରାକ୍କଡ ଅଲ୍ ଆମେରୀ ଏବଂ ଜୟ ଆଲୁକ୍କାସ୍ର ଗ୍ଲୋବାଲ ବ୍ରାଣ୍ଡ୍ ଆମ୍ବାସାଡର ତଥା ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ କାଜୋଲ ଦେବଗନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଲି ଜୟ ଆଲୁକ୍କାସ୍, ଅନନ୍ତ ପଦ୍ମନାଭନ, ସିଇଓ ହାର୍‌ପର କଲିନ୍ସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜୟ ଆଲୁକ୍କାସ୍ କହିଛନ୍ତି, ମୋ ଜୀବନର ଯାତ୍ରା ପ୍ରତିବଦ୍ଧତା, ପରିଶ୍ରମ ଏବଂ ଦୃଢ଼ତା ତଥା ଚିରସ୍ଥାୟୀ ମୂଲ୍ୟବୋଧର ଏକ ଜ୍ୱଳନ୍ତ ଉଦାହରଣ (ପ୍ରମାଣ) ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## Classified Everyday
0674-2580101, 2549949


REAL ESTATE
SALE

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75265

ସୁନ୍ଦରପଦା, କୁହା Petrol Pumpରୁ 800 mtr. ଦୂରତାରେ 30ft. road, ଘରବାରି ପ୍ଲଟ୍ ମିଳୁଅଛି। 7978676652. D-75266

Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357. D-75264

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

Nakhara- Adaspur State Highway କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି SC ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି - 9937417899. D-75256

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60' road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952. D-75250

ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/- ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894. D-75260

North & West facing 2, 700 sqft (60'x45') Freehold corner GA plot in Saheed Nagar, Bhubaneswar- 9937041033. D-74598

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100 ft ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଚାଶରୁ ବିକ୍ରିହେବ। 9827119799. D-1758

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656




Newly healthcare benefited SPA experience therapist in Bhubaneswar. Contact: 9938843929. D-75167

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75057

Relax, Refresh your body, Mind at Saikrupa Spa with best therapies. 8984068077. D-1696

AFFIDAVIT

By virtue of an affidavit before Executive Magistrate, Bhubaneswar, I have changed my name 'Swarupa Ranjan Mohanty' to 'Swarup Mohanty' and declare that 'Swarupa Ranjan Mohanty' & 'Swarup Mohanty' is one & same person. D-1778

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଅଧ୍ୟାପକଙ୍କ ପିଏଚ୍. ଡି. ଲାଭ



ହରିଶ୍ୱରଦେବ ଧନ୍ଦାମୂଳକ ଡିଗ୍ରୀ ବିଜ୍ଞାନ ମହାବିଦ୍ୟାଳୟ, ପଣସପଦା, ପୁରୀରେ ବରିଷ୍ଠ ଅଧ୍ୟାପକ ଭାବେ କାର୍ଯ୍ୟରତ ଡକ୍ଟର ଗୋଲକ ବିହାରୀ ପଲାଇ କିଟ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶାରୁ ଇଂରାଜୀ ସାହିତ୍ୟରେ ପିଏଚ୍.ଡି. ଲାଭ କରିଛନ୍ତି। ସେ କିଟ୍ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପ୍ରଫେସର ଡକ୍ଟର ଦୀପାଞ୍ଜଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଡକ୍ଟର ପଲାଇଙ୍କର ସନ୍ଦର୍ଭ "Cultural Heritage of Sri Jagannath: A Study with Reference to Mysticism and Spiritualism" ମୁମ୍ବାଇ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବାଜୀ ସରଗର୍ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ପଲାଇ ପୁରୀ ଜିଲ୍ଲା କଣାସ ବ୍ଲକ ଆଳିବାଡ ଗ୍ରାମର ଶ୍ରୀମତୀ ସୁବାସିନୀ ପଲାଇ ଓ ଶ୍ରୀ ଜଗନ୍ନାଥ ପଲାଇଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ନିଜ ପିତାମାତା ଏବଂ ଶିକ୍ଷକ ଶ୍ରୀ ତ୍ରିଲୋଚନ ପ୍ରଧାନ, ଶ୍ରୀ ସୁକାନ୍ତ କୁମାର ଦଳାଇ, ପ୍ରଫେସର ଅଚ୍ୟୁତ ସାମନ୍ତ, ପ୍ରଫେସର ସସ୍ମିତାରାଣୀ ସାମନ୍ତ, ପ୍ରଫେସର ଏସ୍. ନନ୍ଦ, ପ୍ରଫେସର ଏସ୍. ସି. ସ୍ୱାଇଁ, ପ୍ରଫେସର ଆର୍. ଏନ୍. ସୁବୁଦ୍ଧି, ପ୍ରଫେସର ସୁଶାନ୍ତ ତ୍ରିପାଠୀ, ଡଃ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।
ଧ-୬୨୦୯୬

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜନ୍ମଦିନ ଶୁଭେଚ୍ଛା



ଅନୁଭା ସାହୁ
ସାହାପୁର,ଗେଡ଼ମା, କେନ୍ଦୁଝର
ଆଜି ତୋର ଦଶମ ଜନ୍ମଦିନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ। ସେ ତୁମକୁ ସୁସ୍ଥ ଓ ଯଶସ୍ୱୀ ଓ ଦୀର୍ଘାୟୁ କରିବା ସହିତ ତୁମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମା, ଜେଜେ ବାପା, ଜେଜେ ମା, ଅଜା, ଆଇ ମାମୁ, ମାଇଁ, ଉଜ୍ଜ୍ୱଳ, ହର୍ଷିତା, ଅଭି, ହାପି, ବାପି, ଦେବସ୍ମିତା, ରୁଦ୍ର, ଅନନ୍ୟା, ଖୁସି, ତରଣୀସେନ ଓ ସମସ୍ତ ପରିବାରବର୍ଗ ।
ଧ-୧୭୭୭

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଏଚ୍ଆଇପିପିର ନୂତନ ଅଭିଯାନ

**ଭୁବନେଶ୍ୱର,୧୩।୧୧**

ଦେଶର ପ୍ରମୁଖ ଘରୋଇ ସଂସ୍ଥା 'ହୋଣ୍ଡା ଇଣ୍ଡିଆ ପାୱାର୍ ପ୍ରଡକ୍ଟସ '(ଏଚ୍ଆଇପିପି) ଲିମିଟେଡର ନୂତନ ଅଭିଯାନ 'ହୋଣ୍ଡା ଫେଷ୍ଟିଭାଲ ଧମାକା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ରାଣ୍ଡର ୱାଟର ପମ୍ପ, ଟିଲର୍ସ, ବ୍ରଶ କଟର, ଇଞ୍ଜିନ ଆଦି ଉପରେ ଆକର୍ଷଣୀୟ ଅଫର ସହିତ ଏଚ୍ଆଇପିପର ପ୍ରମାଣିତ ଲାଇନ ଅପ୍ କୃଷିଜାତ ଦ୍ରବ୍ୟ ଉପରେ ଆକର୍ଷଣୀୟ ରିହାତି ଭାବେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସେହିଭଳି କମ୍ପାନୀ ଗ୍ରାହକ ପ୍ରଥମ ବ୍ରାଣ୍ଡ୍ ହେବାର ଆଭିମୁଖ୍ୟକୁ ସୁଦୃଢ଼ କରିଛି ଏବଂ ପାର୍ବଣ ଋତୁରେ ଉତ୍ସାହ ବଢ଼ାଇବା ପାଇଁ ବ୍ରାଣ୍ଡର ବ୍ୟାପକ କୃଷିଜାତ ଦ୍ରବ୍ୟ ପାଇଁ ଅପୂର୍ବ ସୁବିଧା ଏବଂ ପୁରସ୍କାର ଅଫର ଆଣିଛି। ଏପରିକି ଏହି ସ୍ୱତନ୍ତ୍ର ରିଟେଲ ପଦକ୍ଷେପ ସହିତ ଗ୍ରାହକମାନେ ବ୍ୟାପକ କୃଷି ଏବଂ ନିର୍ମାଣ ପୋର୍ଟଫୋଲିଓରୁ ଚୟନ ଉତ୍ପାଦ ସହିତ ମାଗଣା ଉପହାର ଜିତିବାର ସୁଯୋଗ ମଧ୍ୟ ପାଇବେ। ଅପରପକ୍ଷରେ ପାର୍ବଣ ଋତୁକୁ ଆହୁରି ରୋମାଞ୍ଚକର କରିବା ପାଇଁ କମ୍ପାନୀ ସ୍କ୍ରାଚ କାର୍ଡ ପ୍ରଦାନ କରୁଛି, ଯାହା ଗ୍ରାହକଙ୍କୁ ଅନ୍ୟ ଧମାକା ଉପହାର ଜିତିବାର ସୁଯୋଗ ପ୍ରଦାନ କରିବ। ଯାହା ଏକ ଆଣ୍ଡ୍ରଏଡ ସ୍ମାର୍ଟଫୋନ,ଏଲଇଡି ଟିଭି, ସ୍ମାର୍ଟୱାଚ ଆଦି ହୋଇପାରେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅଭିଯାନ ୨୦୨୩ ନଭେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଏପରିକି ଉକ୍ତ ଅଭିଯାନ ପାନ୍ ଇଣ୍ଡିଆରେ ସକ୍ରିୟ ରହିବ ଏବଂ ଦେଶର କୃଷି ଏବଂ ନିର୍ମାଣ ସମ୍ପ୍ରଦାୟ ତଥା ଅନ୍ୟାନ୍ୟ ଆବେଦନକାରୀଙ୍କୁ ସାହାଯ୍ୟ କରିବ।





ନେଦରଲାଣ୍ଡ୍ସ ବିପକ୍ଷରେ ଉଇକେଟ ନେବାପରେ ଉଲ୍ଲସିତ ବିରାଟ କୋହଲି।

# ୯–୦, ଭାରତ ଅପରାଜେୟ

**ବେଙ୍ଗାଲୁରୁ, ୧୩।୧୧ (ପି.ଟି.)**

ଶ୍ରେୟସ ଆୟର ଓ ଲୋକେଶ ରାହୁଲଙ୍କ ଶତକ ବଳରେ ରବିବାର ଦୀପାବଳିରେ ଭାରତୀୟ କ୍ରିକେଟ ଦଳ ନେଦରଲାଣ୍ଡ୍ସକୁ ୧୬୦ ରନରେ ପରାସ୍ତ କରିଛି। ଟପ୍ ସ୍କୋରର ଆୟରଙ୍କ ଅପରାଜିତ ୧୨୮ ଓ ଲୋକାଲ ବୟ ଲୋକେଶଙ୍କ ୧୦୨ ରନ୍ ବଳରେ ଭାରତ ୫୦ ଓଭରରେ ୪ ଉଇକେଟ ହରାଇ ୪୧୦ ରନ୍ ସ୍କୋର କରିଥିଲା। ଜବାବରେ ନେଦରଲାଣ୍ଡ୍ସ ୪୭.୫ ଓଭରରେ ୨୫୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଏହା ସହିତ ୯ଟି ଯାକ ଗ୍ରୁପ୍ ମ୍ୟାଚକୁ ଜିତି ନେବା ସହ ଭାରତ ୧୮ ପଏଣ୍ଟ ସହ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହି ଅପରାଜେୟ ଭାବେ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି।

ରବିବାର ଭାରତ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଥର ପାଇଁ ବିଶ୍ୱକପରେ ଭାରତର ଟପ୍–୫ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିଲେ। ଶୁବମନ ଗିଲ୍(୫୧), ରୋହିତ ଶର୍ମା(୬୧) ଓ ବିରାଟ କୋହଲି(୫୧) ରନ୍ କରିଥିବା ବେଳେ ରାହୁଲ ଓ ଆୟର ଏହାକୁ ଶତକରେ ପରିଣତ କରିଥିଲେ। ଏହା ସହ ବିଶ୍ୱକପରେ ପ୍ରଥମ ଦଳ ଭାବେ ଭାରତର ଟପ୍–୫ ଖେଳାଳି ଅର୍ଦ୍ଧଶତକ ମାରିବା ରେକର୍ଡ କରିଥିଲେ। ଚମତ୍କାର ବ୍ୟାଟିଂ ବଳରେ ଭାରତ ୪୧୦ ରନ୍‌ର ବିଶାଳ ସ୍କୋର କରିଥିଲା। ଏହାପରେ ଭାରତୀୟ ବୋଲର ମାନେ ଶୃଙ୍ଖଳିତ ବୋଲିଂ କରିବା ସହିତ ନେଦରଲାଣ୍ଡ୍ସକୁ ୨୫୦ ରନ୍‌ରେ ସୀମିତ ରଖିଥିଲେ। ପ୍ରଥମ ଥର ପାଇଁ ବିରାଟ କୋହଲି, ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ ଓ ଶୁବମନ ଗିଲ୍‌ଙ୍କୁ ବୋଲିଂ କରୁଥିବାର ଦେଖିବାକୁ ମିଳିଥିଲା। ଏପରି କି କୋହଲି ଓ ରୋହିତ ଅନ୍ତିମ ଦୁଇ ଉଇକେଟ ନେଇଥିଲେ। ଭାରତ ପକ୍ଷରୁ ଶୁବମନ ଗିଲ୍ ଓ ରୋହିତ ଶର୍ମା ପ୍ରଥମ ଉଇକେଟରେ ମାତ୍ର ୭୧ ବଲ୍‌ରେ ୧୦୦ ରନ୍ ଯୋଡ଼ିଥିଲେ। ୩୨ ବଲ୍ ଖେଳି ୩ ଚୌକା ଓ ୪ ଛକା ମାରିଥିବା ଗିଲ୍ ୧୨ତମ ଓଭରରେ ପ୍ୟାଭିଲିୟନ ଫେରିଥିଲେ। ଏହାର ୫ ଓଭର ପରେ ଅଧିନାୟକ ରୋହିତ ଶର୍ମା ୬୪ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ୫୪ ବଲ୍‌ର ଏହି ଇନିଂସରେ ୮ ଚୌକା ଓ ୨ ଛକା ସାମିଲ ଥିଲା। ପୂର୍ବତନ ଭାରତୀୟ ଅଧିନାୟକ ତଥା ଷ୍ଟାର ବ୍ୟାଟର ବିରାଟ କୋହଲି ୫୧ ରନ୍ କରି ଆଉଟ ହୋଇଥିଲେ। ଦିନିକିଆ କ୍ୟାରିୟରର ୫୦ତମ ଶତକ ଲକ୍ଷ୍ୟରେ ରହିଥିବା କୋହଲିଙ୍କ ୫୦ତମ ଶତକ ଦେଖିବା ପାଇଁ ବେଙ୍ଗାଲୁରୁ ଦର୍ଶକ ଏକତ୍ର ହୋଇଥିବା ବେଳେ ରିଓଲ୍ଫ ଭାନ୍ ଡର ମରୱେଙ୍କୁ କଟ୍ ମାରିବା ପ୍ରୟାସରେ କୋହଲି ବୋଲ୍ଡ ହୋଇଥିଲେ। ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିଥିଲେ ମଧ୍ୟ ଏହାର ଭରଣା କରିଥିଲେ ଆୟର ଓ ରାହୁଲ। ଉଭୟ ୪ର୍ଥ ଉଇକେଟରେ ୨୦୮ ରନ୍ ଯୋଡ଼ିଥିଲେ। ଅନ୍ତିମ ୧୦ ଓଭରରେ ଉଭୟ ଖେଳାଳି ୧୨୨ ରନ୍ ଯୋଡ଼ିଥିଲେ। ୯୪ ବଲ୍ ଖେଳିଥିବା ଆୟର ୧୨୮ ରନ୍ କରି ଶେଷ ଯାଏ ଅପରାଜିତ ରହିଥିବା ବେଳେ ମାରିଥିଲେ ୧୦ ଚୌକା ଓ ୫ ଛକା। ଲୋକାଲ ବୟ ରାହୁଲ ୬୪ ବଲ୍ ଖେଳି ୧୧ ଚୌକା ଓ ୪ ଛକା ମାରି ୧୦୨ ରନ୍ କରିଥିଲେ। ରାହୁଲ ପ୍ରଥମ ୩୦ ବଲରୁ ୨୬ ରନ୍ କରିଥିବା ବେଳେ ଅନ୍ତିମ ୩୩ ବଲ୍‌ରୁ ୭୬ ରନ ସ୍କୋର କରିଥିଲେ। ନେଦରଲାଣ୍ଡ୍ସ ପକ୍ଷରୁ ବାସ ଡି ଲିଡ୍ ୨ ଉଇକେଟ ନେଇଥିବା ବେଳେ ରିଓଲ୍ଫ ଭାନ୍ ଡର ମରୱେ ଓ ପଲ୍ ଭାନ୍ ମିକେରାନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୪୧୧ ରନ୍‌ର ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ନେଦରଲାଣ୍ଡ୍ସ ଦ୍ୱିତୀୟ ଓଭରରେ ହିଁ ପ୍ରଥମ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ମାକ୍ସ ଓଡଡ୍(୩୦), କଲିନ୍ ଆକରମ୍ୟାନ୍(୩୫), ସିବ୍ରାଣ୍ଡ ଏଙ୍ଗଲବ୍ରେଟ୍(୪୫) ପ୍ରମୁଖ ଭଲ ଆରମ୍ଭ ପାଇଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ପରିଣତ କରିଥିଲେ। ଆନ୍ଧ୍ରଜନ୍ମିତ ତେଜା ନିଡାମନୁରୁ ୫୪ ରନ୍ କରିବା ସହ ଦଳ ପକ୍ଷରୁ ଏକମାତ୍ର ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ବିରାଟ କୋହଲି ଓ ରୋହିତ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କୋହଲି ଦୀର୍ଘ ୮ ବର୍ଷ ପରେ ଏକ ଅନ୍ତର୍ଜାତୀୟ ଉଇକେଟ ନେଇ ବେଙ୍ଗାଲୁରୁ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୪୧୦/୪(ଶ୍ରେୟସ ଆୟର–୧୨୮*, ଲୋକେଶ ରାହୁଲ–୧୦୨, ରୋହିତ ଶର୍ମା–୬୧, ଶୁବମନ ଗିଲ୍–୫୧, ବିରାଟ କୋହଲି–୫୧, ବାସ୍ ଡି ଲିଡ୍–୨/୮୨, ରିଓଲ୍ଫ ଭାନ୍ ଡର ମରୱେ–୧/୫୩, ପଲ୍ ଭାନ୍ ମିକେରାନ୍–୧/୯୦)। ନେଦରଲାଣ୍ଡ୍ସ ୪୭.୩ ଓଭରରେ ୨୫୦/୧୦(ତେଜା ନିଡାମନୁରୁ–୫୪, କଲିନ୍ ଆକରମ୍ୟାନ୍–୩୫, ସିବ୍ରାଣ୍ଡ ଏଙ୍ଗଲବ୍ରେଟ–୪୫, ଯଶପ୍ରୀତ୍ ବୁମ୍‌ରା–୨/୩୩, ମହମ୍ମଦ ସିରାଜ–୨/୨୯, କୁଲଦୀପ ଯାଦବ–୨/୪୧, ରବୀନ୍ଦ୍ର ଜାଡେଜା–୨/୪୯)।

## ବିଶ୍ୱକପରେ କ୍ରମାଗତ ବିଜୟରେ ରେକର୍ଡ

ବିଶ୍ୱକପରେ କ୍ରମାଗତ ବିଜୟର ରେକର୍ଡ ନିଜ ନାମରେ କରିଛନ୍ତି ରୋହିତ ଶର୍ମା। ପୂର୍ବରୁ ଭାରତ ୨୦୦୩ ବିଶ୍ୱକପରେ ଭାରତ କ୍ରମାଗତ ୮ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ତେବେ ୨୦ ବର୍ଷ ପରେ ଚଳିତ ସଂସ୍କରଣରେ ଭାରତ କ୍ରମାଗତ ୯ ବିଜୟ ହାସଲ କରିବା ସହିତ ନିଜ ରେକର୍ଡକୁ ଅତିକ୍ରମ କରିଛି। ଏହା ପୂର୍ବରୁ ୨୦୧୫ ଦିନିକିଆ ବିଶ୍ୱକପରେ ଭାରତ କ୍ରମାଗତ ୭ ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା। ସେହିପରି ୨୦୧୧ ଦିନିକିଆ ବିଶ୍ୱକପରେ ଭାରତ କ୍ରମାଗତ ୪ ମ୍ୟାଚ୍‌ରେ ବିଜୟୀ ହେବାର ରେକର୍ଡ କରିଥିଲା।



ଦୁଇ ଶତକ ହାସଲକାରୀ ଲୋକେଶ ରାହୁଲ ଓ ଶ୍ରେୟସ ଆୟର।

## ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୩।୧୧ (ପି.ଟି.):** ଭାରତୀୟ କ୍ରିକେଟ ଦଳର ଚମତ୍କାର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱକପର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ ୧୬୦ ରନ୍‌ରେ ନେଦରଲାଣ୍ଡ୍ସକୁ ପରାସ୍ତ କରିବା ପରେ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରେୟସ ଆୟରଙ୍କ ଅପରାଜିତ ୧୨୮ ଓ ଲୋକେଶ ରାହୁଲଙ୍କ ୧୦୨ ରନ୍ ବଳରେ ଭାରତ କ୍ରମାଗତ ନବମ ବିଜୟ ହାସଲ କରିଥିଲା।୧୮ ପଏଣ୍ଟ ସହ ଟେବୁଲ୍ ଟପ୍ପର ରହିଥିବା ଭାରତ ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ସେମି ଫାଇନାଲ ଖେଳିବ।

'ଭାରତୀୟଙ୍କ ପାଇଁ ଦୀପାବଳିକୁ ଆହୁରି ସ୍ୱତନ୍ତ୍ର କରିଥିବାରୁ ଆମ କ୍ରିକେଟ ଦଳକୁ ଶୁଭେଚ୍ଛା। ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍‌ରେ ଚମତ୍କାର ବିଜୟ ପାଇଁ ଦଳକୁ ଢେର ସାରା ବଧେଇ। ଦକ୍ଷତା ଓ ଦଳଗତ ପ୍ରଦର୍ଶନର ଚମତ୍କାର ଉଦାହରଣ ଦେଖାଇଥିବା ଭାରତୀୟ କ୍ରିକେଟ ଦଳକୁ ସେମି ଫାଇନାଲ ପାଇଁ ଶୁଭେଚ୍ଛା' ବୋଲି ଏକ୍ସରେ ଲେଖିଥିଲେ ମୋଦି।

# ଭାରତୀୟ ଦଳର ଏକାଧିକ ରେକର୍ଡ

**ବେଙ୍ଗାଲୁରୁ, ୧୩।୧୧ (ପି.ଟି.)**

ରବିବାର ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ୧୬୦ ରନ୍‌ରେ ବିଜୟୀ ହେବା ସହିତ ଏକାଧିକ ରେକର୍ଡ ନିଜ ନାମରେ କରିଛି। ଏହି ରେକର୍ଡ ଗୁଡ଼ିକ ଉପରେ ଏକ ନଜର

➤ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଚଳିତବର୍ଷ ୬୦ ଛକା ମାରିବା ସହ ୨୦୧୫ରେ ଏବି ଡି'ଭିଲର୍ସ ମାରିଥିବା ୫୮ ଛକାର ରେକର୍ଡକୁ ଭାଙ୍ଗିଛନ୍ତି।

➤ବିଶ୍ୱକପର ଏକ ସଂସ୍କରଣରେ ଅଧିନାୟକ ଭାବରେ ସର୍ବାଧିକ ୨୪ ଛକା ମାରିଛନ୍ତି। ଏହାପୂର୍ବରୁ ଇଂଲଣ୍ଡର ଇଅନ ମୋର୍ଗାନ(୨୨)ଙ୍କ ନାମରେ ରହିଥିଲା।

➤ଚଳିତବର୍ଷ ରୋହିତ ଶର୍ମା–ଶୁବମନ ଗିଲ୍ ପଞ୍ଚମ ଥର ପାଇଁ ଶତକୀୟ ଭାଗୀଦାରି କରିଛନ୍ତି।

➤ଭାରତୀୟ ଅଧିନାୟକ ଭାବରେ ରୋହିତ ୫୦୩ ରନ୍ କରିବା ସହିତ ସର୍ବାଧିକ ରନ୍ କରିବାରେ ସୌରଭ ଗାଙ୍ଗୁଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ୨୦୦୩ରେ ଗାଙ୍ଗୁଲି ୪୬୫ ରନ୍ ସ୍କୋର କରିଥିଲେ।

➤ରୋହିତ ଶର୍ମା ଦୁଇଟି ବିଶ୍ୱକପରେ ୫୦୦+ ସ୍କୋର କରିବାର ରେକର୍ଡ କରିବା ସହ ସଚିନ୍ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଏହା ସହିତ ବିଶ୍ୱର ପ୍ରଥମ ଖେଳାଳି ଭାବରେ ସେ କ୍ରମାଗତ ସଂସ୍କରଣରେ ୫୦୦ରୁ ଅଧିକ ରନ୍ କରିଛନ୍ତି।

➤ବିରାଟ କୋହଲି ଦିନିକିଆ ବିଶ୍ୱକପରେ ୧୪ତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୧ ଅର୍ଦ୍ଧଶତକ ସହିତ ତେନ୍ଦୁଲକର ତାଙ୍କଠାରୁ ଆଗରେ ଅଛନ୍ତି।

➤ଚଳିତ ସଂସ୍କରଣରେ ୭ ଅର୍ଦ୍ଧଶତକ ସହିତ କୋହଲି ସଚିନ୍ ତେନ୍ଦୁଲକର ଓ ଶାକିବ ଅଲ ହସନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି।

➤ଦିନିକିଆ ବିଶ୍ୱକପରେ ପ୍ରଥମ ଥର ପାଇଁ ଭାରତର ଟପ୍–୫ ଖେଳାଳି ଅର୍ଦ୍ଧଶତକ ହାସଲ କରିଛନ୍ତି।

➤ବିଶ୍ୱକପରେ ଭାରତର ଦ୍ରୁତତମ ଶତକ ରେକର୍ଡ କରିଛନ୍ତି ଲୋକେଶ ରାହୁଲ। ରୋହିତ ଶର୍ମା ୬୩ ବଲରେ ଶତକ କରିଥିବା ବେଳେ ନେଦରଲାଣ୍ଡ୍ସ ବିପକ୍ଷରେ ୬୨ ବଲରେ ଶତକ ହାସଲ କରିଥିଲେ ରାହୁଲ।

➤ଚଳିତ ସଂସ୍କରଣରେ ଭାରତୀୟ ବ୍ୟାଟର ୨୦ଥର ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ପୂର୍ବରୁ ଭାରତୀୟ ଦଳର ଖେଳାଳି ୨୦୧୯ ସଂସ୍କରଣରେ ୧୯ ଅର୍ଦ୍ଧଶତକ ହାସଲ କରିଥିଲେ।

➤ବିଶ୍ୱକପରେ ଚତୁର୍ଥ ଉଇକେଟରେ ଭାରତର ସର୍ବାଧିକ ୨୦୮ ରନ୍‌ର ପାର୍ଟନରଶିପ କରିଛନ୍ତି ଶ୍ରେୟସ୍ ଆୟର ଓ ଲୋକେଶ ରାହୁଲ। ୨୦୧୫ରେ ମହେନ୍ଦ୍ର ସିଂ ଧୋନୀ ଓ ସୁରେଶ ରାଇନା ଜିମ୍ବାୱେ ବିପକ୍ଷରେ ଅବିଭାଜିତ ୧୯୬ ରନ୍ ଯୋଡ଼ିଥିଲେ।

# ସେମିଫାଇନାଲ ଚାପ ରହିବ: ଦ୍ରାଭିଡ୍

**ବେଙ୍ଗାଲୁରୁ, ୧୩।୧୧ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ସେମି ଫାଇନାଲ ମ୍ୟାଚ୍ ପାଇଁ ଭାରତୀୟ କ୍ରିକେଟ ଦଳ ଉପରେ ଚାପ ରହିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ୍। ବୁଧବାରର ମ୍ୟାଚ୍ ଉଭୟ ଦଳ ପାଇଁ ସମାନ ଭାବରେ ଚାପ ସୃଷ୍ଟି କରିବ ତେଣୁ ଏହାକୁ ସ୍ୱୀକାର କରିବାରେ କୌଣସି ଅସୁବିଧା ନାହିଁ ବୋଲି ଦ୍ରାଭିଡ କହିଛନ୍ତି। କ୍ରିକେଟରେ କୌଣସି ମ୍ୟାଚ ଆପଣଙ୍କୁ ଶତ ପ୍ରତିଶତ ଗ୍ୟାରେଣ୍ଟି ପ୍ରଦାନ କରି ନ ଥାଏ। ତେଣୁ ଆମକୁ ଶ୍ରେଷ୍ଠ ପ୍ରସ୍ତୁତି ସହ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ। ନିରନ୍ତର ଭାବେ ଆମେ ଏହା କରିବା ସହିତ ୯ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛୁ। ଆଉ ଥରେ ଏଭଳି କରିବା ଦ୍ୱାରା ଆମେ ଫାଇନାଲରେ ପହଞ୍ଚି ପାରିବୁ। ବର୍ତ୍ତମାନ ସମସ୍ତେ ଭାରତୀୟ ଦଳର ପ୍ରଶଂସା କରୁଥିବା ବେଳେ ଗୋଟିଏ ଖରାପ ମ୍ୟାଚ୍ ହିଁ ସମସ୍ତଙ୍କ ମତାମତ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ। ତେବେ ଟୁର୍ନାମେଣ୍ଟର ଶେଷ ଆଡକୁ ଶ୍ରେୟସ ଆୟର ଫର୍ମକୁ ଫେରିବା ଆମ ପାଇଁ ଶୁଭ ସଙ୍କେତ ବୋଲି ଦ୍ରାଭିଡ୍ କହିଛନ୍ତି। ଆୟର ଭାରତୀୟ ମଧ୍ୟକ୍ରମ ବ୍ୟାଟିଂର ମେରୁଦଣ୍ଡ। ବିଗତ ୧୦ ବର୍ଷ ମଧ୍ୟରେ ଆମକୁ ୪ ନମ୍ବର ସ୍ଥାନରେ ମିଳିଥିବା ଶ୍ରେଷ୍ଠ ବ୍ୟାଟର ହେଉଛନ୍ତି ଆୟର। ତେଣୁ ସେ ଫର୍ମକୁ ଫେରିବା ଦ୍ୱାରା ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି ଦ୍ରାଭିଡ୍।



ରାହୁଲ ଦ୍ରାଭିଡ୍

# ଟକର, ଇଲିଙ୍ଗୱର୍ଥଙ୍କୁ ଅମ୍ପାୟରିଂ ଦାୟିତ୍ୱ

**ଭାରତ-ନ୍ୟୁଜିଲାଣ୍ଡ ସେମିଫାଇନାଲ**

**ଦୁବାଇ, ୧୩।୧୧ (ପି.ଟି.)**

ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ ରଡ୍ ଟକର ଓ ରିଚାର୍ଡ ଇଲିଙ୍ଗୱର୍ଥ। ସେହିପରି ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ନୀତୀନ ମେମନ ଓ ରିଚାର୍ଡ କେଟଲବୋରୋ ଅମ୍ପାୟରିଂ କରିବେ। ପ୍ରଥମ ସେମିଫାଇନାଲ ମୁମ୍ବାଇରେ ନଭେମ୍ବର ୧୫ରେ ଏବଂ ଦ୍ୱିତୀୟଟି ନଭେମ୍ବର ୧୬ରେ କୋଲକାତାରେ ଖେଳାଯିବ। ସୂଚନାଯୋଗ୍ୟ, ପୂର୍ବରୁ ୨୦୧୯ ବିଶ୍ୱକପ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲରେ ଇଲିଙ୍ଗୱର୍ଥ ଜଣେ ଫିଲ୍ଡ ଅମ୍ପାୟର ଥିଲେ। ଏଥିରେ ନ୍ୟୁଜିଲାଣ୍ଡ ୧୮ ରନରେ ବିଜୟ ଲାଭ କରିଥିଲା। ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଟକର ତୃତୀୟ ଅମ୍ପାୟର ରହିଥିଲେ। ଭାରତ ବନାମ ନ୍ୟୁଜିଲାଣ୍ଡ ମ୍ୟାଚରେ ଟକର ତାଙ୍କ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରିବେ। ଟକର ୨୦୦୯ ଜାନୁୟାରୀରେ ତାଙ୍କର ପ୍ରଥମ ଦିନିକିଆ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କର ଏହି ଐତିହାସିକ ମ୍ୟାଚରେ ଜୋଏଲ ୱିଲସନ ତୃତୀୟ ଅମ୍ପାୟର ଏବଂ ଆଡ୍ରିଆନ ହୋଲ୍ଡଷ୍ଟକ୍ ଚତୁର୍ଥ ଅମ୍ପାୟର ଏବଂ ଆଣ୍ଡି ପାଇକ୍ରଫ୍ଟ ମ୍ୟାଚ ରେଫରି ଦାୟିତ୍ୱରେ ରହିବେ। କେଟେଲବୋରୋ ମଧ୍ୟ ଏହି ବିଶ୍ୱକପ୍ ବେଳେ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଅଫିସିଆଲ ଭାବେ ଶତକହାସଲ କରିସାରିଛନ୍ତି। କୋଲକାତାରେ ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସେ ତାଙ୍କ ସଂଖ୍ୟା ବୃଦ୍ଧି କରିବେ। କେଟଲବୋରୋ ତାଙ୍କ ଶତକ ମାଇଲଖୁଣ୍ଟ ଅକ୍ଟୋବର ୨୧ରେ ନେଦରଲାଣ୍ଡ୍ସ ବନାମ ଶ୍ରୀଲଙ୍କା ମ୍ୟାଚରେ ହାସଲ କରିଛନ୍ତି। ଏହା ତାଙ୍କର କ୍ରମାଗତ ତୃତୀୟ ବିଶ୍ୱକପ୍ ଯେଉଁଠାରେ ତାଙ୍କୁ ଏକ ସେମିଫାଇନାଲରେ ଦେଖିବାକୁ ମିଳିବ। ତାଙ୍କ ସହିତ ଫିଲ୍ଡରେ ଯୋଗଦେବେ ଭାରତର ମେନନ, ଯାହାଙ୍କର ଏହା ପ୍ରଥମ ବିଶ୍ୱକପ୍। କ୍ରିସ୍ ଗାଫାନି ତୃତୀୟ ଅମ୍ପାୟର ଦାୟିତ୍ୱ ତୁଲାଇବେ। ଅନ୍ୟ ମ୍ୟାଚ ଅଫିସିଆଲମାନେ ହେଲେ ମାଇକେଲ ଗଫ୍ (ଚତୁର୍ଥ ଅମ୍ପାୟର) ଓ ଜାଭାଗଲ ଶ୍ରୀନାଥ(ମ୍ୟାଚ ରେଫରି)।



ରିଚାର୍ଡ ଇଲିଙ୍ଗୱର୍ଥ ଓ ରଡ୍ ଟକର।

# ପାକିସ୍ତାନ ବୋଲିଂ କୋଚ୍‌ରୁ ମୋର୍କେଲଙ୍କ ଇସ୍ତଫା

**ଲାହୋର, ୧୩।୧୧ (ପି.ଟି.)**

ଦକ୍ଷିଣ ଆଫ୍ରିକାର ପୂର୍ବତନ ପେସର ମୋର୍ନ ମୋର୍କେଲ ସୋମବାର ପାକିସ୍ତାନ କ୍ରିକେଟ ଟିମ୍ ବୋଲିଂ କୋଚ୍‌ରୁ ତାଙ୍କର ଇସ୍ତଫା ପ୍ରଦାନ କରିଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସହିତ ହୋଇଥିବା ତାଙ୍କ ଚୁକ୍ତି ମିଆଦ ଶେଷ ହୋଇ ନ ଥିଲା। ଭାରତରେ ଚାଲିଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରୁ ପାକିସ୍ତାନ ଦଳ ବିଦାୟ ନେବାର ଦୁଇ ଦିନ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବାବର ଆଜାମଙ୍କ ନେତୃତ୍ୱାଧୀନ ପାକିସ୍ତାନ ବିଶ୍ୱକପ୍‌ରେ ଖେଳିଥବବା ୯ଟି ମ୍ୟାଚରୁ ୫ଟିରେ ପରାଜୟ ବରଣ କରିଛି। କୋଲକାତାଠାରେ ଇଂଲଣ୍ଡ ବିପକ୍ଷ ଶେଷ ମ୍ୟାଚ ୯୩ ରନରେ ପରାଜିତ ହୋଇଛି। ଆଇପିଏଲ ଦଳ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ସହ ତାଙ୍କ ଚୁକ୍ତି ସରିବା ପରେ ମୋର୍କେଲ ଗତ ଜୁନ୍ ମାସରେ ଏକ ୬ ମାସିଆ ଚୁକ୍ତି ସହ ପାକିସ୍ତାନ ଦଳ ସହ ଯୋଗ ଦେଇଥିଲେ। ପାକିସ୍ତାନ ବୋଲିଂ କୋଚ୍ ଭାବେ ସେ ପ୍ରଥମେ ଦଳ ସହ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଶ୍ରୀଲଙ୍କା ଟୁର୍‌ରେ ଯାଇଥିଲେ। ଆଗକୁ ଡିସେମ୍ବର ୧୪ରୁ ୨୦୨୪ ଜାନୁୟାରୀ ୭ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁଥିବା ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ ଠିକଣା ସମୟରେ ନୂଆ ବୋଲିଂ କୋଚ୍‌ଙ୍କୁ ନିଯୁକ୍ତି ଦେବ ବୋଲି ପିସିବି ପକ୍ଷରୁ ସୋମବାର ପ୍ରକାଶ କରାଯାଇଛି। ମୋର୍କେଲଙ୍କ ସ୍ଥାନରେ ପୂର୍ବତନ ଫାଷ୍ଟ ବୋଲର ଉମର ଗୁଲ୍‌ଙ୍କୁ ନିଯୁକ୍ତି ମିଳିପାରେ ଶୁଣାଯାଉଛି। ଗୁଲ୍ ଅତୀତରେ ଜାତୀୟ ଦଳ ପାଇଁ କାମଚଳା ଦାୟିତ୍ୱ ତୁଲାଇଛନ୍ତି। ସେ ପୂର୍ବରୁ ଆଫଗାନିସ୍ତାନ ଦଳ ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି। ପାକିସ୍ତାନ ୫ମସ୍ଥାନ ସହ ସେମିଫାଇନାଲ ପ୍ରବେଶ କରିବାରେ ବିଫଳ ହେବାପରେ ବହୁ ପୂର୍ବତନ କ୍ରିକେଟର ବାବର ଆଜାମଙ୍କୁ ଅଧିନାୟକ ପଦବୀରୁ ହଟାଇବା ସହ ଦଳରେ ବ୍ୟାପକ ପରିବର୍ତ୍ତନ କରିବା ଲାଗି ଦାବି କରିଥିଲେ। ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ବିପକ୍ଷ ମ୍ୟାଚ ହାରିବା ସହ ଆଫଗାନିସ୍ତାନଠାରୁ ମଧ୍ୟ ପରାଜୟ ବରଣ କରିଥିଲା।



ମୋର୍ନ ମୋର୍କେଲ

# ଟାଇଟ୍ ପୋଷାକ ପିନ୍ଧୁଥିଲେ

ନିଜ ଫିଗରକୁ ଆକର୍ଷଣୀୟ କରିବା ଲାଗି ଅଧିକାଂଶ ମହିଳା ଟାଇଟ୍ ପୋଷାକ ପିନ୍ଧିବାକୁ ଭଲ ପାଆନ୍ତି। ହେଲେ ସ୍ଲିମ୍ ଫିଟ୍ ଲୁକ୍ ଦେଉଥିବା ଏଭଳି ପୋଷାକ ବିଭିନ୍ନ ଶାରୀରିକ ସମସ୍ୟାର ବି କାରଣ ସାଜିଥାଏ। ଜାଣିରଖନ୍ତୁ ସେ ସମ୍ପର୍କରେ...



- ଆଟ୍ରାକ୍ଟିଭ୍ ଲୁକ୍ ପାଇବା ନିଶାରେ ବର୍ତ୍ତମାନ ଅଧିକାଂଶ ମହିଳା ଟାଇଟ୍ କୁର୍ତ୍ତି, ଜିନ୍ସ, ଜେଗିଙ୍ଗ୍ସ, ଅନ୍ୟାନ୍ୟ ପ୍ୟାଣ୍ଟ ଦୀର୍ଘ ସମୟ ପିନ୍ଧୁଛନ୍ତି। ଟାଇଟ୍ ପ୍ୟାଣ୍ଟ ବିଶେଷକରି ସ୍କିନି ଜିନ୍ସ ପିନ୍ଧିଲେ ୟୁରିନାରି ଟ୍ରାକ୍ ଇନ୍‌ଫେକଶନ୍ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଯାହାକି କଷ୍ଟଦାୟକ ହେବା ସହ ଆରୋଗ୍ୟ ହେବାକୁ ଅଧିକ ସମୟ ମଧ ଲାଗିଥାଏ।
- ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଗରମରେ ଝାଳ ଲାଗି କୁଣ୍ଡେଇହେବା ସହ ଘିମିରିଠାରୁ ଆରମ୍ଭକରି ବିଭିନ୍ନ ଫଙ୍ଗାଲ ଇନ୍‌ଫେକ୍ସନ ହେବା ଆଶଙ୍କା ବଢ଼ିଥାଏ।
- ଟାଇଟ୍ ପୋଷାକ ଅଧିକ ସମୟ ପିନ୍ଧିବା ଦ୍ୱାରା ଚର୍ମ ଏବଂ ସ୍ନାୟୁ ସଙ୍କୁଚିତ ହୋଇଥାଏ। ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟ ଦେଖାଦେଉଛି।



- ଏକ ଗବେଷଣା ରିପୋର୍ଟ ମୁତାବକ ସର୍ବଦା ଟାଇଟ୍ ପୋଷାକ ବିଶେଷକରି ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ପ୍ରଜନନ କ୍ଷମତା ହ୍ରାସ ହେବାର ମଧ ଆଶଙ୍କା ରହିଛି।
- କେବଳ ପୋଷାକ କାହିଁକି, ଫିଗରକୁ ଅଧିକ ହାଇଲାଇଟ୍ କରିବା ଲାଗି ଅନେକ ମହିଳା ଟାଇଟ୍ ଅଣ୍ଡର ଗାର୍ମେଣ୍ଟ୍ସ ବା ଅନ୍ତର୍ବସ୍ତ୍ର ମଧ ବ୍ୟବହାର କରିଥାନ୍ତି। ହେଲେ ଏହି ଅଭ୍ୟାସ ଯୋଗୁ ଭବିଷ୍ୟତରେ ଅନେକଙ୍କଠାରେ ବ୍ରେଷ୍ଟ କ୍ୟାନ୍‌ସରର ଆଶଙ୍କା ବୃଦ୍ଧି ପାଇଥାଏ।
- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗର୍ଭାବସ୍ଥାରେ ପେଟ ପତଳା ଲାଗିବା ଆଳରେ ଟାଇଟ୍ ପୋଷାକ ପିନ୍ଧିଲେ ମା' ସହ ଗର୍ଭସ୍ଥ ଶିଶୁ ଉଭୟଙ୍କ ଲାଗି କ୍ଷତିକାରକ।

# ମହିଳା ଓ ମଧୁମେହ

– ପ୍ରଫେସର ଡା. ସରୋଜିନୀ ଷଡ଼ଙ୍ଗୀ

### ଏ ବର୍ଷର ବାର୍ତ୍ତା

ନଭେମ୍ବର ୧୪କୁ ସାରା ପୃଥିବୀରେ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଉଛି। ଏହା ଆନ୍ତର୍ଜାତିକ ମଧୁମେହ ଫାଉଣ୍ଡେଶନ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ମିଳିତ ଆନୁକୂଲ୍ୟରେ ୨୦୦୬ ମସିହାରୁ ପାଳିତ ହୋଇ ଆସୁଛି। ମଧୁମେହ ରୋଗର ଅବ୍ୟର୍ଥ ଔଷଧ 'ଇନ୍‌ସୁଲିନ୍'ର ଉଦ୍ଭାବକ ସାର୍ ଫ୍ରେଡେରିକ୍ ବାଣ୍ଟିଂ ଓ ଚାଲର୍ସ ବେଷ୍ଟଙ୍କର ଜନ୍ମଦିନକୁ ସମ୍ମାନ ଦେଇ ଏହା ପାଳନ କରାଯାଉଛି। ସବୁବର୍ଷ ପରି ଏ ବର୍ଷର ବିଷୟବସ୍ତୁ ହେଉଛି 'ଆକ୍ସେସ୍ ଟୁ ଡାଇବେଟିସ୍ କେୟାର୍' ଏହି ଦିବସର ଲକ୍ଷ୍ୟ ହେଉଛି , ମଧୁମେହ ରୋଗର ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା ଓ ଏହାର ଯତ୍ନ ଓ ଚିକିତ୍ସା ତଥା ଲକ୍ଷଣ ବିଷୟରେ ସମସ୍ତଙ୍କୁ ସଚେତନ କରାଇବା।








ମହିଳାମାନେ ସାରା ପରିବାରର ଦାୟିତ୍ୱ ନେଇଥାନ୍ତି। ତେଣୁ ସୁସ୍ଥ ରହିବା ଲାଗି ସେମାନେ ନିଜ ସହ ପରିବାରର ସମସ୍ତଙ୍କୁ ତଟକା ଫଳ ଓ ସୁଷମଖାଦ୍ୟ ରାନ୍ଧି ଖାଇବାକୁ ଦେବା ସହ ବ୍ୟାୟାମ ତଥା ଜୀବନଶୈଳୀରେ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା ଆବଶ୍ୟକ। ସେମାନଙ୍କ ସଚେତନତା ଓ ପ୍ରଚେଷ୍ଟା ହିଁ ମଧୁମେହ ଭଳି ଜଟିଳ ରୋଗକୁ ବହୁ ପରିମାଣରେ ଏଡ଼ାଇ ଦେଇପାରିବ ଏବଂ ଏଥିରୁ ଉପୁଜୁଥିବା ସଙ୍କଟଜନକ ପରିସ୍ଥିତିରୁ ରକ୍ଷା କରିପାରିବ...

ସାରା ବିଶ୍ୱରେ ବର୍ତ୍ତମାନ ୫୩.୭ କୋଟି ଲୋକ ମଧୁମେହ ରୋଗ ଭୋଗୁଛନ୍ତି। ତନ୍ମଧ୍ୟରୁ ଅଧିକାଂଶ ଲୋକ ଟାଇପ୍-୨ ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ । ଏହା ୨୦୩୦ରେ ୬୯.୩ କୋଟି ଓ ୨୦୪୦ରେ ୭୮.୩ କୋଟିରେ ପହଞ୍ଚିବ । ପରିସଂଖ୍ୟାନରୁ ଜଣାଯାଇଛି ଯେ, ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି । ପୁରୁଷମାନଙ୍କ ଭଳି ମହିଳାମାନେ ମଧ ମଧୁମେହ ରୋଗରେ ବେଶି ଆକ୍ରାନ୍ତ ହେଉଛନ୍ତି । ଏବେ ସୁଦ୍ଧା ପ୍ରାୟ ୨୦ କୋଟି ମହିଳା ମଧୁମେହ ରୋଗ ଭୋଗୁଛନ୍ତି ଏବଂ ୨୦୪୦ ସୁଦ୍ଧା ଏହା ୩୧.୩ କୋଟିରେ ପହଞ୍ଚିବ । ପ୍ରତ୍ୟେକ ୫ ମହିଳା ମଧୁମେହ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ୨ଜଣ ମହିଳା ମଧୁମେହ ରୋଗୀ, ପ୍ରଜନନ ବୟସ ସୀମା ମଧ୍ୟରେ ଥାଆନ୍ତି ଏବଂ ସେମାନଙ୍କର ସଂଖ୍ୟା ପ୍ରାୟ ୫ କୋଟି । ବିଶ୍ୱରେ ମହିଳାମାନଙ୍କ ମୃତ୍ୟୁର ପ୍ରମୁଖ କାରଣ ମଧ୍ୟରୁ ମଧୁମେହ ରୋଗ ଅନ୍ୟତମ ଯେଉଁଥିରେ ବର୍ଷକୁ ୨୦ ଲକ୍ଷ ମହିଳା ମୃତ୍ୟୁବରଣ କରିଥାନ୍ତି । ଟାଇପ୍-୨ ମହିଳା ମଧୁମେହ ରୋଗୀମାନେ ତାଙ୍କ ସମବୟସ୍କ ମହିଳାମାନଙ୍କ ଠାରୁ ୧୦ ଗୁଣ ଅଧିକ କରୋନାରି ହାର୍ଟ ଡିଜିଜ୍ ବା ହୃତ୍‌ପିଣ୍ଡ ଧମନୀଜନିତ ରୋଗରେ ପୀଡ଼ିତ ହୁଅନ୍ତି । ୧୫ ରୁ ୪୫ ବର୍ଷ ବୟସ ମଧ୍ୟରେ ସାଧାରଣତଃ ସେମାନେ ସ୍ତ୍ରୀ ହର୍‌ମୋନ୍ ଇଷ୍ଟ୍ରୋଜେନ୍‌ର ପ୍ରଭାବରୁ ରକ୍ଷାପାଉଥିବା ବେଳେ ମଧୁମେହ ମହିଳା ରୋଗୀମାନଙ୍କର ଏ ସୁରକ୍ଷା କବଚଟି ନ ଥାଏ ।

**ଗର୍ଭାବସ୍ଥାରେ ମଧୁମେହ:** ଟାଇପ୍-୧ ମହିଳା ମଧୁମେହ ରୋଗୀଙ୍କର ଗର୍ଭନଷ୍ଟ ଓ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବା ଆଶଙ୍କା ଅଧିକ ଥାଏ । ଭାରତରେ ମଧୁମେହ ରୋଗର ଆକଳନ ଅନୁଯାୟୀ ପ୍ରତ୍ୟେକ ୭ ଶିଶୁ ମଧ୍ୟରୁ ଜଣେ ଶିଶୁ ଗର୍ଭାବସ୍ଥାରେ ମଧୁମେହ ରୋଗ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ଗର୍ଭାବସ୍ଥାରେ ମଧୁମେହ ରୋଗୀମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଭାଗ ମା' ପ୍ରସବର ୫ ରୁ ୧୦ ବର୍ଷ ମଧ୍ୟରେ ଟାଇପ୍-୨ ମଧୁମେହ ରୋଗ ଭୋଗିଥାନ୍ତି।

ଯେଉଁ ଗର୍ଭବତୀଙ୍କର ମଧୁମେହ ରୋଗ ବା ରକ୍ତରେ ଶର୍କରା ଅଧିକ ହୋଇଥାଏ, ସେମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଭାଗ ମହିଳାଙ୍କର ବୟସ ୩୦ ବର୍ଷରୁ କମ୍ ହୋଇଥାଏ। ଗର୍ଭାବସ୍ଥାରେ ମଧୁମେହ ରୋଗୀଙ୍କ ମଧ୍ୟରୁ ଅଧିକାଂଶ ମହିଳା ନିମ୍ନ ବା ନିମ୍ନ ମଧ୍ୟବିତ୍ତ ପରିବାରର, ଯେଉଁଠାରେ ମା'ର ଯତ୍ନ ଠିକ୍ ଭାବେ ନିଆଯାଇପାରେ ନାହିଁ । ବିଶେଷକରି ଗର୍ଭାବସ୍ଥାରେ ମଧୁମେହ ରୋଗ ହେଲେ ଏହା ମା' ଓ ଶିଶୁ ଉଭୟଙ୍କୁ ବିଶେଷ କ୍ଷତି ପହଞ୍ଚାଇଥାଏ । ଏହା ସାଧାରଣତଃ ୨ ପ୍ରକାର-

୧.ଆଗରୁ ମଧୁମେହ ରୋଗ ଥାଇ ଗର୍ଭଧାରଣ ।

୨. ଗର୍ଭାବସ୍ଥା ଯୋଗୁ ମଧୁମେହ ରୋଗ ।

ତେଣୁ ସୁରକ୍ଷା ଦୃଷ୍ଟିରୁ ଗର୍ଭାବସ୍ଥାରେ ସ୍କ୍ରିନିଂ ଜରୁରୀ । ଏହାଛଡ଼ା ଗର୍ଭଧାରଣ ପୂର୍ବରୁ ପରାମର୍ଶ ବା ପ୍ରିନାଟାଲ କାଉନ୍‌ସେଲିଂ ମଧ ଆବଶ୍ୟକ। ଯଦି ଆଗରୁ ମଧୁମେହ ରୋଗ ଥାଏ, ତେବେ ଗର୍ଭଧାରଣ ପୂର୍ବରୁ ବ୍ଲଡ୍‌ସୁଗାର ନିୟନ୍ତ୍ରଣ କରିବା ଆବଶ୍ୟକ। ଯେଉଁମାନଙ୍କର ଗର୍ଭଧାରଣର ୩ ମାସ ମଧ୍ୟରେ ବ୍ଲଡ୍‌ସୁଗାର ବେଶି ଥାଏ, ସେମାନଙ୍କର ବିକଳାଙ୍ଗ ଶିଶୁ ହେବା ରିସ୍କ ଅଧିକ ଥାଏ । ଗର୍ଭାବସ୍ଥାରେ ମଧ ସ୍କ୍ରିନିଂ ଖୁବ୍ ଜରୁରୀ ଯଥା ଯେଉଁ ମହିଳାମାନଙ୍କର ବୟସ ୩୦ ବର୍ଷରୁ ବେଶି ହୋଇଥାଏ, ମୋଟା ମହିଳା, ଯେଉଁ ମହିଳାଙ୍କର ପରିବାରରେ ବାପା, ମା', କୌଣସି ସମ୍ପର୍କୀୟ ବା ଭାଇଭଉଣୀଙ୍କର ମଧୁମେହ ରୋଗର ଇତିହାସ ଥାଏ, ଯେଉଁମାନଙ୍କର ଆଗରୁ ବେଶି ଓଜନର ଶିଶୁ ହୋଇଥାଏ, ଆଗରୁ ଗର୍ଭରେ ମୃତ୍ୟୁ, ବିକଳାଙ୍ଗ ଶିଶୁ, ପ୍ରସବ ପରେ ଶିଶୁମୃତ୍ୟୁ ଆଦିର ଇତିହାସ ଥାଏ, ବାରମ୍ବାର ଗର୍ଭନଷ୍ଟ ହୋଇଥାଏ, ଗର୍ଭରେ ବେଶି ପାଣି ଜମିଥାଏ ଓ ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ହୋଇଥାଏ ଏବଂ ବାରମ୍ବାର ପରିସ୍ରା ସଂକ୍ରମଣ ଓ ସାଦା ସ୍ରାବ ହୋଇଥାଏ ସେମାନଙ୍କର ୭୫ ଗ୍ରା. ଗ୍ଲୁକୋଜ ଖାଇ ରକ୍ତରେ ଶର୍କରାର ପରିମାଣ ମପାଯାଇଥାଏ । ଯାହାଙ୍କର ୧୪୦ ମି.ଗ୍ରା.ରୁ ବେଶି ଥାଏ, ତାଙ୍କୁ ମଧୁମେହ ରୋଗ ପାଇଁ ସ୍କ୍ରିନିଂ କରାଯାଏ। ଏହାକୁ ଗ୍ଲୁକୋଜ୍ ଚାଲେଞ୍ଜିଂ ଟେଷ୍ଟ କୁହାଯାଏ। ଏହାଛଡ଼ା ସେମାନଙ୍କର ୩ମାସରେ, ପୁଣି ୫ ମାସ ପରେ ଟେଷ୍ଟ କରାଯାଇଥାଏ । ଶିଶୁର ହୃତ୍‌ପିଣ୍ଡର ବିକଳାଙ୍ଗତା ଚିହ୍ନଟ ପାଇଁ 'ଫିଟାଲ୍ ଇକୋ କାର୍ଡିଓ ଗ୍ରାମ୍' ୫ ମାସରେ କରାଯାଇଥାଏ।

### ରିସ୍କ ଫ୍ୟାକ୍ଟର

ଏହାଛଡ଼ା ମହିଳା ମଧୁମେହ ରୋଗୀମାନେ ମାସିକ ଋତୁସ୍ରାବର ବିରତି ବା ମେନୋପଜ୍ ପରେ ନିଜ ଦେହର ଯତ୍ନ ନେବା ଆବଶ୍ୟକ। ହୃଦ୍‌ରୋଗ ଓ ହୃଦ୍‌ଘାତର ସବୁଠାରୁ ବଡ଼ ରିସ୍କ ଫ୍ୟାକ୍ଟର ହେଉଛି ମଧୁମେହ ରୋଗ । ମଧୁମେହ ରୋଗ ହୃତ୍‌ପିଣ୍ଡରେ ଥିବା ବୃହତ୍ ଧମନୀ ଓ କ୍ଷୁଦ୍ର ଧମନୀରେ ଜଟିଳତା ସୃଷ୍ଟି କରିଥାଏ। ତେଣୁ ହୃଦ୍‌ଘାତ ଓ ମସ୍ତିଷ୍କଘାତ (ଷ୍ଟ୍ରୋକ୍), ଡାଏବେଟିକ୍ ନେଫ୍ରୋପାଥି(କିଡ୍‌ନୀର ଜଟିଳତା), ଡାଏବେଟିକ୍ ରେଟିନୋପାଥି (ଆଖିରେ ଜଟିଳତା) ତଥା କାର୍ଡିଓମାଇପାଥି (ହୃତ୍‌ପିଣ୍ଡରେ ଜଟିଳତା) ହୋଇଥାଏ ।

### ଗର୍ଭାବସ୍ଥାରେ ମା' ପାଇଁ ବିପଦ

ବାରମ୍ବାର ଗର୍ଭନଷ୍ଟ, ଉଚ୍ଚ ରକ୍ତଚାପ, ଗର୍ଭଥଳିରେ ବେଶି ପାଣି ଜମିବା, ଅପରିଣତ ପ୍ରସବ, ବ୍ୟାହତ ପ୍ରସବ, ସିଜରିଆନ୍ ସେକ୍ସନ ଏବଂ ପରେ କ୍ଷତ ସଂକ୍ରମଣ ଆଦି ଭୟ ଥାଏ ।

### ଶିଶୁ ପାଇଁ ଅସୁବିଧା

ବିକଳାଙ୍ଗ ଶିଶୁ, ବଡ଼ ଶିଶୁ, ମୁଣ୍ଡ ନ ଥିବା ଶିଶୁ, ବଡ଼ ମୁଣ୍ଡ ଶିଶୁ, ହୃତ୍‌ପିଣ୍ଡରେ ଛିଦ୍ର, ବୃକ୍କ ତଥା ଖାଦ୍ୟନଳୀରେ ଛିଦ୍ର ଆଦି ହୋଇଥାଏ । ତେଣୁ ପ୍ରସବ ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ ।

**ପ୍ରତିଷେଧକ ବ୍ୟବସ୍ଥା:** ମହିଳା ମଧୁମେହ ରୋଗୀମାନେ ତେଲ, ଘିଅ, ଛଣାଛଣି ଓ ଚର୍ବିଜାତୀୟ ଖାଦ୍ୟ ନ ଖାଇ ଫଳ, ତଟକା ପନିପରିବା, ସନ୍ତୁଳିତ ଆହାର, ଶାରୀରିକ ବ୍ୟାୟାମ ତଥା ଜୀବନଶୈଳୀରେ ପରିବର୍ତ୍ତନ କଲେ ସବୁ ଜଟିଳତାରୁ ରକ୍ଷା ପାଇବେ ।

*– ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍‌ରୋଡ୍, କଟକ-୧୨*
*ମୋ-୯୪୩୭୦୫୫୦୦୭*



ସୌନ୍ଦର୍ଯ୍ୟ

# ହୋମ୍‌ମେଡ୍ ଗ୍ଲୋ ପ୍ୟାକ୍



ଗ୍ଲୋଇଂ ସ୍କିନ୍ ସବୁବେଳେ ଆକର୍ଷଣୀୟ ଲାଗିଥାଏ। ହେଲେ ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ, ପ୍ରଦୂଷଣ ଆଦିର ପ୍ରଭାବରେ ଅନେକଙ୍କ ତ୍ୱଚା ରୁକ୍ଷ ଓ ଡଲ୍ ହୋଇଯାଉଛି। ଯାହାକୁ ଦୂରକରିବା ଲାଗି ସେମାନେ ବିଉଟିପାର୍ଲର ଯିବାଠୁ ବିଭିନ୍ନ ଦାମୀ ବିଉଟି ପ୍ରଡକ୍ଟ ବ୍ୟବହାର କରିବାକୁ ପଛାଉନାହାନ୍ତି। ହେଲେ ଆପଣ ଚାହିଁଲେ କେତୋଟି ଘରୋଇ ଫେସ୍ ପ୍ୟାକ୍ ବ୍ୟବହାରକରି ନିଜ ତ୍ୱଚାର ଗ୍ଲୋ ବଢ଼ାଇପାରିବେ...



**ହନି ଆଣ୍ଟିଅକ୍ସିଡାଣ୍ଟ ହାଇଡ୍ରେଶନ ମାସ୍କ:** ଗୋଟେ ଚାମଚ ମହୁରେ, ଗୋଟେ ଚାମଚ ଦହି, ଅଧାଚାମଚ ଲେମ୍ବୁରସ, ୧/୪ ଚାମଚ ହଳଦୀଗୁଣ୍ଡ ପକାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହା ମହୁରେ ପ୍ରସ୍ତୁତ ହୋଇଥିବାରୁ ତ୍ୱଚା ପୋଡ଼ିବା ସମସ୍ୟା ଦେଖାଦିଏ ନାହିଁ। ହଳଦୀରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ମହୁରେ ଥିବା ଭିଟାମିନ୍ ବି ତ୍ୱଚାକୁ ସଫ୍ଟ ଏବଂ ଗ୍ଲୋଇଂ କରାଇଥାଏ। ସପ୍ତାହରେ ୨-୩ ଥର ଏହାକୁ ଲଗାଇଲେ ଭଲ। ତେବେ ଡ୍ରାଏ ସ୍କିନ୍ ପାଇଁ ଏହି ପ୍ୟାକ୍ ବେଶ୍ ଉପକାରୀ।

**ଅମୃତଭଣ୍ଡା ପ୍ୟାକ୍:** ଅଧକପ୍ ପାଚିଲା ଅମୃତଭଣ୍ଡା ପେଷ୍ଟ ନେଇ ସେଥିରେ ଅଧାଚାମଚ ଚନ୍ଦନ ପାଉଡର, ଆବଶ୍ୟକ ଅନୁସାରେ ଗୋଲାପଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଭଲଭାବେ ଲଗାନ୍ତୁ। ୧୫-୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ ଥର ଏହିପ୍ୟାକ୍‌ଲଗାଇଲେ ସ୍କିନ୍‌ଟୋନ୍‌ସହ ଗ୍ଲୋ ବି ବଢ଼ିବ।

**ମୁଲତାନୀ ମାଟି, ଆଲୋଭେରା, ଦହି ପ୍ୟାକ୍:** ୧ ଚାମଚ ମୁଲତାନୀ ମାଟି, ୧ ଚାମଚ ଆଲୋଭେରା ଜେଲ୍, ୧ ଚାମଚ ଦହିକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ରଖନ୍ତୁ। ନଖ ଉଷୁମ ପାଣିରେ ଧୀରେ ଧୀରେ ଘଷି ଭଲ ଭାବେ ଧୋଇଦିଅନ୍ତୁ। ଏହା ଟ୍ୟାନ୍ ଦୂରକରି ତ୍ୱଚାକୁ ଉଜ୍ଜ୍ୱଳ ଓ ଦାଗମୁକ୍ତ କରିଥାଏ।

ଖାଦ୍ୟରୁଚି

# ଇଡ୍‌ଲି ୬୫

**ଆବଶ୍ୟକ ସାମଗ୍ରୀ:** ୫ଟି ଇଡ୍‌ଲି, ଲାଲ୍ ଲଙ୍କା ପାଉଡର ଅଧା ଚାମଚ, ଜିରା ପାଉଡର ୧/୪ ଚାମଚ, ଚାଉଳଗୁଣ୍ଡ ୧ ଚାମଚ, ଦହି ୨ ଚାମଚ, ସୋରିଷ ୧ ଚାମଚ, ପାନମଧୁରୀ ୧/୨ ଚାମଚ, ୧ ଇଞ୍ଚ ଅଦା ଛୋଟ କଟାହୋଇଥିବା, ୪ କୋଳା ରସୁଣ ଛୋଟ କଟା ହୋଇଥିବା, ଭୃର୍ସଙ୍ଗ ପତ୍ର ୮-୧୦ଟି, ଶୁଖିଲା ଲଙ୍କା ୩ଟି, ଧନିଆ ପାଉଡର ୧/୨ ଚାମଚ, ହଳଦୀ ଗୁଣ୍ଡ ୧/୪ ଚାମଚ, ଗୋଲମରିଚ ପାଉଡର ୧/୪ ଚାମଚ, କଟା ଧନିଆ ପତ୍ର, ଛାଣିବା ପାଇଁ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଇଡ୍‌ଲିଗୁଡ଼ିକୁ ୪-୫ ଖଣ୍ଡ କରି କାଟି ଦିଅନ୍ତୁ। ସେଥିରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଦହି, ଚାଉଳଗୁଣ୍ଡ, ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ତେଲ ଗରମକରି ସେଥିରେ ଏହାକୁ ଅଳ୍ପ ବ୍ରାଉନ କଲର ହେବା ଯାଏ ଛାଣନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ପାନମଧୁରୀ, କଟା ଅଦା, କଟା ରସୁଣ, ଭୃର୍ସଙ୍ଗ ପତ୍ର, ଶୁଖିଲା ଲଙ୍କା ପକାଇ ଭାଜନ୍ତୁ। ଏହା ଲାଲ୍ ହୋଇଗଲେ ସେଥିରେ ଦହି ପକାଇ ଗୋଳାନ୍ତୁ। ବର୍ତ୍ତମାନ ସେଥିରେ ଧନିଆ ପାଉଡର, ଜିରା ପାଉଡର, ପୂର୍ବରୁ ଛଣାହୋଇଥିବା ଇଡ୍‌ଲି ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଇଡ୍‌ଲି ୬୫। ସେଥିରେ ଗୋଲମରିଚ ଗୁଣ୍ଡ ଏବଂ କଟା ଧନିଆପତ୍ର ପକାଇ ଖାଇବାର ମଜା ନିଅନ୍ତୁ।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ Bhubaneswar, Tuesday, November 14/ 2023


# ଦୀପାଙ୍କ ଡବଲ୍‌ରେ ଓଡ଼ିଶା ବିଜୟୀ

**ସୁନ୍ଦରଗଡ଼, ୧୩।୧୧**
**(ଜୟ ନାରାୟଣ ମେଣ୍ଟୁଳି)**

**ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ**

ସୁନ୍ଦରଗଡ଼ ଷ୍ଟାଡିୟମଠାରେ ୨୮ତମ ବରିଷ୍ଠ ମହିଳା ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡା ସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇ ଟୁର୍ନାମେଣ୍ଟର ପ୍ରଥମ ଦିନରେ ଓଡ଼ିଶା ଓ ଗୋଆ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଗୋଆ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ହୋଇଥିଲା। ଏଥିରେ ଗୋଆ ୩-୧ଗୋଲରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଥିଲା। ଅରୁଣାଚଳ ପ୍ରଦେଶର ୟୁମଲାମ ଲାଲି ୧୨ମିନିଟରେ ଏକ ମାତ୍ର ଗୋଲ ଦେଇଥିଲେ। ଏହାର ୭ ମିନିଟ ପରେ ଗୋଆ ପକ୍ଷରୁ କରିସ୍ମା ପୁରୁଷୋତ୍ତମ ସୋରଭୋଇକର ଗୋଲ ସ୍କୋର କରି ମ୍ୟାଚ୍‌କୁ ସମାନ୍ତରାଳ ସ୍ଥିତିକୁ ଆଣିଥିଲେ। ତେବେ ପର୍ଲ ଫର୍ଣ୍ଣାଣ୍ଡେସ ୪୪ମିନିଟ ଓ ୭୮ମିନିଟରେ ୨ ଗୋଲ ଦେଇ ଗୋଆକୁ ବିଜୟୀ କରିଥିଲେ। ସେହିପରି ଅପରାହ୍ନରେ ଓଡ଼ିଶା ଓ ମେଘାଳୟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ଘରୋଇ ଦଳ ୩-୧ରେ ଜିତି ନେଇଥିଲା। ଓଡ଼ିଶା ତରଫରୁ ଦୀପା ନାୟକ (୩୨ଓ ୫୩ମିନିଟ) ଡବଲ୍ ଗୋଲ ଦେଇଥିବା ବେଳେ ମାଳତୀ ମୁଣ୍ଡା ୩୫ମିନିଟରେ ଗୋଟିଏ ଗୋଲ କରିଥିଲେ। ମେଘାଳୟ ପକ୍ଷରୁ ସୁନାଲିଣ୍ଡା ଲରେନ୍ ୫୧ ତମ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଉଭୟ ଦଳ ତରଫରୁ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ଖେଳକୁ ସର୍ବଭାରତୀୟ ଫୁଟ୍‌ବଲ ମହସଂଘ (ଏଆଇଏଫ୍ଏଫ୍) ମ୍ୟାଚ କମିଶନର, ରେଫରିମାନେ ପରିଚାଳନା କରିଥିଲେ। ଇ ଗ୍ରୁପ୍‌ରେ ସାମିଲ ଥିବା ଓଡ଼ିଶା, ଗୋଆ, ଗୁଜରାଟ, ମେଘାଳୟ ଓ ଅରୁଣାଚଳ ପ୍ରଦେଶର ମୋଟ ୫ଟି ଦଳ ସାମିଲ ହୋଇଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଓଡ଼ିଶା ଓ ଅରୁଣାଚଳ ପ୍ରଦେଶ ଏବଂ ଅପରାହ୍ନ ୨.୩୦ରେ ଗୁଜରାଟ ଓ ମେଘାଳୟ ମଧ୍ୟରେ ମ୍ୟାଚ ହେବ। କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଉପସଭାପତି ମେରୀଜନ ବାଗେ, ପୌଷଚନ୍ଦ୍ର ପଟେଲ, ଜୟ ଦେବ ପାତ୍ର, ରାଜେନ୍ଦ୍ର ପାଣ୍ଡେ, ନିତ୍ୟ କୁମାର ବଳ, ଅଜୟ ବହିଦାର, ରୋମାଞ୍ଚ ଭୈଷାଲ, ପ୍ରଶାନ୍ତ ପଟେଲ, ଆଶିଷ ଦେ, ଶ୍ୟାମ ନନ୍ଦନ, ସହାୟପ୍ରସାଦ ନାଏକ, ସୁଶୀଲ ପଟେଲ, ବୀରମିତ୍ର କାଲୋ, ଶିଶିର ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ ଆୟୋଜିତ ହେଉଛି।



ଓଡ଼ିଶା ଓ ମେଘାଳୟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ, ଦୀପ ରଞ୍ଜନଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୩।୧୧**
**(ତପନ ସ୍ୱାଇଁ)**

**ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ**

ଟୋକିଓରେ ହୁଲିକ ଦାଇହାତ୍‌ସୁ ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରମୋଦ ଭଗତ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଓ ଦୀପ୍ ରଞ୍ଜନ ବିଷୋୟୀ ଡବଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ଅନ୍ୟତମ ଭାରତୀୟ ଖେଳାଳି ମନୋଜ ସରକାରଙ୍କୁ ୨୧-୧୬, ୨୧-୧୮ରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ସେ ସେମିଫାଇନାଲରେ ୟୁକ୍ରେନର ଓଲେକଜାଣ୍ଡର ଚିରକୋଭଙ୍କୁ ୨୨-୨୦, ୨୧-୧୯, ୨୧-୧୭ରେ ହରାଇ ଦେଇଥିଲେ। ମିକ୍ସଡ ଡବଲ୍ସରେ ପ୍ରମୋଦ ଓ ମନିଷା ରାମଦାସ ଯୋଡି କ୍ୱାର୍ଟର ଫାଇନାଲରେ ଚାଇନାର ୟାଙ୍ଗ୍ ଜିଆନୟୁଆନ ଓ ୟାଙ୍ଗ୍ କ୍ୟୁ ଜିଆଙ୍କଠାରୁ ୧୪-୨୧, ୨୧-୧୫, ୧୬-୨୧ରେ ପରାସ୍ତ ହୋଇଥିଲେ। ଡବଲ୍ସରେ ଦୀପ ରଞ୍ଜନ ବିଶୋଇ ଓ ମନୋଜ ସରକାର ଯୋଡି ଫାଇନାଲରେ ନିଜ ଦେଶର ନିହାଲ ଗୁପ୍ତା ଓ ନବୀନ ଶିବକୁମାରଙ୍କଠାରୁ ୧୯-୨୧, ୨୧-୧୮, ୧୭-୨୧ ରେ ହାରି ଯାଇଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଅନ୍ୟ ୨ ପ୍ରତିଯୋଗୀ ଶୁଭ୍ରଜିତ ମହାରଣା ଓ ଦିଲେଶ୍ୱର ରାଓ ଭଲ ପ୍ରଦର୍ଶନ କରିପାରି ନ ଥିଲେ।



ଦୀପ୍ ରଞ୍ଜନ ବିଷୋୟୀ ଓ ପ୍ରମୋଦ ଭଗତ।

# ଭାରତୀୟ ମହିଳା ଦଳରେ ୪ ଓଡ଼ିଆ

**ଭୁବନେଶ୍ୱର, ୧୩।୧୧**
**(ସରୋଜ ଜେନା)**

ନେପାଳ ସିରିଜ ପାଇଁ ସୋମବାର ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ମହାସଂଘ(କାବି) ପକ୍ଷରୁ ୧୭ ଜଣିଆ ମହିଳା ଦଳ ଘୋଷଣା କରାଯାଇଛି। ଏହି ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ନେପାଳ ସହିତ ପ୍ରଥମ ଥର ପାଇଁ ଏକ ଦ୍ୱିପାକ୍ଷିକ ସିରିଜ ଆୟୋଜନ କରାଯାଉଛି। ଡିସେମ୍ବର ୧୧ରୁ ୧୫ ମଧ୍ୟରେ ମୁମ୍ବାଇରେ ୫ଟି ଯାକ ଟି୨୦ ମ୍ୟାଚ୍ ଖେଳାଯିବ। ଓଡ଼ିଶାରୁ ଝିଲି ବିରୁଆ, ଫୁଲ ସୋରେନ୍, ବାସନ୍ତୀ ହାଁସଦା ଓ ପଦ୍ମିନୀ ଟୁଡୁ ଏହି ଦଳରେ ସାମିଲ ଅଛନ୍ତି। ଏହା ସହ ୪ ଜଣ ଖେଳାଳି ସିମରନଜିତ କୌର, ସୁନୀତା ସାରଥେ, ଗୀତା ମାହତୋ ଓ କାବ୍ୟା ଏନ୍ ଆର ପ୍ରଥମ ଥର ପାଇଁ ଭାରତୀୟ ଦଳକୁ ଡାକରା ପାଇଛନ୍ତି। ଏହି ସିରିଜ୍ ପୂର୍ବରୁ ମହାରାଷ୍ଟ୍ରର ସିବିଡି ବେଲାପୁରରେ ଏକ ୨୨ ଦିନିଆ କ୍ୟାମ୍ପ ଅନୁଷ୍ଠିତ ହେବ। ନଭେମ୍ବର ୨୮ ତାରିଖରେ ଏହି ଦଳର ଅଧିନାୟକ ଓ ଉପ ଅଧିନାୟକଙ୍କ ନାମ ଘୋଷଣା କରାଯିବ।

**ଦୃଷ୍ଟିବାଧିତ କ୍ରିକେଟ**

ଭାରତୀୟ ଦଳ: ବର୍ଷା ୟୁ (ବି-୧), ଭାଲାସାନାଇନି ରାଭାନି (ବି-୧), ସିମୁ ଦାସ (ବି-୧), ପଦ୍ମିନୀ ଟୁଡୁ (ବି-୧), କିଲ୍ଲାକା ସନ୍ଧ୍ୟା(ବି-୧), ପ୍ରିୟା (ବି-୧), ସାନ୍ଦ୍ରା ଡେଭିସ୍ କରିମାଲିକ୍କାଲ (ବି-୨), ବାସନ୍ତୀ ହାଁସଦା(ବି-୨), ସୁନୀତା ସାରଥେ (ବି-୨), ସିମରନଜିତ୍ କୌର (ବି-୨), ସୁଷମା ପଟେଲ (ବି-୩), ଏମ. ସତ୍ୟବତୀ (ବି-୩), ଫୁଲ ସୋରେନ୍ (ବି-୩), ଝିଲି ବିରୁଆ (ବି-୩), ଗଙ୍ଗା ସମ୍ଭାଜୀକଦମ (ବି-୩), ଗୀତା ମାହାତୋ (ବି-୩), କାବ୍ୟା ଏନ୍. ଆର. (ବି-୩)।



ଭାରତୀୟ ଦଳରେ ସ୍ଥାନ ପାଇଥିବା ୪ ଓଡ଼ିଆ।

# ହଲ୍ ଅଫ୍ ଫେମ୍‌ରେ ଇଦୁଲ୍‌ଜୀ, ସେହ୍ୱାଗ



ଡାଏନା ଇଦୁଲଜୀ

**ଦୁବାଇ, ୧୩।୧୧ (ପି.ଟି.)**

ପୂର୍ବତନ ଅଧିନାୟକ ଡାଏନା ଇଦୁଲଜୀ ଭାରତର ପ୍ରଥମ ମହିଳା କ୍ରିକେଟର ଭାବେ ଆଇସିସି ହଲ୍ ଅଫ୍ ଫେମ୍ ତାଲିକାରେ ସ୍ଥାନ ପାଇଛନ୍ତି। କ୍ରିକେଟ ଖେଳରେ ଉଲ୍ଲେଖନୀୟ ସଫଳତା ପାଇଁ କିମ୍ବଦନ୍ତୀ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ଓ ଶ୍ରୀଲଙ୍କାର ବିଶ୍ୱକପ୍ ବିଜେତା ଅରବିନ୍ଦ ଡି' ସିଲ୍‌ଭାଙ୍କ ନାମ ମଧ୍ୟ ଏଥିରେ ସ୍ଥାନ ପାଇଛି। ଇଦୁଲ୍‌ଜୀ ତାଙ୍କ ଖେଳ କ୍ୟାରିୟରରେ ଭାରତୀୟ ଦଳ ଅଧିନାୟିକାଥିବା ବେଳେ ମହିଳା କ୍ରିକେଟର ଜଣେ ମାର୍ଗଦର୍ଶକ ଥିଲେ। ଖେଳ କ୍ୟାରିୟର ଶେଷ ହେବା ପରେ ସେ ଜଣେ ଦକ୍ଷ ପ୍ରଶାସକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ୬୭ ବର୍ଷୀୟା ଇଦୁଲ୍‌ଜୀ ୧୯୭୬ରୁ ୧୯୯୩ମଧ୍ୟରେ ୫୪ ମ୍ୟାଚ ଖେଳିଛନ୍ତି। ସେ ଜଣେ ଧିମା ରକ୍ଷଣଶୀଳ ସ୍ପିନର ଥିଲେ ଏବଂ ୧୦୦ରୁ ଉର୍ଦ୍ଧ୍ୱ ଉଇକେଟ ଅକ୍ତିଆର କରିଥିଲେ। ଇଦୁଲ୍‌ଜୀ ୨୦ ଟେଷ୍ଟ ଖେଳି ୪୦୪ ରନ ସ୍କୋର କରିଥିଲେ। ସେ ୨୫.୭୭ ଆଭରେଜରେ ୬୩ ଉଇକେଟ ଅକ୍ତିଆର କରିଥିଲେ। ସେ ୩୪ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୧୧ ରନ କରିବା ସହ ୧୬.୮୪ ଆଭରେଜରେ ୪୬ ଉଇକେଟ ହାସଲ କରିଛନ୍ତି।

# ଭାରତ ପକ୍ଷରୁ ଖେଳିବେ ଓଡ଼ିଶାର ସୁବ୍ରତ

**ଭୁବନେଶ୍ୱର, ୧୩।୧୧**
**(ତପନ ସ୍ୱାଇଁ)**

**ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍**

ଅନ୍ତର୍ଜାତୀୟ ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଫେଡେରେଶନ (ଆଇବିଏଓ୍ଏଫ୍)ର ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍ ଚଳିତ ମାସ ୧୫ରୁ କାତାରର ଦୋହାଠାରେ ଆରମ୍ଭ ହେବ। କାତାର ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଫେଡେରେଶନ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ତାରକା ଖେଳାଳି ସୁବ୍ରତ ଦାସ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତା ୨୪ ତାରିଖରେ ଶେଷ ହେବ। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ସୁବ୍ରତ ସିନିୟର ସ୍ତରରେ ଆଇବିଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯାଉଛନ୍ତି। ଏହା ପୂର୍ବରୁ ଆଶୁତୋଷ ପାଢ଼ୀ ଜୁନିୟର ବର୍ଗରେ ଆଇବିଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣର ସୁଯୋଗ ପାଇଥିଲେ। ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ସୁବ୍ରତଙ୍କୁ ଶୁଭକାମନା ଜଣାଯାଇଛି।




# ଜୋକୋଭିଚ ବର୍ଷ ଶେଷ ନମ୍ବର ୱାନ

**ତୁରିନ୍, ୧୩।୧୧ (ଏପି)**

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଏଟିପି ଫାଇନାଲ୍ସରେ ହେଲ୍‌ଗର ରୁନ୍‌ଙ୍କୁ ୭-୬ (୪), ୬-୭ (୧), ୬--୩ ସେଟ୍‌ରେ ପରାସ୍ତ କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ଏହି ମ୍ୟାଚ ୩ ଘଣ୍ଟାରୁ ଅଧିକ ସମୟ ଖେଳାଯାଇଥିଲା। ଏହି ବିଜୟ ଦ୍ୱାରା ବର୍ଷ ଶେଷ ର୍‍ୟାଙ୍କିଙ୍ଗ ତାଲିକାରେ ସର୍ବାଧିକ ନମ୍ବର ୱାନ ଖେଳାଳି ହେବାରେ ତାଙ୍କ ନାମରେ ରହିଥିବା ରେକର୍ଡ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ସୋମବାର ଅପରାହ୍ନରେ ଏଟିପି ସଭାପତି ଆଣ୍ଡ୍ରିଆ ଗଡେଞ୍ଜି ତାଙ୍କର ଏହି ସଫଳତା ପାଇଁ ଜୋକୋଭିଚ୍‌ଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସର୍ବୀୟ ଖେଳାଳି ପରେ ତାଙ୍କର ଦଳର କୋଚ, ଫିଜିକାଲଟ୍ରେନର ଏବଂ ପରିବାର ସଦସ୍ୟମାନଙ୍କ ସହିତ ମିଳିତ ଫଟୋ ଉଠାଇଥିଲେ। ୩୬ ବର୍ଷୀୟ ଜୋକୋଭିଚ୍ ଦୁଇ ବର୍ଷ ପୂର୍ବେ ପିଟ୍ ସାମ୍ପ୍ରାସ (୬ବର୍ଷ ନମ୍ବର ୱାନ)ଙ୍କ ନାମରେ ରହିଥିବ ରେକର୍ଡକୁ ଭଙ୍ଗ କରିଦେଇଥିଲେ। କାର୍ଲୋସ ଅଲକାରାଜ ଏହି ସମ୍ମାନ ଗତବର୍ଷ ଲାଭ କରିଥିଲେ। କିନ୍ତୁ ଜୋକୋଭିଚ ଚଳିତବର୍ଷ ୪ଟି ପ୍ରମୁଖ ଟାଇଟଲ ମଧ୍ୟରୁ ୩ଟିରେ ବିଜୟ ଲାଭ ସହ ୱିମ୍ବେଲଡନରେ ଅଲକାରାଜଙ୍କଠାରୁ ହାରି ରନର୍ସ ଅପ୍ ହୋଇ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ଜୋକୋଭିଚ୍ କହିଛନ୍ତି, ତାଙ୍କ ଜୀବନ ଓ କ୍ୟାରିୟରର ଏହି ପର୍ଯ୍ୟାୟରେ ନମ୍ବର ୱାନ ବାସ୍ତବିକ୍ ଖୁବ୍ ଆନନ୍ଦର ବିଷୟ। ଏହି ଟୁର୍ନାମେଣ୍ଟ ପରେ ୪୦୦ ସପ୍ତାହ ପାଇଁ ନମ୍ବର ୱାନ ର୍‍ୟାଙ୍କିଙ୍ଗରେ ରହିବାରେ ଜୋକୋଭିଚ୍ ପ୍ରଥମ ଖେଳାଳି ହେବେ। ତାଙ୍କ ପଛକୁ ଫେଡେରର (୩୧୦) ରହିଛନ୍ତି। ଏହି ଦୁଇଜଣଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ଖେଳାଳି ୩୦୦ ଡେଇଁ ପାରି ନାହାନ୍ତି।




## ୬ ବଲ୍‌ରେ ୬ ଉଇକେଟ

**ଗୋଲ୍ଡକୋଷ୍ଟ, ୧୩।୧୧ (ପି.ଟି.):** ଗ୍ୟାରେଥ ମୋର୍ଗାନ ୬ ବଲ୍‌ରେ ୬ ଉଇକେଟ ନେଇ ଇତିହାସ ରଚିଛନ୍ତି। ଅଷ୍ଟ୍ରେଲିଆର ତୃତୀୟ ଡିଭିଜନ ଲିଗ୍‌ରେ ଖେଳୁଥିବା ସମୟରେ ଗ୍ୟାରେଥ ଏହି ରେକର୍ଡ କରିଛନ୍ତି। ୪୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ମୁଡ୍‌ଗିରାବା ନେରାଙ୍ଗ ଡିଷ୍ଟ୍ରିକ୍ଟ କ୍ରିକେଟ କ୍ଲବ ଅଧିନାୟକ ମୋର୍ଗାନ ୬ ବଲ୍‌ରେ ୬ ଉଇକେଟ ନେଇଛନ୍ତି। ଗୋଲ୍ଡକୋଷ୍ଟ ପ୍ରିମିୟର ଲିଗ୍‌ରେ ସର୍ଫର୍ସ ପାରାଡାଇଜ୍ ବିପକ୍ଷରେ ସେ ଏହି ରେକର୍ଡ କରିଛନ୍ତି। ୧୭୮ ରନ୍‌ର ପିଛା କରୁଥିବା ପାରାଡାଇଜ୍ ୪ ଉଇକେଟ ହରାଇ ୧୭୪ ରନ୍ କରିଥିଲା। ମୋର୍ଗାନ ବୋଲିଂ କରିବାକୁ ଆସି ୬ ବଲ୍‌ରେ ୬ ଉଇକେଟ ନେବା ସହିତ ଦଳକୁ ବିଜୟୀ କରିଥିଲେ।

# ସର୍ବଭାରତୀୟ ସିଭିଲ ସର୍ଭିସ କ୍ରିକେଟ ପାଇଁ ଓଡ଼ିଶା ଦଳ ଚୟନ

**ଭୁବନେଶ୍ୱର, ୧୩।୧୧**
**(ତପନ ସ୍ୱାଇଁ)**

ନୂଆଦିଲ୍ଲୀଠାରେ ହେବାକୁ ଥିବା ସର୍ବଭାରତୀୟ ସିଭିଲ ସର୍ଭିସ କ୍ରିକେଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଓଡ଼ିଶା ଦଳର ଚୟନ ଶିବିର ହାଇଟେକ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କ୍ରିକେଟ କୋଚ ଲଳିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସିଭିଲ ସର୍ଭିସ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ପଦ୍ମ ଚରଣ ରାଉତ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଓଡ଼ିଶା ସରକାରଙ୍କ ଅଧୀନରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମୋଟ ୨୬ ଖେଳାଳି ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୬ ଖେଳାଳି ମନୋନୀତ ହୋଇଥିଲେ। ଏମାନେ ଅନ୍ୟ ଅଫିସିଆଲଙ୍କ ସହିତ ଡିସେମ୍ବରରେ ପ୍ରତିଯୋଗିତାରେ ଭାଗ ନେବାପାଇଁ ନୂଆଦିଲ୍ଲୀ ଗସ୍ତ କରିବେ ବୋଲି ଓଡ଼ିଶା ସଚିବାଳୟ କ୍ରିକେଟ ସଂଘର ସାଧାରଣ ସମ୍ପାଦକ ସଂଜୀବ କୁମାର ମିଶ୍ର ସୂଚନା ଦେଇଛନ୍ତି।



ଓଡ଼ିଶା ସିଭିଲ ସର୍ଭିସ କ୍ରିକେଟ ଦଳ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ